

ଜାନିକ୍ ସିନର୍ ୱିମ୍ବଲଡନ୍ ଚାମ୍ପିଅନ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-20 ◆MONDAY ◆14 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦ ◆ସୋମବାର ◆୧୪ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ରାଜ୍ୟରେ 'ନିର୍ଯାତନା' ନିଆଁ

■ **ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି। ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କଲେନାହିଁ। ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଶରୀରର ୯୫ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲେ ବିଜେଡି, କଂଗ୍ରେସ

### ଏମ୍ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି। ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ▶ପୃଷ୍ଠା-୭

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

■ **ଭୁବନେଶ୍ୱର, ୧୩।୭ (ସମିସ):** ଆତ୍ମାହୁତି ଉଦ୍ୟମ କରି ଏମ୍ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି। ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ୍‌ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି।

### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ

### ଦିଲ୍ଲୀ ଏମ୍ସ ପରାମର୍ଶକ୍ରମେ ଡାଏଲିସିସ୍

### ଚିକିତ୍ସା ପାଇଁ ଏମ୍ସର ୧୦ ଜଣିଆ କମିଟି

ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି। ରକ୍ତରେ ପୋଟାସିୟମ୍ ସ୍ତର ▶ପୃଷ୍ଠା-୭



### ଉଦ୍‌ବେଗ ପ୍ରକାଶ କଲେ ନବୀନ

## ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି। ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ▶ପୃଷ୍ଠା-୭



ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ ଦାବି

ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ

## ୩ ଦିନରେ ରିପୋର୍ଟ ଦିଅ

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜ ଆଡୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍‌ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି।

### ଭୋଟର ତାଲିକା ଯାଞ୍ଚ

## ସାରା ଦେଶରେ ବିହାର ଢାଞ୍ଚା

■ **ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି):** ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ। ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନକୁ ଆକ୍ଟିଭ କରିଛି।

ଜୁଲାଇ ୧୦ରେ ବିହାରରେ ଏସ୍‌ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ। ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡିକ ଅଭିଯୋଗ ଆଣିଥିଲେ। ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି। ଅବଶ୍ୟ ବିହାର ଏସ୍‌ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି। ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍‌ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି। ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ▶ପୃଷ୍ଠା-୭

## ବାଲେଶ୍ୱରରେ ଖୋଳତାଡ଼

### ଏଫ୍‌ଏମ୍ କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍





### ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟି ସଦସ୍ୟଙ୍କୁ ଜେରା

### ପକ୍ଷ ରଖିବାକୁ ପୀଡ଼ିତାଙ୍କ ଭାଇକୁ ଦେଲେନି ସୁଯୋଗ

### ବିପଦ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଲେ ନିଲମ୍ବିତ ଅଧ୍ୟକ୍ଷ

■ **ବାଲେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛିପଡୁଛି। ଏମ୍ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ▶ପୃଷ୍ଠା-୭

## ଓଡ଼ିଶା ସରକାର ଓ ବିଜେପିକୁ ଘେରିଲା ଟିଏମ୍‌ସି

■ **କୋଲକାତା, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ଯାତନା ପରେ ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣାକୁ କଟୁ ଶବ୍ଦରେ ନିନ୍ଦା କରିଛି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)।

ଦଳ ପକ୍ଷରୁ କହାଯାଇଛି ଯେ ଓଡ଼ିଶାରେ ପ୍ରତିଦିନ ଭିନ୍ନଭିନ୍ନ ଘଟଣା ଘଟୁଛି। ବାଲେଶ୍ୱରରେ ଜଣେ କଲେଜ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ନିର୍ଯାତନାର ଶିକାର ହୋଇ ନିଜକୁ ଜାଳିଦେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କ ଶରୀରର ୯୫% ଜଳି ଯାଇଛି ଓ ସେ ଜୀବନ ସହ ସଂଘର୍ଷ କରୁଛନ୍ତି । ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇଥିବା ତାଙ୍କର ଜଣେ ସହପାଠୀ ମଧ୍ୟ ୭୦ ପ୍ରତିଶତ ଜଳିଯାଇଛନ୍ତି। ମାତ୍ର ଏହି ଘଟଣାରେ ଓଡ଼ିଶା ସରକାର ଓ ବିଜେପି ଅତ୍ୟନ୍ତ ଲଜ୍ଜାଜନକ ଭାବରେ ନିରବ ରହିଛନ୍ତି। ଓଡ଼ିଶାରେ 'ବେଟି ପଢ଼ାଓ-ବେଟି ବଚାଓ' ଏକ ଫାର୍ସରେ ପରିଣତ ହୋଇଛି ବୋଲି ତୃଣମୂଳ କଂଗ୍ରେସ କହିଛି।






### ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି। କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା। ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ। ସେହିପରି ବିଜେବି କଲେଜର ଓଡ଼ିଆ

### ବାଲେଶ୍ୱର ଘଟଣା ପରେ ଚେତିବେ କି ରାଜ୍ୟ ସରକାର !

ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି। ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍‌ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି।

ସକାଳ THE SAKALA



www.sakalaepaper.com

# ବନ୍ୟା ଲଗାଇଛି ପରିବା ବଜାରରେ ନିଆଁ

ବାଲିଆପାଳ, ୧୩।୭ (ସମିସ)





୨୦ଦିନ ଭିତରେ ଲଗାତାର ତିନିଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବନ୍ୟା ଛାଡି ଛାଡ଼ି ଯାଇଛି ସତ ହେଲେ ତା ସାଙ୍ଗରେ ଛାଡି ଦେଇଯାଉଛି ବନ୍ୟା ପ୍ରଭାବିତ ଅଞ୍ଚଳର ଚାଷୀ ସମେତ ସାଧାରଣ ଲୋକଙ୍କ ଆଖିରେ ଲୁହ। ଲଗାତାର ସୁବର୍ଣ୍ଣରେଖା ବନ୍ୟାର ଏହି ବିଭୀଷିକା ଭିତରେ ପେଶି ହୋଇଯାଇଛନ୍ତି ପନିପରିବା ଚାଷୀ। ସବୁଜ ପନିପରିବା କ୍ଷେତରେ ଖିଲି ଖିଲ ହସୁଥିବା ପରିବା ବାଡି ଏବେ ପାଲଟିଛି ମରୁଭୂମି। ପନିପରିବା ତ ଦୂରର କଥା ଗଛଟିଏ ମଧ୍ୟ ଦେଖିବାକୁ ମିଳୁନାହିଁ। ଯାହାକି ପରିବା ଚାଷରୁ ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାର କିପରି ଚଳାଇବେ, ଧାର କିପରି ପ୍ରତିଶୋଧ କରିବେ ସେହି ଚିନ୍ତାରେ ସେମାନଙ୍କ ଆଖିରେ ନିନ୍ଦ ନାହିଁ। କେବଳ ଚାଷୀ ନୁହଁ ଏହାର ପ୍ରଭାବ ମଧ୍ୟ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ଦିନ କେଇଟା ପୂର୍ବରୁ ଯେଉଁ ପରିବା ୧୦ରୁ ୨୦ ଟଙ୍କା କେଜିରେ ବିକ୍ରି ହେଉଥିଲା ତାହା ପାଞ୍ଚଗୁଣା ବଢିଯାଇଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ନିଖିରା, ଅସ୍ତି, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତରେ ବ୍ୟାପକ ପରିବା ଚାଷ ହୋଇଥାଏ। ବାଲିଆପାଳ ବ୍ଲକର ଖାଉଟିଙ୍କ ଚାହିଦା ମେଣ୍ଟାଇବା ସହିତ ପଡୋଶୀ ବ୍ଲକ ଓ ରାଜ୍ୟର ବିଭୀନ୍ନସ୍ଥାନକୁ ଏହିଠାରୁ ପରିବା ରପ୍ତାନି ହୋଇଥାଏ। ଚଳିତବର୍ଷ ବାଲିଆପାଳ ପଞ୍ଚାୟତର ସୁଙ୍ଗମୁହଁ, ତଳବାଲିଆପାଳ, କୁଦମାନସିଂ ଚଡ, ବିଷ୍ଣୁପୁର ପଞ୍ଚାୟତର ରାଉତୁରାପୁର, ଇକିଡିପାଳ, ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ, ନୟାବାଲି, ଇକଡପାଳ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଓ ଚରବସ୍ତ କାଳରୂଇ, ନିଖିରା ପଞ୍ଚାୟତର ନିଖିରା, ମଝିପଡା, ପାଳପଡା, ଚଡ ପଳପଡା, ପାଳବେଗୁନିଆ, ଚଡ ପାଳ ବେଗୁନିଆ, ଅସ୍ତି ପଞ୍ଚାୟତର ସୂର୍ଯ୍ୟାପୁର, ପାରଦୀପା, ପାଳଚମ୍ପେଇ ପ୍ରଭୃତି ଗ୍ରାମର ଚାଷୀମାନେ ୨୫୦ ହେକ୍ଟରରୁ ଅଧିକ ଜମିରେ କାକୁଡି, ବାଇଗଣ, ଭେଣ୍ଡି, କଞ୍ଚାଲଙ୍କା, ପୋଟଳ, ଜହ୍ନି, କୁନ୍ଦୁରୀ, ଭେଣ୍ଡି ଇତ୍ୟାଦି ପରିବା ଚାଷ କରିଥିଲେ। ଭଲ ଫସଲ ମଧ୍ୟ ହୋଇଥିଲା। ତେବେ ତିନି ତିନିଥର ବନ୍ୟା ସବୁକିଛି ଉଜାଡି ଦେଇଛି। ପନିପରିବା ଫସଲ ନଷ୍ଟ ହେବା ଫଳରେ ଏହାର ପ୍ରବାବ ମଧ୍ୟ ଖାଉଟି ବଜାର ଉପରେ ପଡିଛି। ତିନି ସପ୍ତାହ ପୂର୍ବରୁ ସିମୁଳିଆ ବଜାରରେ କାକୁଡି କେଜି ପ୍ରତି ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ଏହା ୫୦ ଟଙ୍କାରେ ବିକ୍ରି ହେଉଛି। ସେହିପର ବାଇଗଣ ଦର ପାଞ୍ଚଗୁଣା ବଢି ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ଜହ୍ନି ୮୦,ପୋଟଳ୮୦,କୁନ୍ଦୁରୀ୪୦ ,କଞ୍ଚାଲଙ୍କା ୧୨୦,କଲରା ୮୦, ବିଲାତି ୬୦ ଟଙ୍କାରେ ବିକ୍ରି ହେଉଛି। ସାଧାରଣ ଲୋକଙ୍କ ଉପରେ ଏହି ପରିବା ଦର ବୋଝ ସଦୃଶ ହୋଇଛି। ଚାରିରୁ ପାଞ୍ଚମାସ ପର୍ଯ୍ୟନ୍ତ ସ୍ଥାନୀୟ ଅଂଚଳର ପରିବା ସମସ୍ୟା ଏହିଭଳି ଲାଗିରହିବ ବୋଲି କିଛି ଚାଷୀ ମତ ଦେଇଛନ୍ତି। ଖାଉଟିଙ୍କୁ ବର୍ତ୍ତମାନ ବାହାର ପରିବା ଉପରେ ନିର୍ଭର କରିବାକୁ ପଡିବ। ବନ୍ୟା କେବଳ ଚାଷୀ ନୁହଁ ବରଂ ଖାଉଟିଙ୍କ ମୁଣ୍ଡରେ ଚଡକ ପକେଇ ଦେଇଗଲା ବୋଲି ଆଲୋଚନା ହେଉଛି।

**ବାଇଗଣ ୧୦୦କୁ କାକୁଡି ୫୦**

# ଦୁଇ ଦେବୀ ପୀଠରୁ ସିରିଜ୍ ଚୋରି





ବସ୍ତା ବ୍ଲକ, ୧୩।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ ମନ୍ଦିରର ତାଲା ଭାଙ୍ଗି ମାଆ ମଙ୍ଗଳା ଆଭୂଷିତ ହୋଇଥିବା ସୁନା ଓ ରୂପା ଅଳଙ୍କାରକୁ ଲୁଟି ଲୁଟେରା ଫେରାର ହୋଇ ଯାଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ମନ୍ଦିର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଟିକଟପଡା ଗ୍ରାମରେ ଚୁଲି ଜଳି ନ ଥିଲା। ସମସ୍ତଙ୍କ ଆଖିରେ ଲୁହ ଧାରା ବହି ଯାଇଥିଲା। ଦୁର୍ବୃତ୍ତମାନେ ଠାକୁରଙ୍କୁ ତାଡି ଖୋଳି ଅତି ଅମାନବୀୟ ଭାବେ ସବୁ ଲୁଟି ଫେରାର ହୋଇ ଯାଇଥିଲେ। ସେହିପରି ବସ୍ତା ମାଆ ବିଶ୍ୱେଶ୍ୱରୀ ମନ୍ଦିର ଭାଙ୍ଗି ମଧ୍ୟ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜଣା ପଡ଼ିଛି। ଏ ନେଇ ମନ୍ଦିର ଟ୍ରଷ୍ଟି ପକ୍ଷରୁ ଥାନାରେ ଅଭିଯୋଗ ପରେ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛି। ବସ୍ତା ଷ୍ଟେସନ ନିକଟରେ ଗତ କିଛି ଦିନ ଧରି ରହି ଆସୁଥିବା ଯାଯାବର ମାନଙ୍କ ଏଥିରେ ସଂପୃକ୍ତ ଥିବା ସନ୍ଦେହ ସୃଷ୍ଟି କରିଛି। କାରଣ ଯାଯାବର ମାନେ ବସ୍ତା ଛାଡ଼ି ପଳାଇଥିବା କୁହାଯାଉଛି। ଗତ ଦୁଇ ବର୍ଷ ପୂର୍ବରୁ ବସ୍ତା ଥାନା ବ୍ରାହ୍ମଣଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ ଭଗବତୀ ମନ୍ଦିରରୁ ଚୋରି ହୋଇଥିଲା। ସଂଗେ ସଂଗେ ଗ୍ରାମବାସୀ ଏକଜୁଟ ହୋଇ ବିଭିନ୍ନ ସ୍ଥାନରେ ଖୋଜିଥିଲେ। ରାଜଘାଟ ଷ୍ଟେସନରେ ଯାଯାବର ମାନେ ଟ୍ରେନ ଛାଡ଼ିବାକୁ ଉଦ୍ୟମ କରୁଥିବା ଦେଖି ତାଙ୍କ ହାତରେ ସିନ୍ଦୂର ଲାଗିଥିବା ଦେଖି ତାଙ୍କୁ ଅଟକ ରଖି ସେମାନଙ୍କଠାରୁ ସବୁ ଅଳଙ୍କାର ବାହାର କରାଯାଇଥିଲା। ଏହି ଭଳି ଚୋରି ଘଟଣା ବସ୍ତାରେ ଆଲୋଡନ ଖେଳାଇ ଦେଇଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୋର, ୧୩।୭ (ସମିସ): ସୋର ବ୍ଲକ ଅନନ୍ତପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଧାନ ଶିକ୍ଷକ ନକୁଳ ଚରଣ କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ କର ଅନନ୍ତପୁର ପଣ୍ଡାହରିପୁରସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ। ବିଦ୍ୟାଳୟରେ ଏକ ଶୋଭାଯାତ୍ରା ରେ ଆସି ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବିଦାୟ ସଭା ଆୟୋଜନ କରିଥିଲେ। ଏଥିରେ ଭରତ ଚନ୍ଦ୍ର ସେନାପତି, ବିପଦ ଭଞ୍ଜନ ପଣ୍ଡା, ଉର୍ମିଳା ଶିଅଳ, ଶତ୍ରୁଘ୍ନ ସେନାପତି, ପ୍ରମୋଦ ମହାରଣା, ନିତ୍ୟାନନ୍ଦ କର, ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର କର, ସୁଧାଂଶୁ ଶେଖର କର, ଭୀମ ଚରଣ କର,



ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିସଭ୍ୟ ପୁରାତନ ଛାତ୍ରଛାତ୍ରୀ ସ୍ଥାନୀୟ ଗ୍ରାମବାସୀ, ଅଧ୍ୟୟନରତ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଜଗନ୍ନାଥ ଶଙ୍ଖୁଆ ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପୁଅ ସରୋଜ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାମାନେ ଶିଖିଲେ ବଜ୍ରପାତରୁ ରକ୍ଷା ପାଇବାର କୌଶଳ





ଜଳେଶ୍ୱର ବ୍ଲକ, ୧୩।୭ (ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ପିଲାମାନଙ୍କୁ ଦିଆଯାଇଛି। ଏହାକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଜେଆର୍‌ସି କାଉନସିଲର ନାରାୟଣ ପାଇକରାୟ ପିଲାମାନଙ୍କୁ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ନିଜେ କରିଦେଖାଇବା ସହ ପିଲାମାନେ ମଧ୍ୟ କରିଥିଲେ। ବର୍ତ୍ତମାନ ବର୍ଷାଦିନରେ ଅନେକ ସମୟରେ ବଜ୍ରପାତ ଜନିତ ମୃତ୍ୟୁ ହେବାର ନଜର ଆସିଥାଏ। ତେଣୁ ସଚେତନ ହିଁ ସୁରକ୍ଷା, ଏହାକୁ ଗୁରୁତ୍ୱ ଦେବା ଏବଂ ଅମୂଲ୍ୟ ଜୀବନ ବଞ୍ଚାଇବାର କୌଶଳ ଶିକ୍ଷା କରିବା। ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାର ତଥା ସମାଜରେ ଅନ୍ୟମାନଙ୍କ ପ୍ରତି ଏହା ଏକ ସହାୟକ ହେବ ବୋଲି ଆଶା କରାଯାଏ। ଏହି କୌଶଳ ଶିକ୍ଷା ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଆଗ୍ରହର ସହିତ ଜାଣି ଅଭ୍ୟାସ କରିଥିଲେ।

# ଦକ୍ଷିଣ ଭୋଗରାଇରେ ଗଜା ମରୁଡ଼ି ଆଶଙ୍କା

ଭୋଗରାଇ, ୧୩।୭ (ସମିସ): ଭୋଗରାଇ ବ୍ଲକର ଦକ୍ଷିଣାଞ୍ଚଳର ୩୨ ପଞ୍ଚାୟତରେ ପାଣି ଅଭାବରୁ ଗଜା ମରୁଡ଼ି ସମ୍ଭାବନା ଦେଖାଦେଇଛି। ଅନ୍ୟପକ୍ଷରେ ଉତ୍ତରାଞ୍ଚଳର ୧୮ଟି ପଞ୍ଚାୟତରେ ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣିରେ ଜମିରେ ପଡ଼ିଥିବା ଧାନତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଏଥର ଓଡିଶାକୁ କରାଯାଇଥିବା ପାଣି ଯୋଗୁଁ ଏହି ବ୍ଲକର ୧୦ ପଞ୍ଚାୟତର ୪୦ର ଉôରଦ୍ଧ ଗାଁ ବନ୍ୟା ପାଣିରେ ଉବୁଟୁବୁ ହେଉଛି। ୧ମାସ ମଧ୍ୟରେ ୩ଥର ବନ୍ୟା ଆସିବା ଫଳରେ ଜମିରେ ଚାଷୀ ପକାଇଥିବା ଧାନ ତଳି ନଷ୍ଟ ହୋଇଯାଇଛି। ତା ଛଡ଼ା ଜମିରୁ ପାଣି ନିଷ୍କାସନ ହେଉ ନଥିବାରୁ ଆଉ ତଳି ମଧ୍ୟ ପଡ଼ି ପାରୁ ନାହିଁ। ସେହିପରି ଦକ୍ଷିଣ ଭୋଗରାଇ ଅଞ୍ଚଳରେ ଆଷାଢ଼



ସଅଳ ମୌସୁମୀ ବାୟୁ ପ୍ରବେଶ କରିଥିଲେ ମଧ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଆବଶ୍ୟକ ମୁତାବକ ବର୍ଷା ହୋଇନାହିଁ। ଅପରପକ୍ଷରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ବିଭିନ୍ନ ଜଳଭଣ୍ଡାର ରୁ ନଦୀକୁ ନିଷ୍କାସନ ମାସ ଶେଷ ହେବାକୁ ବସିଲାଣି ମାତ୍ର ବିଲରେ ଟୋପାଏ ପାଣି ନ ଥିବାରୁ ଚାଷୀ ଚାଷକାମ ଆଗେଇ ପାରୁନାହାନ୍ତି। ତୁରନ୍ତ କୃଷି ବିଭାଗ ପକ୍ଷରୁ ଚାଷୀ ମାନଙ୍କୁ ସଅଳ କିସମର ବିହନ ମାଗଣାରେ ଯୋଗାଇ ଦେବାକୁ ଦାବୀ ହେଉଛି।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ




ନୀଳଗିରି, ୧୩।୭ (ସମିସ): ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ଶୈବପୀଠସ୍ଥିତ ଗୁରୁକୃପା ହୋଟେଲ ସଭାଗୃହରେ ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଜିଲ୍ଲା ଶାଖା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସମ୍ମାନିତ ଅତିଥି ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଏବଂ ୨ନଂ ଜୋନ ର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣି ରାଉଳ, ସଙ୍ଘର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ମିଶ୍ର, ଜିଲ୍ଲା ସଭାପତି ଲୋକନାଥ ଦଳେଇ ମଞ୍ଚାସିନ ରହି ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ ଏବଂ ମିଡିଆ କୋର୍ଡିନେଟର ଜୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସଭାପତିଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ସର୍ବ ସମ୍ମତି କ୍ରମେ ଆଗାମୀ ୩ ବର୍ଷ ପାଇଁ ପୁଣି ଥରେ ଲୋକନାଥ ଦଳେଇଙ୍କୁ ସଭାପତି ଚୟନ କରାଯାଇଛି। ପରେ ନୀଳଗିରିର ଯୁବ ପ୍ରତିଭା ଚନ୍ଦ୍ରବିନ୍ଦୁ ଦାସ, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ଭଗବାନ ମହଲ, ଜଗନ୍ନାଥ ପାତ୍ର, ଅମିତ ବଳିଆରସିଂ, ବସ୍ତା ବ୍ଲକର ଯୁବ ସାମ୍ବାଦିକ ସ୍ୱର୍ଗତ ମନୋରଞ୍ଜନ ପ୍ରଧାନ ଙ୍କ ପତ୍ନୀ ମାଳତୀ ପ୍ରଧାନ ଏବଂ ସୁଶାନ୍ତ ବେହେରାଙ୍କ ମାତା ସୁକାନ୍ତି ବେହେରା ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି ଆସା ନନ୍ଦଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ସୁଧାଂଶୁ ଶେଖର ବାରିକ, ରାଜାରାମ ଦାସ, ଅମର କୁମାର ଆଚାର୍ଯ୍ୟ, କମଳ ଲୋଚନ ଆଚାର୍ଯ୍ୟ, ଗଗନ ସେଠି, ପ୍ରଶାନ୍ତ ବେହେରା, ରାଜକିଶୋର ମଲ୍ଲିକ, ଉପ ସଭାପତି ଜୀବନ କୃଷ୍ଣ ବାରିକ, ଆ।ନନ୍ଦ ଦାସ, ସତ୍ୟବ୍ରତ ଦାସ, ସଂଗଠନ ସମ୍ପାଦକ ଭଗବାନ ଦାସ, ସହ ସମ୍ପାଦକ ଅର୍ଜୁନ ସିଂ, ପ୍ରଶାନ୍ତ ବେହେରା, ସଞ୍ଜୟ କୁମାର ସାମନ୍ତ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ସାମନ୍ତରାଏଙ୍କ ସମେତ୧୮୦ରୁ ଉର୍ଦ୍ଧ ସାମ୍ବାଦିକ ଜିଲ୍ଲାର ସମସ୍ତ ୧୨ ଟି ବ୍ଲକରୁ ଉପସ୍ଥିତ ଥିଲେ। ୨୦ ଜଣ ସ୍ଥାନୀୟ ଗରିବ ଆଦିବାସୀ ପରିବାର କୁ ସଙ୍ଘ ତରଫରୁ ମଶାରୀ ଓ କମ୍ବଳ ବଣ୍ଟନ କରାଯାଇଥିଲା।

# 'ଆପଣ ଏକା ନୁହଁନ୍ତି' ଟ୍ରଷ୍ଟ ପକ୍ଷରୁ ସହାୟତା

ସୋର,୧୩।୭ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଇଟୁଆ ଗ୍ରାମର ବାବାଜୀ ନାୟକଙ୍କ ଏକମାତ୍ର ରୋଜଗାରିଆ ପୁଅ ସିଦ୍ଧାନ୍ତ ନାୟକ(୨୮) ବାହାର ରାଜ୍ୟରେ ରହି କାମ କରିବା ସହିତ ପରିବାର ପ୍ରତିପୋଷଣ କରୁଥିବା ବେଳେ ଗତ ୪ ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଶଯ୍ୟାଶାୟୀ ଅଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ପରିବାର ଲୋକେ ଚିକିତ୍ସା ପାଇଁ ଅସମର୍ଥ ପ୍ରକାଶ କରିଥିଲେ। ପରେ ସିଦ୍ଧାନ୍ତ ସିମୁଳିଆ ଅଞ୍ଚଳର ଯୁବ ସମାଜସେବୀ ଅଜୟ ମହାନ୍ତିଙ୍କୁ ସୋସିଆଲ ମିଡିଆ ଦ୍ୱାରା ନିଜର ଦୁଃଖ ଜଣାଇବାରୁ ସିମୁଳିଆର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ପକ୍ଷରୁ ଆଜି ତାଙ୍କ ଘରେ ପହଞ୍ଚି ଏକ ମାସର ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା,କୋଷାଧକ୍ଷ ଗୋପମଣି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ପାଢୀ, ଗଦାଧର ଜେନା, ମଧୁସ୍ମିତା ମିଶ୍ର ,ମଧୁସ୍ମିତା ବାରିକ, ବଳରାମ ସାହୁ, ଗୌତମ ଶିଅଳ, ରଞ୍ଜିତ ବେହେରା, ମାନସ କୁମାର ସାହୁ, ନିହାର ରଞ୍ଜନ ଶିଅଳ ଓ କାଳିପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



# ସରକାରୀ ନିୟମ ମାନୁନାହାଁନ୍ତି ସରକାରୀ ବାବୁ

ଜଳେଶ୍ୱର ବ୍ଲକ, ୧୩।୭ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଗଡସାହିଗ୍ରାମ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ବିବେକାନନ୍ଦ ବାରିକ୍ ସରକାରୀ ନିୟମକୁ ଉଲ୍ଲଂଘନ କରି ଚାଲିଛନ୍ତି। ପୂର୍ବରୁ ସେହି ଗ୍ରାମ ପଞ୍ଚାୟତର ବିକର୍ତନ ସେନା ପତିଘରଠାରୁ ତ୍ରଲୋକ୍ୟ ସେନାପତିଙ୍କ ଘର ପର୍ଯ୍ୟନ୍ତ ଏକ ବ୍ୟକ୍ତିଗତ ରାସ୍ତା ସରକାରୀ ରେ ପିଏସ ସେୟାର ୨ ଲକ୍ଷରୁ ଅଧିକ ଟଙ୍କା ବିନିମୟରେ ରାସ୍ତା ନିର୍ମାଣ କରାଯାଇ ଥିଲା। ସେହିପରି ପଞ୍ଚାୟତ ଅର୍ଥରେ ଗ୍ରାମକୁ ଯାଇଥିବା କଂକ୍ରିଟ ରାସ୍ତା ଉପରେ ଭିତ୍ତିଭୂମି ସୁଦୃଢ କରିବା ପାଇଁ ୨ ଲକ୍ଷ ୧୬ ହଜାର ଟଙ୍କା ବିନିମୟ କରାଯାଇ ଥିବା କାର୍ଯ୍ୟ ଉପରେ ଆଜି ବିଧାୟକ ହାତ ପାଣ୍ଠି ପାଇଁ ସିସି ରୋଡ ପାଇଁ ଦିଆ ଯାଇଥିବା ୨ ଲକ୍ଷ ଟଙ୍କା ସି ସି ରୋଡ ବଦଳରେ ଏକ କଂକ୍ରିଡ ଖଳା ପ୍ରସ୍ତୁତି କରାଯାଉଛି। ଏହି କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ନେଇ ଗ୍ରାମର ରାଜୀବ ଗିରି, ଅନିରୁଦ୍ଧ ଜେନା, ସନ୍ତୋଷ ଜେନା, ପ୍ରତାପ ମାଝୀ ସମସ୍ତ ଉଚ୍ଚ ପଦସ୍ତ ଅଧକାରୀ ମାନଙ୍କୁ ଅବଗତି କରାଇଥିଲେ ମଧ ସରକାରୀ ବାବୁମାନେ ଚୁପ୍ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଜଳେଶ୍ୱର ଆସିଷ୍ଟାଣ୍ଟ ଇଞ୍ଜିନିୟର ସୌମ୍ୟ ରଞ୍ଜନ ସାହୁଙ୍କ ପ୍ରତିକ୍ରିୟା ମିଳିପାରିନି।

● ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିକଲା ରାଜ୍ୟ ସଂଯୁକ୍ତ ମୋର୍ଚ୍ଚା

କାଳିପଦା, ୧୩।୭ (ସମିସ): ବାଲିଆପାଳ ବ୍ଲକ ପର୍ଯ୍ୟଟନ କେନ୍ଦ୍ର ଡଗରା ବେଳାଭୂମି ଏବଂ ତାର ଆଖପାଖ ଅଞ୍ଚଳରେ ଏବେ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜଣେ ମହିଳା ପର୍ଯ୍ୟଟକଙ୍କ ସହିତ ଅନ୍ୟ ତିନି ଜଣ ବଙ୍ଗୀୟ ପର୍ଯ୍ୟଟକ ଡଗରା ବେଳାଭୂମିକୁ ବୁଲିବାକୁ ଆସିଥିଲେ। ଏହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର କେତେ ଜଣ ଅସାମାଜିକ ଲୋକ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମହିଳା ପର୍ଯ୍ୟଟକଙ୍କ ପ୍ରତି ଅଶ୍ଳୀଳ ବ୍ୟବହାର କରିଥିଲେ। ଗଣମାଧ୍ୟମ ଜରିଆରେ ଏହା ସାଧାରଣ ଲୋକଙ୍କ ଦୃଷ୍ଟିକୁ ଆସି ଥିଲା। ପରେ ଘଟଣାକୁ କେତେକ ସାମାଜିକ ସଂଗଠନ ତୀବ୍ର ବିରୋଧ ଓ ପ୍ରତିବାଦ କରିଥିଲେ। ପୁଲିସ ପର୍ଯ୍ୟଟକଙ୍କ ଏତଲା ମୂଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରିପାରି ନାହିଁ। ଅଲ ଇଣ୍ଡିଆ ଏସସି , ଏସ ଟି, ପଛୁଆ ବର୍ଗ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟର ସଂଯୁକ୍ତ ମୋର୍ଚ୍ଚା ଜାତୀୟ ସମ୍ପାଦକ ସୁଧୀର କୁମାର ଖଣ୍ଡା ଓ ଅନ୍ୟ କାର୍ଯ୍ୟକର୍ତ୍ତା ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଅନ୍ୟ ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଛନ୍ତି। ଶ୍ରୀ ଖଣ୍ଡା ଏ ନେଇ ଗତକାଲି ଓଡିଶା ସରକାରଙ୍କ ପୁଲିସ ମହା ନିର୍ଦ୍ଦେଶକ ଆଇପିଏସ. ୱାଇ ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଏଠାରେ ଏକ ପୁଲିସ ଫାଣ୍ଡି ଅଥବା ପୁଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ଆସନ୍ତା ସପ୍ତାହରେ ଶ୍ରୀ ଖଣ୍ଡାଙ୍କ ସହିତ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୁଲିସ ମହା ନିର୍ଦ୍ଦେଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ବୋଲି ଶ୍ରୀ ଖଣ୍ଡା ପ୍ରକାଶ କରିଛନ୍ତି। ଏହାର ଆନୁସଙ୍ଗିକ ବିକାଶ ଓ ସ୍ଥାୟୀ ସୁରକ୍ଷା ଜରୁରୀ ବୋଲି ଶ୍ରୀ ଖଣ୍ଡା ମଧ ପ୍ରେସକୁ ସୂଚନା ଦେଇଛନ୍ତି।

## ସୋର ନାଗରିକ ମଞ୍ଚର ସମୀକ୍ଷା ବୈଠକ

# ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନାକୁ ଦୃଢ଼ ନିନ୍ଦା

ସୋର, ୧୩।୭ (ସମିସ)




ଆଜି ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସୋର ଅବସରପ୍ରାପ୍ତ କର୍ମଚାରୀ ଭବନରେ ମଞ୍ଚର ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଫକୀମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଧ୍ୟାପକଙ୍କ ନିର୍ଯ୍ୟାତନା ଓ ତାନାସାହି ଶାସନରେ ଅତିଷ୍ଠ ଇଣ୍ଟିଗ୍ରେଟେଡ଼ ବିଇଡି ଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣାକୁ ବୈଠକରେ ଦୃଢ ନିନ୍ଦା କରାଯିବା ସହ ପୀଡିତା ଛାତ୍ରୀଙ୍କୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ, ଘଟଣାରେ ସମ୍ପୃକ୍ତ ନିର୍ଯାତନାକାରୀ ମାନଙ୍କ ଦରମାରୁ କାଟି ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି। ସୋର ରେଳ ଷ୍ଟେସନକୁ ଦୀର୍ଘ ବର୍ଷ ଧରି ଅମୃତ ଭାରତ ଯୋଜନାରେ ସାମିଲ କରାଯାଇ ଥିଲେ ମଧ ଜଳେଶ୍ୱର ଷ୍ଟେସନ ତୁଳନାରେ ସୋର ଷ୍ଟେସନର ଉନ୍ନତି ଦିଗରେ ଖଡ଼ଗପୁର ଡିଭିଜନର ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଅବହେଳା ମଞ୍ଚ ଅନୁଭବ କରୁଛି। ସୋର ଷ୍ଟେସନରୁ ଦୈନିକ ଏକ ହଜାରରୁ ଅଧିକ ରେଳଯାତ୍ରୀ ଦୂରଦୂରାନ୍ତକୁ ଯାତାୟତ କରୁଥିବା ବେଳେ ରେଳ ବିଭାଗ ଲକ୍ଷାଧିକ ଟଙ୍କା ରାଜସ୍ୱ ସଂଗ୍ରହ କରୁଛନ୍ତି। ଦୀର୍ଘ ବର୍ଷରୁ ମଞ୍ଚ ଦାବି କରିଆସୁଛି ସୋର ଷ୍ଟେସନରେ ଅଧିକ ଦୂରଗାମୀ ଟ୍ରେନ ରହଣି, ଦ୍ୱିତୀୟ ପାଦଚଲା ବ୍ରିଜ, କୋଚ ଇଣ୍ଡିକେଟର, ରେଷ୍ଟସେଡ, ଯାତ୍ରୀଙ୍କ ବିଶ୍ରାମ କକ୍ଷ, ସୁଦ୍ଧ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ। ଏଥି ପ୍ରତି ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କର ଅଣଦେଖା, ସୋର ଷ୍ଟେସନ ଉପରେ ନିର୍ଭରଶିଳ ଯାତ୍ରୀ ମାନଙ୍କ ପ୍ରତି ସମ୍ପୂର୍ଣ୍ଣ ବୈମାତୃକ ନୀତି। ଏହା ବିରୁଦ୍ଧରେ ସମ୍ପୃକ୍ତ ଅଧିକାରୀଙ୍କୁ ଚରମ ପତ୍ର ସହ ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର ହୋଇଛି। ଠିକ ସେମିତି ସୋରରେ ନୂତନ ପି.ଡବ୍ଲ୍ୟୁ. ଡି ଅଫିସ ନିର୍ମାଣ ଓ ପୁରୁଣା ଅଫିସକୁ ଭାଙ୍ଗି ଯାତାୟାତ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଦୀର୍ଘ ଦିନ ଧରି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆ ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ନ ଦେବା ଯୋଗୁଁ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବା ସହ ସୋରର ଜନ ସାଧାରଣ ସହଯୋଗ ପ୍ରଦାନ ପାଇଁ ନିବେଦନ କରାଯାଇଛି। ଏହି ବୈଠକରେ ମଞ୍ଚର ସମ୍ପାଦକ ଡ. ନରହରି ନାୟକ ଗତ ବୈଠକର ବିବରଣୀ ଉପାସ୍ଥପନ କରିବା ପରେ ମାୟାଧର ନାୟକ, ନିତ୍ୟାନନ୍ଦ କର, ଗଙ୍ଗାଧର ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ, ମନୋଜ କୁମାର ରାୟ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ବାସୁକୃଷ୍ଣ ମହାପାତ୍ର, ଅନାମ ପ୍ରସାଦ ବାରିକ, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରସାଦ ବେହେରା, ରଜନୀକାନ୍ତ ପାଣିଗ୍ରାହୀ, ଶ୍ରୀଧର ପତ୍ରି, କଟଚନ୍ଦ୍ର ବେହେରା, ମହେଶ୍ୱର ପଣ୍ଡା, ଖଗେନ୍ଦ୍ର ପ୍ରଧାନ,ଦିବାକର ଦଳେଇ, ରବୀନ୍ଦ୍ର ନନ୍ଦ ପ୍ରଭୃତି ଯୋଗ ଦେଇଥିଲେ। ଶିକ୍ଷାବିତ ଚେମେଇ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ସକାଳ THE SAKALA



www.sakalaepaper.com

## ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା

# ବାରଣ୍ଡାରେ ଶିଶୁଙ୍କୁ ଦିଆଯାଉଛି ଶିକ୍ଷାଦାନ

ଭଦ୍ରେଶ୍ୱର,୧୩।୭ (ସମିସ)

ମାହାଙ୍ଗା ବ୍ଲକ ଅଞ୍ଚଳରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା ହୋଇ ପଡିଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସମଗ୍ର ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ ୨୯୦ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ସରକାରଙ୍କ ତରଫରୁ ୨୮୬ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ଅର୍ଥ ଯୋଗାଇ ଦିଆଯାଇଛି। ୪ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ଅର୍ଥ ଯୋଗାଇ ଦିଆଯାଇ ନ ଥିବାର ଅଭିଯୋଗ ହୋଇଛି। ୧୫୪ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଏ ପର୍ଯ୍ୟନ୍ତ ୧୩୬ଟି କେନ୍ଦ୍ରର ଗୃହ ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏହି ଗୃହ ଗୁଡିକୁ ପୂର୍ଣ୍ଣାଙ୍ଗ କରାଯିବା ଦିଗରେ ପ୍ରଶାସନ ତରଫରୁ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ୩୧ଟି ଅଙ୍ଗନବାଡି କେନ୍ଦ୍ର ଭଡା ଗୃହରେ ଚାଲିଥିବାର ଜଣାଯାଇଛି। ଭଡା ଗୃହରେ ଚାଲିଥିବା କେନ୍ଦ୍ର ଗୁଡିକ ଧର୍ମକୁ ଆଖିଠାର ବୋଲି ଚାଲିଥିବାର ଜଣାଯାଇଛି। ସେହିପରି ଭାବେ କେତେକ ଅଙ୍ଗନବାଡ଼ି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟ ବାରଣ୍ଡାରେ ଚାଲିଥିବା ବେଳେ କେତେକ କେନ୍ଦ୍ର ମନ୍ଦିର ବାରଣ୍ଡାରେ ଚାଲୁଥିବାର ଜଣାଯାଇଛି। ତେବେ ସରକାର କୋମଳମତି ଶିଶୁମାନଙ୍କୁ ଉତ୍ତମ ରୂପେ ଗଢିତୋଳିବା ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲା ବେଳେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ବହୁ ଶିଶୁ ଖରାବର୍ଷା ଶୀତ କାକରରେ ଖୋଲା ଆକାଶ ତଳେ ପାଠ ପଢୁଥିବାର ଦେଖିବାକୁ ମିଳିଛି। ଏହି ବ୍ଲକର ୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଓ ୩ଟି କେନ୍ଦ୍ରରେ ସହାୟିକା ପଦ ଖାଲି ପଡିଥିବାର ଜଣାଯାଇଛି। ୧୧ଟି ସେକ୍ଟରରେ ୧୧ଜଣ ସୁପରଭାଇଜରଙ୍କ ଆବଶ୍ୟକତା ଥିଲା ବେଳେ ମାତ୍ର ୩ଜଣ ସୁପରଭାଇଜର କାର୍ଯ୍ୟରତ ରହିଛନ୍ତି। ୮ଟି ପଦ ଖାଲି ରହିଛି। ସୁପରଭାଇଜର ଓ ସିଡିପିଓଙ୍କ ନିମନ୍ତେ କୌଣସି ଗାଡିର ସୁବିଧା ନ ଥିବା କାରଣରୁ ଠିକ୍ ଭାବେ କେନ୍ଦ୍ର ତଦାରଖ କରାଯାଇ ପାରୁନାହିଁ। ଅପରପକ୍ଷରେ ସିଡିପିଓ ଓ ସୁପରଭାଇଜର ଦୈନନ୍ଦିନ ମନଇଚ୍ଛା ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାର ଅଭିଯୋଗ ହୋଇଛି। ବହୁ ସମୟରେ ଏହି କାର୍ଯ୍ୟାଳୟକୁ ଦୂରଦୂରାନ୍ତର ଲୋକେ ବିଭିନ୍ନ ସମସ୍ୟା ନେଇ ଆସୁଥିଲେ ମଧ୍ୟ କର୍ମଚାରୀଙ୍କୁ ନ ପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ସୂଚନାଥାଉ କି ଏହି ଅଧିକାରୀମାନେ ବ୍ଲକ ହେଡକ୍ୱାର୍ଟରରେ ନ ରହି ଦୈନନ୍ଦିନ କଟକ ଭୁବନେଶ୍ୱରରୁ ଯାଆସ କରୁଥିବା ଯୋଗୁ କର୍ତ୍ତବ୍ୟରେ ଚରମ ଅବହେଳା କରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଚାଉଳ ଓଜନ ମାପରେ ବ୍ୟାପକ ଠକେଇ କରାଯାଉଥିଲା ବେଳେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ହେଉଥିବା କାରଣରୁ ବହୁ ଗର୍ଭବତୀ ଓ ପ୍ରସୂତି ମହିଳା ଏହାକୁ ଖାଉ ନ ଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବହୁ ଅଙ୍ଗନବାଡ଼ି କେନ୍ଦ୍ରର ଛାତରୁ ପାଣି ଝରୁଥିଲା ବେଳେ ବହୁ କେନ୍ଦ୍ରରେ ପାନୀୟ ଜଳର ସୁବନ୍ଦୋବସ୍ତ ନାହିଁ। ଏପରିକି କେତେକ କେନ୍ଦ୍ରରେ ମଧ୍ୟ ଶୌଚାଳୟ ଓ ପରିସ୍ରାଗାରର ସୁବିଧା ସୁଯୋଗ ନ ଥିଲା ବେଳେ ବହୁ କେନ୍ଦ୍ରର ନିଜସ୍ୱ ରୋଷେଇ ଘର ନ ଥିବାର ଜଣାଯାଇଛି। ତେବେ ଏ ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏକରକମ ଦିଗହରା ହୋଇପଡିଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି।

## ବିଜେଡି ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ



**ନିଶ୍ଚିନ୍ତକୋଇଲି,୧୩।୭ (ସମିସ):** ଓଡିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର, ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା ତଥା ସମାଜ ସଂସ୍କାରକ କର୍ମବୀର ଗୌରୀଶଙ୍କର ୧୮୭ ତମ ଜୟନ୍ତୀ ତାଙ୍କ ଜନ୍ମପୀଠ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତରେ ପାଳନ କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସଂଗଠକ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ଉପସଭାପତି ଯୋଗଦେଇ ଗୌରୀଶଙ୍କର ପ୍ରମୋଦ ଉଦ୍ୟାନରେ ଥିବା କର୍ମବୀରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ପଦଯାତ୍ରାରେ ଗୌରୀଶଙ୍କର ରାୟ ପ୍ରତିଷ୍ଠା କରିଥିବା ଦୀକ୍ଷିତ୍‌ପଡା ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଜିଲ୍ଲାପରିଷଦ ସଭ୍ୟ ଜସ୍ମିତା ସେଠୀ, ବିପ୍ଳବ କାପ, ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟ ହିମାଦ୍ରି ମିଶ୍ର, ଅନୀଲ ଭୂୟାଁ, ଆଶୁତୋଷ ତ୍ରିପାଠୀ, ବିନୋଦ ସାମଲ, ମନୋଜ ସେଠୀ, ଜିତେନ୍ଦ୍ର ମିଶ୍ର, ସୁଦାମ ଚରଣ ବଳ, ନିତ୍ୟାନନ୍ଦ ସେଠୀଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ, ଜନପ୍ରତିନିଧି ଉପସ୍ଥିତ ହୋଇ ଗୌରୀଶଙ୍କର ରାୟଙ୍କ ଜୀବନାଦର୍ଶ ସଂକ୍ରାନ୍ତରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ।

## ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକ



**ସାଲେପୁର,୧୩।୭ (ସମିସ):** ଆଜି ସାଲେପୁର ବ୍ଲକ୍ ବିଜୁ ଯୁବ ଛାତ୍ର ଜନତା ଦଳର ଏକ କାର୍ଯ୍ୟକାରିଣୀ ବୈଠକ ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶଙ୍କ ସଭାପତିତ୍ୱରେ ବାଲିସାହି ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଯୁବ ଓ ଛାତ୍ରମାନେ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବା ସହ ବିଜୁ ଯୁବ ଜନତା ଦଳକୁ ଅଧିକରୁ ଅଧିକ ସାଲେପୁର ଅଞ୍ଚଳରେ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ ବେହୁରା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ବିକ୍ରମ ସାମଲ, ବିଶ୍ୱଜିତ୍ ପଣ୍ଡା, ପ୍ରଭାତ ପାତ୍ର, ସୁମନ ନାୟକ, ବାପୁ ଷଡ଼ଙ୍ଗୀ, ପ୍ରଦୀପ୍ତ ସାମଲ, ଲିପକ ଜେନା, ବିଭୁତିଭୂଷଣ ସ୍ୱାଇଁ, ଶରତ ସାହୁ, ସତ୍ୟସାରଥି ପ୍ରଧାନ, କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି ଚିତ୍ତରଞ୍ଜନ ସାହୁ, ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି, ସଂଖ୍ୟାଲଘୁ ସେଲ୍ ସଭାପତି ସମିମ ଅଖତର, କମଳାକାନ୍ତ ସେଠୀ ଯୋଗଦେଇଥିଲେ। ଆଗାମୀ ଦିନରେ ସାଲେପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସାଲେପୁର ଠାରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାକେଶ ପାଣି, ସତ୍ୟ ପ୍ରଧାନ, ଦୀପକ ମହାନ୍ତି, ପ୍ରଦୀପ ସାହୁ, ବିକ୍ରମଜିତ୍ ବେହେରା, ସୁକାନ୍ତ ମଲ୍ଲିକ, ଚନ୍ଦନ ସାହୁ, ସୁନୀଲ ପ୍ରତାପ, ସଂଗ୍ରାମ ମହାନ୍ତି, ଦୋଳଗୋବିନ୍ଦ, ତାପସ ବେହେରା, ଗୌତମ ମାଣିଆ, ସନ୍ତୋଷ ମହାପାତ୍ର, ସୂର୍ଯ୍ୟକାନ୍ତ ଜେନାଙ୍କ ସମେତ ବହୁ ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସାଲେପୁର ବ୍ଲକ୍ ଛାତ୍ର ବିଜୁ ଜନତା ଦଳର ସଭାପତି ଶୁଭମ ଦାସ ଧନ୍ୟବାଦ ଦେଇଥିଲେ।

## 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମ

**ଦଳୀୟ ମତଭେଦକୁ ନେଇ ଆସିଲେନି ଦୁଇ ମନ୍ତ୍ରୀ**

**ଚୌଦ୍ୱାର,୧୩।୭ (ସମିସ):** ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ-୨୦୨୫' ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ତଥା ମଞ୍ଚର ଉପଦେଷ୍ଟା ଜ୍ଞାନେନ୍ଦ୍ର ସ୍ୱାଇଁ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ମଞ୍ଚ ସଭାପତି ଅକ୍ଷୟ ଭୂୟାଁ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍‌ଘାଟକ ଭାବେ ରାଜ୍ୟ ଗ୍ରାମ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଓ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର ସ୍ଥିର ହୋଇଥିବା ବେଳେ ଠିକ୍ ସମୟରେ ସେମାନଙ୍କ ଅନୁପସ୍ଥିତିକୁ ନେଇ ଏହା ଦଳୀୟ ମତଭେଦ ଯୋଗୁଁ ଏପରି ହୋଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଜେପି ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ନୟନ ମହାନ୍ତିଙ୍କୁ ନିମନ୍ତ୍ରଣ କରା ନ ଯିବା ଯୋଗୁଁ ମନ୍ତ୍ରୀ ଦ୍ୱୟ ଆସି ନ ଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଶେଷ ମୁହୂର୍ତ୍ତରେ କଟକ ଲୋକସଭା ସାଂସଦ ଶ୍ରୀ ମହତାବ ମୁଖ୍ୟଅତିଥି ଭାବେ ଆସନ ଅଳଙ୍କୃତ କରିବା ସହ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରେନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ଡଃ ତ୍ରିଦେବ ବେହେରା, ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଡଃ ଗଣେଶ ପ୍ରସାଦ ବେହେରା, ପଦ୍ମଶ୍ରୀ ଡ. ଉଛବ ଚରଣ ଦାସ, ସନ୍ଥଶ୍ରୀ ଦୁର୍ଗାପ୍ରସାଦ ଓ ଡାଏନା ଡ୍ୟାନ୍ସର ଶୁଭମ୍ ସରିତା କରଙ୍କୁ ଅତିଥି ଶ୍ରୀ ମହତାବ୍ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ସଚେତନ ନାଗରିକ ମଞ୍ଚର ସଦସ୍ୟ ଧିରଞ୍ଜନ ସିଂହ, ସଞ୍ଜୟ ମହାରଣା, ତନ୍ମୟ ସାହୁ, ସଞ୍ଜୀବ ତିୱାରୀ, ପ୍ରକାଶ ସାହୁ, ଭିକି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୧୩ନଂ ୱାଡର୍ ପାରିଷଦ ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ।

## କଟକ ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଶୋକସଭା




**କଟକ,୧୩।୭ (ସମିସ):** କଟକ ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଜିଲ୍ଲା ଲୋକସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ତଥା କଟକ ଫଟୋଗ୍ରାଫର ସଂଘର ବରିଷ୍ଠ ଫଟୋଗ୍ରାଫର ସ୍ୱର୍ଗତ ଆକାଶ ମାଝୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର ୬ ଠାରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏକାଠି ହୋଇ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ କଟକ ଫଟୋଗ୍ରାଫର ସଂଘ ସଭାପତି ସୁଜିତ ମିଶ୍ର, ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, ଉପସଭାପତି କଲ୍ୟାଣ ଭଗତ, କୋଷାଧ୍ୟକ୍ଷ ଆଶିଷ ମିତ୍ର, ଯୁଗ୍ମ ସମ୍ପାଦକ ଜାଭେଦ ଅହମ୍ମଦ, ଉପଦେଷ୍ଟା ଶରତ ଦାସ ଓ ସଚ୍ଚିଦାନନ୍ଦ ବେହେରା ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**ଆଠଗଡ,୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହୁତୀ ଉଦ୍ୟମ ଘଟଣା ସାରା ରାଜ୍ୟକୁ ଏବେ ସ୍ତବ୍ଧ କରିଦେଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାୟୀ କରି ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲି ଛକ ଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଟାର୍ଗେଟ କରିଛି ବିଜୁ ଯୁବ ଛାତ୍ର ଜନତା ଦଳ। ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରନେତା ମହମ୍ମଦ ଖଲିଦ୍, ଜ୍ୟୋତିରଞ୍ଜନ ପ୍ରଧାନ, ପ୍ରଭଞ୍ଜନ ସେଠୀ, ତୋଫାନ ସାମଲ, ଗିରିଜା ପ୍ରସାଦ ପରିଜା, ସିଦ୍ଧାନ୍ତ ଦଳେଇ, ଧନେଶ୍ୱର ବେହେରା, ଗଜେନ୍ଦ୍ର ରାଉତ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କନକଗିରିଗୁପ୍ତ ପୀଠ ତୋରଣର ଭୂମିପୂଜା



**ଟାଙ୍ଗୀ,୧୩।୭ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କନକଗିରୀ ସିଦ୍ଧ ଗୁପ୍ତ ପୀଠର ମୁଖ୍ୟଦ୍ୱାର ନୂତନ ତୋରଣ ନିମନ୍ତେ ରବିବାର ଭୂମିପୂଜନ କାର୍ଯ୍ୟକ୍ରମ କନକଗିରୀ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଓ ସିଦ୍ଧପୀଠ କନକଗିରୀ ସୁରକ୍ଷା ଓ ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୀଠର ମୁଖ୍ୟ ସରୋଜ ଷଡଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୂଜନ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, ସନ୍ଥ ମାନସ ବାବା, ହଳଧର ଅଞ୍ଚଳ, ବିରବର ବେଜ, ଦିନବନ୍ଧୁ ନାଥ, ଅଶୋକ ନାଥ, ଆଲୋକ ନାଥ ଓ ପ୍ରଦୀପ୍ତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ କନକଗିରୀ ପୀଠର ବିକାଶ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନସ୍ଥଳ ମାନ୍ୟତା ନିମନ୍ତେ ଆଲୋକପାତ କରିବା ସହ ପୀଠର ପ୍ରବେଶ ପଥରେ ଏକ ବଡ଼ ତୋରଣ ନିମନ୍ତେ ଭୂମିପୂଜା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ଅବକାରୀ ଚଢ଼ଉ; ମଦ ଓ ପୋଚ ନଷ୍ଟ



**ଆଠଗଡ,୧୩।୭ (ସମିସ):** ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ମଦ ସହିତ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଆଠଗଡ ଥାନା ଅନ୍ତର୍ଗତ କୋରଙ୍ଗାରେ ଏହି ଚଢଉ କରାଯାଇ ୨୧୦୦ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୧୬ ହଜାର ୩୮୦ ଲିଟର ଗୁଡ ପୋଚ ଜବତ କରାଯାଇ ନଷ୍ଟ କରାଯିବା ସହିତ ଏ ବାବଦରେ ୫ଟି ମୋକଦ୍ଦମା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଜିର ଏହି ଚଢଉରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସିଏଚ ତିରୁପତି, ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, ସୌମ୍ୟରଞ୍ଜନ ମାଝୀ, ଶେଫାଳୀ ସାହୁ, ରାଜେଶ ପଟେଲଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ତିଗିରିଆ ଓଏଭିରେ ଚାରାରୋପଣ

**ତିଗିରିଆ,୧୩।୭ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ସ୍ଥିତ ଚାରିଛକ ଠାରେ ଅବସ୍ଥିତ ତିଗିରିଆ ଆଦର୍ଶ ବିଦ୍ୟାଳୟରେ ରବିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅମ୍ବୁଜ କୁମାର ଭୋଇଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତିଗିରିଆ ବନଖଣ୍ଡର ବନପାଳ ପ୍ରଶାନ୍ତ କୁମାର ପରିଡା ଯୋଗଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଆଲୋଚନା ଚକ୍ର ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାରାରୋପଣର ମହତ୍ୱ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସେୱାଲି ଜନ, ବେବି ସାହିଲ, ଶିକ୍ଷକ ଭଜମନ ନାୟକ, ଅମୀୟ ରଞ୍ଜନ ଷଡଙ୍ଗୀ, ସୁଦୀପ୍ତ ଗୌଡ଼, ଦୀପ୍ତିରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିଲେ।




## ଦିନିକିଆ କ୍ୟାରମ୍ ପ୍ରତିଯୋଗିତା

**ସାଲେପୁର,୧୩।୭ (ସମିସ):** ସାହେଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ଗୋଲଖ ଚନ୍ଦ୍ର ପରିଡ଼ାଙ୍କ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ଶ୍ରୀପତୀ କର ଉଦ୍‌ଘାଟନ କରିଥିବାବେଳେ ଏଥିରେ ମିହିର କୁମାର ଜେନା, ସମାଜସେବୀ ନନ୍ଦକିଶୋର ଭୂୟାଁ, ସାହେଶ୍ୱରୀ କ୍ଲବ୍‌ର ସଭାପତି ଶ୍ରୀପତି ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ସାହେଶ୍ୱରୀ କ୍ଲବ୍‌ର ସଦସ୍ୟ ଶକ୍ତି ପ୍ରତିକ ଷଡ଼ଙ୍ଗୀ, ଶଙ୍କର କାଣ୍ଡି, ଚନ୍ଦ୍ରକାନ୍ତ କର, ଅନୁପମ ଗୌରବ ଦାସ, ଅରବିନ୍ଦ ଭୂୟାଁ, ମୀନକେତନ କାଣ୍ଡି, ଚନ୍ଦନ ସାମଲ, ମଦନମୋହନ ସାହୁ, ଗୋପାଳକୃଷ୍ଣ ଭୂୟାଁ, ସତ୍ୟଜିତ୍ କର, ଦୟାନିଧି ପତି, କେଦାର ସ୍ୱାଇଁ, ରଞ୍ଜିତ ଭୋଇ, କେଶବ ନାୟକ, ସମ୍ବିତ ମଲ୍ଲିକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।



# ବର୍ଷା ଋତୁ ଆସିଲେ ମନେପଡ଼େ କେନାଲ ସଫେଇ

ସାଲେପୁର,୧୩।୭ (ସମିସ)



**କେନାଲରୁ ଘାସ ସଫା କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ**

ବର୍ଷା ଋତୁ ଆସିଲେ କେନାଲ ସଫେଇ କଥା ମନେ ପଡେ ଜଳସେଚନ ବିଭାଗର। କେନାଲ ସଫେଇ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କେନାଲ ସଫେଇ ନାମରେ କେନାଲରୁ ଖାଲି ଘାସ ସଫା କରାଯାଇ ବ୍ୟାପକ ଅର୍ଥ ଆତ୍ମସାତ୍ କରାଯାଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ୬ନଂ କେନାଲ ଜଳସେଚନ ବିଭାଗ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀରେ ପରିଣତ ହୋଇଛି। ପ୍ରକାଶ ଯେ କୃଷି ଓ କୃଷକର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଉକ୍ତ ଟଙ୍କା ଠିକ୍ ରୂପେ ବିନିଯୋଗ ହେଉ ନ ଥିବାରୁ କେନାଲ ଗୁଡିକ ପୋତି ହେବାକୁ ବସିଲାଣି। ପ୍ରତିବର୍ଷ କେନାଲ ସଫେଇ କରାଯାଉଥିବା ଦର୍ଶାଯାଉଥିବାବେଳେ କେନାଲର ଉଭୟ ପାର୍ଶ୍ୱର୍ରୁ କେବଳ ଘାସ ସଫା କରାଯାଉଥିବା ଅଭିଯୋଗ ହେଉଛି। ଫଳରେ କେନାଲର ବିଭିନ୍ନ ସ୍ଥାନରେ ପୋତି ହୋଇଥିବା ସ୍ଥାନକୁ ଖୋଳା ନ ଯିବାରୁ ଜଳସେଚନ ଠିକ୍ ରୂପେ ହୋଇପାରୁ ନାହିଁ। ପ୍ରତିବର୍ଷ କେନାଲ ସଫେଇ ନାମରେ ଆସୁଥିବା ଅର୍ଥକୁ କେନାଲକୁ ଠିକ୍ ଭାବେ ସଫା କରା ନ ଯାଇ କେନାଲର ଉଭୟ ପାର୍ଶ୍ୱରେ ଥିବା ଘାସଲତାକୁ ଜେସିବି ସାହାଯ୍ୟରେ ରାତିଅଧିଆ ସଫା କରାଯାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି। ୬ନଂ କେନାଲର ବାରିଗୋଳ ଗ୍ରାମ ନିକଟରେ କେନାଲକୁ ସଫେଇ ନାମରେ ରାତି ଅଧିଆ ଘାସ କଟାଯାଇଥିବାବେଳେ କେନାଲକୁ ସୁଚାରୁ ରୂପେ ସଫେଇ କରାଯାଇ ନ ଥିବାରୁ ଏହି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବିଭିନ୍ନ ଶାଖା କେନାଲ ଗୁଡିକ ଠିକ୍ ଭାବେ ସଫେଇ କରାଯାଉ ନ ଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚି ପାରୁ ନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ବର୍ଷା ହେଲା ପରେ ୬ନଂ କେନାଲର ଉଭୟ ପାର୍ଶ୍ୱର୍ରୁ ମାଟି ଖସି କେନାଲ ମଧ୍ୟରେ ପଡି କେନାଲ ପୋତି ହେଉଥିଲେ ମଧ୍ୟ ଉକ୍ତ ମାଟିକୁ ସଫା କରାଯାଉ ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନାରୀ ସଶକ୍ତୀକରଣ ସଚେତନତା ଶିବିର

ଭୁବନେଶ୍ୱର,୧୩।୭(ସମିସ): ମୀରାରାଣୀ ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଯାଜପୁର ଜିଲ୍ଲା ବଡଚଣା ବ୍ଲକର ଖଡଗପୁର ଗ୍ରାମରେ ଏକ ନାରୀ ସଶକ୍ତୀକରଣ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଏଥିରେ ମହିଳା ମାନେ କିପରି ସ୍ୱାବଲମ୍ବୀ, ରୋଜଗାରକ୍ଷମ, ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ତା'ସହିତ ସେମାନେ କିପରି ନିଜର ମୌଳିକ ଅଧିକାର ଜାଣିବା ସହିତ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ମହିଳାମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଯଥା-ସିଲେଇ, ଚାହୁଆ ତିଆରି, ବଡ଼ି ପାମ୍ପଡ ତିଆରି, ଧୂପକାଠି, ଖଲି ପତ୍ର ଇତ୍ୟାଦି ଶିକ୍ଷା ଦିଆଯିବ ବୋଲି ଆୟୋଜକ ମୀରାରାଣୀ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶିକା ମୀରାରାଣୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ନାରୀ ସଂଗଠନର ଜାତୀୟ ସଭାପତି କୁସୁମମଞ୍ଜରୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାରୀ ସଶକ୍ତିକରଣ ଉପରେ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ଏଥିରେ ଟ୍ରଷ୍ଟର ସଂପାଦକ ଯଶୋବନ୍ତ ଦାସ ଓ ଜନ୍ମେଞ୍ଜୟ ଦାସ, ଗୌରବ ଦତ୍ତ ଆଦି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତୁଲାଇଥିଲେ। ଗ୍ରାମର ଅଙ୍ଗନବାଡ଼ି ଦିଦି କାଜଲ କର, କୁନିଲତା ସାହୁ, ମହିଳା ସ୍ୱୟଂ ସହାୟିତା ଗୋଷ୍ଠୀର ମୁଖ୍ୟ ନମିତା ପ୍ରଧାନ, ବବିତା ପୃଷ୍ଟି, ପ୍ରମିଳା ପ୍ରଧାନ, ସୁଷମା ରାଣୀ ପ୍ରଧାନ, ସସ୍ମିତା ପତି ଆଦି ସହଯୋଗ କରିଥଲେ। ଶେଷରେ ପ୍ରମିଳା ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।



# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

ଯାଜପୁର,୧୩।୭(ସମିସ)

ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସ୍ଥାନୀୟ କୋଦଣ୍ଡପୁର ଦେବେଶ୍ୱର କଲ୍‌ଚରାଲ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ଚାରାରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପ ସଭାପତି ପବିତ୍ର ରଞ୍ଜନ ମହାନ୍ତି, ପ୍ରଦୀପ କୁମାର ଜେନା, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧକ୍ଷ ସଞ୍ଜୟ କର, ଯାଜପୁର ମ୍ୟୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟବେହେରା, ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ପ୍ରସ୍ତାବ ଦେବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।



# ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବ୍ୟାସନଗର,୧୩।୭(ସମିସ): ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ଉମାପଦା ହାଉସିଂ ବୋର୍ଡ କଲୋନୀଠାରେ ବିରାଜମାନ "ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର' ୧ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। 'ବାବା ବିଶ୍ୱନାଥ ପରିଚାଳନା କମିଟି' ପକ୍ଷରୁ ପ୍ରତାପ ନାୟକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଆସନ ଗ୍ରହଣ କରିଥିବା ବେଳେ ପ୍ରତିଷ୍ଠା ଉତ୍ସବରେ ବେଦଜ୍ଞ ଜ୍ଞାନୀ ପଣ୍ଡିତ ବ୍ରାହ୍ମଣ ରଞ୍ଜିତ ପଣ୍ଡା, ଅମିତ୍ ଦାଶ, କାଳିନ୍ଦୀ ଚରଣ ଦାଶ ଓ ବଳରାମ ଦାଶ ପ୍ରମୁଖଙ୍କ ଦ୍ୱାରା ଠାକୁରଙ୍କ ନିତି କାନ୍ତି, ପୂଜାବିଧି, ମନ୍ତ୍ରପାଠ, ଯଜ୍ଞ, ପୂଜାପାଠ କାର୍ଯ୍ୟ ସମାପନ ହୋଇଥିଲା। ଏହି ଅବସରରେ କୀର୍ତ୍ତନ, ଭକ୍ତି କୈବଲ୍ୟ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି କୁଳମଣି ଧଳଙ୍କ ନେତୃତ୍ୱରେ ସରୋଜ ବିଶ୍ୱାଳ, ସନ୍ତୋଷ କୁମାର ଧଳ, ହରିହର କରଣ, ତାରାକାନ୍ତ ପୁହାଣ, ସମିର ପତିଙ୍କ ସମେତ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ ପ୍ରଦାନ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଅଜୟ କୁମାର ନାୟକ, ରବିନ୍ଦ୍ର କୁମାର ନାୟକ, କାଉନସିଲର ଶିବାନନ୍ଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟ ଉପଦେଷ୍ଟା ଶ୍ରୀ ବିନୋଦ ବିହାରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ବିଦ୍ୟୁତ ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ

ଦାନଗଦି,୧୩।୭(ସମିସ): ଦାନଗଦି ସରକାରୀ ଡାକ୍ତରଖାନା ସାମ୍ନା ରାସ୍ତା ଉପରେ ବିଦ୍ୟୁତ ସରବରାହ ଥିବା ଏକ ମେଲା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଆଜି ଅପରାହ୍ନରେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି। ବଜାର ଉପରେ ଥିବା ଏହି ଟ୍ରାନ୍ସଫର୍ମର ଟି ଦୀର୍ଘବର୍ଷ ହେବ ବସିଥିଲେ ମଧ୍ୟ ଏହାର ଚତୁପାଶ୍ୱର୍ରେ ପାଚେରୀ କରାଯାଇନାହିଁ, ଯାହାଫଳରେ ସନ୍ଧ୍ୟାରେ ଷଣ୍ଢଟି ଘାସ ଚରୁଥିବାବେଳେ ହଟାତ ଟ୍ରାନ୍ସଫର୍ମର ବସିଥିବା ଜାଗା ତଳକୁ ଚାଲିଯାଇଥିଲା। ଯାହାଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା। ଖବର ପାଇ ଦାନଗଦି ବିଦ୍ୟୁତ ବିଭାଗ ର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଷଣ୍ଢଟିକୁ ସେଠାରୁ ନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପକାଇ ଦେଇଛନ୍ତି। ତେବେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ନିରୀହ ଷଣ୍ଢର ଜୀବନ ଗଲା। ଏଠାରେ ପ୍ରଶ୍ନ ଉଠୁଛି ଯଦି ଷଣ୍ଢ ନ ହୋଇ କେହିଜଣେ ମଣିଷ ସେହି ଜାଗାକୁ ଯାଇଥାନ୍ତା ଓ ମୃତ୍ୟୁବରଣ କରିଥାନ୍ତା ତେବେ ଏବେ ପରିସ୍ଥିତି କଣ ହୋଇଥାନ୍ତା ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଏହି ଖୋଲା ଜାଗାକୁ ପାଚେରୀ ଘେରେଇବାକୁ ଲୋକେ ଦାବି କରିଛନ୍ତି।

# ବଜ୍ରପାତ ରେ କୃଷକଙ୍କ ମୃତ୍ୟୁ

କବାଟବନ୍ଧ,୧୩।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମୃତକ ଜଣଙ୍କ ହେଲେ ଭାଗୀରଥି ନାୟକ ଓରଫ ଭାଗିନ (୬୫) ବୋଲି ଜଣାପଡିଛି। ଖବର ମୁତାବକ ରବିବାର ଅପରାହ୍ନରେ ଭାଗିନ ନିଜ ବିଲରେ ଚାଷ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ପାଖ ଜମିରେ କାମ କରୁଥିବା ସବୁ ଲୋକ ଛାନିଆରେ ଦୌଡ଼ି ପଳେଇ ଆସିଥିଲେ। ଭାଗିନ ଘରକୁ ନ ଫେରିବାରୁ ପ୍ରାୟ ଅଧ ଘଣ୍ଟାଏ ପରେ ବର୍ଷା ଟିକେ କମ ହେବାରୁ ପରିବାର ଲୋକେ ଆଶଙ୍କା କରି ବିଲକୁ ଯାଇଥିଲେ। ସେଠାରେ ଚାଷ ଜମିରେ ବଜ୍ରପାତରେ ଆଘାତ ହୋଇ ଭାଗିନ ସେହି ବିଲରେ ଟଳି ପଡ଼ିଥିଲେ। ଭାଗିନ ଗୋଟିଏ ହାତରେ ଧାନ ତଳି ଧରି ସେହି ବିଲରେ ପଡ଼ିଥିବା ସହିତ ତାଙ୍କ କାନରୁ ରକ୍ତସ୍ରାବ ହେଉଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଆସନ୍ତା କାଲି ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।



# ବିଜୁ ଜନତା ଦଳର ସାଂଗଠାନିକ ବୈଠକ



ବଡ଼ଚଣା,୧୩।୭(ସମିସ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଡ଼ଚଣା କଲ୍ୟାଣ ମଣ୍ଡପ ଠାରେ ତୃଣମୂଳ ସ୍ତରରେ ସଙ୍ଘଠନ ସୃଦୃଢ଼ କରିବା ନିମନ୍ତେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି କର୍ମକର୍ତ୍ତା, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ପ୍ରତି ପଞ୍ଚାୟତର ସାଂଗଠାନିକ ସଭାପତି ମାନେ ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ସମସ୍ତ ଲୋକଙ୍କ ପାଖରେ ପହଞ୍ଚି ସଙ୍ଗଠନରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡିବା, ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି। ଦୁର୍ନିତୀ ବିରୋଧରେ ସ୍ୱର ଉତ୍ତୋଳନ କରିବା ଓ ପ୍ରତି ବୁଥ ସ୍ତରରୁ ଲୋକଙ୍କ ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ଆଦି ବିଷୟରେ ଆଲେଚନା କରାଯାଇଛି। ବଡ଼ଚଣା ବିଜୁ ଜନତା ଦଳର ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏହି ବୈଠକ କର୍ମକର୍ତ୍ତାମାନଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସୀମନ୍ତିନୀ ଜେନା, କୈଳାସ ଚନ୍ଦ୍ର ରାଉତ, ଜ୍ଞାନ ରଞ୍ଜନ ସାହୁ, ଅମର ମହାନ୍ତି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଆଶିଷ ରଂଜନ ଚୌଧୁରୀ, ଧନେଶ୍ୱର ବେହେରା, ବିବେକ ରଞ୍ଜନ ସୁବୁଦ୍ଧି, ରମେଶ ଚନ୍ଦ୍ର ପୃଷ୍ଟି, ବିଜୟ ସ୍ୱାଇଁ, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ବେହେରା, ରତ୍ନାକର ପ୍ରଧାନ, ତୁଷାର ପଣ୍ଡା, ତପନ ରାଉତରାୟ, ମନ୍ମଥ କେଶରୀ ସାହେବରାୟ, ଦିଲୀପ ରାଉତ, ହୃଷୀକେଶ ସାମଲ, ଦିଲ୍ଲିପ ସାମଲ, ଧୁଲେଶ୍ୱର ଦାସ, ଗଣେଶ୍ୱର ସାମଲ, ତପନ କୁମାର ସିଂହ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ସତ୍ୟ ପ୍ରକାଶ ଦାସ, ପ୍ରହଲ୍ଲାଦ ବାରିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଟ୍ରକ ଦୁର୍ଘଟଣାରେ ଚାଷୀ ଗୁରୁତର

ସୁକିନ୍ଦା,୧୩।୭(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ତୁବୁରୀ ରାସ୍ତାର ସଂସାଇଲୋ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଜଣେ ଚାଷୀ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତ ଅଧୀନ ଅଭୟପୁର୍ ଗ୍ରାମ ପ୍ରାଣକୃଷ୍ଣ ଦାସ(୫୫)ନାମକ ଚାଷୀ ରାଜପଥ କଡ଼ରେ ଥିବା ଚାଷ ଜମିରେ ଚାଷକାର୍ଯ୍ୟ ସାରି ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ୧୪ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣକୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ପ୍ରାନକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ଟ୍ରକ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



# ବନ୍ୟାପାଣିରେ ବାଇକ୍ ଭାସିଗଲା

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ପୁରୁଣାପାଣି ରେଙ୍ଗାଳବେଡା ରାସ୍ତାର ପୁରୁଣାପାଣି ବିରଳ ନଦୀ ପୋଲ ଉପରେ ଯାଉଥିବା ସମୟରେ ବଢି ପାଣି ଆସିଯିବାରୁ ନୂଆବନ୍ଧ ଗ୍ରାମର ରଜତ ନାଏକ ବାଇକ ସହ ବନ୍ୟାପାଣିରେ ଭାସିଯାଇଥିଲେ। ରବିବାର ଅପରାହ୍ନ ୩ଟା ସମୟରେ ବିରଳ ନଦୀ ପୋଲ ଦେଇ ଘରକୁ ବାଇକ୍‌ରେ ଫେରିବା ସମୟରେ ଏହି ଅଘଟଣ ଘଟିଛି। ପରେ ଯୁବକ ଜଣକ ନିଜେ ପହଁରି ପହଁରି ଉଦ୍ଧାର ପାଇଥିବା ବେଳେ ବାଇକ୍‌ଟି ଭାସି ଯାଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ହେଁ ଯୁବକ ଜଣଙ୍କ ନିଜେ ପହଁରି ପହଁରି ଉଦ୍ଧାର ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।



# ଭଡ଼ା ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଦାନଗଦି, ୧୩।୭(ସମିସ): ଦାନଗଦି ଫାଣ୍ଡି ନିକଟସ୍ଥ ସିଙ୍ଗାଗାଡ଼ିଆ ଗାଁରେ ଭଡ଼ାଘରେ ରହୁଥିବା ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ମନୋରଞ୍ଜନ ଜେନା (୨୪)। ତାଙ୍କ ଘର ନୟାଗଡ଼ ଜିଲ୍ଲା ଗୋଟିପାଲି ଗାଁରେ ବୋଲି ଜଣାପଡ଼ିଛି। ମନୋରଞ୍ଜନ ଆଜି ସକାଳୁ ନିକଟସ୍ଥ ଜିନ୍ଦଲ କାରଖାନାକୁ ଏ ସିଫ୍ଟ ଡ୍ୟୁଟିରେ ଯାଇଥିଲା। ସେଠାରୁ ୨ଟା ବେଳେ ରୁମକୁ ଫେରି ଆସିଥିଲେ। ପରେ ସନ୍ଧ୍ୟା ସମୟରେ ତା' ସାଙ୍ଗମାନେ ତାକୁ ଫୋନ କଲ କରିଥିଲେ। ହେଲେ ସେ ଫୋନ ରିସିଭ କରିନଥିଲେ। ଯାହାଫଳରେ ସେ ରହୁଥିବା ଭଡାଘରେ ସାଙ୍ଗମାନେ ଯାଇ ପହଞ୍ଚିଥିଲେ ଏବଂ ଘର ଭିତରୁ କବାଟ ଦିଆ ଯାଇଥିବାର ଦେଖିଥିଲେ। ପରେ ଘରମାଲିକ ଓ ଅନ୍ୟମାନେ ମିଶି କବାଟ ଭାଙ୍ଗି ଘର ଭିତରକୁ ପଶିବା ପରେ ତାକୁ ମୃତ ଅବସ୍ଥାରେ ଝୁଲୁଥିବାର ଦେଖିଥିଲେ। ଦାନଗଦି ଫାଣ୍ଡି ପୁଲିସକୁ ଖବର ଦେଇବାରୁ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଛି।କାଲିଶବବ୍ୟବଚ୍ଛେଦକରାଯିବ।

## • ଚାଳକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହୃତ

# ସ୍ୱାଭାବିକ ହେଲା ଜୀବନଯାତ୍ରା

ପାଣିକୋଇଲି, ୧୩।୭(ସମିସ): ପ୍ରତ୍ୟାହୃତ ହୋଇଛି ଚାଳକ ମହାସଂଘର ଆନ୍ଦୋଳନ। ଧିରେ ଧିରେ ସ୍ୱାଭାବିକ ହେଉଛି ଜୀବନ ଯାତ୍ରା। ଶନିବାର ଘରୋଇ ବସ୍ ଚଳାଚଳ କିଛି ମାତ୍ରାରେ ଅଶ୍ୱସ୍ତି ଦେଇଥିଲା। ଆଜି ସବୁ କିଛି ସ୍ୱାଭାବିକ ହେବାରେ ଲାଗିଛି। ବଜାରଘାଟ ପରିପୂର୍ଣ୍ଣ ଲାଗୁଛି। ରାଜପଥରେ ଗାଡି ଚଳାଚଳ ପୂର୍ବଭଳି ଲାଗିରହିଛି। ଆଉ ଯାତ୍ରୀମାନଙ୍କ ଯାତାୟତରେ କୌଣସି ଅସୁବିଧା ଦେଖାଯାଉନି। ପ୍ରତ୍ୟେକ ବ୍ୟବସାୟ ଅନୁଷ୍ଠାନ ମାନଙ୍କରେ ଗାଡି ଲାଗିଛି। କ୍ରୟ ବିକ୍ରୟ ଚାଲିଛି। ସବୁ କିଛି ସ୍ୱାଭାବିକ ଥିବା ବେଳେ କିଛି ଅସାଧୁ ବ୍ୟବସାୟୀଙ୍କ ମନ ଦୁଃଖ ହେବା ଦେଖାଯାଉଛି। ଆନ୍ଦୋଳନ ସମୟରେ ପୋଟ୍ରୋଲ ଓ ଡିଜେଲର ଅଭାବ ଥିବା ବେଳେ ଗ୍ୟାସ କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚଢ଼ା ଦର ବା ଅଧିକର ୫୦ରୁ ଶହେ ଟଙ୍କା ଦରରେ ଗ୍ୟାସ ବିକ୍ରି କରାଯାଉଥିଲା। ଯାହାକୁ ଆଜି ଆଉ ଉପଭୋକ୍ତାମାନେ ଦେବାକୁ ପ୍ରସ୍ତୁତ ନୁହନ୍ତି। କାହାର ସର୍ବନାଶ ତ ପୁଣି କାହାର ପୁଷମାସ ହେବା ଭଳି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଅଜି ତାହାର ସୁଧାର ଆସିଛି।

# ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା

ଧର୍ମଶାଳା,୧୩।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ନିକଟସ୍ଥ ଜାମୁବଣିଆ ସ୍ଥିତ ସନାତନ ସାହୁ ଗତ ୨ବର୍ଷ ତଳେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଏକମାତ୍ର ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ଏବେ ମାଟ୍ରିକ ପାସ୍ କରିଛନ୍ତି କ୍ଷ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଯୁକ୍ତ ୨ରେ ଆଡ୍‌ମିସନ କରିବା କଷ୍ଟକର ହୋଇପଡିଛି। ଉକ୍ତ ଖବର ପାଇ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ଟ୍ରଷ୍ଟର ସମ୍ପାଦକ ଆଲୋକ ଜେନାସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଚର ସମସ୍ତ ସଦସ୍ୟ ତାଙ୍କ ଘରେ ପହଞ୍ଚି ପ୍ରିୟଙ୍କା ପାଠ ପଢିବା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଭବିଷ୍ୟତରେ ଉଚ୍ଚଶିକ୍ଷା ନିମନ୍ତେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚ ପକ୍ଷରୁ ସିପକ ଜେନା ସାମନ୍ତ, ବ୍ରଜକିଶୋର ବିଶ୍ୱାଳ, ଜୟନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପୃଷ୍ଟି, ସବ୍ୟସାଚୀ ପଣ୍ଡା ଓ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତଥିଲେ।



# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନିୟମିତତାର ତଦନ୍ତ ଦାବି

କେନ୍ଦୁଝର, ୧୩।୭(ସମିସ)

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଶହୀଦ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ମହାବିଦ୍ୟାଳୟର ସ୍ୱାତନ୍ତ୍ର ବଜାୟ ରଖିବା ଓ ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ଭାବେ ସୁଲେଇଖମାକୁ ସ୍ଥାନାନ୍ତରିତ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ଏହା ନ ହେଲେ ନାଗରିକ ସମାଜ ଓ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ସହଯୋଗରେ ସୁରକ୍ଷା ମଞ୍ଚ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ହେଉଥିବାରୁ ତାଙ୍କୁ ନ ବଢ଼ାଇବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ମଞ୍ଚ ବିଭିନ୍ନ ଅଭିଯୋଗ ଆଣି ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛି। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି, କେନ୍ଦୁଝର ଜିଲ୍ଲାର ଅତିଥି ଅଧ୍ୟାପକଙ୍କୁ ବହିଷ୍କାର କରି କଟକର ଏକ ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟର୍ ଅଧ୍ୟାପକଙ୍କୁ ବିପୁଳ ଅର୍ଥ କାରବାର କରି ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା, ପୂର୍ବରୁ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଦକ୍ଷ ଓଏସ ଅଫିସରଙ୍କ ସ୍ଥାନରେ ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେବା, ମର୍ଯ୍ୟାଦାଜନକ ସିଣ୍ଡିକେଟରେ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାବିତ୍‌ଙ୍କୁ ଅଣଦେଖା କରି ଜିଲ୍ଲା ଓ ରାଜ୍ୟ ବାହାରର ଶିଳ୍ପପତିଙ୍କୁ ମନୋନୀତ କରିବା, ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଭାବେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସ୍ଥାପିତ ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଆଦି ଅଭିଯୋଗର ତଦନ୍ତ କରାଯିବାକୁ ମଞ୍ଚ ସରକାରଙ୍କ ନିକଟରେ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଭରତଚନ୍ଦ୍ର ପାତ୍ର, ଆବାହକ ତଥା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ, କଲେଜର ପ୍ରଥମ ବ୍ୟାଚର ଛାତ୍ର ତଥା କେନ୍ଦୁଝର ସିଟିଜେନ ଫୋରମ୍ ଉପଦେଷ୍ଟା ଇଂଜିନିୟର ଲାଲମୋହନ ରାଉତ, ଅବସରପ୍ରାପ୍ତ କଲେଜ୍ ପ୍ରିନ୍ସପାଲ ଶିକ୍ଷାବିତ୍ ଡ. ବିପିନ ବିହାରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଶୋକ ଦାସ, କଲେଜ ୟୁନିୟନର ପୂର୍ବତନ ସଭାପତି ଦିଲ୍ଲୀପ ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ସତ୍ୟଜିତ ସାମନ୍ତରାୟ, ଶିକ୍ଷାବିତ ଡ. କ୍ଷୀରୋଦ ମିଶ୍ର, ସୁପରିଚିତ ଯୁବନେତା ଇଂଜିନିୟର ପ୍ରଶାନ୍ତ ଦଳେଇ, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।



● ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏଆଇଏସ୍ଏଫ୍

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଅଖିଳ ଭାରତ ଛାତ୍ରସଙ୍ଘ, ଉତ୍କଳ ମହିଳା ସମିତି ପକ୍ଷରୁ ଇଂଟିଗ୍ରେଟେଡ ବିଇଡି ଛାତ୍ରୀ ଆତ୍ମଦାହ ଘଟଣାକୁ ନିନ୍ଦା କରି ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହାଛଡା ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ସାଂସଦ, ମନ୍ତ୍ରୀ ଓ ପୁଲିସଙ୍କୁ ପୀଡ଼ିତା ଛାତ୍ରୀ ତାଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ସମ୍ବନ୍ଧରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଅଭ୍ୟନ୍ତରୀଣ କମିଟିର ତଦନ୍ତ ନାମରେ ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଛାତ୍ରୀଜଣକ ଅସହାୟ ହୋଇ ଏପରି ଚରମ ପଦକ୍ଷେପ ନେବା ସହ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସମ୍ପୃକ୍ତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ପାଇଁ ଛାତ୍ରସଙ୍ଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସ୍ମୃତିରେଖା ସେନାପତି, କାହ୍ନୁଚରଣ ପରିଡ଼ା, ମନୋରଞ୍ଜନ ରାଉତ, ମିର୍ଜା ତୋହିଦ ବେଗ, କାଂଚନ ପରିଡ଼ା, ନମିତା ବାରିକ, ମାନସୀ ନାୟକ, ସୁଲୋଚନା ପାତ୍ର, ବନ୍ଦନା ପାତ୍ର, ଯତୀନ ପାତ୍ର, ଆଶୁତୋଷ ପରିଡ଼ା, ତପନ ସିଟ, ଭାଗବତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ସିପିଏମ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଅଭିଯୋଗ

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ କଲେଜର ବିଇଡି ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ରାଜ୍ୟରେ ଏବେ ଡବଲ ଇଂଜିନ ସରକାରଙ୍କ ନାରୀ ମାନଙ୍କୁ ସୁରକ୍ଷା ଦେବା ଦିଗରେ ବିଫଳତାକୁ ପ୍ରତିଫଳିତ କରିଛି। କିଟ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା, ରାଜ୍ୟର ଅନେକ ସ୍ଥାନରେ ଧର୍ଷଣ ଓ ହତ୍ୟା ଭଳି ଘଟଣା ଏବେ ନିତିଦିନିଆ ହୋଇଗଲାଣି ବୋଲି ଏଠାରେ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଅଭିଯୋଗ ଅଣାଯାଇଛି। ଛାତ୍ରୀଟି କଲେଜ କର୍ତ୍ତୃପକ୍ଷ, ଆଭ୍ୟନ୍ତରୀଣ ଅନୁସନ୍ଧାନ କମିଟି ଏବଂ ପୁଲିସ ପ୍ରଶାସନ କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି। ଏକ ସଭ୍ୟ ସମାଜରେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ତୁରନ୍ତ ଦୋଷୀକୁ କଠୋର ଦଣ୍ଡ ଦେବା ସହିତ ଏ ଘଟଣା କୁ ଚାପିଦେବା ପାଇଁ ଚେଷ୍ଟିତ ଥିବା କଲେଜ କର୍ତ୍ତୃପକ୍ଷକୁ ମଧ୍ୟ ଦଣ୍ଡ ବ୍ୟବସ୍ଥା କରିବାକୁ ହେବ। ସମ୍ପୃକ୍ତ ଛାତ୍ରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହିତ ରାଜ୍ୟରେ ବଢିଚାଲିଥିବା ନାରୀ ନିର୍ଯ୍ୟାତନା ବନ୍ଦ କରିବା ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଚେତାବନୀ ଦେଇଛନ୍ତି।

## ଛାତ୍ରୀ ଆତ୍ମହତ୍ୟା ଉଦ୍ୟମକୁ ନେଇ ସାମ୍ବାଦିକ ସମ୍ମିଳନୀ

# ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ବାଲେଶ୍ୱର,୧୩।୭ (ସମିସ)




ଶନିବାର ଫକୀରମୋହନ ମହାବିଦ୍ୟାଳୟ ପରିସରରେ ଜଣେ ବିଇଡି ଛାତ୍ରୀ ଉକ୍ତ ବିଭାଗର ଏଚଓଡିଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ନିଲମ୍ବିତ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ସବୁ ମହଲରେ ନିନ୍ଦା କରାଯାଉଥିବା ବେଳେ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀ କରାଯାଇଛି।

କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ, ଛାତ୍ରୀ ଜଣକ ୧୨ଦିନ ପୂର୍ବରୁ ପୁଲିସ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଧ୍ୟକ୍ଷ ୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶୃତି ଦେଇଥିଲେ। ହେଲେ ୫ ଦିନ ଯାଇ୧୨ଦିନ ହୋଇଥିଲେ ମଧ୍ୟ ପୁଲିସ ପ୍ରଶାସନ ରିପୋର୍ଟ ବାବଦରେ ଅଧ୍ୟକ୍ଷଙ୍କୁ ତାଗିଦ କ'ଣ ପାଇଁ କରି ନ ଥିଲା। ଏହାବ୍ୟତିତ ଛାତ୍ରୀ ଜଣକ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିବା ସହ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଙ୍ଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ। ଏହାଛଡା ଏହି ହୃଦୟ ବିଦାରକ ଘଟଣା ଘଟିବାରେ ସାଂସଦଙ୍କ କୌଣସି ନୈତିକ ଉତ୍ତର ଦାୟିତ୍ୱ ରହୁନି କି? ନା କେବଳ ଅଧ୍ୟକ୍ଷଙ୍କ ଉପରେ ସେ ଦୋଷାରୋପ କରି ନିଜର ଉତ୍ତର ଦାୟିତ୍ୱ କୁ ନିର୍ବାହ କରୁଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପ ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କେଉଁ କାରଣରୁ ସଂଜ୍ଞାନ ନେଲେ ନାହିଁ ଓ ଘଟଣାର ଉଚ୍ଚାସ୍ତରୀୟ ତଦନ୍ତ କଲେ ନାହିଁ ଏପରିକି ନିଜ ସରକାରର ଅପାରଗତା ଲୁଚାଇବାର ପ୍ରଚେଷ୍ଟା ଯୋଗୁଁ ଆଜି ଯେଉଁ ଘଟଣା ଘଟିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କୁହାଯାଇଛି। ବର୍ତ୍ତମାନ ସ୍ଥିତିରେ ନାରୀମାନେ ସୁରକ୍ଷିତ ନଥିବା ବେଳେ ଭଉଣୀ ମାନେ କଲେଜମାନଙ୍କରେ କେତେ ସୁରକ୍ଷିତ ରହିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜର ଅଧ୍ୟକ୍ଷ ଜଣକ ଘଟଣା ଘଟିବାର କେଇ ଘଣ୍ଟା ପୂର୍ବରୁ କେଉଁ ପରିସ୍ଥିତିରେ ପୀଡିତାଙ୍କ ସହ ଏକୁଟିଆ ଆଲୋଚନା କରୁଥିଲେ ତାହା ମଧ୍ୟ ପ୍ରଶ୍ନବାଚୀ? ବିଶେଷ କରି ତଦନ୍ତ ହୋଇଥିବା ରିପୋର୍ଟ ଅଧ୍ୟକ୍ଷଙ୍କ ଦ୍ୱାରା ସାର୍ବଜନୀନ ହେବା ପୂର୍ବରୁ କିପରି ଭାବେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ତେବେ ପ୍ରଶ୍ନ ଉଠୁଛି କିଏ ଏବଂ କାହିଁକି ରିପୋର୍ଟ ଲିକ କରିଲା? ଯେଉଁଥିପାଇଁ ପୀଡିତା ଅଧ୍ୟକ୍ଷଙ୍କୁ ଦେଖା କରିବାକୁ ଯିବା ସମୟରେ ତାଙ୍କର ଅନ୍ୟ ସହକର୍ମୀ ମାନେ ଧାରଣା ଦେବାକୁ ପ୍ରସ୍ତୁତି ଚଳାଇ ଥିଲେ। ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ଥିଲା କି ବୋଲି ପ୍ରଶ୍ନ କରିଛନ୍ତି। ପୀଡିତାଙ୍କ ମାନସିକ ସ୍ଥିତି ଠିକ ନଥିବା ଜାଣିବା ସତ୍ତ୍ୱେ ଅଧ୍ୟକ୍ଷ ନିଜ ଚ୍ୟାମ୍ବର ମଧ୍ୟରେ ବିନା କୌଣସି କମିଟି ମେମ୍ବର କିମ୍ବା ପୁଲିସର ଉପସ୍ଥିତିରେ ପୀଡିତାକୁ ରିପୋର୍ଟର ପୂର୍ବାଭାସ ଦେଇ ଆତ୍ମାହୁତି ଭଳି ଏକ ଛାତିଥରା ନିଷ୍ପତ୍ତି ନେବାକୁ ବାଧ କରିଥିଲେ କି? ଏହାଛଡା ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କ୍ୟାମ୍ପସ ଭିତରକୁ କିଏ ଏବଂ କେତେବେଳେ ପେଟ୍ରୋଲ ନେଇ ଆସିଲେ ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ନିଆଁ ଲଗେଇବା ସମୟରେ ଯେଉଁ ଛାତ୍ର ଜଣକ ଭିଡ଼ିଓ ରେକର୍ଡିଂ କରୁଥିଲେ ଏବଂ ପୀଡିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣ ଛାତ୍ରଙ୍କୁ ତଦନ ପରିସରଭୁକ୍ତ କରାଯାଉ। ଏହା କିଛି ଲୋକଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ନଥିଲା କି? ଯାହା ପରବର୍ତ୍ତୀ ସମୟରେ ଏକ ଦୁଃଖଦ ଦୁର୍ଘଟଣାରେ ପରିଣତ ହେଲା ବୋଲି ପ୍ରଶ୍ନ କରିଛନ୍ତି। ଗତକାଲି ରାତିରେ ଯେତେବେଳେ କଂଗ୍ରେସ ଦଳର ବିଧାୟିକା, ମହିଳା କଂଗ୍ରେସ ସଭାପତି ଓ ଛାତ୍ରନେତାମାନେ ଏମସକୁ ପୀଡିତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ ସେତେବେଳେ ଏବିଭିପି ଛାତ୍ର ସଙ୍ଗଠନର ଜଣେ ନାରୀ ନେତ୍ରୀ ଅଭଦ୍ରପୂର୍ଣ୍ଣ ଭାବରେ ରାସ୍ତା ଅବରୋଧ କରିଥିଲେ ଏବଂ ଯୁକ୍ତିତର୍କ କରୁଥିଲେ। ଝିଅଟିର ଜୀବନକୁ ବାଜିରେ ଲଗାଇ ଏସବୁ ଘଟଣାର ରାଜନୈତିକ ଫାଇଦା ଉଠେଇବାକୁ ପ୍ରଚେଷ୍ଟା କରୁଛନ୍ତି କି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜିଲ୍ଲା ସଭାପତି ସଂଜୀବ ଗିରି, ସୁଦର୍ଶନ ଜେନା, ପୂର୍ବତନ ବିଧାୟକ ସରୋଜ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ପିସିସି ମେମ୍ବର ଗୋପୀନାଥ ପାଢ଼ୀ, ଉପସଭାପତି ରଞ୍ଜନ ଦାସ, ଯୁବ ସଭାପତି ଗୌତମ ସାହୁ, ଛାତ୍ର ସଭାପତି ଜଗନ୍ନାଥ ମହାପାତ୍ର, ଛାତ୍ର ନେତା ଶ୍ରୀକାନ୍ତ ବୁଗୁଡାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ

ବସ୍ତା ବ୍ଲକ, ୧୩।୭ (ସମିସ): ବସ୍ତା ଥାନା ଅନ୍ତର୍ଗତ ମଛଦା ଗ୍ରାମର ଜନୈକା ଶିଶୁ କନ୍ୟା ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣା ପଡିଛି। ରବିବାର ଅପରାହ୍ନ ରେ ଏହି ଗ୍ରାମର ରାଜେଶ ମୈକାପଙ୍କ ୩ ବର୍ଷ ର ଝିଅ ପ୍ରତିଜ୍ଞା ପରିବାର ଲୋକଙ୍କ ଅଜାଣତରେ ନିକଟରେ ଥିବା ଗଡିଆକୁ ଯାଇ ବୁଡି ଯାଇଥିଲା। ଝିଅକୁ ପରିବାର ଲୋକେ ଖୋଜାଖୋଜି କରି ଗାଡିଆ ରୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ଆଣିଥିଲେ। ମାତ୍ର ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ।



# ମନହର ଲାଲ୍ ପାଲା ତରଫରୁ ରକ୍ତଦାନ ଶିବିର




ବାଲେଶ୍ୱର,୧୩।୭ (ସମିସ): ମନହର ଲାଲ୍ ପାଲା କେବଳ ନାରୀମାନଙ୍କର ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ନାହିଁ ବରଂ ସଭିଁଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ ବୋଲି ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ମନହର ଲାଲ୍ ପାଲାର ଯୁଗ୍ମ ମୁଖ୍ୟ ପରିଚାଳକ କମଲେଶ ପାଲା ଓ ରାକେଶ ପାଲା ଗତ କାଲି ମୁଖ୍ୟ ଚିକିତ୍ସାଳୟରେ ରେଡ କ୍ରସ ସହ ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ଏକ ରକ୍ତଦାନ ଶିବିର ଆୟୋଜିତ କରିଥିଲେ। ଏହି ଶିବିରକୁ ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଉଦଘାଟନ କରିଥିବା ବେଳେ ବାଲେଶ୍ୱର ରୋଟରୀ କ୍ଲବର ଅନ ସି ସଭାପତି ମୁକ୍ତାର ଅହମଦ, ବାଲେଶ୍ୱର ଲାୟନ୍ସ କ୍ଲବର ଜେଡ଼ ସି ଆନନ୍ଦ ମହାଞ୍ଚୀ, ଗୁଜୁରାଟି ସମାଜରୁ ସତୀଶ ଜଟାନିଆ, ମିତେଶ ମେହେତା ଏବଂ ରାଜୀବ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ରକ୍ତ ଅଭାବ ଦ୍ୱାରା ନାହିଁ ନଥିବା ଅସୁବିଧା ସମ୍ବନ୍ଧରେ ରକ୍ତଦାତାମାନଙ୍କୁ ସୂଚାଇଥିଲେ। ରକ୍ତ ଦାନ କରିବା ଦ୍ୱାରା ନିଜେ ଆରୋଗ୍ୟ ରହିବା ସହ ଅନ୍ୟର ଜୀବନକୁ ବଞ୍ଚାଇବାରେ ଆମେ ସହାୟ ହୋଇ ପାରିବା ବୋଲି ଆଲୋକପାତ କରିଥିଲେ। ଏଥି ସହିତ ନିଜେ ମଧ୍ୟ ରକ୍ତଦାତା ହେବାର ସୌଭାଗ୍ୟକୁ ହାତ ଛଡା କରିବା ଉଚିତ ନୁହଁ ବୋଲି କହି ନିଜେ ମଧ୍ୟ ଅତିଥିମାନେ ରକ୍ତଦାନ କରିଥିଲେ। ଏହା ପ୍ରତି ବର୍ଷ କିପରି ସୁଚାରୁ ରୂପେ ଆୟୋଜନ ହୋଇପାରିବ ଏବଂ ଅଧିକରୁ ଅଧିକ ରକ୍ତ ଦାତା ଏଥିରେ ସାମିଲ ହୋଇ ପାରିବେ ସଂସ୍ଥାର ମୁଖ୍ୟ ଆଶା ପ୍ରକାଶ କରିଥିଲେ। ପ୍ରଥମ ବର୍ଷ ଆୟୋଜନ କରି ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତା ଏବଂ ରକ୍ତଦାତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୧୩।୭ (ସମିସ): ମାନବ ରକ୍ତର ବିକଳ୍ପ ନାହିଁ। ଜଣେ ରକ୍ତଦାତା ହିଁ ରକ୍ତଦାନ କରି ଅନ୍ୟଜଣଙ୍କର ଜୀବନରକ୍ଷା କରିପାରିବ। ତେଣୁ ରକ୍ତଦାନ ହିଁ ହେଉଛି ମହତଦାନ। ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ୧୫ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଅତିଥି ଓ ବକ୍ତାମାନେ ଏହିମତ ପ୍ରଦାନ କରିଛନ୍ତି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ସମ୍ମାନିତ ଅତିଥି ଓ ବକ୍ତାଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡ ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ସଙ୍ଗଠନର ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗତବର୍ଷରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜକ,ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ବ୍ୟକ୍ତି ଓ ସଙ୍ଗଠନମାନଙ୍କୁ ସଂଘ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୃଷ୍ଠପୋଷକ ସଦସ୍ୟ ଭାବେ ଜିଲ୍ଲା ରକ୍ତଦାତା ସଂଘକୁ ୫୦ହଜାର ଟଙ୍କା ଦାନ କରିଥିବାରୁ ସମାଜସେବୀ ପଦ୍ମଲୋଚନ ଦତଙ୍କୁ ଉପାୟନ ପ୍ରଦାନ କରାଯାଇଥିଲା। ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଅଧିବେଶନରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ପୁରୀ ଜିଲ୍ଲା ଚନ୍ଦନପୁରର 'ଉତ୍କଳ ଡ୍ୟାନ୍ସ ଗ୍ରୁପ'ର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଯଶୋଦାନନ୍ଦନ ଆସ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ଜନତ ହୁସେନ, ଶ୍ୟାମସୁନ୍ଦର ଜେନା ଓ ଦେବାଶିଷ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ସାମ୍ବାଦିକ ରବି ରାଉତ ନିର୍ବାଚନ ପରିଚାଳନା କରିଥିଲେ। ବିଜୟ ପାତ୍ର ଏହି ଅଧିବେଶନରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ଏଫ୍ଏମ୍ କଲେଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ

ବାଲେଶ୍ୱର,୧୩।୭ (ସମିସ)



ବାଲେଶ୍ୱର ପାଇଁ ଗର୍ବ ଓ ଗୌରବ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ। ମାତ୍ର ଗତ ଶନିବାର ଘଟିଥିବା ଘଟଣା କଲେଜକୁ କଳଙ୍କିତ କରିଛି। କଲେଜ ଇତିହାସରେ କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଗଲା। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆସୁଥିବା ଛାତ୍ରୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ ଆଲୋଡନ ସୃଷ୍ଟି କରିଛି।

ପୀଡିତା ଛାତ୍ରୀଙ୍କ ଶରୀରର ୯୦ ଭାଗ ଜଳିଯାଇଛି। ସେ ବର୍ତ୍ତମାନ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। କଲେଜ ଛାତ୍ରୀ ନ୍ୟାୟ ନପାଇ ନିଜକୁ ଜାଳିବାକୁ ଉଦ୍ୟମ କଲେ ଏବଂ କଲେଜ ପରିସରରେ ଏପରି ଘଟିବା ଘଟଣା ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀଙ୍କ ସୁରକ୍ଷା, କଲେଜର ପରିବେଶ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ଅଧିକ ତଦନ୍ତ ମଧ୍ୟ ଚାଲିଛି। ଏପରି ଏକ ଘଟଣା ନାରୀର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

## କ'ଣ କହୁଛନ୍ତି ଏମାନେ...



◆ଏହା ଏକ ନିନ୍ଦନୀୟ ଘଟଣା। କେବଳ ବାଲେଶ୍ୱର ଜିଲ୍ଲା ପାଇଁ ନୁହେଁ ବରଂ ସମଗ୍ର ଭାରତ ବର୍ଷ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଯେଉଁ ମାନସିକତା ରଖି ବାପାମାଆ ମାନେ ପିଲାଙ୍କୁ ପାଠ ପଢ଼ିବାକୁ ପଠାଉଛନ୍ତି ଏବଂ ନିଜକୁ ସୁରକ୍ଷା ଭାବେ ଗଢି ତୋଳିବେ ବୋଲି ଭାବୁଛନ୍ତି। କିନ୍ତୁ ଏପରି ଘଟଣା ପରେ ବର୍ତ୍ତମାନ ବାପାମାଆଙ୍କ ଆଶା ଆକାଂକ୍ଷା ଆଉ କ'ଣ ରହିବ। ବ୍ୟବସ୍ଥା ପୁରା ଫେଲ୍ ମାରିଛି। ଏଠି ପୁଲିସ ବିଭାଗ, ଶାସନ, କଲେଜ କର୍ତ୍ତୃପକ୍ଷ ତଥା କଲେଜ ଅଧ୍ୟକ୍ଷ, କୋର୍ କମିଟିରେ ଥିବା ଅଧ୍ୟାପକ, ଅଧ୍ୟାପିକା ସମସ୍ତେ ଦାୟୀ। ଏଥିସହିତ କୋର୍ କମିଟିରେ ଥିବା ନାରୀ ସଂଘ ସଭାପତି ନାରୀର ସ୍ୱରକୁ ଶାଣିତ କରିବା କଥା। ସେ କ'ଣ ରକ୍ଷା କବଚ ସାଜି ପାରିଲେନି। ସେହି କଲେଜର ଛାତ୍ରୀ ହିସାବରେ ମୋତେ ଆଜି ଲଜ୍ଜା ଲାଗୁଛି।

ପ୍ରଜ୍ଞା ପାରମିତା ମହାନ୍ତି, କଂଗ୍ରେସ ନେତ୍ରୀ



◆ବାଲେଶ୍ୱରରେ ଏଭଳି ଏକ ଘଟଣା ଝିଅମାନଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇବାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ କଲେଜରେ ଛାତ୍ରଙ୍କ ଭବିଷ୍ୟତ ଅଧ୍ୟାପକ ଉପରେ ନିର୍ଭର କରିଥାଏ। ଆଉ ଗୋଟେ ଝିଅ ଯଦି ନିଜ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ନାହିଁ ତାହେଲେ ଆଉ କେଉଁଠି ସିଏ ନିଜକୁ ସୁରକ୍ଷିତ ଭାବିବ। ମୁଁ ବି ଦିନେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଥିଲି। ଆଉ ଆଜି ସେହିପରି ନାମୀଦାମୀ କଲେଜରେ ଆଜି ଏହି ସବୁ ଘଟଣା ଘଟୁଥିବା ବିଷୟରେ ଶୁଣିବାକୁ ମିଳୁଛି। ଯାହା ଅତ୍ୟନ୍ତ ନିନ୍ଦନୀୟ। କଲେଜ ସମେତ ବାଲେଶ୍ୱରର ନାମ ମଧ୍ୟ ଖରାପ ହେବାରେ ଲାଗିଛି। ଗୋଟେ ଛାତ୍ରୀ ପ୍ରତି ଅଧ୍ୟାପକଙ୍କ ଏଭଳି ବ୍ୟବହାର କେବେ ବି ଗ୍ରହଣୀୟ ନୁହେଁ। ପ୍ରତି କଲେଜରେ ଛାତ୍ରୀଙ୍କ ସୁରକ୍ଷା ଦିଗରେ କଲେଜ କର୍ତ୍ତୃପକ୍ଷ ଚିନ୍ତା କରିବା ଦରକାର। ଏପରି ଘଟଣା ଯେପରି ପୁର୍ନବାର ନଘଟୁ ସେଦିଗରେ ସମସ୍ତେ ପଦକ୍ଷେପ ଗ୍ରହଣ କରିବା ଉଚିତ୍।

ଶୁଭଲଗ୍ନା ପାଣିଗ୍ରାହୀ, ଗୃହିଣୀ/ଇନଫ୍ଲୁଏନ୍ସର୍



◆ହାଇସ୍କୁଲଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉ। ଯୌନ ନିର୍ଯ୍ୟାତନା ପାଇଥିବା ଝିଅମାନେ ଆଭ୍ୟନ୍ତରୀଣ କମିଟିକୁ ଜଣାନ୍ତୁ। ଏହି କମିଟିର ଚେୟାରମ୍ୟାନ ହେଉଛନ୍ତି କଲେଜର ଅଧ୍ୟକ୍ଷ। କଲେଜ ଅଧ୍ୟକ୍ଷ ତୁରନ୍ତ ଘଟଣାର ତଦନ୍ତ କରି ଝିଅମାନଙ୍କୁ ନ୍ୟାୟ ଦେବା ଦରକାର। ଏହି ଘଟଣାର ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ। ଦଣ୍ଡ ଦିଆନଗଲେ ଏପରି ଘଟଣାକୁ ରୋକି ହେବ ନାହିଁ। ଏହାବ୍ୟତୀତ କଲେଜର ଆଭ୍ୟନ୍ତରୀଣ କମିଟି ଯଦି ସେମାନଙ୍କ କଥା ଠିକ୍ ଭାବେ ନବୁଝେ ତେବେ ଜିଲ୍ଲାରେ ଲୋକାଲ୍ ଅଭିଯୋଗ କମିଟି ଜଣାଇବାକୁ ନେଇ ଝିଅମାନଙ୍କୁ ସଚେତନ କରାଯାଉ। ପୀଡିତାକୁ କାଉନସେଲିଂ କରାଯାଉ। ଏହାବାଦ ମଧ୍ୟ ଫାଷ୍ଟ ଟ୍ରାକ କୋର୍ଟର ସହଯୋଗ ନେଇପାରିବେ। ଝିଅଟି ଯେତେବେଳେ ସବୁଆଡେ ଅସହାୟ ହୋଇଯାଏ ସେତେବେଳେ ନିଜ ଉପରେ ଚରମ ନିଷ୍ପତ୍ତି ନିଏ। ଏପରି ଚରମ ପଦକ୍ଷେପ ଏଡ଼ାଇବା ପାଇଁ ପ୍ରଥମରୁ ତଦନ୍ତ ଠିକ୍ ଭାବେ କରାଯାଉ।

ସ୍ନେହଲତା ଦାସ, ଆଇନଜୀବୀ ତଥା ଲୋକାଲ୍ ଅଭିଯୋଗ କମିଟିର ସଦସ୍ୟା



◆ଯାହା ଘଟିଛି ତାହା ନିହାତି ଦୁର୍ଭାଗ୍ୟଜନକ। ଏଦିଗରେ ପିଲାମାନଙ୍କୁ ଠିକ୍ ଭାବରେ ବୁଝିବା କଲେଜର ସମସ୍ତ କର୍ମଚାରୀଙ୍କ ଦାୟିତ୍ୱ ରହିଛି। କାରଣ ଏହି ବୟସରେ ପିଲାମାନଙ୍କୁ ଠିକ୍ ଭାବେ ବୁଝିବା ଦରକାର। ଆମେ ମନ ଇଚ୍ଛା ଯାହା ପିଲାମାନଙ୍କୁ କହିଦେବା ତାହା ଠିକ୍ ନୁହେଁ। ପ୍ରଥମ ଅଧ୍ୟାପକ, ଅଧ୍ୟାପିକା ହିସାବରେ ପ୍ରଥମ ପିଲାମାନଙ୍କର ମନସ୍ତତ୍ତ୍ୱକୁ ବୁଝିବା ଦରକାର। କିନ୍ତୁ ନ୍ୟାୟ ପାଇଁ ଏମିତି ବାଟ ଆପଣେଇବା ଜମା ଠିକ୍ ନୁହେଁ। ଧୈର୍ଯ୍ୟ ବି ରହିବା ଦରକାର। ଏଠି ସମସ୍ତେ ସଫାସୁତୁରା ନୁହନ୍ତି। କାହାର ନା କାହାର ଦୋଷ ଅଛି। ପରିସ୍ଥିତିକୁ ଠିକ୍ ଭାବେ ସମ୍ଭଳା ଯାଇନି। ଫଳରେ ଛାତ୍ରୀ ଜଣକ ଏପରି ନିଷ୍ପତ୍ତି ନେଇଛନ୍ତି। ଏପରି ଘଟଣାରେ ଛାତ୍ରୀଙ୍କୁ କାଉନସେଲିଂ କରିବାର କଥା। ନ୍ୟାୟ ନମିଳିବାରୁ ଅତିଷ୍ଠ ହୋଇ ଏପରି କରିଛନ୍ତି।

ଝାନସୀ ଜେନା, ଅଧକ୍ଷା, କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ



◆ସରକାରୀ କଲେଜଗୁଡିକରେ ଯେତେବେଳେ ଶାରୀରିକ ହେଉ ଅବା ମାନସିକ ନିର୍ଯ୍ୟାତନାର ଅଭିଯୋଗ ଆସୁଛି ସେତେବେଳେ ଏହାକୁ ଗୁରୁତର ସହ ନିଆଯାଇ ଦୋଷୀକୁ ଦଣ୍ଡ ଦିଆଯାଉ। ଏହାବ୍ୟତୀତ କଲେଜ କମିଟିରେ କଲେଜ ସଂଗଠନ ବା ଛାତ୍ରଛାତ୍ରୀ ରହିବା ଦରକାର ଯେଉଁମାନଙ୍କର ପ୍ରମାଣ ଓ ବୟାନକୁ ବି ଦୃଷ୍ଟିକୁ ନିଆଯିବା ଜରୁରୀ। କାରଣ ମୁଁ ପ୍ରାଇଭେଟ୍ କଲେଜରେ ଆର୍କିଟେକଚର୍ ପଢିଛି। ପ୍ରାଇଭେଟ୍ କଲେଜରେ ଯେତେବେଳେ ସମାନ ଘଟଣା ଘଟିଥିଲା ସେତେବେଳେ କେବଳ ଦୁଇ ଜଣ ପିଲାଙ୍କୁ ବୟାନରେ ସେଇ ଶିକ୍ଷକଙ୍କୁ ତୁରନ୍ତ ବାହାର କରିଦିଆଯାଇଥିଲା ଏବଂ କଡା ପଦକ୍ଷେପ ନିଆଯାଇଥିଲା। ଫଳରେ ସେ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି କଲେଜରେ ଚାକିରି କରିପାରିଲେ ନାହିଁ। ତେଣୁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ପରି ସରକାରୀ କଲେଜରେ କାହିଁକି କଠୋର ପଦକ୍ଷେପ ନେଉନାହାନ୍ତି। ସବୁବେଳେ ପିଲାମାନଙ୍କୁ ଡୋମିନେଟ୍ କରିବା ଏବଂ ଶିକ୍ଷକଙ୍କୁ ସୁରକ୍ଷା ଦେବା ଅଭିନବ ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ଏହାବ୍ୟତୀତ କଲେଜରେ ଯଦି ଅଗ୍ନି ନିର୍ବାପକ ଯନ୍ତ୍ର ଥାଆନ୍ତା ତାହେଲେ ଝିଅଟି ସୁରକ୍ଷିତ ଥାଆନ୍ତେ। କଲେଜଗୁଡିକ ଏସବୁ ନିୟମ ଅବମାନନା କାହିଁକି କରୁଛନ୍ତି ତଦନ୍ତ କରିବା ଆବଶ୍ୟକ।

ପ୍ରତ୍ୟାଶା ପାତ୍ର, ଆର୍କିଟେକ୍ଟ

◆ଝିଅଟି ଏବିଭିପିର ଷ୍ଟୁଡେଣ୍ଟ ଲିଡର୍। ସେ ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କଠୁ ଆରମ୍ଭ କରି ସାଂସଦ, ବିଧାୟକ, ମୁଖ୍ୟମନ୍ତ୍ରୀ ଏବଂ କମିଶନର୍ଙ୍କୁ ଜଣାଇଥିଲେ। ସେ ଝିଅ ଜଣକ ଶାସକ ଦଳର ୟୁନିୟନର କର୍ମକର୍ତ୍ତା ହୋଇ ମଧ୍ୟ ସୁରକ୍ଷିତ ହୋଇପାରୁ ନାହାନ୍ତି ତାହେଲେ ସାଧାରଣ ଝିଅଟି କ'ଣ କରିବ। ଏହାବ୍ୟତୀତ ଫକୀରମୋହନଙ୍କ ନାମରେ ନାମିତ କଲେଜକୁ ନେଇ ଆମେ ଯେଉଁ ଗର୍ବ କରୁ ସେଇ କଲେଜରେ ଏପରି ଘଟଣା ଘଟିବା ପଛରେ ନିଶ୍ଚୟ ଅନ୍ୟ କିଛି କାରଣ ରହିଛି। କଲେଜର ଅଧ୍ୟକ୍ଷଙ୍କ ସମେତ ସାଂସଦ ଓ ବିଧାୟକ ମଧ୍ୟ ସମାନ ଭାବେ ଦାୟୀ। ସେମାନେ ସବୁ ଜାଣି ମଧ୍ୟ ଝିଅକୁ ସୁରକ୍ଷା ଦେଇପାରିଲେ ନାହିଁ। ଏବିଭିପିର ପିଲା ଯେଉଁମାନେ ସେ ଝିଅ ସହ ଥିଲେ ସେମାନେ ମଧ୍ୟ ସୁରକ୍ଷା ଦେଇପାରିଲେ ନାହିଁ। ଏହି ଡବଲ୍ ଇଞ୍ଜିନ ସରକାରରେ ନାରୀ, ଶିଶୁ, ଛାତ୍ରୀ କେହି ସୁରକ୍ଷିତ ନୁହନ୍ତି। ଆମେ ପ୍ରତିଦିନ ଦେଖୁଛୁ ମହିଳା ମାନେ ନିର୍ଯାତିତ ହେଉଛନ୍ତି। ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।



ଅର୍ଚ୍ଚନା ନନ୍ଦୀ, ପିସିସି ସଦସ୍ୟ



◆ଫକୀରମୋହନ କଲେଜର ଛାତ୍ରୀ ଆଜି ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ସେ ନ୍ୟାୟ ପାଇଁ ପୁଲିସଠୁ ଆରମ୍ଭ କରି କଲେଜ ଅଧ୍ୟକ୍ଷ, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ ସମସ୍ତେ ନୀରବ ରହିଲେ। ଫଳରେ କଲେଜ ପରିସରରେ ଏହିପରି ଏକ ଘଟଣା ଘଟିଲା। ସରକାର 'ବେଟି ପଢାଓ, ବେଟି ବଚାଓ' ନାରା ଦେଉଛନ୍ତି ହେଲେ ଆଜି ଛାତ୍ରୀମାନଙ୍କର ସୁରକ୍ଷା ନାହିଁ। ନିକଟରେ ଗୋପାଳପୁରରେ ଏକ ଘଟଣା ଘଟିଛି। ଯାହା ନାରୀ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ତେଣୁ କଲେଜ ଘଟଣା ପଛରେ ଯେଉଁ ମାନେ ସାମିଲ ଅଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ।

ସଂଯୁକ୍ତା ସାହୁ, ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟା

## ଶୋଇପଡ଼ିଛି ଆଳି ଅବକାରୀ ବିଭାଗ

# ବଢ଼ିଚାଲିଛି ଚୋରାମଦ କାରବାର; କାର୍ଯ୍ୟାନୁଷ୍ଠାନ ଦାବି

ଆଳି, ୧୩।୭ (ସମିସ)

ଏବେ ଗାଁରୁ ବଜାର ଚୋରାମଦ କାରବାର ଚରମ ସୀମାରେ ପହଞ୍ଚିଛି। ଯେଉଁଠି ଖୋଜିବ ମିଳିବ ମଦ। ଗାଁରେ ଛୋଟ କେବିନଟିଏ ହେଉ କି ବଜାରରେ ପାନ ଦୋକାନଠୁ ଆରମ୍ଭ କରି ରାସନ ଦୋକାନରେ ମିଳିଯାଏ ମଦ। ତେବେ ସବୁ ଜାଣି ଯେମିତି ଅଜଣା ଅବକାରୀ ବିଭାଗ। ଯେମିତି ମନେହୁଏ ଅବକାରୀ ବିଭାଗ ଶୋଇପଡ଼ିଛି। ଅବକାରୀ କାର୍ଯ୍ୟାଳୟରେ ଝୁଲୁଛି ତାଲା। ବର୍ଷେ ପୂର୍ବେ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲେ ହେଁ କର୍ମଚାରୀଙ୍କ ଦେଖାମିଳୁନି। ଫଳରେ ଚୋରାମଦ ବେପାରୀ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଏଭଳି କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।




ଚୋରାମଦ କାରବାର ରୋକିବାକୁ ରାଜ୍ୟ ସରକାରଙ୍କ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଅବକାରୀ ଥାନା ପ୍ରତିଷ୍ଠା ହୋଇଛି। ଆଳିରେ ଅବକାରୀ ବିଭାଗର ନୂତନ ଥାନା ଉଦ୍‌ଘାଟନ ସରିଥିଲେ ବି ଝୁଲୁଛି ତାଲା। ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ କୌଣସି କର୍ମଚାରୀଙ୍କ ଦେଖାନାହିଁ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରେ ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନାର କାର୍ଯ୍ୟାଳୟ ୨୦୨୪ ଫେବୃଆରୀ ୨୭ ତାରିଖରେ ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅବକାରୀ ଅଧୀକ୍ଷକ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା ଉଦଘାଟନ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ଅବକାରୀ ବିଭାଗ କର୍ମଚାରୀଙ୍କ ଦର୍ଶନ ମିଳୁନାହିଁ। କାର୍ଯ୍ୟାଳୟ ପରିସର ଅନାବନା ଗଛରେ ଭର୍ତ୍ତି ହୋଇ ଛୋଟ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି କାର୍ଯ୍ୟାଳୟ ବିଲ ମଝିରେ ଓ ଆଳି କୋର୍ଟ, ଅଗ୍ନିଶମ କେନ୍ଦ୍ର ପଛ ପଟେ ହୋଇଥିବାରୁ ଗମନାଗମନର ସୁବିଧା ନ ଥିବା କାରଣରୁ ଅଧିକାଂଶ ଲୋକ ସମସ୍ୟା ନେଇ ଅଫିସ ଖୋଜିଲେ ପାଉନାହାନ୍ତି। ସାମାନ୍ୟ ବର୍ଷା ହେଲେ ପାଣି କାଦୁଅରେ ଅଫିସକୁ ଯାଇ ହେଉନାହିଁ। ସବୁ ଅସୁବିଧାକୁ ଡେଇଁ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଅଫିସରେ ତାଲା ଝୁଲିବା ଦେଖିବାକୁ ମିଳେ। ଅନ୍ୟପକ୍ଷରେ ନିମ୍ନମାନର କାମ ହୋଇଥିବାରୁ ଟାଇଲ ଭାଙ୍ଗିଗଲାଣି, ପାଚେରି ଅଧା ପ୍ଲାଷ୍ଟର ହୋଇରହିଛି। ସେହିପରି ନୂତନ ଅବକାରୀ ଥାନା ଉଦଘାଟନ ସରିଥିଲେ ହେଁ ଭଡ଼ାଘରେ କାର୍ଯ୍ୟାଳୟ ଚାଲିଛି। ନୂଆ ଥାନା ନିର୍ମାଣ ହୋଇଥିବାବେଳେ କ'ଣ ପାଇଁ ତାହା ଖୋଲୁନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଳି ଅଞ୍ଚଳରେ ନିଶା କାରବାର ବହୁ ମାତ୍ରାରେ ବୃଦ୍ଧି ପାଇଥିବାବେଳେ ଅବକାରୀ ଅଧିକାରୀ କ'ଣ କରୁଛନ୍ତି ବୋଲି ମିଳିତ ଓଡ଼ିଶା ନିଶା ନିବାରଣ କମିଟି ଆଳି ଶାଖାର ବୀରକିଶୋର ପଣ୍ଡା, ଲକ୍ଷ୍ମୀଧର ଦୀକ୍ଷିତ, ଗୋବିନ୍ଦ ନନ୍ଦ, ବିଦ୍ୟାଧର ପଣ୍ଡା, ସୋହନା ବେଗମ, ଧନେଶ୍ୱର ରାଉତ ପ୍ରମୁଖ ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଅବକାରୀ ବିଭାଗର ଉପରିସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଆଳିବାସୀ ଦାବି କରିଛନ୍ତି। ଏ ନେଇ ବହୁବାର କାର୍ଯ୍ୟାଳୟକୁ ପ୍ରତିକ୍ରିୟା ପାଇଁ ଯାଇଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ଜଗତସିଂହପୁର,୧୩।୭ (ସମିସ):** ଦିନକୁ ଦିନ ଗାଡ଼ି ସଂଖ୍ୟା ବଢି ଚାଲିଥିବାବେଳେ ରାସ୍ତା ନିର୍ମାଣ ଓ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ଆଳରେ ଲକ୍ଷ ଲକ୍ଷ ଗଛ କଟାଯାଉଛି। ଯଦ୍ୱାରା ପରିବେଶ ଉପରେ ଏହାର କୁପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ପରିବେଶ ସୁରକ୍ଷା ନିମନ୍ତେ ଜଗତସିଂହପୁର ବିଜେପି ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ମଣ୍ଡାସାହି ମଣ୍ଡଳର ଗଡେଶ୍ୱର ମହାଦେବଙ୍କ ପୀଠରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସହ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ପ୍ରାକ୍ତନ ମଣ୍ଡଳ ସଭାପତି ଶିଶିର ପାତ୍ର, ବର୍ତ୍ତମାନର ମଣ୍ଡଳ ସଭାପତି ପବିତ୍ର ଜେନା ପ୍ରମୁଖ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବା ସହିତ ମନ୍ଦିର ପାଶ୍ୱର୍ରେ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ବେହେରା, ସୁମିତ୍ରା ଜେନା, ପ୍ରଶାନ୍ତ କୁମାର ମହାରଣା, ଅଜୟ କୁମାର ରଥ, ଲିଙ୍ଗରାଜ ରଥ, ସୁଶାନ୍ତ କୁମାର ମହାନ୍ତି, ନିରଞ୍ଜନ ପୃଷ୍ଟି, ସୌମ୍ୟରଞ୍ଜନ ଓଝା, ସଂଗ୍ରାମ କିଶୋର ଭୋଇ ଓ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭକ୍ତି ପରିବାର ପକ୍ଷରୁ ଗୁରୁ ପୂଜନ ଓ ଯଜ୍ଞ



**ପାରାଦୀପ,୧୩।୭ (ସମିସ):** ଅରଡା, ଏରସମା, ସମାଗୋଳ ଭକ୍ତି ପରିବାର ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳ ସମେତ କଟକର ବହୁ ଭକ୍ତ ଓ ଶିଷ୍ୟ ଭକ୍ତି ଓ ଶ୍ରଦ୍ଧାର ସହ ଗୁରୁପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ଏକାକ୍ଷର ନାମ ସଂକୀର୍ତ୍ତନ ଓ ଯଜ୍ଞ ଭକ୍ତି ବାବାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଭକ୍ତି ବାବା ଉପସ୍ଥିତ ସମସ୍ତ ଶିଷ୍ୟଙ୍କୁ ଆଶୀର୍ବାଦ ଦେବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବାବାଙ୍କ ପୁତ୍ର, ପୁତ୍ରବଧୂ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ।

## ଘାସଫୁଲ ସାହିତ୍ୟ ସଂସଦ ପକ୍ଷରୁ ଚାରାରୋପଣ

**ବାଲିକୁଦା,୧୩।୭ (ସମିସ):** ବାଲିକୁଦା ଘାସଫୁଲ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ତଥା



ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅପଣ୍ଡରା ପଞ୍ଚାୟତ ଦେବୀ ନଦୀ କୂଳରେ ୧୨୦ ତାଳ ଚାରା ରୋପଣ କରାଯାଇଥିଲା। ବର୍ଷାଦିନେ ବଜ୍ରାଘାତରେ ଅନେକ ମୃତାହତ ହେଉଥିବାବେଳେ ତାଳ ଏହାର ପ୍ରତିକାର ପାଇଁ ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଦସ୍ୟ ଓମ ପରିଡା, ବିଶ୍ୱରଞ୍ଜନ ମହାନ୍ତି, ସିପୁନ ବାହାଲିଆ, ରାହୁଲ ପରିଡା, ପାର୍ଥସାରଥୀ ବେହେରା, ରିଙ୍କୁନ ବେହେରା, ପ୍ରଣବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ

**ଏରସମା,୧୩।୭ (ସମିସ):** ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାୟୀ ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଇଦା ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ମେଧାବୀ



ଛାତ୍ରଛାତ୍ରୀଙ୍କୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟତମ ଅତିଥି ରୂପେ ପୋଖରୀଆପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ କୁମାର ଜେନା, ମଞ୍ଚର ସମ୍ପାଦକ ନିରୋଦ କୁମାର ବେଉରା, ଉପସଭାପତି ଦୋଳଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଅବସର ସମୟରେ ବରିଷ୍ଠ ନାଗରିକ ବିଭିନ୍ନ ସାମାଜିକ କାମ ପାଇଁ ଆଗେଇ ଆସିବାକୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ବୃକ୍ଷ ରୋପଣ ଭଳି ସାମାଜିକ କାର୍ଯ୍ୟ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ନିକଟସ୍ଥ ଚମେଶ୍ୱର ଉଚ୍ଚବିଦ୍ୟାଳୟ, ଅସରଣା ଉଚ୍ଚବିଦ୍ୟାଳୟ, ପୋଖରୀଆପଡା ଉଚ୍ଚବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା।

## ଜନାପାଳ ସତ୍ୟପୀର ପୀଠରେ ନିଆରା ମହରମ

**କୁଜଙ୍ଗ,୧୩।୭ (ସମିସ):** ସାରା ବିଶ୍ୱରେ ମୁସଲମାନ ଧର୍ମାବଲମ୍ବୀ ତ୍ୟାଗ ଓ ପବିତ୍ରତାର ପର୍ବ ମହରମ ପାଳନ୍ତି। ଏହାର ଅବ୍ୟବହିତ ପୂର୍ବରୁ ପଙ୍କପାଳ ପଞ୍ଚାୟତର ଜନାପାଳ ଗ୍ରାମରେ ଡୋଲି ଓଷା ପାଳନ କରାଯାଏ। ଏହାର ମୂଳ ଉଦ୍ଦେଶ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆବେଗ ଓ ଶ୍ରଦ୍ଧା ଅତୁଟ ରଖିବା। ଜନାପାଳ ଗ୍ରାମରେ ଥିବା ସତ୍ୟପୀର ପୀଠରେ ଏହି ପର୍ବ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ପାଳନ କରନ୍ତି। ଏହି ଗ୍ରାମରେ ମାତ୍ର ୮ଟି ସଂଖ୍ୟାଲଘୁ ପରିବାର ରହିଛନ୍ତି। ଶାନ୍ତି ଓ ଭାଇଚାରା ମଧ୍ୟରେ ରହିଆସିଥିବା ଉଭୟ ସମ୍ପ୍ରଦାୟ ବହୁ ପର୍ବ ପୃଥକ ପୃଥକ ପର୍ବ ପାଳନ କରୁଥିବା ସ୍ଥଳେ ମହରମକୁ ଏଠାରେ ହିନ୍ଦୁମାନେ ଡୋଲି ଓଷା ରୂପେ ପାଳନ କରିଥା'ନ୍ତି। ଏହି ଅଞ୍ଚଳର ବହୁ ବ୍ୟକ୍ତି ସେମାନଙ୍କ ପୁତ୍ର ସନ୍ତାନକୁ ଲଣ୍ଡିତ ମସ୍ତକ କରି ଫକୀର ବେଶରେ ତାଜିଆ ଧରି ଗ୍ରାମ ପରିକ୍ରମା କରାନ୍ତି। ପ୍ରାୟ ୧୩୧୭ରୁ ଏହା ପାଳିତ ହୋଇଆସୁଥିବାବେଳେ ଏବେ କିନ୍ତୁ ଆଗପରି ଉତ୍ସାହ ଦେଖିବାକୁ ମିଳୁ ନ ଥିବା ଗ୍ରାମର ମୁରବୀ ସନ୍ତୋଷ ଦାସ କହିଛନ୍ତି। ଚଳିତ ବର୍ଷ ଏହି ପର୍ବ ପାଳନ କରାଯାଉଛି। ଜନାପାଳ ସତ୍ୟପୀର ପୀଠ ଉଭୟ ସମ୍ପ୍ରଦାୟର ବିଶ୍ୱାସ ଓ ଶ୍ରଦ୍ଧାସ୍ଥଳୀ। ମହରମ ତିଥିର ୧୦ ଦିନ ପୂର୍ବରୁ ଏଠାରେ ଉତ୍ସବ ଆରମ୍ଭ ହୋଇଥାଏ। ପ୍ରତି ହିନ୍ଦୁ ପରିବାରକୁ ଲଣ୍ଡିତ ମସ୍ତକରେ ଥିବା ଫକୀରମାନେ ଯାଇ ଭିକ୍ଷା କରିବା ସହ ମହରମ ଦିନ ସନ୍ଧ୍ୟାରେ ତାଜିଆ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ବାଲିଆ ନଦୀରେ ବିସର୍ଜନ କରିଥା'ନ୍ତି। ଚଳିତ ବର୍ଷ ଏହି ପର୍ବରେ ପୂଜା କାର୍ଯ୍ୟ ସେକ୍ ନାସିରୁଦ୍ଦିନ(ହାପୋ) ପରିଚାଳନା କରୁଥିବାବେଳେ ବୁଧବାର ଦିନ ଏହି ପୂଜା ସମାପନ କରାଯିବ ବୋଲି ସୂଚନା ମିଳିଛି।

**ହିନ୍ଦୁ ଯୁବକ ସାଜନ୍ତି ଫକୀର**

## ଅଙ୍ଗଦାନ କରିବେ ନରେନ୍ଦ୍ର ଧଳ

**ପଟ୍ଟାମୁଣ୍ଡାଇ,୧୩।୭ (ସମିସ):** ସାମ୍ପ୍ରତିକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବା ଯୋଗୁଁ ରୋଗୀ ନିଶ୍ଚିତ ମୃତ୍ୟୁକୁ ଆବୋରି ନେଉଛି। ତେବେ ଚିକିତ୍ସା ବିଜ୍ଞାନର ଅଗ୍ରଗତି ଯୋଗୁଁ ଅଚଳ ଅଙ୍ଗ ପ୍ରତ୍ୟଙ୍ଗକୁ ଅସ୍ତ୍ରୋପଚାର



ମାଧ୍ୟମରେ କାଢି ନିଆଯାଇ ନୂତନ ଅଙ୍ଗ ପ୍ରତ୍ୟଙ୍ଗ ରୋପଣ ଫଳରେ ରୋଗୀ ପୁନଃଜୀବନ ପାଉଛି। ଏ ପରିପ୍ରେକ୍ଷୀରେ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇଁ ଅଙ୍ଗଦାନ ମହତ ଦାନ କାର୍ଯ୍ୟକ୍ରମ ପ୍ରତି ବିପୁଳ ସମର୍ଥନ ମିଳିଛି। ଏ ନେଇ ସୃଷ୍ଟି ହୋଇଥିବା ସଚେତନତା ଫଳରେ ଏହା ବାସ୍ତବରେ ଆନ୍ଦୋଳନରେ ପରିଣତ ହୋଇଛି। ଏହି ମହତ କାର୍ଯ୍ୟ ପ୍ରତି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁଛି। ଓଡ଼ିଶାରେ ଅଙ୍ଗଦାନ ମହତ ଦାନ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଅଙ୍ଗଦାନ ଅଭିଯାନ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଡଃ ପ୍ରଭାସ ଆଚାର୍ଯ୍ୟ ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ଧଳ ସାହିର ଯୁବ ସମାଜସେବୀ ନରେନ୍ଦ୍ର ଧଳ ଅଙ୍ଗଦାନ ମହତ ଦାନ ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ଅଙ୍ଗଦାନ ପାଇଁ ସଂକଳ୍ପ ପତ୍ରରେ ସ୍ୱାକ୍ଷର କରିଛନ୍ତି। ତାଙ୍କର ଏହି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଲାଲବାହାଦୂର ଶାସ୍ତ୍ରୀ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



**ଡେରାବିଶ, ୧୩।୭ (ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁରସ୍ଥ ଲାଲବାହାଦୂର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟ ସତ୍ୟବିହାରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱରର ସ୍ପର୍ଶ ହସ୍‌ପିଟାଲ ଓ ପାରାଦୀପର ସାଇ ହସ୍‌ପିଟାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ରାଜକିଶୋର ମଲିକ, ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ସ୍ୱାତୀ ସାହୁ, ଭେଷଜ ବିଶେଷଜ୍ଞ ଡକ୍ଟର ଗୀତାଞ୍ଜଳି, ଶଲ୍ୟ ରୋଗ ବିଶେଷଜ୍ଞ ଡକ୍ଟର ଗୌରବ ସେଠୀ, ନାସା, କର୍ଣ୍ଣ ଓ ଗଳା ବିଶେଷଜ୍ଞ ଡକ୍ଟର ଗୋପବନ୍ଧୁ ଦାସ, ଦନ୍ତରୋଗ ବିଶେଷଜ୍ଞ ଡକ୍ଟର ଅରବିନ୍ଦ ନାୟକ ଓ ଡକ୍ଟର ପ୍ରଗତୀ ପ୍ରିୟା ଓ ଚକ୍ଷୁରୋଗ ବିଶେଷଜ୍ଞ ଡକ୍ଟର ଦୁର୍ଗାପ୍ରସାଦ ସେଠୀ ପ୍ରମୁଖ ୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବହୁ ରୋଗୀଙ୍କୁ ମାଗଣାରେ ଡାକ୍ତରୀ ଚଷମା, ଅଣ୍ଟା ବେଲ୍ଟ ଇତ୍ୟାଦି ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଶିକ୍ଷାବିତ୍ ପଞ୍ଚାନନ ଶତପଥୀ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ଡକ୍ଟର ରାଜକିଶୋର ମଲିକଙ୍କ ନେତୃତ୍ୱରେ ସାଥି ପୁରାତନ ଛାତ୍ର ଅବନୀ ବରାଳ, ଅଦ୍ୱୈତାନନ୍ଦ ବରାଳ, ସୁନାକର ବିହାରୀ, ପ୍ରସନ୍ନ ବେହେରା ଶିବିର ପରିଚାଳନା କରିଥିଲେ। ପୁରାତନ ଛାତ୍ର ଦେବାଶିଷ ଶତପଥୀ, ଅମରେନ୍ଦ୍ର ବରାଳ, ରଞ୍ଜନ ପାତ୍ର, ରଞ୍ଜନ ଗିରି, ମନୋଜ ମଲିକ, ଜୟନ୍ତ ଶତପଥୀ, ଗୁରୁଚରଣ ସେଠୀ, ମଳୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ସବୁଜ ସେନାର 'ସବୁଜ ବନାନୀ' କାର୍ଯ୍ୟକ୍ରମ



**ଜଗତସିଂହପୁର/ନାଉଗାଁ,୧୩।୭ (ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ "ସବୁଜ ସେନା' ସଂଗଠନ ପକ୍ଷରୁ ତିରୁଣା ଗ୍ରାମରେ "ସବୁଜ ବନାନୀ' ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିରୁଣା ଗ୍ରାମର ଆରାଧ୍ୟ ଶ୍ରୀସୁବର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ପରିସର ଓ ରାସ୍ତାର ଉଭୟ ପାଶ୍ୱର୍ରେ ହରିଡା, ବାହାଡ଼ା, ଅଁଳା, ଝାଉଁ, ପିଜୁଳି ଇତ୍ୟାଦି ଗଛ ଚାରା ରୋପଣ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସବୁଜ ସେନାର ସଦସ୍ୟ ଇଲାବନ୍ତ ଲେଙ୍କାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ମୁଖ୍ୟଅତିଥି ଭାବେ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଓ ଜିଲ୍ଲା ପ୍ରକୃତି ମିତ୍ର ପରିଷଦର ଉପସଭାପତି ନିରଞ୍ଜନ ମହାନ୍ତି ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଚିତ୍ର କୁମାର ପଣ୍ଡା, ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର ନାଉଗାଁ ସମ୍ପାଦକ ଓ ପୂର୍ବତନ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ସମାଜସେବୀ ସର୍ବେଶ୍ୱର ମହାରଣା, ତିରୁଣା ସମିତି ସଭ୍ୟାଙ୍କ ପ୍ରତିନିଧି ଚତୁର୍ଭୁଜ ପରିଡା, ବଛାଳ ସମିତି ସଭ୍ୟ ଓ ସମାଜସେବୀ ଚନ୍ଦନ କୁମାର ଲେଙ୍କା ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ସ୍ୱାଇଁ, କମଳାକାନ୍ତ ସ୍ୱାଇଁ, ଦେବଦତ୍ତ ତ୍ରିପାଠୀ, ସବ୍ୟସାଚୀ ବିଶ୍ୱାଳ, ବିଶ୍ୱଜିତ ପରିଡ଼ା, ଶ୍ରୀତମ ବେହୁରା ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲଘୁଚାପ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

**ଡେରାବିଶ, ୧୩।୭ (ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଆଜି ଅପରାହ୍ନରେ ହଠାତ୍ ଘଡ଼ଘଡ଼ି ସହ ପ୍ରବଳ ମାତ୍ରାରେ ଲଘୁଚାପଜନିତ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସି ଖୁବ୍ ଜୋରରେ ପବନ ସହ ବର୍ଷା ହୋଇଥିଲା। ପବନରେ ବହୁ ସ୍ଥାନରେ ଗଛ ଡାଳ ଭାଙ୍ଗିଯିବା ସହ ବଜ୍ରପାତ ହେବା ଦ୍ୱାରା ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଏହି ବଜ୍ରପାତ ଯୋଗୁଁ ୩୩ କେଭି ଓ ୧୧ କେଭି ଲାଇନ୍‌ର ଇନସୁଲେଟର ପୋଡ଼ିଯିବା ଫଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ତେବେ ବିଦ୍ୟୁତ୍ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି କରିବା ପରେ ଦାନପୁର ବିଦ୍ୟୁତ୍ ସେକ୍ସନର ଗ୍ରାହକ ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ ପାଇଥିଲେ। ସେହିପରି ଛତା ସେକ୍ସନକୁ ଦହୁରିଆରୁ ସଂଯୋଗ ହୋଇଥିବା ୩୩ କେଭି ଲାଇନର ଗୋଟିଏ ଖୁଣ୍ଟ ପବନ ଓ ବର୍ଷାରେ ଉପୁଡ଼ିପଡ଼ିବାରୁ ଏହି ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିଲେ। ଏହି ଖୁଣ୍ଟକୁ ମରାମତି କରାଯାଉଥିବା ଜଣାଯାଇଛି।

## 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗୌରୀଶଙ୍କରଙ୍କ ଅବଦାନ ଚିରସ୍ମରଣୀୟ'



**ଜଗତସିଂହପୁର,୧୩।୭ (ସମିସ):** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ଜୟନ୍ତୀ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମୂଳିସିଂହଠାରେ ଥିବା ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ବିକ୍ରମ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା ଅତିଥି ଭାବେ ଯୋଗଦେଇ ଗୌରୀଶଙ୍କରଙ୍କ ଦ୍ୱାରା ସମ୍ପାଦିତ ପ୍ରଥମ ସାପ୍ତାହିକ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ସେ ସମୟରେ ପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ପରବର୍ତ୍ତୀ କାଳରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିକ୍ରମ ଜେନା, ଶିକ୍ଷୟିତ୍ରୀ ସୋନାଲି ମହାରଣା, ମୋନାଲିସା ଭଞ୍ଜ ଓ ଶୁଭସ୍ମିତ ସିଂହ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୌରୀଶଙ୍କର ରାୟଙ୍କ ଜୀବନାଦର୍ଶ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**କଟକ,୧୩।୭ (ସମିସ):** ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ମାଆ କମଳିନୀ ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୬ ଦିନ ହେବ ସେ ଭୁବନେଶ୍ୱରସ୍ଥ କଳିଙ୍ଗ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଭୋର ୪ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଜଗତସିଂହପୁର ଜିଲ୍ଲା ଅଲଣାହାଟ ନୂଆପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଆତ୍ମୀୟସ୍ୱଜନଙ୍କ ସମେତ ଗ୍ରାମବାସୀ ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ୪ ପୁଅ ପ୍ରଦୀପ ସାହୁ, ସିପେଟ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ ସାହୁ ଓ ପ୍ରବୀଣ ସାହୁଙ୍କ ସମେତ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ପାରାଦୀପ,୧୩।୭ (ସମିସ):** ଆଜି ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ ଘଟିଛି। ମୃତ ଚାଷୀ ଜଣକ ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ବିଜୟ ସାମଲ ବୋଲି ଜଣାପଡ଼ିଛି। ଶ୍ରୀ ସାମଲ ବିଲରେ ତଳି ରୋଉଥିବାବେଳେ ବଜ୍ରପାତ ହୋଇଥିଲା। ସେ ସେଠାରେ ଟଳିପଡ଼ିଥିଲେ।

# ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଅନ୍ୱେଷଣ

ପାରାଦ୍ୱୀପ, ୧୩।୭ (ସମିସ)





ପାରାଦ୍ୱୀପ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ବହୁମୁଖୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ପ୍ରଥମ ସୋପାନ ଆଜି ପୂର୍ବାହ୍ନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧ଟି ବିଦ୍ୟାଳୟର ୫୧୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦରର ପ୍ରାକ୍ତନ ଟ୍ରଷ୍ଟି ତଥା ଓଡ଼ିଶା ମେରିଟାଇମ ଏକାଡେମୀ ଅଧ୍ୟକ୍ଷ କ୍ୟାପଟେନ ପ୍ରେମାନନ୍ଦ ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ଗୋଆ କାର୍ବନ ମୁଖ୍ୟ ପ୍ରବନ୍ଧକ ବେଣୁଗୋପାଳ ନାଇଡୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା କଲ୍ୟାଣ ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରିଥିଲେ। ତର୍କ ପ୍ରତିଯୋଗିତାର ବିଚାରପତି ଭାବେ ପାରାଦୀପ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର ଓ ରାହାମାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ଟ୍ରଷ୍ଟର ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ଗତ ଦୁଇବର୍ଷ ଧରି ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ଲଢେଇ କରୁଥିବାବେଳେ କର୍ମକ୍ଷେତ୍ରରେ ଦୁର୍ଘଟଣାଗ୍ରସ୍ତ ସାମ୍ବାଦିକଙ୍କୁ ଆର୍ଥିକ ସହାୟତା ସହିତ ମୃତ ସାମ୍ବାଦିକଙ୍କ ପରିବାର ସଦସ୍ୟଙ୍କ ଆର୍ଥିକ ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରୁଛି। ଏଥିସହିତ ପାରାଦୀପରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇପାରିଛି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପାଧ୍ୟକ୍ଷ ହରିଶ୍ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, ସଂଗଠନ ସମ୍ପାଦକ ଜଗବନ୍ଧୁ ସ୍ୱାଇଁ, ବରିଷ୍ଠ ସଦସ୍ୟ ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ, ପ୍ରଭାତ ମହାପାତ୍ର, ଆଲୋକ ସ୍ୱାଇଁ, ପ୍ରଭାସ ଦାସ, ଜଗନ୍ନାଥ ଶତପଥୀ, ଦୀପକ ବାରିକ ପ୍ରମୁଖ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



## ସାପ କାମୁଡ଼ାରେ ଛାତ୍ର ମୃତ



ବାଲିବନ୍ଧ,୧୩।୭(ସମିସ): ଝୁମ୍ପୁରା ବ୍ଲକ ମଲଦା ପଞ୍ଚାୟତର କାଳିଆପାଳ ଡ୍ୟାମ୍ ସାହିରେ ଘଟିଛି ଅଘଟଣ। ଶନିବାର ରାତି ଘରେ ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡାରେ ଜଣେ ଯୁକ୍ତ ଦୁଇ ଛାତ୍ର ଶରତ ନାଏକଙ୍କ ପୁଅ ଚନ୍ଦନ (୧୮)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ସକାଳେ ପ୍ରଥମେ ଝୁମ୍ପୁରା ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ପଠାଯାଉଥିଲା। ହେଲେ କଟକ ଯିବା ପାଇଁ ପ୍ରସ୍ତୁତି କରୁଥିବା ସମୟରେ ଛାତ୍ରର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନ ଥାନା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ପୂର୍ବକ ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଲ୍ୟବିବାହ ରୋକିଲା ପୁଲିସ୍

ହାଟଡ଼ିହୀ,୧୩।୭(ସମିସ): ନନ୍ଦିପଦା ଥାନା ମରେଇଗାଁରେ ଏକ ବାଲ୍ୟବିବାହ ହେବାକୁ ଯୋଜନା ଚାଲିଥିବା ବେଳେ ଏହାକୁ ରୋକିବାରେ ନନ୍ଦିପଦା ପୁଲିସ୍ ସଫଳ ହୋଇଛି। ମରେଇଗାଁରେ ଜଣେ ୧୫ବର୍ଷୀୟା ନାବାଳିକାର ବିବାହ ପାଇଁ ରବିବାରକୁ ଧାର୍ଯ୍ୟ ହୋଇଥିଲା। ଏନେଇ ସିଡବ୍ଲୁସି ଓ ଲିଗାଲଏଡ ପାଖରେ ଅଭିଯୋଗ ହେଲା ପରେ ଶନିବାର ରାତି ପ୍ରାୟ ୯ଟା ବେଳେ ନନ୍ଦିପଦା ପୁଲିସ୍ ସେହି ବ୍ୟକ୍ତିଙ୍କ ଘରେ ପହଞ୍ଚି ନାବାଳିକାର ପିତା ମାତାଙ୍କୁ ବୁଝାସୁଝା କରିବା ସହ ବିବାହ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ବାଳିକାର ପିତାମାତା ମଧ ବାହାଘର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ନନ୍ଦିପଦା ପୁଲିସ କହିଛି।

## ଦୁର୍ଘଟଣାରେ ମହିଳା ଗୁରୁତର

ଆନନ୍ଦପୁର, ୧୩।୭ (ସମିସ): ନନ୍ଦିପଦା ଥାନା ଓରାଳୀ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ରେ ବିଦୁଲତା ପଲେଇ (୪୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଘସିପୁରା ବ୍ଲକ ଖଲଣା ଗ୍ରାମର ବିଦୁଲତା ନିଜ ସମ୍ପର୍କୀୟଙ୍କ ସହିତ ବାଇକରେ ଶଶୁର ଘର ମଧୁରଗଡିଆ ଗ୍ରାମକୁ ଯାଉଥିଲେ। ଓରାଳୀ ନିକଟରେ ଏକ ପରିବା ଭାରୁଆ ସହିତ ବାଇକ ଧକ୍କା ହେବାରୁ ମହିଳା ବାଇକରୁ ତଳକୁ ଖସି ପଡ଼ିଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ୨୨୦ ନମ୍ବର ଜାତୀୟ ରାଜପଥର ରଥପଡା ନିକଟରେ ଅଜଣା ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧ ହେଲେ ଡିଆନାଳି ଗ୍ରାମର ଲକ୍ଷ୍ମୀଧର ନାଏକ। ରବିବାର ସନ୍ଧ୍ୟାରେ ସେ ମଲ୍ଲିପଶିରୁ ସାଇକଲ ଯୋଗେ ଡିଆନାଳି ଗ୍ରାମକୁ ଫେରୁଥିବା ସମୟରେ ପାଟଣା ପଟୁ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେଭର୍ତ୍ତି କରିଥଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛି।

## ନିଶା କାରବାରରେ ପୁଲିସ ଚଢ଼ଉ

ଯୋଡ଼ା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବନେଇକଲାର ଏକ ଚାରିଚକିଆ ଯାନ ଗ୍ୟାରେଜରେ ପୁଲିସ ଚଢ଼ଉ କରିଛି। ଗାଡ଼ି କାମ କରିବା ବାହାନାରେ ନିଶାକାରବାର ଚାଲିଆସୁଥିଲା। ପଲରେ ଅଚାନକ ପୁଲିସ ଦଳ ପହଞ୍ଚି ସଂପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲେ। ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ନିଶା ବେପାରୀମାନେ ନିଷିଦ୍ଧ ସିରପ କୋରେକ୍ସ ଆଣି ବେପାର କରନ୍ତି। କୋରେକ୍ସ ସିରପ ବୁହା ହେଉଥିବା ୩ଟି ଚାରିଚକିଆ ଗାଡ଼ିକୁ ପୁଲିସ ଜବତ କରିଛି। ପୁଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖିବା ସହ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ମହୁଲଡିହା,୧୩।୭(ସମିସ): ଠାକୁରମୁଣ୍ଡା ଥାନା ଅଧୀନ ଠାକୁରମୁଣ୍ଡା-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥ କେନ୍ଦୁଜିଆଣୀ ଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ କେନ୍ଦୁଜିଆଣୀ ହାଟସାହିର ସ୍ୱର୍ଗତ ଶ୍ରୀଧର ପାତ୍ରଙ୍କ ସ୍ତ୍ରୀ ପାର୍ବତୀ ପାତ୍ର(୬୫) ଭୋରୁ ଘରଠାରୁ ଅଳ୍ପ ଦୂରରେ ପ୍ରାତଃଭ୍ରମଣରେ ଯାଇଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ମୃତକଙ୍କ ଝିଅ ମିଲି ପାତ୍ର ଖବର ପାଇ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିବା ପରେ ଏଏସଆଇ ରତ୍ନାକର ବାରିକ ଅପମୃତ୍ୟୁ ମାମଲ ଦାଏର ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

## ବନ୍ୟାପାଣିରେ ବାଇକ୍ ଭାସିଗଲା

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ପୁରୁଣାପାଣି ରେଙ୍ଗାଲବେଡା ରାସ୍ତାର ପୁରୁଣାପାଣି ବିରଳ ନଦୀ ପୋଲ ଉପରେ ଯାଉଥିବା ସମୟରେ ବଢି ପାଣି ଆସିଯିବାରୁ ନୂଆବନ୍ଧ ଗ୍ରାମର ରଜତ ନାଏକ ବାଇକ ସହ ବନ୍ୟପାଣିରେ ଭାସିଯାଇଥିଲେ। ରବିବାର ଅପରାହ୍ନ ୩ଟା ସମୟରେ ବିରଳ ନଦୀ ପୋଲ ଦେଇ ଘରକୁ ବାଇକ୍‌ରେ ଫେରିବା ସମୟରେ ଏହି ଅଘଟଣ ଘଟିଛି। ପରେ ଯୁବକ ଜଣକ ନିଜେ ପହଁରି ପହଁରି ଉଦ୍ଧାର ପାଇଥିବା ବେଳେ ବାଇକ୍‌ଟି ଭାସିଯାଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ହେଁ ଯୁବକ ଜଣଙ୍କ ନିଜେ ପହଁରି ପହଁରି ଉଦ୍ଧାର ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

## ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ତେଲକୋଇ, ୧୩।୭(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟରେ ଜନ ଔଷଧି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ତେଲକୋଇ ବ୍ଲକ ମୁଖ୍ୟାଳୟର ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଏହି ଜନ ଔଷଧି କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ସମସ୍ତ ଔଷଧ ୫୦%ରୁ ୯୦% କମ ମୂଲ୍ୟରେ ଉପଲବ୍ଧ ହେବାର ବ୍ୟବସ୍ଥା ରହିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପି ସତ୍ୟମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଓ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁଙ୍କ କରକମଳରେ ଏହି ଜନ ଔଷଧି କେନ୍ଦ୍ର ଉଦଘାଟନ କରାଯାଇଛି। ପରିଚାଳିକା ଭାବେ ସ୍ମୃତିରେଖା ମହାନ୍ତ ଦାୟିତ୍ୱ ନେଇଛନ୍ତି।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନିୟମିତତାର ତଦନ୍ତ ଦାବି

କେନ୍ଦୁଝର, ୧୩।୭(ସମିସ)




ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଶହୀଦ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ମହାବିଦ୍ୟାଳୟର ସ୍ୱାତନ୍ତ୍ର ବଜାୟ ରଖିବା ଓ ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ଭାବେ ସୁଲେଇଖମାକୁ ସ୍ଥାନାନ୍ତରିତ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ଏହା ନ ହେଲେ ନାଗରିକ ସମାଜ ଓ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ସହଯୋଗରେ ସୁରକ୍ଷା ମଞ୍ଚ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ହେଉଥିବାରୁ ତାଙ୍କୁ ନ ବଢ଼ାଇବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ମଞ୍ଚ ବିଭିନ୍ନ ଅଭିଯୋଗ ଆଣି ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛି। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି, କେନ୍ଦୁଝରର ଜିଲ୍ଲାର ଅତିଥି ଅଧ୍ୟାପକଙ୍କୁ ବହିଷ୍କାର କରି କଟକର ଏକ ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟର୍ ଅଧ୍ୟାପକଙ୍କୁ ବିପୁଳ ଅର୍ଥ କାରବାର କରି ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା, ପୂର୍ବରୁ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଦକ୍ଷ ଓଏସ ଅଫିସରଙ୍କ ସ୍ଥାନରେ ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେବା, ମର୍ଯ୍ୟାଦାଜନକ ସିଣ୍ଡିକେଟରେ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାବିତ୍‌ଙ୍କୁ ଅଣଦେଖା କରି ଜିଲ୍ଲା ଓ ରାଜ୍ୟ ବାହାରର ଶିଳ୍ପପତିଙ୍କୁ ମନୋନୀତ କରିବା, ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷ ଭାବେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସ୍ଥାପିତ ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଆଦି ଅଭିଯୋଗର ତଦନ୍ତ କରାଯିବାକୁ ମଞ୍ଚ ସରକାରଙ୍କ ନିକଟରେ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଭରତଚନ୍ଦ୍ର ପାତ୍ର, ଆବାହକ ତଥା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ, କଲେଜର ପ୍ରଥମ ବ୍ୟାଚର ଛାତ୍ର ତଥା କେନ୍ଦୁଝର ସିଟିଜେନ ଫୋରମ୍‌ର ଉପଦେଷ୍ଟା ଇଂଜିନିୟର ଲାଲମୋହନ ରାଉତ, ଅବସରପ୍ରାପ୍ତ କଲେଜ୍ ପ୍ରିନ୍ସପାଲ ଶିକ୍ଷାବିତ୍ ଡ. ବିପିନ ବିହାରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଶୋକ ଦାସ, କଲେଜ ୟୁନିୟନର ପୂର୍ବତନ ସଭାପତି ଦିଲ୍ଲୀପ ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ସତ୍ୟଜିତ ସାମନ୍ତରାୟ, ଶିକ୍ଷାବିତ ଡ. କ୍ଷୀରୋଦ ମିଶ୍ର, ସୁପରିଚିତ ଯୁବନେତା ଇଂଜିନିୟର ପ୍ରଶାନ୍ତ ଦଳେଇ, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ



କେନ୍ଦୁଝର, ୧୩।୭(ସମିସ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍, ହାଇଦ୍ରାବାଦର ମିଳିତ ଉଦ୍ୟମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ "ଓଡିଶାର ଡିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' ପ୍ରକଳ୍ପ ଅଧୀନରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ଜଗମୋହନପୁର ଗ୍ରାମରେ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ, କେନ୍ଦ୍ର କୃଷି ବିଜ୍ଞାନ କେନ୍ଦ୍ର ଓ ବେସରକାରୀ ସଂସ୍ଥା ସେବକର ସହଯୋଗରେ ଏକ ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକୁ ପାରମ୍ପରିକ ପଦ୍ଧତିରେ ବଳଦ ଟଣା ଲଙ୍ଗଳ ସାହାଯ୍ୟରେ ଧାଡ଼ି ବୁଣା କରିବା ପାଇଁ ଏକରକୁ ୪ ହଳ ବଳଦ ଓ ହାରାହାରି ୧୦ ଜଣ ଲୋକ ଲାଗିବା ସହିତ ମଞ୍ଜି ସଠିକ ବ୍ୟବଧାନ ଓ ସଠିକ ପରିମାଣରେ ପଡ଼ି ନଥାଏ କିନ୍ତୁ ଏହି ଯନ୍ତ୍ର ସାହାଯ୍ୟରେ ଧାଡ଼ିକୁ ଧାଡ଼ି ୨୦-୨୨ ସେମି ଏବଂ ମଞ୍ଜିକୁ ମଞ୍ଜି ୧-୨ ସେମି ବ୍ୟବଧାନରେ ୧ ଘଣ୍ଟାରେ ୧ ଏକର ଜମିରେ ଏକରକୁ ୪ କେଜି ମଞ୍ଜି ହିସାବରେ ସଠିକ ଭାବରେ ବୁଣା ଯାଇ ପାରିବ। କାର୍ଯ୍ୟକ୍ରମରେ ଓୟୁଏଟିର ପୂର୍ବତନ ଗବେଷଣା ମୁଖ୍ୟ ତଥା ଇକ୍ରିସାଟ୍ କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡା. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗ ଦେଇଥିଲେ। କୃଷି ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ଼ା ସୁଚରିତା ପ୍ରଧାନ, ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ବୈଜ୍ଞାନିକ ଡା. ପ୍ରଶାନ୍ତ ମାଝୀ, ବିଶ୍ୱବିଦ୍ୟାଳୟର ଗବେଷଣା ସହାୟକ ଇଂ ଋଷିକେଶ ସାହୁ, ଏ.ଓ. ଲତାପ୍ରିୟା ଆଚାର୍ଯ୍ୟ, ଏପିସି ଏସ୍‌ଏମ୍‌ଏସ୍ ଶୁଭାଶିଷ ପାଣ୍ଡେ, ଭିଏଡବ୍ଲୁ ସିପୁନ ନାଏକ, ବେସରକାରୀ ସଂସ୍ଥା ସେବକ ସିଇଓ ସମିର ମିଞ୍ଜ, ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ।

## ଦୁଇ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡ଼ିହୀ,୧୩।୭(ସମିସ): ହାଟଡ଼ିହୀ ବ୍ଲକ ଢେଙ୍କା ପଞ୍ଚାୟତ ମଟରାଗଡିଆସ୍ଥିତ ଉତ୍ତରେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ମଣ୍ଡଳ ଓ ସହକାରୀ ଶିକ୍ଷକ ପ୍ରସାନ୍ତ ମହାନ୍ତିଙ୍କୁ ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ସହକାରୀ ବ୍ଲକ ଶିକ୍ଷାଧିକାରୀ ଚତୁର୍ଭୁଜ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଛାତ୍ର ତଥା ଓଏଏସ ଅଫିସର ଡ ହରିହର ମହାପାତ୍ର, ମୁଖ୍ୟବକ୍ତା ଭାବେ ହାଟଡ଼ିହୀ ବ୍ଲକ ଏବିଇଓ ତଥା ବିଆରସିସି ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭାବେ ଢେଙ୍କା ପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀ, ଶିକ୍ଷକ ସଂଘର କର୍ମକର୍ତ୍ତା କାହ୍ନୁଚରଣ ମିଶ୍ର, ମହେନ୍ଦ୍ର ଶାସିନୀ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିବାଳା ଚକ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉଭୟ ଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ନିକଟକୁ ପାଛୋଟି ଅଣାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଳତା ଧନ୍ୟବାଦ ଅର୍ପଣ କରିଥିଲେ। ଅଭୟ ନାୟକ, ରବୀନ୍ଦ୍ର ନାୟକ, ହିମାଂଶୁ ନାୟକ, ସୁଧାଂଶୁ ନାୟକ, ମାନସ ନାୟକ, ଆକାଶ ନାୟକ, ରାମଚନ୍ଦ୍ର ସେଠୀ, ଅଲେଖ ସେଠୀ, ରତ୍ନାକର ପ୍ରଧାନ, ନାରାୟଣ ନାୟକ, ପ୍ରଦୀପ ସେଠୀ, ଅନାମ ନାୟକ, ମନୋଜ ନାୟକ, ରାଜେଶ କୁମାର ନାୟକ, ସତ୍ୟବ୍ରତ ସେଠୀ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିଲେ ସ୍ୱାଭିମାନୀ ମୟୂରଭଞ୍ଜିଆ

ବାରିପଦା,୧୩।୭(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ବନ୍ଦକୁ ନେଇ ମୟୂରଭଞ୍ଜବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ମେରି ମର୍ଜୀ ନୀତିକୁ ସବୁଠି ସମାଲୋଚନା କରାଯାଇଛି। ୨୮ ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ସବୁ ପ୍ରସ୍ତୁତି ସରିଥିବା ବେଳେ ଶେଷ ମୁହୂର୍ତ୍ତରେ ସ୍ଥଗିତ କରାଯାଇଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ନେତାଙ୍କ ଠାରୁ ସାଧାରଣ ଜନତା ବର୍ଷିଛନ୍ତି। ଅନିବାର୍ଯ୍ୟ କାରଣ ଦର୍ଶାଇ ଏହି ଉତ୍ସବକୁ ସ୍ଥଗିତ ରଖାଯାଇଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆମନ୍ତ୍ରିତ ଅତିଥି ଓ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ହଠାତ ଏଭଳି ସୂଚନା ପରେ ସାରା ଜିଲ୍ଲାରେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନିକୁ ମୟୂରଭଞ୍ଜବାସୀ ସମ୍ମିଳିତ ସ୍ୱରରେ ତୀବ୍ର ନିନ୍ଦା କରିଛନ୍ତି।



ଯେମିତି ସ୍ୱାଧୀନତା ଦିବସ ବା ସାଧାରଣତନ୍ତ୍ର ଦିବସକୁ ସ୍ଥଗିତ ରଖି ଅନ୍ୟ ଦିନରେ କରାଯାଇପାରିବ ନାହିଁ ଠିକ୍ ସେହିପରି ପ୍ରତିଷ୍ଠା ଦିବସ ଭଳି ସ୍ମରଣୀୟ ଦିନରେ ସମାରୋହକୁ ହଠାତ୍ ବନ୍ଦ କରାଯାଇଥିବାରୁ ମୟୂରଭଞ୍ଜବାସୀ ମର୍ମାହତ ହୋଇଛନ୍ତି। ଉଭୟ ଛାତ୍ର ସମାଜ ଓ ବୁଦ୍ଧିଜୀବୀ ନିଜର ଅସନ୍ତୋଷ ଝାଡିଛନ୍ତି। ତେବେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଭଳି ଗରୀମାମୟ ଦିବସକୁ ପ୍ରଥମ ଥର ପାଇଁ ପ୍ରତୀକାତ୍ମକ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇ ସ୍ୱାଭିମାନୀ ମୟୂରଭଞ୍ଜ ତରଫରୁ ବୁଦ୍ଧିଜୀବୀ ଓ ଛାତ୍ରନେତାମାନେ ସମ୍ମିଳିତ ହୋଇ ବିଶ୍ୱବିଦ୍ୟାଳୟ ପରିସରରେ ୨୮ ତମ ପ୍ରତିଷ୍ଠା ଦିବସକୁ ସାଙ୍କେତିକ ଭାବେ ପାଳନ କରିଛନ୍ତି। ଏହି ଅବସରରେ ସମସ୍ତ ବୁଦ୍ଧଜୀବୀ ଓ ଛାତ୍ର ସମାଜ ଫାଟକ ସମ୍ମୁଖରୁ ଶୋଭାଯାତ୍ରାରେ ଯାଇ ବିଶ୍ୱବିଦ୍ୟାଳୟ ବଞ୍ଚାଅ ସ୍ଲୋଗାନ ଦେବା ସହ କ୍ୟାମ୍ପସ ପରିସରରେ ଥିବା ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ୍ ଅର୍ପଣ କରିଥିଲେ। ବିଶିଷ୍ଟ ସମାଜ ସେବୀ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ବନଜା ମହାନ୍ତି ଯୋଗଦେଇଥିଲେ। ଯିଏକି ଭୂମି ଗୌରବ ଭାବେ ସମ୍ମାନିତ ହୋଇଥାନ୍ତେ। ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ପୂର୍ବତନ ଅଧ୍ୟକ୍ଷ ଡଃ କୁଞ୍ଜବନ ପୃଷ୍ଟି, ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ସୁନୀଲ କୁମାର ଜେନା, ଡଃ ଅକ୍ଷୟ କୁମାର ମହାନ୍ତି, ଡଃ ନିରୋଜ କୁମାର ପୋଥାଳ, ଆଇନଜୀବୀ ସୁଜାତା ମିଶ୍ର, ରଘୁନାଥ ପଣ୍ଡା, ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୋମନାଥ ସିଂହ, ସମାଜସେବୀ ବିକ୍ରମ କେଶରୀ ଜେନା, ସମାଜସେବୀ ସରୋଜ ସାହୁ, ସାଇ ପ୍ରକାଶ ମହାନ୍ତି, ସୁବୋଧ ପଲେଇ, ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଆର୍କିଟେକ୍ଟ ମନୋଜ କୁଅଁର, ରେଣୁବାଳା ରଥ, ସତ୍ୟାନନ୍ଦ ସେଜପଡ଼ା, ହିମାଂଶୁ ପ୍ରହରାଜ, ବିଶ୍ୱବିଜୟୀ ପଣ୍ଡା, କ୍ଷୀରୋଦ ପଣ୍ଡା, ପଙ୍କଜ ସି, କୌଶିକ ନାୟକ, ସତ୍ୟପ୍ରକାଶ ମହାନ୍ତ, ଚିତ୍ତରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ନାୟକ, ଅଭିଷେକ ଯାଦବ, ତାପସ ବେହେରା, ଲକ୍ଷ୍ମୀଧର ବାସ୍କେ, ସାମ୍ବାଦିକ ସଞ୍ଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀମାନେ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ପ୍ରତିଷ୍ଠା ଦିବସ ପାଳନ ପରମ୍ପରାରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବାରୁ ତୀବ୍ର ନିନ୍ଦା କରିଥିଲେ।

## ହୋ' ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କୁ 'ହୋ ଜ୍ଞାନବତୀ ସମ୍ମାନ'

ରାଇରଙ୍ଗପୁର,୧୩।୭(ସମିସ): ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ହୋ' ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କୁ 'ହୋ ଜ୍ଞାନବତୀ ସମ୍ମାନ'ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ପରିବର୍ତ୍ତନ ଏବଂ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ସମ୍ବର୍ଦ୍ଧିତ କରିଛନ୍ତି।



ଏହି ସମ୍ବର୍ଦ୍ଧନା ସଭାରେ ବାମନଘାଟି ଓ ପାଞ୍ଚପୀଡ଼ ଉପଖଣ୍ଡର ସର୍ବାଧିକ ନମ୍ବର ରଖି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରରେ ମୋଟ ୨୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମର ପୁରଧା ସାଜିଥିଲେ ହୋ' ଜ୍ଞାନ ବାଗାନ କର୍ମକର୍ତ୍ତା। ପରିଚାଳନାରେ ପୁନ୍ନମ ପୂର୍ତ୍ତି, ବାବଲୁ ପୂର୍ତ୍ତି, ସୁନିଲ ସୁଣ୍ଡି, ଦୀପକ କୁମାର ସିଦୁ ଓ ମୁକେଶ ବାରଦା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗଦାନ କରିଥିଲେ। ଅତିଥିମାନେ ହୋ' ସମାଜର ମେଧାବୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମନ୍ତ୍ରୀଙ୍କ ଅଭିଭାଷଣରେ ମନ୍ତ୍ରମୁଗ୍ଧ ହୋଇଥିଲେ।

## କୁଡୁମୀ ସେନାର ସମ୍ବର୍ଦ୍ଧନା ସଭା

ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭଅଁରପୁରଠାରେ ଓଡିଶା କୁଡୁମୀ ସେନା ତରଫରୁ ନବନିର୍ବାଚିତ ଓଷ୍ଟା କେନ୍ଦୁଝର ଜିଲ୍ଲା ଶିକ୍ଷକ ସଂଘ ସଭାପତି ମନ୍ମଥନାଥ ମହାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ଉପଦେଷ୍ଟା ବିରେନ୍ଦ୍ର ମହାନ୍ତ, ରତ୍ନାକର ମହାନ୍ତ, ବିନୋଦ ବିହାରୀ ମହାନ୍ତ, ରଘୁ ମହାନ୍ତ, ହୃଷୀକେଶ ମହାନ୍ତ, ସୁରେଶ ମହାନ୍ତ, ତ୍ରିନାଥ ମହାନ୍ତ, ଭରବ ମହାନ୍ତ, ବିପିନ ମହାନ୍ତ, ସଦର ବ୍ଲକ ସଭାପତି ରଘୁନାଥ ମହାନ୍ତ, ସାହରପଡ଼ା ସଭାପତି ଭୋଲାନଥ ମହାନ୍ତ, ଗୋପାଳ ମହାନ୍ତ, ଅଭିମନ୍ୟୁ ମହାନ୍ତ, ତୁଷାର ମହାନ୍ତ, ଟୁଟୁ ମହାନ୍ତ ଏବଂ ବଡ଼ପାହାଡ ସଂଗଠନର ସମ୍ପାଦକ ନକୁଲ ମହାନ୍ତ, ସମାଜସେବୀ ଦଶରଥ ମହାନ୍ତ, ନବକିଶୋର ମହାନ୍ତ, ସମାଜସେବୀ ରାଧାକାନ୍ତ ମହାନ୍ତି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହଦେବ ମହାନ୍ତ ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ ବିଶ୍ୱଜିତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମିଳନୀ'ରେ ଭକ୍ତି ସାହିତ୍ୟ ଆସର

କେନ୍ଦୁଝର, ୧୩।୭(ସମିସ): ରବିବାର ଅପରାହ୍ନରେ ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦରେ ଭକ୍ତି ସାହିତ୍ୟ ଆସର ମିଳନୀର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଡ. ଚିତ୍ତରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। କଥାକାର ଶାନ୍ତନୁ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। କବି ଶ୍ରୀ ଚକ୍ରବର୍ତ୍ତୀ ଭକ୍ତିକୁ ସାହିତ୍ୟର ପ୍ରାଣାଧାର ଭାବରେ ଅଭିହିତ କରିଥିଲେ। କବୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କ ସଂଯୋଜନାରେ ମମତାରାଣୀ ଦାସ, ଇନ୍ଦୁମତୀ ପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଆର୍ଯ୍ୟବାଳା ମହାପାତ୍ର, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ଡ. ସୁମନ୍ତ ନାଏକ, ବିରଞ୍ଚି ସାମନ୍ତରାୟ, ରଙ୍ଗାଧର ବେହେରା, ଦେବଦର୍ଶନ ଦାଶ, ସରୋଜିନୀ ମିଶ୍ର, ଡା. ଭାରତୀ ବେହେରା, ବୀଣାପାଣି ଜେନା, ଜ୍ୟୋସ୍ନା ପାଢ଼ୀ, ଲିପିକା ପଟ୍ଟନାୟକ, ଭାବିପ୍ରିୟା ସାହୁ, ରତ୍ନମଞ୍ଜରୀ ରାଉତ, ଧ୍ରୁବାନନ୍ଦ ରାଉତ, ଦେବଦତ୍ତ ଦେହୁରୀ, ଚମ୍ପକେଶ୍ୱର ଜିତ୍, ପ୍ରତାପ କର୍ମକାର ପ୍ରମୁଖ ବହୁ ଭକ୍ତି କବିତା ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଦଙ୍କ ଗାଁକୁ ନାହିଁ ରାସ୍ତା

# କଚ୍ଚା ରାସ୍ତାରେ କରୁଛନ୍ତି ଗମନାଗମନ





ରାଇରଙ୍ଗପୁର,୧୩।୭(ସମିସ): ରାଇରଙ୍ଗପୁର ବ୍ଲକ୍ ପ୍ରଶାସନର ଅଣଦେଖା ପାଇଁ ସହିଦ ନୁଦୁରାମ ସୋରେନଙ୍କ ଗାଁକୁ ପକ୍କା ରାସ୍ତା ନଥିବା ବେଳେ ଦୁଇ କିଲୋମିଟର କଚ୍ଚାରାସ୍ତା ମରଣଯନ୍ତା ପାଲଟିଛି। କାଦୁଅ ପଚପଚ ରାସ୍ତା ପାଇଁ ଚମ୍ପାଉଦା ଗାଁ ଲୋକ ଗମନାଗମନ ବେଳେ ସମସ୍ୟା ଭୋଗୁଛନ୍ତି। ଉକ୍ତ ଗ୍ରାମରେ ୭୦୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପାଖାପାଖି ୩୦୦୦ରୁ ଅଧିକ ଲୋକ ବସବାସ କରନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ୨କିମି କାଦୁଅ ପଚପଚ ନାଲିମାଟିର ରାସ୍ତା ପାଲଟିଛି ଗ୍ରାମବାସୀଙ୍କ ଲାଇଫ୍ ଲାଇନ। ଏହି ରାସ୍ତା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପାଖ ରେଳଲାଇନ ଗଳାପୋଲରୁ ଗ୍ରାମ ପର୍ଯ୍ୟନ୍ତ କାଦୁଅ ପଚପଚ ରହିଛି। ଯାହାଫଳରେ ଗ୍ରାମବାସୀଙ୍କ ରାଇରଙ୍ଗପୁର ସହରକୁ ଯିବାକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ମଧ ଯାଇପାରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ମନୋରଞ୍ଜନ ହାଁସଦାଃ। ପ୍ରଶାସନକୁ ବାରମ୍ବାର ଅଭିଯୋଗ ପରେ ବି ଆମ କଥା କେହି ଶୁଣୁ ନାହାଁନ୍ତି। ତଥାପି ସରକାରଙ୍କ ରାହାକୁ ଅନେଇ ବସିଛୁ ବୋଲି ସେ କହିଛନ୍ତି। ଏହି ରାସ୍ତା ମାତ୍ର ଦୁଇ କିଲୋମିଟର ଏବଂ ବେଶି ଖରାପ ରହିଛି। ସରକାର ଯଦି ପକ୍କାରାସ୍ତା କରିଦିଅନ୍ତି ତେବେ ଲୋକେ ଉପକୃତ ହୁଅନ୍ତେ ବୋଲି ଲଳିତ କୁମାର ମହାନ୍ତ ଓ ପାଣ୍ଡବ ମାହାଲି କହିଛନ୍ତି। ରାସ୍ତାର ଦୂରାବସ୍ଥା ନେଇ ବାରମ୍ବାର ବ୍ଲକରୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସହିଦଙ୍କୁ ସମ୍ମାନ ଜଣାଇ ତଥା ଏହି ଗାଁକୁ ଯଥାଶୀଘ୍ର ପକ୍କାରାସ୍ତା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଓ ଯଜ୍ଞ ମହୋତ୍ସବ

ବିଶୋଇ,୧୩।୭(ସମିସ): ଲୁହାକାନି ହନୁମତ ବଜ୍ରଙ୍ଗୱାଲି ସେବା ସଂଗଠନ ଆନୁକୂଲ୍ୟରେ ବିଶୋଇ ବ୍ଲକ ଲୁହାକାନି ଗ୍ରାମରେ ଅବସ୍ଥିତ ଥିବା ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ ସହିତ ଶନିବାର ଉଭୟ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ସାମିଲ ହୋଇ ୧୦୮ ଗୋଟି କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ପୂଜାବିଧି ଅନୁସାରେ ଗୁରୁପୂଜା, ସୂର୍ଯ୍ୟପୂଜା, ଘଟପୂଜା ସହିତ ଯଜ୍ଞ ମଣ୍ଡପରେ ଯଜ୍ଞାରମ୍ଭ କରାଯାଇଥିଲା। ସେହିପରି ରବିବାର ସକାଳ ସମୟରୁ ଅପରାହ୍ଣ ଯାଏଁ ହନୁମାନଙ୍କ ସିନ୍ଦୁରାଭିଷେକ, ଯଜ୍ଞ ଓ ସପ୍ତଶତିଚଣ୍ଡୀ ପାଠ ସହିତ ଧ୍ୱଜାରୋପଣ ହୋଇ ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତିରେ ପ୍ରାକ୍ତନ ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ସମେତ ନିକଟସ୍ଥ ଗ୍ରାମ ତଥା ବିଶୋଇ ଅଞ୍ଚଳର କୋଣ ଅନୁକୋଣରୁ ଶତାଧିକ ଶ୍ରଦ୍ଧାଳୁ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ କୃପାଲାଭ କରିଥିଲେ। ଯାଜପୁରରୁ ଆଗତ ମୁଖ୍ୟପୂଜକ ଶରତ ଚନ୍ଦ୍ର ଦାଶ, ସହଯୋଗୀ ଚନ୍ଦ୍ରକାନ୍ତ ଆଚାର୍ଯ୍ୟ ସମସ୍ତ ଯଜ୍ଞମଣ୍ଡପରେ ପୂଜାବିଧି କରିଥିବା ବେଳେ ପୀଠର ସ୍ଥାୟୀ ପୂଜକ ରବି ଦାସ ଓ ସହଯୋଗୀ ଦିଲୁ ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିରର ମୁଖ୍ୟ ଉଦ୍ୟକ୍ତା ସତ୍ୟନାଥ ବେହେରା, ତ୍ରୈଲକ୍ୟନାଥ ବେହେରା ଓ ଦିଲ୍ଲୀପ ନନ୍ଦଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ ତଥା ଲୁହାକାନି ଗ୍ରାମବାସୀଙ୍କ ସହଯୋଗରେ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

## ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ

କେନ୍ଦୁଝର, ୧୩।୭(ସମିସ): କେନ୍ଦୁଝର ସଦରମହକୁମାସ୍ଥ ହୋଟେଲ ଶ୍ରୀକ୍ରିଷ୍ଣା କନଫରେନ୍ସ ହଲରେ ଅଲ ଓଡ଼ିଶା ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ସଂଘରର କାର୍ଯ୍ୟକାରିଣୀ ବୈଠକ ସଚ୍ଚିଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାନ୍ତର କାର୍ଯ୍ୟନିର୍ବାହୀ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ସମୟରେ ବ୍ୟାଙ୍କ କର୍ମଚାରୀ ମାନଙ୍କ ଦାବି ସବୁକୁ କିପରି କର୍ତ୍ତୃପକ୍ଷ ପୂରଣ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ପାଦକ ପ୍ରବୀର ଘୋଷ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଜୟପ୍ରକାଶ ସିଂହ, ଉପ ସାଧାରଣ ସମ୍ପାଦକ ଅକ୍ଷୟ ପଟ୍ଟନାୟକ, କୋଷାଧକ୍ଷ ସଞ୍ଜୟ ସାହୁ ପ୍ରମୁଖ ବୈଠକ ସଞ୍ଚାଳନ କରିଥିଲେ,। ସର୍ବସମ୍ମତି ଭାବେ ବ୍ୟାଙ୍କ ସୁପରିଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ସହିତ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା।

# ଆଜି ଶ୍ରାବଣ ମାସର ପ୍ରଥମ ସୋମବାର

# ଚଳଚଞ୍ଚଳ ଶୈବପୀଠ; ବେଦବ୍ୟାସ ପୀଠରେ ସ୍ୱତନ୍ତ୍ର ବ୍ୟବସ୍ଥା








ରାଉରକେଲା, ୧୩।୭ (ସମିସ)

ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳ ଲାଗି ପାଇଁ ଚଳଚଞ୍ଚଳ ରାଉରକେଲା ସମେତ ଜିଲ୍ଲାର ପ୍ରତ୍ୟେକ ଶୈବପୀଠ। ବିଶେଷ କରି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କାଂଶବାହାଲ ସ୍ଥିତ ଘୋଘଡ ଶୈବପୀଠ, ବେଦବ୍ୟାସ ଶୈବପୀଠ, ତରକେରା ଶୈବପୀଠ, ବାବା ବାଣେଶ୍ୱର ଶୈବପୀଠ ଆଦି ସ୍ଥାନରେ ମହାଦେବଙ୍କ ଠାରେ ଜଳ ଲାଗି ପାଇଁ ହଜାର ହଜାର ଶ୍ରଦ୍ଧାଳୁ, କାଉଁଡିଆଙ୍କ ଭିଡ ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଶୈବପୀଠଗୁଡିକରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶ୍ରାବଣ ଆସିଲେ ଶୈବ ପୀଠ କାଉଡ଼ିଆଙ୍କ ଭିଡ଼ରେ ଉଛୁଳି ପଡେ। ବିଭିନ୍ନ ଘାଟରୁ ପାଣି ଉଠାଇ କାଉଡ଼ିଆ ମାନଙ୍କ ଧାଡ଼ି ଲମ୍ବି ଥାଏ ରାସ୍ତାରେ। କାଉଡ଼ିଆଙ୍କ ପ୍ରମୁଖ ପେଣ୍ଠସ୍ଥଳୀ ପାଲଟି ଥାଏ ରାଉରକେଲା ସହର। ବେଦବ୍ୟାସ ଘାଟରୁ ଜଳଭାର ନେଇ କାଉଡ଼ିଆମାନେ ଯାତ୍ରା ଆରମ୍ଭ କରନ୍ତି। ଆସନ୍ତାକାଲି ୧୪ ତାରିଖ ପ୍ରଥମ ସୋମବାର। କାଉଡିଆଙ୍କ ଜଳ ଯାତ୍ରା ପାଇଁ ରାଉରକେଲା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ରାଉରକେଲା ମହାନଗର ନିଗମ ପକ୍ଷରୁ ବେଦବ୍ୟାସ ପୀଠରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଏହାସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କାଉଡ଼ିଆମାନେ ଶୃଙ୍ଖଳିତ ଭାବେ ବ୍ରାହ୍ମଣୀ ନଦୀରୁ କିଭଳି ଜଳ ଉଠାଇବେ ସେନେଇ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି କରାଯାଇଛି। ରାଉରକେଲାର ବେଦବ୍ୟାସ ପୀଠରେ ଜୁଲାଇ ୧୪ରୁ ଏହି ଶ୍ରାବଣୀ ମେଳା ଆୟୋଜନ କରାଯିବ। ଅଗଷ୍ଟ ୪ ତାରିଖ ଯାଏଁ ଏହି ମେଳା ଚାଲିବ। ଆଖପାଖ ଅଞ୍ଚଳର ବହୁ ମାନସିକ ବ୍ରତଧାରୀମାନେ ବେଦବ୍ୟାସ ପୀଠରୁ ପାଣି ଉଠାଇ ବିଭିନ୍ନ ଶୈବ ପୀଠ ଅଭିମୁଖେ ଯାତ୍ରା



କରିଥାନ୍ତି। ତା'ଛଡ଼ା ବେଦବ୍ୟାସ ସ୍ଥିତ ଶିବ ମନ୍ଦିରକୁ ମଧ୍ୟ ବିଭିନ୍ନ ସ୍ଥାନରୁ ବିଶେଷ କରି ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗରୁ କାଉଡିଆମାନେ ପାଣି ଭାର ନେଇ ଆସିଥାନ୍ତି। ସପ୍ତାହର ପ୍ରତ୍ୟେକ ରବିବାର ଏବଂ ସୋମବାର ଭିଡ ହେବାର ସମ୍ଭାବନା ରହିଛି। ତେଣୁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଆବଶ୍ୟକ ମୁତାବକ ମହିଳା ପୁଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଛି। ସେହିପରି ବେଦବ୍ୟାସଠାରେ ମୁଖ୍ୟ ରାସ୍ତାର ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟ ମାର୍ଗରେ ଗାଡି ପାର୍କିଂକୁ ନିଷେଧ କରାଯାଇଛି। ଏହାସହ ଦୁର୍ଘଟଣାକୁ ଏଡାଇବାକୁ ଯାଇ ବେଦବ୍ୟାସ ପୋଲ ନିକଟରେ ଥିବା ରେଳ ଧାରଣାରେ ଲୋକମାନଙ୍କ ଯାତାୟାତକୁ ମଧ୍ୟ ନିଷେଧ କରାଯାଇଛି। ଏତଦ୍‌ବ୍ୟତୀତ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ କରି ନଦୀ ଘାଟରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ପୁରୁଷ ଓ ମହିଳାଙ୍କ ସ୍ନାନ ପାଇଁ ଭିନ୍ନଭିନ୍ନ ତୁଠ କରାଯାଇଛି। ଏହାସହ ବେଦବ୍ୟାସ ପୀଠରେ ବ୍ୟାପକ ଆଲୋକୀକରଣ ବ୍ୟବସ୍ଥା କରାଯିବା ସହ ବିଦ୍ୟୁତ ସରବରାହ କରିବା ଲାଗି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜରୁରୀକାଳୀନ ପରିସ୍ଥିତି ପାଇଁ ୩ଟି ଆମ୍ବୁଲାନ୍ସ ସେବା, ମୋବାଇଲ ସ୍ୱାସ୍ଥ୍ୟ କ୍ଲିନିକ କରାଯାଇ ଜଣେ ଡାକ୍ତର ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହା ସହିତ ଜରୁରୀକାଳିନ ପରିସ୍ଥିତି ପାଇଁ ଓଡ୍ରାଫ୍ଟ ଓ ଅଗ୍ନିଶମ କର୍ମଚାରୀମାନେ ମୃତୟନ ରହିଛନ୍ତି। ବେଦବ୍ୟାସ ପୀଠରେ ନିୟମିତ ସଫେଇ ଉପରେ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଇ-ଶୌଚାଳୟ, ପାଇବା ପାଣି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ବେଦବ୍ୟାସ ଠାରେ ବିଭିନ୍ନ ରାଜ୍ୟ ତଥା ଆଖପାଖ ଅଞ୍ଚଳର ବ୍ୟବସାୟୀ ଡେରା ମେଲାଇଛନ୍ତି। ଏହାସହ ବିଭିନ୍ନ ସାମାଜିକ ସଂସ୍ଥା ପକ୍ଷରୁ କାଉଡିଆଙ୍କ ନିମନ୍ତେ ପାନୀୟ, ଚା', ଅଳ୍ପ ଆହାର ଆଦିର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର କାଂଶବାହାଲ ସ୍ଥିତ ଘୋଘର ଧାମଠାରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଜଳାଭିଷେକ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ୟାରିକେଟ୍ ନିର୍ମାଣ କରାଯାଇ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ରାସ୍ତା କରାଯାଇଛି। କାଉଡିଆ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସାମଗ୍ରୀ କିଣିବାକୁ ବଜାରରେ ଭିଡ଼

ସୋମବାର ଶ୍ରାବଣ ମାସର ପ୍ରଥମ ସୋମବାର। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, କାଉଡିଆ ବିଭିନ୍ନ ଶୈବପୀଠରେ ଏହି ଅବସରରେ ଜଳାଭିଷେକ କରିବେ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ଶୈବପୀଠ। ସେପଟେ ବଜାର ବାହୁଙ୍ଗା ଠାରୁ ଆରମ୍ଭ କରି ମାଟି କଳସ ଆଦି ବୋଲବମ୍ ସାମଗ୍ରୀରେ ସଜେଇ ହୋଇଛି। ବିଭିନ୍ନ ସାମଗ୍ରୀ କିଣିବାକୁ ରବିବାର ବଜାରରେ କାଉଡ଼ିଆଙ୍କ ଭିଡ ଦେଖିବାକୁ ମିଳିଛି। ସେପଟେ ଦୋକାନୀ ମଧ୍ୟ ବ୍ୟବସାୟ ପାଇଁ ପ୍ରସ୍ତୁତ। ବିଶେଷକରି ବେଦବ୍ୟାସ, ପାନପୋଷ, ଏସଟିଆଇ, ଡେଲି ମାର୍କେଟ, ବିଶ୍ରାଠାରେ ଦୋକାନ ଗୁଡ଼ିକରେ ବୋଲବମ ସାମଗ୍ରୀ ଅଧିକ ବିକ୍ରି ହେଉଥିବାରୁ ଲୋକମାନଙ୍କ ଗହଳି ବେଶି ଦେଖିବାକୁ ମିଳିଛି। ବାଉଁଶ ବାହୁଙ୍ଗାର ମୂଲ୍ୟ ୧୮୦ ଟଙ୍କାରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବାହୁଙ୍ଗା ସେଟ୍‌ର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ବେତ ବାହୁଙ୍ଗାର ମୂଲ୍ୟ ଟିକେ ଅଧିକା ରହିଛି। ଯହାର ମୁଲ୍ୟ ୮୦୦ରୁ ୧୦୦୦ ଟଙ୍କା ରହିଛି। ବାହୁଙ୍ଗା ବନେଇବା ପାଇଁ ଲାଗୁଥିବା ପ୍ଲାଷ୍ଟିକ ଶିବଲିଙ୍ଗ, ସାପ, ବେଲପତ୍ର, ତ୍ରିଶୂଳ, ଧୂପଦାନି, ଘୁଙ୍ଗୁର, ଘଣ୍ଟି, ହାତୀ ଶୁଣ୍ଢ, ମଥା ବନ୍ଧା ଫିତା ୧୫ ଟଙ୍କାରୁ ଆରମ୍ଭ ହୋଇ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଶିକାର ପୂଜ୍ୟ ୪୦ ଟଙ୍କାରୁ ଆରମ୍ଭ ହୋଇ ୭୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମାଟି କଳସ ୩୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ପିତ୍ତଳ କଳସ ଆକାର ଏବଂ ଓଜନ ଅନୁଯାୟୀ ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷକରି ବୋଲବମ୍ ଯିବା ସମୟରେ କାଉଡ଼ିଆ ମାନେ ପିନ୍ଧୁଥିବା ମହାଦେବ ଓ ଦେବୀ ପାର୍ବତୀଙ୍କର ଚିତ୍ରଥିବା ଟି-ସାର୍ଟର ମୁଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଗେରୁଆ ରଙ୍ଗର ପ୍ୟାଣ୍ଟ୍ ୧୨୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଜଳାଭିଷେକ କରିବା ପାଇଁ କାଉଡିଆମାନେ ରବିବାରଠାରୁ ବିଭିନ୍ନ ପ୍ରସିଦ୍ଧ ଶୈବପୀଠ ଅଭିମୁଖେ ଯାତ୍ରା କରିଥିବା ଦେଖିବାକୁ ମିଳିଛି।



## ଉପଖଣ୍ଡସ୍ତରୀୟ ବନ ମହୋତ୍ସବ

# ବଣାଇଁ ବନଖଣ୍ଡରେ ଲାଗିବ ୨ ଲକ୍ଷ ଚାରା

**ବଣାଇଁ, ୧୩।୭ (ସମିସ):** ବଣାଇଁ ବନଖଣ୍ଡ କୁଳିପୋଷ ବନାଞ୍ଚଳର କୁର୍ଡା ପଞ୍ଚାୟତ ଲଲେଇ ଛକ ସିଙ୍ଗାରଦେଇ ପାହାଡ଼ର ପାଦ ଦେଶରେ ଉପଖଣ୍ଡସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ପରିବେଶର ସନ୍ତୁଳନ ନିମନ୍ତେ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ନିମନ୍ତ୍ରିତ ଅତିଥି ଭାବେ ଆଞ୍ଚଳିକ ବନ ସଂରକ୍ଷକ ପି. ରାମସ୍ୱାମୀ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ପ୍ରମୁଖ ଯୋଗ ଦେଇ ସାମୁହିକ ବୃକ୍ଷ ଚାରାରୋପଣ କରିଥିଲେ।। ପ୍ରଥମେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଜରିଆରେ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ଚାରାରୋପଣ କରିବା ସହ ଚଳିତ ବନ ମହୋତ୍ସବ ସପ୍ତାହରେ ବ୍ୟାପକ ଚାରାରୋପଣ କରିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ସଦର ବ୍ଲକ ସମେତ ବିଭିନ୍ନ ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟା, ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା ଉପସ୍ଥିତ ଥିଲେ। ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବଣାଇଁ ବନଖଣ୍ଡରେ ଚଳିତ ବର୍ଷ ୨ ଲକ୍ଷ ବୃକ୍ଷ ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସେ କହିଥିଲେ। ଏଥିରେ ବନାଞ୍ଚଳ ଅଧିକାରୀ ଦେବାଶିଷ ନାୟକ, ସୁଚିସ୍ମିତା ଦାସ, କୈଳାସ କିସାନ, ଧରଣୀଧର ସାହୁ, ସୋଲ ରେଞ୍ଜ ଅଧିକାରୀ ରଶ୍ମୀରଞ୍ଜନ ରାଉଳଙ୍କ ସହ ବଣାଇଁ ବନଖଣ୍ଡର ସମସ୍ତ ବନପାଳ ଓ ବନରକ୍ଷୀମାନେ ଉପସ୍ଥିତ ଥିଲେ।




# ସେଲ୍‌ର ନୂତନ ପ୍ଲେଟ୍ ମିଲ୍‌ରେ ରେକର୍ଡ ଉତ୍ପାଦନ

**ରାଉରକେଲା, ୧୩।୭ (ସମିସ):** ସେଲ୍ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ଜୁଲାଇ ୧୦ ତାରିଖରେ ଉତ୍ପାଦନରେ ରେକର୍ଡ ହାସଲ କରିଛି। ଉକ୍ତ ଦିନ ମିଲ୍ ୫୧୦୯ ଟନ୍ ପ୍ଲେଟ୍ ରୋଲିଙ୍ଗ କରି ଦିନକରେ ନୂତନ ରେକର୍ଡ ସୃଷ୍ଟି କରି ୨୦୨୪ ଡିସେମ୍ବର ୧୧ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୫୦୫୦ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି। ଏହା ୨୦୧୪ରେ ସ୍ଥାପନ ହେବା ପରଠାରୁ ନୂତନ ପ୍ଲେଟ ମିଲର ସର୍ବଶ୍ରେଷ୍ଠ ଦିନିକିଆ ପ୍ଲେଟ୍ ରୋଲିଂ ରେକର୍ଡ। ଏହା ବ୍ୟତୀତ ମିଲ ଉକ୍ତ ଦିନ ୩୮୩ଟି ସ୍ଲାବ୍ ରୋଲିଂ ସହକାରେ ନୂତନ ଦିନିକିଆ ସ୍ଲାବ୍ ରୋଲିଂ ରେକର୍ଡ ମଧ୍ୟ ସ୍ଥାପନ କରିଛି। ଯାହା ପୂର୍ବ ଶ୍ରେଷ୍ଠ ୩୫୫ ସ୍ଲାବ୍ ରୋଲିଂ ରେକର୍ଡରେ ଉନ୍ନତି ଆଣିଛି। ସେହିଦିନ 'ସି' ସିଫ୍ଟରେ ମିଲ୍ ଏହାର ସର୍ବକାଳୀନ ଶ୍ରେଷ୍ଠ ୧୮୩୪ ଟନ୍ ସିଫ୍ଟ ଟନେଜ୍ ମଧ୍ୟ ହାସଲ କରିଛି। ଆରଏସପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତାଙ୍କ ଗହଣରେ ନୂତନ ପ୍ଲେଟ ମିଲ ଗସ୍ତ କରି ସାମୁଦାୟିକଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଡିଆଇସି ଆଗାମୀ ଦିନରେ ରେକର୍ଡର ଧାରା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ସେମାନଙ୍କୁ ବଡ଼ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ପ୍ରତିଦିନ ଛୋଟ ଛୋଟ ଉନ୍ନତିମୂଳକ ପଦକ୍ଷେପ ନେବାକୁ ମଧ୍ୟ ପ୍ରେରଣା ଦେଇଥିଲେ। ଡିଆଇସି ବିଶ୍ୱ ମାନଦଣ୍ଡ ଅନୁରୂପ ତ୍ରୁଟି ହ୍ରାସ କରିବା ଏବଂ ଉତ୍ପାଦକତାକୁ ଉନ୍ନତ କରିବା ପାଇଁ ରିଜେକ୍ଟ ହାର ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ସେ ସାମୁଦାୟିକଙ୍କୁ ଫର୍ଣ୍ଣେସର ସ୍ୱାସ୍ଥ୍ୟ ବଜାୟ ରଖିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ। ଏହି ଲକ୍ଷ୍ୟ ଗ୍ରହଣ ଏବଂ ସମୟୋଚିତ ଭାବରେ ହାସଲ କରିବା ପାଇଁ ଡିଆଇସି ନୂତନ ପ୍ଲେଟ ମିଲର ୩ ଜଣ ଅଧିକାରୀଙ୍କୁ ୩ଟି ପୁସ୍ତକ ମଧ୍ୟ ପ୍ରଦାନ କରିଥିଲେ। ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଆର କେ ବିସାରେ ଶୀର୍ଷ ପ୍ରବନ୍ଧନ ତଥା ସହଯୋଗୀ ବିଭାଗ ଯଥା ପିପିସି, ଇଏମଡି, ଆର ଆଣ୍ଡ ସିଏଲ୍, ଟି ଆଣ୍ଡ ଆରଏମ୍, ଇଡି ୱାର୍କସ ସଚିବାଳୟ, ଡିଆଇସି ସଚିବାଳୟ, ରୋଲ୍ ସପ, ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ମରାମତି ବିଭାଗଙ୍କୁ ରେକର୍ଡ ହାସଲରେ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅନୁସୂଚିତ ଜାତି ବିଭାଗ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ରାଉରକେଲା, ୧୩।୭ (ସମିସ):** ରାଉରକେଲା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ନିକଟରେ ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗରେ ରାଉରକେଲା ଜିଲ୍ଲା କଂଗ୍ରେସରୁ ସ୍ଥାନ ପାଇଥିବା ପଦାଧିକାରୀମାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନବ ନିଯୁକ୍ତ ରାଜ୍ୟ ଉପସଭାପତି ଗଜେନ୍ଦ୍ର ତନ୍ତୀ, ସମ୍ପାଦକ ଆଦେଶ ସୁନା, ସମ୍ପାଦକ ବିନୋଦ ତନ୍ତୀ, ସମ୍ପାଦକ ରାଜୁ ଜୟପୁରିଆଙ୍କୁ ଉପଢୌକନ ଏବଂ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସଭାପତି ଶ୍ରୀ ଦାସ ରାଜ୍ୟସ୍ତରରେ ଅନୁସୂଚିତ ବିଭାଗରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାରୁ ୫ ଜଣକୁ ସ୍ଥାନ ମିଳିବା ରାଉରକେଲାରେ କଂଗ୍ରେସ ଦଳକୁ ଅଧିକ ମଜବୁତ କରିବା ସହିତ ଜିଲ୍ଲାରେ ଦଳିତ ଓ ପଛୁଆ ବର୍ଗର ଲୋକଙ୍କୁ ଦଳ ସହିତ ଯୋଡିବାରେ ସହାୟକ ହେବ ବୋଲି କହିଥିଲେ। ନବ ନିଯୁକ୍ତ ପଦାଧିକାରୀମାନେ ଦଳକୁ ମଜବୁତ କରିବା ପାଇଁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରୟାସ କରିବେ ବୋଲି ମତ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ସାଧାରଣ ସମ୍ପାଦକ ନଚିକେତା ମହାପାତ୍ର, ବ୍ଲକ ସଭାପତି ହରପ୍ରସାଦ ସାମଲ, ରଘୁନାଥ ଦାସ, ଭୀମ ମାହାତୋ, ଯୁବ କଂଗ୍ରେସର ଇସ୍ତେହାର ମହମ୍ମଦ, ସେବାଦଳ ମୁଖ୍ୟ ବିନୋଦ ରାଉତ, ଏସ୍‌ଟି ସେଲ ମୁଖ୍ୟ ରାଜେଶ ଟପ୍ପୋ, ବରିଷ୍ଠ ନେତା ବିଜୟ ଆପଟ, ରବୀନ୍ଦ୍ର ନାୟକ, ସୁଧୀର ନାଥ, ଜୁଲୁ ରେହେମାନ, ବ୍ରଜ ମୋହନ ତ୍ରିପାଠୀ, ଛବି ଦାସ, ମହିଳା କଂଗ୍ରେସର ସୁଶ୍ରୀ ରଞ୍ଜିତା ମଲ୍ଲିକ, ସୁନିତା ଲାକ୍ରା, ଝୁନୁ ପଟ୍ଟନାୟକ, ସରିତା ଟପ୍ପୋ, ରୁକସାନା ବେଗମ ଆଦି ଉପସ୍ଥିତ ଥିଲେ।

# ଇନର ହ୍ୱିଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ରାଉରକେଲା, ୧୩।୭ (ସମିସ):** ରାଉରକେଲାର ଅନ୍ୟତମ ମହିଳା ସମାଜସେବୀ ସଂସ୍ଥା ଇନର ହ୍ୱିଲ ରିଭର ସାଇଡ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ବ୍ରାହ୍ମଣୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫ ମସିହା ପାଇଁ ନୂତନ ସଭାପତି ଭବେ ସିମରନଜିତ ଶେଖନ ଦାୟିତ୍ୱ ଗ୍ରହଣ କରିଥିଲାବେଳେ ବିଗତ ବର୍ଷର ସଭାପତି ଅଜିତା ମହାନ୍ତି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଉତ୍ସବରେ ଇନର ହ୍ୱିଲର ପୂର୍ବତନ ଆସୋସିଏସନ ସଚିବ କ୍ରିଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସର୍ବବୃହତ୍ତ ମହିଳା ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂସ୍ଥା ଇନର ହ୍ୱିଲର ସଦସ୍ୟାମାନଙ୍କୁ ପରସ୍ପର ସହ ହାତ ମିଳାଇ ସାମାଜିକ ସେବାକାର୍ଯ୍ୟ କରି ଆନନ୍ଦ ଉପଭୋଗ କରିବାକୁ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମଞ୍ଜୁ ମୁଖାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉକ୍ତ ସଭାରେ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାଙ୍କ ସହ ରାଉରକେଲାର ଅନେକ ରୋଟାରୀଆନମାନେ ଉପସ୍ଥିତ ଥିଲେ। ପରେ ମୁଖ୍ୟ ଅତିଥିଙ୍କ ସହ ସଦସ୍ୟାମାନେ ହାଇଟେକ ମେଡିକାଲ କଲେଜ ଯାଇ ସେଠାରେ ରୋଗୀମାନଙ୍କୁ ବେଡ ସିଟ୍ ପ୍ରଦାନ କରିଥିଲେ।



# ଦେଢ଼ବର୍ଷ ବିତିଲା; ଆବଣ୍ଟନ ହେଉନି ନୂତନ ଦୋକାନ ଗୃହ

ବଣାଇଁ, ୧୩।୭ (ସମିସ)

ବଣାଇଁ ବ୍ଲକରେ ଦେଢ଼ ବର୍ଷ ହେଲା ନିର୍ମାଣ ହୋଇଥିବା ନବ ନିର୍ମିତ ଦୋକାନ ଗୃହ ଏପର୍ଯ୍ୟନ୍ତ ଆବଣ୍ଟନ ହୋଇନାହିଁ। ଯାହାକୁ ନେଇ ଉକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ବଣାଇଁ ବ୍ଲକସଦର ମହକୁମା ଠାରୁ ଲଲେଇ ସେତୁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଥିବା ୦.୩୮ ଡେସିମିଲି ସରକାରୀ ଜମିରେ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ବଣାଇଁ ବ୍ଲକ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଏଥିରେ ୫ଟି ବିପଣୀ ଗୃହ ନିର୍ମିତ ହୋଇଥିଲା। ତେବେ ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସର ମୁହଁ ରାସ୍ତା ଆଡକୁ ରହିଥିବା ବେଳେ ଏହି ମାର୍କେଟ କମ୍ପ୍ଲେକ୍ସର ଦିଗ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଢ଼ ବର୍ଷ ଧରି ଦୋକାନ ଗୃହ ଗୁଡିକର ବ୍ୟବହାର ହୋଇପାରି ନଥିବାରୁ ସେହି ସ୍ଥାନଟି ଏବେ ଲଟା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। କେଉଁ କାରଣରୁ ଘର ଗୁଡ଼ିକ ବଣ୍ଟନ ହେଉନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବର୍ଷେ ତଳେ ବଣାଇଁ ବିଡିଓଙ୍କୁ ସାକ୍ଷାତ କରି ଏ ବିଷୟରେ



## ସାଧାରଣରେ ଅସନ୍ତୋଷ

ଅବଗତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୋକାନ ଗୃହ ଆବଣ୍ଟନ କରା ନ ଯିବାର କାରଣ ଅନୁଧ୍ୟାନ କରି ଦୋକାନ ଗୃହ ଆବଣ୍ଟନ ଦିଗରେ ପଦକ୍ଷେପ ନେବାକୁ ବଣାଇଁର ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ସକାଳ
THE SAKALA
ସୋମବାର
୧୪ ଜୁଲାଇ, ୨୦୨୫

www.sakalaepaper.com

# ଅଭିଶାପ ପାଲଟିଛି ଓଡ଼ିଶା ମେଟାଲିକ୍ସ

**ଝାରସୁଗୁଡ଼ା, ୧୩।୭ (ସମିସ)**



ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଝାରସୁଗୁଡ଼ା ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। କମ୍ପାନୀର ପାଉଁଶ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଜମେରା ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳବାସୀ। କମ୍ପାନୀର ମନମୁଖୀ ପାଇଁ ଅନେକ ଅସୁବିଧା ଘେରରେ ଥିବା ଜମେରା ବାସୀ ଅଭିଯୋଗ କରିଛନ୍ତି। ଗାଁର ଏକ ଚିରସ୍ରୋତା ନାଳା ନିକଟରେ ଓଡ଼ିଶା ମେଟାଲିକ୍ସ କମ୍ପାନୀ ପାଉଁଶ ବେଆଇନ ଭାବେ ଗଦା କରିଛି। ବୃକ୍ଷରୋପଣ କରିବା ପାଇଁ କମ୍ପାନୀ ଏହି ସ୍ଥାନକୁ ନେଇଥିଲା। କିନ୍ତୁ ସେଠାରେ ପାଉଁଶ ପାହାଡ ଛିଡା କରିଛି। ଏହି ପାଉଁଶ ପାହାଡ ଯୋଗୁଁ ଜମେରା ଏବଂ ଆଖପାଖ ଅଞ୍ଚଳରେ ଚର୍ମରୋଗ, କିଡନୀରୋଗ ହେବା ସହ ଜଳବାୟୁ, ମୃତ୍ତିକା ସବୁ ପ୍ରଦୂଷିତ ହେଉଛି। ଏହାସହ କିଛି ଦିନ ପୂର୍ବେ ହୋଇଥିବା ଲଗାଣ ବର୍ଷାରେ ଏହି ପାଉଁଶ ପାହାଡ ଭୁଶୁଡି ପାଖରେ ଥିବା ଏକର ଏକର ଚାଷ ଜମିରେ ମାଡି ଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ନିକଟରେ ପ୍ରବାହିତ ନାଳାରେ




ମିଶି ଇବ ନଦୀ ଏବଂ ସେଠୁ ହୀରାକୁଦ ଜଳଭଣ୍ଡାରରେ ମିଶିଛି। ଯାହାଫଳରେ ସମ୍ପୂର୍ଣ୍ଣ ଅଞ୍ଚଳର ପାଣି ବିଷାକ୍ତ ହେଉଛି। ଓଡ଼ିଶା ମେଟାଲିକ୍ସର ବେଆଇନ ପାଉଁଶ ଗଦା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ଯାହାଫଳରେ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ପରିବାରର ଯୁବକ ଯୁବତୀ ବେକାର ରହୁଛନ୍ତି। କମ୍ପାନୀ ବିରୋଧରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ପ୍ରଶାସନ ଏବଂ ପ୍ରଦୂଷଣ

- ପ୍ରଦୂଷଣରେ ଲୋକେ ହନ୍ତସନ୍ତ
- ପାଉଁଶ ମାଡ଼ି ଚାଷଜମି ନଷ୍ଟ, ଇବ୍ ନଦୀରେ ମିଶୁଛି ପାଉଁଶ
- ବାହାର ଲୋକଙ୍କୁ ଦେଉଛି ନିଯୁକ୍ତି

ବିଭାଗ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଜମେରାବାସୀ ଦାବି କରିଛନ୍ତି। ଅନ୍ୟପଟେ ଏନେଇ ଓଡ଼ିଶା ମେଟାଲିକ୍ସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ହେଁ ସେମାନେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଦେଶୀ ମଦ ସହ କାର୍ ଜବତ; ଜଣେ ଗିରଫ




**ରାଉରକେଲା, ୧୩।୭ (ସମିସ):** କାର ଯୋଗେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ମାଲଗୋଦାମ ସର୍ଦ୍ଦାର ବସ୍ତିର ବିଶ୍ୱଜିତ୍ ପାତ୍ର (୨୬) ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଲାଣରେ ବ୍ୟବହୃତ କାର୍ ସହ ୪୫୦ ଲିଟର ମଦକୁ ପୁଲିସ ଜବତ କରିଛି। ପୁଲିସ ସୂଚନା ମୁତାବକ, ରବିବାର ସକାଳେ ପୁଲିସ ପାଟ୍ରୋଲିଂ କରୁଥିଲା। ଟିମ୍ବର୍ କଲୋନୀ ସ୍ଥିତ ବିଏସ୍ଏନ୍ଏଲ୍ ଛକ ଦେଇ ମଦ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଏହି ଆଧାରରେ ପୁଲିସ କାରକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଉପରୋକ୍ତ ପରିମାଣର ମଦକୁ ଜବତ କରିଥିଲା। ସେକ୍ଟର ଅଞ୍ଚଳରୁ ମାଲଗୋଦାମ ବସ୍ତିକୁ ମଦ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡ଼ିଛି। ଗିରଫ ବିଶ୍ୱଜିତ ନାଁରେ ପୂର୍ବରୁ ଉଦିତନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ମଦର ଆନୁମାନିକ ମୂଲ୍ୟ ୪୫ ହଜାର ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଝାରସୁଗୁଡ଼ା ଜିଲ୍ଲା ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ




**ଇବଥର୍ମାଲ, ୧୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଟାଉନ ହାଇସ୍କୁଲରେ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲା ପ୍ରଭାରୀ ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ସମ୍ପାଦକ ପ୍ରଣବ ଜେନା, ଯୁଗ୍ମ ସମ୍ପାଦକ ଆଶୁତୋଷ ପ୍ରସାଦ ରଥ, ଅନୁଗୁଳ ଜିଲ୍ଲା ଓଷ୍ଟା ସମ୍ପାଦକ ତ୍ରିଲୋଚନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟା ସମ୍ପାଦକ କିଶୋର ମହାନ୍ତି ସାଂଗଠାନିକ ବିବରଣୀ ପାଠ କରିବା ପରେ ଉପସ୍ଥିତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ମାନଙ୍କରେ ସରକାରଙ୍କ ବ୍ୟବସ୍ଥା ନଥିବାରୁ ଶିକ୍ଷକ ଅଭାବ, ୧୯୪ ବର୍ଗର ସ୍କୁଲ ଗୁଡିକରେ କାମ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ କାମକରି ଆସିଥିଲେ ମଧ ତାଙ୍କୁ ସରକାର ଟଙ୍କାଟିଏ ଅନୁଦାନ ନଦେବା, ସେହି ବର୍ଗର ସ୍କୁଲ ଗୁଡିକରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରିଦେବା, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲରେ ୩୦/୩୫ବର୍ଷ କାମକରି ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଅବସରକାଳୀନ ସୁବିଧା ସହ ପେନସନ୍ ନଦେବା ଆଦି ସମସ୍ୟା ଉପରେ ଶିକ୍ଷକ ମାନେ ଦାବି ରଖିଥିଲେ। ତାପରେ ଜିଲ୍ଲା କମିଟି ନିର୍ବାଚନ ପ୍ରକ୍ରିୟା କରାଯାଇ ରାଜ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ସନ୍ୟାସୀ ପଟେଲଙ୍କୁ ସଭାପତି, ଜଗଦିଶ କିଶାନଙ୍କୁ କାର୍ଯ୍ୟକାରୀ ସଭାପତି, ବିପଦ ଭଞ୍ଜନ ପଣ୍ଡା, ଭାରତୀ ଭୋଇ, ଶାନ୍ତି ପ୍ରସାଦ ପାଢ଼ୀଙ୍କୁ ଉପସଭାପତି, କିଶୋର ମହାନ୍ତିଙ୍କୁ ସାଧାରଣ ସମ୍ପାଦକ, ବିପିନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରିଷ୍ଣା ପ୍ରଧାନଙ୍କୁ ଯୁଗ୍ମ ସମ୍ପାଦକ, ଏକଜ୍ୟୁକ୍ୟୁଟିଭ୍ କାଉନସିଲ୍ ମେମ୍ବର ଭାବେ ଜୟନ୍ତୀ ପଟେଲ, ଜୟନାରାୟଣ ପଟେଲ, କେଶବ ସା, ପ୍ରତାପ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହରେକୃଷ୍ଣ ପଟେଲ ଓ ଉପଦେଷ୍ଟା ଭାବେ ସଦାନନ୍ଦ ଦାସ, ଉମାକାନ୍ତ ପଣ୍ଡା ଓ ସଚୀନ୍ଦ୍ର ପଟେଲଙ୍କୁ ମନୋନୀତ କରା ଯାଇଥିଲା। ଶେଷରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ଇଜେଭି ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର






**ଝାରସୁଗୁଡ଼ା, ୧୩।୭ (ସମିସ):** ଇଜେଭି ଫାଉଣ୍ଡେସନ ତରଫରୁ କାତିକେଲା ଠାରେ ରବିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ସାତ ବର୍ଷ ଧରି ଜୁଲାଇ ଏକ ତାରିଖରେ ଇଜେଭି ଫାଉଣ୍ଡେସନ ତରଫରୁ ଡାକ୍ତର ଦିବସ ପାଳନ ହୋଇ ଆସୁଅଛି। କିନ୍ତୁ ଏହି ବର୍ଷ କିଛି ନିଆରା ଢଙ୍ଗରେ ସେବା ଯୋଗାଇ ଏହି ଦିବସକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି କାତିକେଲାରେ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାତିକେଲା ଗାଁ ଝାରସୁଗୁଡ଼ା ସହର ଠାରୁ ଅପହଞ୍ଚ ଦୂରତାରେ ରହିଛି। ତେଣୁ ଚିକିତ୍ସା ପାଇଁ ଅଞ୍ଚଳର ଲୋକ ସବୁବେଳେ ଝାରସୁଗୁଡ଼ା ସହରକୁ ଆସିବା ସମ୍ଭବପର ହେଉନାହିଁ। କାତିକେଲା ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସଞ୍ଜୀବନୀ ଡାକ୍ତରଖାନାର ମିଳିତ ସହଯୋଗରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୧୦୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ନିର୍ବାଣ ଅଗ୍ରୱାଲ, ଡ.ମିନାକ୍ଷୀ ପ୍ରଧାନ, ଅର୍ଥପେଡ଼ିକ ଡ.ଆକାଶ ଅଗ୍ରୱାଲ, ମେଡିସିନ ଡ.ଅସୀମ ମହାନ୍ତି ପ୍ରମୁଖ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ କରିଥିବା ବେଳେ ରାଜେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ମାନସୀ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର, ପ୍ରିୟାରାୟ, ପବିତ୍ର ସ୍ୱାଇଁ, ଦୀପ୍ତି ବେହେରା, ଚାରି ଜଣ ଡାକ୍ତରଙ୍କୁ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ସଞ୍ଜୀବନୀ ହସ୍ପିଟାଲର ସୋଭନା ମହାପାତ୍ର ଓ ଅନନ୍ୟ ସଦସ୍ୟା ଶିବିରକୁ ସୁପରିଚାଳନା କରିଥିଲେ।

## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

### ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟ୍‌ନେସ୍




**ଝାରସୁଗୁଡ଼ା, ୧୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ସ୍ୱେଚ୍ଛାସେବୀ ସଙ୍ଗଠନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେସ (ଏମପିଏଫ) ଦ୍ୱାରା ରବିବାର ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସଙ୍ଗଠନର ଅଧ୍ୟକ୍ଷ ଆଶିଷ ଦାସ, ସମ୍ପାଦକ ହମିଦ ମହାପାତ୍ର, କୋଷାଧ୍ୟକ୍ଷ ସୁନନ୍ତ ପଣ୍ଡା ଏବଂ ସଦସ୍ୟ କିଶୋର ପଣ୍ଡା ଯୋଗ ଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ବେଲପାହାଡ ପୌରାଞ୍ଚଳର ୧୨ ନଂ ୱାର୍ଡ ମିର୍ଦ୍ଧାଡେରା ଠାରୁ ଛୁଆଲିବେର୍ଣ୍ଣା ରାସ୍ତାର ଦୁଇ ପାର୍ଶ୍ୱରେ କରଞ୍ଜର ୩୦ଟି ଚାରାରୋପଣ ଏହି କାର୍ଯ୍ୟକ୍ରମରେ ଅଭିଷେକ ସିଂଘାନିଆ, ବବିତା ପଟ୍ଟନାୟକ, ସୁବୋଧ ଭଇଁ ସାଲ, ଆଦିତ୍ୟ ଟେଟେ, ଆଦିତ୍ୟରାୟ, ଚିତ୍ତରଞ୍ଜନ ମାଝି, ମାନବ ବେରା, ସୁମନ୍ତ ଭଇଁ ସାଲ, ବିଜୟ ମହାରଣା, ଭାସ୍ୱତୀ ସାହୁ, ହରସଦ ବେହେରା, ସଂଘମିତ୍ରା ଚୌଧୁରୀ, ଦିବ୍ୟାସିଂ ମାଝୀ, ମଧୁସ୍ମିତା ମହାରଣା, ବିବେକ ମହାରଣାଙ୍କ ସମେତ ଅନେକ ମହିଳା ଅଂଶଗ୍ରହଣ କରିଥିଲେ।

### କାନ୍ୟକୁବ୍ଜ ମହିଳା ମଣ୍ଡଳ



**ଝାରସୁଗୁଡ଼ା:** ଦିନକୁ ଦିନ ବଢୁଥିବା ପ୍ରଦୂଷଣର ମୁକାବିଲା ତଥା ଝାରସୁଗୁଡ଼ା ସହରକୁ ସବୁଜ ସୁନ୍ଦର କରିବାକୁ ରବିବାର ସାମାଜିକ ସଂଗଠନ କାନ୍ୟକୁବ୍ଜ ବ୍ରାହ୍ମଣ ସମାଜର ମହିଳା ମଣ୍ଡଳ ପକ୍ଷରୁ ମନୂର୍ଭବ ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳ ଅଧ୍ୟକ୍ଷା ଆଭା ମିଶ୍ର ସଭାପତିତ୍ୱ କରିଥିଲେ। ମହିଳା ସଦସ୍ୟଙ୍କ ଦ୍ୱାରା ଆଶ୍ରମ ପରିସରରେ ଚାରାରୋପଣ ସହ ଆଶ୍ରମରେ ରହି ଶିକ୍ଷା ଲାଭ କରୁଥିବା ଛାତ୍ରଙ୍କୁ ପାଠପଢ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ କାନ୍ୟକୁବ୍ଜ ମହିଳା ମଣ୍ଡଳର ଝାରସୁଗୁଡ଼ା ଉପାଧ୍ୟକ୍ଷ ଜ୍ୟୋତ୍ସ୍ନା ଅବସ୍ଥି, ରମା ମିଶ୍ର, ଶୁଭମ ମିଶ୍ର, ସମ୍ପାଦକ ମନୀଷା ଅବସ୍ଥି, ନିଧି ମିଶ୍ର, ରାଖୀ ଅବସ୍ଥି, ଯୁଗ୍ମ ସମ୍ପାଦକ ଭାବନା ଶୁକ୍ଲା, କୋଷାଧ୍ୟକ୍ଷ ସୁନିତା ମିଶ୍ର, ପିଙ୍କି ଶୁକ୍ଲା, କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ଶୁକ୍ଲା, ସଞ୍ଚିତା ମିଶ୍ର, ରଜନୀ ଅବସ୍ଥି, ମେଘା ଶୁକ୍ଲା, ନୀତା ବାଜପେୟୀ, ରଶ୍ମି ଅବସ୍ଥି, ଦୀପ୍ତି ଅବସ୍ଥି, ସୁଧା ଅବସ୍ଥି, ଅଦିତି ବାଜପେୟୀ, ଅବନ୍ତୀ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ।

### ମେଟ୍ରୋ କ୍ଲବ୍



**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଦରମହକୁମା କୁତ୍ରା ବସ୍ତିଠାରେ ଥିବା ସୋଝା ପୋଖରୀଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମେଟ୍ରୋ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଓ କୁତ୍ରା ସରପଞ୍ଚ ଭୂବନ କୁଜୁର ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ବୃକ୍ଷ ପରିବେଶର ବାତାବରଣ ସନ୍ତୁଳନ କରିଥାଏ। ଆଜି ପୃଥିବୀ ପୃଷ୍ଠରେ ବୃକ୍ଷ ସଂଖ୍ୟା କମିବାରେ ଲାଗିଥିବାରୁ ପୃଥିବୀର ଉତ୍ତାପ ବୃଦ୍ଧି ହେଉଥିବା କଥା କୁତ୍ରା ସରପଞ୍ଚ କହିଥିଲେ। ଗଛ ଚାରାଲଗାଇବା ସହ ଏହାର ଯତ୍ନ ନେବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି କ୍ଲବ୍‌ର ସଭାପତି ସୁନିଲ କୁଜୁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କ୍ଲବର ସଦସ୍ୟ ସୁଭମ ଲାକ୍ରା, ଆକାଶ କୁଜୁର, ପ୍ରଫୁଲ୍ଲ କୁଜୁର, ଗୋବିନ୍ଦ କୁଜୁର, ପ୍ରିୟବ୍ରତ ଲାକ୍ରା, ପ୍ରିୟବ୍ରତ ଟପ୍ପୋ ଓ ଉଦୟ ଲାକ୍ରା ସହଯୋଗ କରିଥିଲେ।

# ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଦିବସ




**ରାଉରକେଲା, ୧୩।୭ (ସମିସ):** ସ୍ଥାନୀୟ ରାଉରକେଲା କ୍ଲବ୍‌ଠାରେ ରୋଟାରୀ କ୍ଲବ୍‌ର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଜିଇ ଆଲାମ ସିଂହ ରୂପରା ଏବଂ ଏଜି କିରଣ ଆରୋରା ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦାୟୀ ଅଧ୍ୟକ୍ଷ କଳ୍ପନା ଶତପଥୀ ଗୋଟିଏ ବର୍ଷର ପୂର୍ଣ୍ଣ ସମର୍ଥନ ପାଇଁ ଦଳକୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ସଭାପତି ସୁଶାନ୍ତ ତ୍ରୀପାଠିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ତ୍ରୀପାଠି ଏହି ଅବସରରେ ତାଙ୍କର ନିର୍ଦ୍ଦେଶକ ମଣ୍ଡଳୀର ପରିଚୟ କରାଇଥିଲେ। ରୋଟାରୀ କ୍ଲବ୍‌ରେ ନୂତନ ସଦସ୍ୟମାନଙ୍କୁ ସାମିଲ କରିଥିଲେ। ପିଡିଜି ଫକିର ଚରଣ ମହାନ୍ତି ସେମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଆଲାମ ସିଂହ ରୂପରା ନୂତନ ଟିମକୁ ଶୁଭେଚ୍ଛା ଜଣାଇଥିଲେ। କୋୟେନା ଦସ୍ତିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ

**ରାଉରକେଲା, ୧୩।୭ (ସମିସ)**

ରାଉରକେଲାଠାରେ ରବିବାର ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଉଟସୋର୍ସିଂ କର୍ମଚାରୀମାନଙ୍କ ସ୍ଥାୟୀକରଣ, ଲାଇନମେନ୍-ଏ ମାନଙ୍କୁ ସିନିୟର ଚାର୍ଜମେନ୍ ପଦକୁ ପଦୋନ୍ନତି ଦେବା, ଅନ୍ୟାନ୍ୟ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ କରି ଉପର ପଦବୀକୁ ପଦୋନ୍ନତି ଦିଆଯିବା, ଉପଯୁକ୍ତ ଏସ୍ଓପି ପ୍ରଚଳନ କରିବା, ସମାନ କାମକୁ ସମାନ ଦରମା ଦେବା, ପୁରୁଣା ପେନ୍ସନ ଯୋଜନା ଲାଗୁ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା ପ୍ରଭୃତି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଟାଟା ପାୱାର କର୍ତ୍ତୃପକ୍ଷ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଦାବିଗୁଡ଼ିକ ଉପରେ ଯଦି ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି,




ତା’ହେଲେ ମହାସଂଘ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନେବା ପାଇଁ ବାଧ ହେବ ବୋଲି ମହାସଂଘର ଉପଦେଷ୍ଟା ବିଷ୍ଣୁଚରଣ ମହାନ୍ତି, ମହାସଂଘର ସଭାପତି ହରିହର ବେହେରା, ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ, ଉପସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ସାଂଗଠନିକ ସମ୍ପାଦକ ପବିତ୍ର ଖୁଣ୍ଟିଆ, ଓଏସ୍ଇବି ଏମ୍ପ୍ଲୋଇଜ୍ ୟୁନିଅନ୍ ରାଉରକେଲାର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସୁବ୍ରତ କୁମାର ମିଶ୍ର ପ୍ରମୁଖ ଶ୍ରମିକ ନେତାମାନେ ମତବ୍ୟକ୍ତ କରିଥିଲେ।

## ୨୮ ବର୍ଷ ପରମ୍ପରାରେ କଳଙ୍କ

# ବନ୍ଦହେଲା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ





**ବାରିପଦା, ୧୩।୭ (ସମିସ)**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ ବର୍ଷର ପରମ୍ପରାରେ ଆଜି କଳାଦାଗ ବା କଳଙ୍କ ଲାଗିଯାଇଛି। ଦୀର୍ଘଦିନ ଧରି ଚାଲିଥିବା 'ମେରୀ ରାୟ' ନୀତି ଶେଷରେ ବିସ୍ଫୋରକ ରୂପ ଧାରଣ କରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ' ଉକ୍ତ ବିଶ୍ୱବିଦ୍ୟାଳୟର ରବିବାର ୨୮ ତମ ପ୍ରତିଷ୍ଠା ଦିବସ ହୋଇଥିବା ବେଳେ ମୟୂରଭଞ୍ଜ ମହାରାଜାଙ୍କୁ ନିମନ୍ତ୍ରଣ କରାନଯିବା ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ନିମନ୍ତ୍ରଣ କରାନଯିବାକୁ ନେଇ ଉପୁଜିଥିବା ସ୍ଥିତି ପାଇଁ ଅପ୍ରତ୍ୟାଶିତ ସଙ୍କଟ ଦର୍ଶାଇ ପ୍ରତିଷ୍ଠା ଦିବସ ପାଳନକୁ ବନ୍ଦ ରଖାଯିବା ଏବଂ ସୂଚନାଦେଇ କାମ ତୁଟାଇ ଦେଇଛନ୍ତି କୂଳସଚିବ ସୁମିତା ସିଂ।

କୂଳସଚିବ ଓ କିଛି କର୍ମଚାରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ସ୍ୱର୍ଗତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଦେଇ କାମ ତୁଟାଇଛନ୍ତି। ଏହା ଜଣାପଡ଼ିବା ପରେ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନା ଥାଉ କି, ୧୯୯୮ ମସିହା ଜୁଲାଇ ୧୩ ତାରିଖରେ 'ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ' ନାମରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ୧୯୯୮ରୁ ବାରିପଦାରେ ଏହାର ଗୌରବଯାତ୍ରା ଆରମ୍ଭ ହୋଇଥିଲା। ତେବେ ୨୩ଡିସେମ୍ବର ୨୦୨୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳର ପ୍ରଜାବତ୍ସଳ ଓ ବିଦ୍ୟାନୁରାଗୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ସମ୍ମାନ ଜଣାଇ ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରି 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ' ନାମରେ ନାମିତ କରିଥିଲେ।

**ଫାଟକରେ ତାଲା, ମାଲ୍ୟାର୍ପଣ ଦେଇ କାମ ସାରିଦେଲେ**

**ମୟୂରଭଞ୍ଜ ମହାରାଜାଙ୍କ ସହିତ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା**

ଓଡ଼ିଶାର ଜ୍ଞାନ ପରମ୍ପରା ଓ ଶିକ୍ଷାପଦ୍ଧତିର ଉତ୍କର୍ଷତାର ଅନ୍ୟତମ ସାକ୍ଷୀଭାବରେ ଏହି ବିଶ୍ୱବିଦ୍ୟାଳୟ ଆଜି ଭାରତବର୍ଷରେ ସୁପରିଚିତ। ୟୁଜିସି ତରଫରୁ ୨୦୨୩ ମସିହାରେ ବିଶ୍ୱବିଦ୍ୟାଳୟକୁ ମୋଟ ୪.୦୦ରୁ ୩.୧ ସିଜିପିଏ ମାର୍କ ସହ ନାକ୍ 'ଏ' ଗ୍ରେଡ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ପରନ୍ତୁ ବିଶ୍ୱବିଦ୍ୟାଳୟରେ ନାନା ସମାସ୍ୟାକୁ ନେଇ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି। ୩ବର୍ଷ ଧରି ବିବାଦୀୟ ଭାବେ ଏଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ ଭାରପ୍ରାପ୍ତ କୂଳପତି ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ମନମୁଖୀ କାର୍ଯ୍ୟ ଓ ବ୍ୟବହାରରେ ଅତିଷ୍ଠ ହେଉଛନ୍ତି ଛାତ୍ରଛାତ୍ରୀ। ବାରମ୍ବାର ସ୍ଥାୟୀ କୁଳପତି ଓ ପ୍ରଫେସର ପଦବୀ ପୂରଣ ସହ ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିର ଦୁରୁପଯୋଗ ସହିତ ଅନେକ ସମସ୍ୟା ସମାଧାନ ପାଇଁ ଦାବି ହୋଇ ଆସୁଥିବା ବେଳେ ସରକାର ଏଥିପ୍ରତି ଧ୍ୟାନଦେବାକୁ ପ୍ରାକ୍ତନ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି।

ତେବେ ଆଜି ପ୍ରତିଷ୍ଠା ଦିବସରେ ଛାତ୍ରଛାତ୍ରୀ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ମାନ ଜଣାଇଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହଠାତ୍ ପ୍ରତିଷ୍ଠା ଦିବସକୁ ସ୍ଥଗିତ ରଖିବା ସହଜରେ ଗ୍ରହଣ କରିପାରୁନାହାନ୍ତି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ। ଏହାର ତଦନ୍ତ ଦାବି କରାଯାଇଛି। ଛାତ୍ର ସାଇରଞ୍ଜନ ଲେଙ୍କା, ପ୍ରବୀଣ ପ୍ରଧାନମନ୍ତ୍ରୀ ଓ ପୁରାତନ ଛାତ୍ର ନେତା ଶଙ୍କର୍ଷଣ ପଣ୍ଡାଙ୍କ କହିବାନୁଯାୟୀ, ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସକୁ ଏପରି ପାଳନ କରାଯିବା ଦୁର୍ଭାଗ୍ୟ ଜନକ। ଜିଲ୍ଲାରେ ୨ଜଣ ମନ୍ତ୍ରୀ, ୨ଜଣ ସାଂସଦ, ୭ଜଣ ବିଧାୟକଙ୍କୁ ନିମନ୍ତ୍ରଣ ଦୂରରେ ଥାଉ ମୟୂରଭଞ୍ଜର ମହାରାଜା କିମ୍ବା ତାଙ୍କ ପରିବାରର କାହାକୁ ବି ସୌଜନ୍ୟମୂଳକ ନିମନ୍ତ୍ରଣ ପତ୍ରଟିଏ ଦେଇନାହାନ୍ତି। ଏହାକୁ ନେଇ ଆମେ ଆଜି ତାଲା ପକାଇଥିଲୁ ଏବଂ ନାର୍ଯ୍ୟ ଦାବି ପୂରଣ କରିବାକୁ କୁଳପତିଙ୍କ ନିକଟରେ ଦାବି ରଖିଥିଲୁ। ଏନେଇ ନଗରଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଦିନକୁ ଦନ ଏହି ବିଶ୍ୱବିଦ୍ୟାଳୟରେ ଅରାଜକତା ବୃଦ୍ଧି ପାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମହାରାଜାଙ୍କ ଦାୟଦ ସ୍ଥାନୀୟ ମହାରାଜାଙ୍କୁ ଡକରା ହେବନି ତାହା ଅପମାନ ବୋଲି ମୁଁ ମନେ କରୁଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି। ତେବେ ଏନେଇ କୂଳସଚିବ ଓ କୂଳପତି ଗଣମାଧ୍ୟମଙ୍କୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

## ମୁଣ୍ଡାରୀ ଭାଷା ପରୀକ୍ଷା ଫଳ ପ୍ରକାଶିତ




**ବାରିପଦା, ୧୩।୭ (ସମିସ):** ମୁଣ୍ଡାରୀ ଶିକ୍ଷା ପରିଷଦ ପକ୍ଷରୁ ଗତ ଜୁନ୍ ମାସ ୮ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ମୁଣ୍ଡାରୀ ଭାଷା ପରୀକ୍ଷାର ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଉକ୍ତ ମୁଣ୍ଡାରୀ ଭାଷା ପରୀକ୍ଷାରେ ୨୭ଟି ପରୀକ୍ଷା କେନ୍ଦ୍ରରୁ ୫୪୪ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୭ଟି ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଫଳାଫଳ ବିବରଣୀ ପ୍ରଦାନ କରାଯାଇଛି। ବାରିପଦାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନ ସମ୍ମିଳନୀ କକ୍ଷରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ତଥା ଯୋଜନା ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ ସଭାପତିତ୍ୱ କରିଥିଲେ। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ କରାଯିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇଛି। ଏହାବ୍ୟତୀତ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବାର୍ଷିକ ଉତ୍ସବ ଆସନ୍ତା ଅଗଷ୍ଟ ୯ ତାରିଖରେ ରାଙ୍ଗାମାଟିଆସ୍ଥିତ ମୁଣ୍ଡା ଭବନରେ ପାଳନ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ସମ୍ପାଦିକା ଶାନ୍ତିଲତା ସିଂ, ଶ୍ୟାମାଖୁଣ୍ଟା ବ୍ଲକ ଆବାହକ ରାମଚନ୍ଦ୍ର ସିଂ, ବାଉଁଶବିଲା ପଞ୍ଚାୟତ ଆବାହକ ସୁନାରାମ ସିଂ, ଗୋପବନ୍ଧୁ ନଗର ବ୍ଲକ ଆବାହକ ଅନନ୍ତ ପ୍ରସାଦ ସିଂ, ଖୁଣ୍ଟା ବ୍ଲକ ଆବାହକ ରାଙ୍ଗା ସିଂ ଏବଂ ସମସ୍ତ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଉପଦେଷ୍ଟା ବିଲକାନ ପ୍ରଭୁଦୟାଲ ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

## ଗେଣ୍ଡାଳିଆ ପକ୍ଷୀ ଜବତ; ଶିକାରୀ ଗିରଫ



**ମୋରଡା, ୧୩।୭ (ସମିସ):** ବେତନଟୀ ବନବିଭାଗ ରବିବାର ଜଣେ କୁଖ୍ୟାତ ପକ୍ଷୀ ଶିକାରୀକୁ ଗିରଫ କରିବା ସହ ଶିକାର ପାଇଁ ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ର ଏବଂ ଏକ ଗେଣ୍ଡାଳିଆ ପକ୍ଷୀକୁ ଜବତ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ବେତନଟି ରେଞ୍ଜ ଅଧୀନ ତୋଟାପୋଡ଼ା ଗ୍ରାମର ମୋହନ ହେମ୍ବ୍ରମ(୩୫)। ଫରେଷ୍ଟର ଦୀପକ ପାତ୍ରଙ୍କ ସୂଚନା ମୁତାବକ ମୋହନ ବେତନଟୀ ରେଞ୍ଜରେ ଦୀର୍ଘଦିନ ହେବ ବିଭିନ୍ନ ପକ୍ଷୀ ଶିକାର କରି ଖାଇବା ସହ ଏହାର ମାଂସ ବିକ୍ରି କରୁଥିଲା। ତେବେ ବିଶେଷ ସୂତ୍ରରୁ ଖବର ପାଇ ଏସସିଏଫ ମେହେରବାନ ଅଲ୍ଲୀ, ବେତନଟୀ ରେଞ୍ଜର ମନୱାର ଖାଁ, ଫୋରେଷ୍ଟର ଦୀପକ ପାତ୍ରଙ୍କ ସମେତ ଅନ୍ୟ ବନବିଭାଗ କର୍ମଚାରୀ ମାନେ ତୋଟାପୋଡ଼ା ଗ୍ରାମରେ ପହଞ୍ଚି ମୋହନଙ୍କୁ ଗିରଫ କରିଥିଲ। ଏଥିସହିତ ତା ନିକଟରୁ ଧନୁତୀର, ବାଟୁଲି ଓ ଏହା ପାଇଁ ବ୍ୟବହୃତ ଗୋଳା ଇତ୍ୟାଦି ଜବତ କରିବା ସହ ତାକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ସୁବାସ ଡଗରାଙ୍କ ପରଲୋକ



**ରାଇରଙ୍ଗପୁର, ୧୩।୭ (ସମିସ):** ରାଇରଙ୍ଗପୁର ପୌରାଞ୍ଚଳ ଅଧୀନ ଗଡ ଗ୍ରାମ ୱାର୍ଡ ନମ୍ବର ୭ର ଧର୍ମପରାୟଣ ବ୍ୟକ୍ତି ସୁବାସ ଚନ୍ଦ୍ର ଡଗରା(୭୪)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଡଗରା ବୃତ୍ତିରେ ରାଇରଙ୍ଗପୁର ଅଞ୍ଚଳର ପୁରାତନ ଜଣାଶୁଣା ସିଭିଲ କଣ୍ଟ୍ରାକ୍ଟର ଥିଲେ। ପରେ ଆଧ୍ୟାତ୍ମିକ ମାର୍ଗରେ ସମର୍ପିତ କରିଥିଲେ। ସେ ବିଭିନ୍ନ ସାଂସ୍କୃତିକ ସଂଗଠନ, ମନ୍ଦିର କମିଟି, ସଂକୀର୍ତ୍ତନ କମିଟି ସହିତ ଜଡ଼ିତ ରହିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଆଧ୍ୟାତ୍ମବାଦୀ, ସମାଜସେବୀ ବ୍ୟକ୍ତି ଥିଲେ। ତାଙ୍କ ଦେହାନ୍ତରେ ଗଡ ଗ୍ରାମରେ ଶୋକରେ ଛାୟା ଖେଳିଯାଇଛି। ତାଙ୍କ ମରଶରୀର ପାଖରେ ପୁତ୍ର, ଝିଅ, ଜ୍ୱାଇଁଙ୍କ ସମେତ ନାତି, ନାତୁଣୀ, ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଦେହାନ୍ତ ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଠିକାଦାର ସଂଘ, କ୍ଷତ୍ରୀୟ-ଖଣ୍ଡାୟତ ସଂଗଠନ ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନ, ବାବା ଐଶ୍ୱାନେଶ୍ୱର ମନ୍ଦିର କମିଟି ସଦସ୍ୟ, ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ନିୟମ କଡ଼ାକଡ଼ି ପାଳନ ପ୍ରସଙ୍ଗ

# ମାଧ୍ୟମିକ ଶିକ୍ଷା ପରିଷଦକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ନିର୍ଦ୍ଦେଶ



**ବାରିପଦା, ୧୩।୭ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପ୍ରତି ହୋଇଥିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପ୍ରତି ହେଉଥିବା ଅମାନବିକତା ବ୍ୟବହାରକୁ ନେଇ ଦିବ୍ୟାଙ୍ଗ ମନୋରଞ୍ଜନ ବେହେରା ଦାୟର କରିଥିବା ମାମଲାର ଶୁଣାଣି କରିଛନ୍ତି। ଏସଏସଇପିଡି ବିଭାଗର ରିଜଲ୍ୟୁଶନକୁ ଅନୁପାଳନ କରିବା ସହିତ ଏସଓଟିଇଟି ୨୦୨୫ରେ ମଧ୍ୟ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗକାରୀ ମନୋରଞ୍ଜନ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ପରୀକ୍ଷାରେ ହଇରାଣ ହରକତ କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କ ପ୍ରତି ସରକାରୀ ବ୍ୟବସ୍ଥା ଓ ନିୟମ ଥିବା ସତ୍ୱେ ଏହାକୁ ଉଲଂଘନ କରାଯାଇଥିଲା। ଫଳରେ ଭିନ୍ନକ୍ଷମ ମନୋରଞ୍ଜନ ପରୀକ୍ଷା ହଲରେ ବସିବା ପୂର୍ବରୁ ସଂଶୋଧିତ ଜୋତା ଖୋଲିବା, ଦ୍ୱିତୀୟ ମହଲାରେ ବସାଇବା, ଘଣ୍ଟା ପ୍ରତି ୨୦ମିନିଟ ଅଧିକ ସମୟ ନଦେବା, ଦୁର୍ବ୍ୟବହାର କରିବା ଆଦି ଘଟଣାକୁ ନେଇ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ପ୍ରତି ଏଭଳି ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏହାକୁ ସଠିକ ଭାବେ କାର୍ଯ୍ୟ କରାନଯାଇ ଧମକଚମକ ଦିଆଯାଇଥିଲା। ଏହାକୁ ବିଚାର କରି ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇଥିବା ନେଇ କୋର୍ଟ ମାମଲାର ଶୁଣାଣି କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସରକାରଙ୍କ ଆଦେଶକୁ ସମ୍ପୂର୍ଣ୍ଣ ଭାବେ ଅନୁପାଳନ କରୁନଥିବା ଆୟୁକ୍ତ ପ୍ରକାଶ କରିବା ସହ ସମସ୍ତ ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଠାରୁ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା ସମସ୍ତ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ପରୀକ୍ଷାରେ ସେମାନଙ୍କର ଅଧିକାର ପାଇପାରିବେ ବୋଲି ମନୋରଞ୍ଜନ ପ୍ରକାଶ କରିଛନ୍ତି।

# ଜେନେରେଟର ଅଚଳ; ମହମବତି ଆଲୁଅରେ ପରୀକ୍ଷା ଦେଲେ ଇଗ୍ନୋ ପରୀକ୍ଷାର୍ଥୀ



**ବାରିପଦା, ୧୩।୭ (ସମିସ):** ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ) ପରୀକ୍ଷା ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା। ଏହି ସମୟରେ ଜେନେରେଟର ମଧ୍ୟ ଅଚଳ ହେବାରୁ ପରୀକ୍ଷା ହଲ୍‌ରେ ଅନ୍ଧାର ଘଟିଥିଲା। ତେବେ କିଛି ସମୟ ମଧ୍ୟରେ ମହାବିଦ୍ୟାଳୟ ପକ୍ଷରୁ ପରୀକ୍ଷାର୍ଥୀମାନଙ୍କୁ ମହମବତୀ ଯୋଗାଇ ଦେବାରୁ ତା' ଆଲୋକରେ ପରୀକ୍ଷା ଦେଇଥିଲେ। ଯାହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଶନିବାର ଦୁଇଟି ସିଟିଂରେ ମହାବିଦ୍ୟାଳୟର ୫୨ ଓ ୫୩ନଂ ହଲରେ ଇଗ୍ନୋର ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୧୦ଟାରେ ଆରମ୍ଭ ହୋଇ ୧ଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ଦ୍ୱିତୀୟ ସିଟିଂଟି ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ହେଉଥିଲା। ଏହି ପରୀକ୍ଷା ସମୟରେ ବାରିପଦାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଦୀର୍ଘ ସମୟ ଧରି ନିରବଚ୍ଛିନ୍ନ ହେବାରୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା। ମହାବିଦ୍ୟାଳୟରେ ଥିବା ଜେନେରେଟରଟି କାର୍ଯ୍ୟକ୍ଷମ ନହେବାରୁ ଅନ୍ଧାର ମଧ୍ୟରେ ପରୀକ୍ଷାର୍ଥୀ ବସି ରହିଥିଲେ। ନିରୁପାୟ ହୋଇ ପରୀକ୍ଷା ପରିଚାଳନା ପାଇଁ ମହମବତୀ ଲଗାଇ ପରୀକ୍ଷାର୍ଥୀମାନଙ୍କ ବ୍ୟବସ୍ଥା କରାଯାଇଥିଲା। ଏଭଳି ପରିସ୍ଥିତିକୁ ନେଇ ମହାବିଦ୍ୟାଳୟ ସଂଯୋଜକ ଦାୟିତ୍ୱରେ ଥିବା ପ୍ରଫେସର ଜ୍ଞାନେନ୍ଦ୍ର ନାଏକ କହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା। ଏଥିପାଇଁ ୧୦ମିନିଟ ଅଧିକ ସମୟ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲବର୍ଟିନା ତିର୍କୀ କହନ୍ତି, ପୁରୁଣା କୋଠାରୁ ବର୍ଷା ପାଣି ନିର୍ଗତ ହେଉଥିବା ବେଳେ ଏହାର ମରାମତି ପାଇଁ ପୂର୍ତ୍ତ ବିଭାଗ ନିର୍ବାହ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି। ତେବେ ବିଦ୍ୟୁତ୍ ସରବରାହକୁ ନେଇ ହୋଇଥିବା ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ କରାଯାଇଛି।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି

# କରଞ୍ଜିଆ ଶାଖାର ରଜତ ଜୟନ୍ତୀ ସମାରୋହ



**କରଞ୍ଜିଆ, ୧୩।୭ (ସମିସ):** ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି କରଞ୍ଜିଆ ଶାଖାର ରଜତ ଜୟନ୍ତୀ ସମାରୋହ ରବିବାର ସ୍ଥାନୀୟ ଶକ୍ତି ମନ୍ଦିର ପରିସରରେ ସମିତିର ଅଧ୍ୟକ୍ଷା ସୁନୀତା ମିତ୍ତଲଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ରଜତ ଜୟନ୍ତୀ ସମାରୋହରେ ଅତିଥି ଭାବେ ମାରୱାଡ଼ି ସମାଜର ବରିଷ୍ଠ ସଦସ୍ୟ ଗୋପାଲ ଅଗ୍ରୱାଲା, ଦାମୋଦର ଅଗ୍ରୱାଲା, ଡା. ମୁରଲୀ ଧର ଅଗ୍ରୱାଲା, ମାରୱାଡି ଯୁବ ସମାଜର ପୂର୍ବତନ ସଭାପତି ବିଷ୍ଣୁ କୁମାର ଅଗ୍ରୱାଲା, ମହିଳା ସମିତିର ପୂର୍ବତନ ସଭାପତି ସାବିତ୍ରୀ ଅଗ୍ରୱାଲା ଓ ମଞ୍ଜୁଦେବୀ ବୁବୁନା ପ୍ରମୁଖ ଯୋଗଦେଇ ମହିଳା ସମିତିର ଜନ କଲ୍ୟାଣ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେବା ସହିତ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ମହିଳା ସମିତିର ସଚିବ ସରିତା ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିସହିତ ବାର୍ଷିକ ବିବରଣୀ ପାଠ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଗଠନ ୧୯୯୭ ମସିହା ଏପ୍ରିଲ ମାସରେ ଗଠନ ହୋଇଥଲା ବୋଲି ସଂଗଠନର ମଞ୍ଜୁଦେବୀ ଅଗ୍ରୱାଲା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମହିଳା ସମିତି ପକ୍ଷରୁ ମାରୱାଡି ଯୁବା ମଞ୍ଚ କରଞ୍ଜିଆର କର୍ମକର୍ତ୍ତା, ଜାଗୃତି ମଞ୍ଚର କର୍ମକର୍ତ୍ତା ଓ ସାମ୍ବାଦିକ ମାନଙ୍କୁ ତୁଳସୀ ଚାରା ଓ ସାଲ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସୋଲୋନି ବୁବୁନା, ନିମିଶ ଅଗ୍ରୱାଲା, ରେଖା ଅଗ୍ରୱାଲା ପରିଚାଳନା କରିଥିବା ବେଳେ ସମିତିର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତି ରହି ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାସ୍ତାରୋକ ଚେତାବନୀ ପରେ ଚେତିଲା ପ୍ରଶାସନ

# ଏମ୍‌ଡିଆର୍-୭୦ ରାସ୍ତାରେ ଦ୍ୱିତୀୟ ପୋଲ ନିର୍ମାଣ ଆରମ୍ଭ

**ବଡ଼ସାହି, ୧୩।୭ (ସମିସ)**





ବଡ଼ସାହି ବ୍ଲକ ଅଞ୍ଚଳରେ ଠାକୁରମୁଣ୍ଡା-ରୁସ୍ବା ଏମ୍‌ଡିଆର-୭୦ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଦୀର୍ଘ ୨ ବର୍ଷରୁ ଅଧିକ ଦିନ ହେବ ଚାଲୁ ରହିଛି। ଅବଧିର ୧ବର୍ଷ ପରେ ମଧ୍ୟ କାମ ସରୁନି। ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାର ବାରମ୍ବାର ଅଭିଯୋଗ ହେବା ଏବଂ ସୂଚନା ଅଧିକାର ଆଇନବଳରେ ତଥ୍ୟ ମଗାଯିବ ପରେ ବି ବିଭାଗ ଚେତୁନି କି ସ୍ଥିତି ସୁଧୁରୁନି ବୋଲି ଅଭିଯୋଗ ହେଉଛି। ଏହିରାସ୍ତା ଉପରେ ବନ୍ୟାପ୍ଲାବିତ ଧନାପାଳ ଛକ ନିକଟରେ ଗୋଟିଏ ପୋଲ ନିର୍ମାଣ ହୋଇଥିଲା। ମାତ୍ର ବନ୍ୟାପାଣିର ଗତିବିଧି ଓ ଚାଷ ଜମିର ସୁରକ୍ଷାକୁ ନେଇ ଏହାର କିଛି ଦୂରରେ ଅନ୍ୟ ଏକ ପୋଲ ପାଇଁ ଧନାପାଳ, ଉତରପାଳ ଓ କୁଡିମୁଣ୍ଡା ୩ଟି ଗ୍ରାମର ଲୋକ ବାରମ୍ବାର ଦାବି ପରେ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏହି ଦ୍ୱିତୀୟ ପୋଲ ନିର୍ମାଣ ପ୍ରସଙ୍ଗ ରାଜନୈତିକ ଉଦ୍ଦେଶ୍ୟ ରଖି ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। କେତେକ ଶୁଣାଣି ପରେ ଅଭିଯୋଗକାରୀ ଶଶିଧର ମହାନ୍ତି ମାମଲାକୁ ପ୍ରତ୍ୟାହାର କରିନେଇଥିଲେ। ମାତ୍ର ମାମଲାକୁ ପ୍ରତ୍ୟାହାର ପରେ ମଧ୍ୟ ୧୫ ଦିନ ବିତି ଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟକୁ ରୋକାଯାଇଥିଲା। ମାମଲା ପ୍ରତ୍ୟାହାରର ନିର୍ଦ୍ଦେସ ସହିତ ବାରମ୍ବାର ଅଭିଯୋଗ ପରେ ବି ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନଥିଲା। ଫଳରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହିତ ରବିବାର ରାସ୍ତାରୋକ ଡାକରା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ବାଧହୋଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ପକ୍ଷରୁ ଡାକରା ଦିଆଯାଇଥିବା ରାସ୍ତାରୋକୁ ସ୍ଥଗିତ ରଖାଯାଇଛି। ମାତ୍ର ଏହି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ନ କଲେ ପୁଣି ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସମାଜସେବୀ ତଥା କଂଗ୍ରେସର ବରିଷ୍ଠ ନେତା ପ୍ରକାଶ କର ମହାପାତ୍ର ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟ ପାଇଁ ୨୨କୋଟି ୫୯ ଲକ୍ଷ ୭୦ ହଜାର ଟଙ୍କା ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି। ମାତ୍ର ଅଧିକାଂଶ ସ୍ଥାନରେ ରାସ୍ତା ଅଧପନ୍ତରିଆ ହୋଇପଡ଼ିରହିଛି। ଏହା ପୂର୍ତ୍ତ ବିଭାଗର ଏକ ପ୍ରମୁଖ ମୁଖ୍ୟରାସ୍ତା ହୋଇଥିବା ବେଳେ ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ସତ୍ତ୍ୱେ ଅଧାରୁ ଅଧିକ ଟଙ୍କାର ବିଲ୍ ପୈଠ ହୋଇସାରିଥିବା ବେଳେ ଅଦ୍ୟାବଧି ରାସ୍ତା ଅବସ୍ଥା ସୁଧୁରିବାରେ ନାଁ ଧରୁନି। ଭୀମଦାରୁ ବୈଶିଙ୍ଗା ପର୍ଯ୍ୟନ୍ତ ୧୨ କି.ମି ପାଖାପାଖି ରାସ୍ତା ଏବେ ମଧ୍ୟ ଅଧପନ୍ତରିଆ ହୋଇପଡ଼ିଛି। ଯାହାଫଳରେ ଭୀମଦା ଗ୍ରାମବାସୀ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଜବାଜ ହେଉଥିବାର ଜଣାଯାଇଛି। ଏହାବାଦ ଏହି କାର୍ଯ୍ୟରେ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରି କାର୍ଯ୍ୟ କରାଯାଉଥିବା ବେଳେ ଯନ୍ତ୍ରୀ ଓ ଠିକାଦାରଙ୍କ ଦେଖାମିଳୁନି। ଯନ୍ତ୍ରୀ ଓ ଠିକାଦାରଙ୍କ ପ୍ରତିନିଧିମାନେ କାର୍ଯ୍ୟ ବିଷୟରେ ବୁଝାବୁଝି କରୁଥିବା ବେଳେ ଅଞ୍ଚଳବାସୀଙ୍କୁ ସନ୍ତୋଷଜନକ ଉତ୍ତର ମଧ୍ୟ ଦେଇପାରୁନାହାନ୍ତି। ତେଣୁ ଉପରୋକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ଏବଂ ସାଂସଦ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଗର୍ଭବତୀ ମୃତ; ୨ ଗୁରୁତର





ବାଲିଗୁଡ଼ା, ୧୩।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ବୁଡାଗୁଡ଼ାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ୩ ଜଣ ଆଦିବାସୀ କାଠ ବିକାଳି ମହିଳା ରାସ୍ତା କଡ଼ରେ ଛିଡ଼ାହୋଇ ଟଙ୍କା ଭାଗବଣ୍ଟା କରୁଥିବାବେଳେ ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିବା ସୂଚନା ମିଳିଛି। ମୃତ ଗର୍ଭବତୀ ବୁଡାଗୁଡ଼ା ନିକଟସ୍ଥ ଅଡ଼ାବାଲି ଗ୍ରାମର ଆଲଜିନୀ ପ୍ରଧାନ। ଗୁରୁତର ଦୁଇ ମହିଳା ଅଡ଼ାବାଲିର ରଜନୀ ପ୍ରଧାନ ଓ ରମନ୍ତି ପ୍ରଧାନ ବୋଲି ଜଣାପଡ଼ିଛି।

ସୂଚନା ପ୍ରକାରେ ଗତକାଲି ଅପରାହ୍ନରେ ଅଡାବାଲି ଗ୍ରାମର କିଛି ଆଦିବାସୀ ମହିଳା ବୁଡାଗୁଡ଼ା ଗ୍ରାମକୁ ଜାଳେଣି କାଠ ବିକ୍ରି କରିବାକୁ ଆସିଥିଲେ। କାଠ ବିକ୍ରି ପରେ ରାସ୍ତା କଡ଼ରେ ଠିଆ ହୋଇ ପରସ୍ପର ମଧ୍ୟରେ ଟଙ୍କା ଭାଗ ବଣ୍ଟା କରୁଥିବା ବେଳେ ହଠାତ୍ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜଣେ ବୃଦ୍ଧ ସାମାନ୍ୟ ଆହତ ହୋଇଥିବା ବେଳେ ତିନିଜଣ ମହିଳା ଗୁରୁତର ଆହତ ହୋଇଥିଲେ।

ସେମାନଙ୍କୁ ପରିବାର ଲୋକେ ବୁଡାଗୁଡ଼ାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଏକ ଘରୋଇ ଗାଡ଼ିରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ବାଲିଗୁଡ଼ାରେ ଚିକିତ୍ସାଧୀନ ଅବସ୍ଥାରେ ଆଲଜିନୀଙ୍କ ମୃତ୍ୟୁ ଘଟିଥିଲା। ରମନ୍ତୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ଡାକ୍ତର। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଅଟକ ରଖିଥିଲେ ଅଞ୍ଚଳବାସୀ। ଘଟଣା ସମ୍ପର୍କରେ ଖବରପାଇ ବାଲିଗୁଡ଼ା ପୁଲିସ୍ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

# ଦବି ଯାଉଛି ବ୍ରିଜ୍ ସଂଯୋଗ ରାସ୍ତା; ବଢ଼ୁଛି ଦୁର୍ଘଟଣା



ପାରଳାଖେମୁଣ୍ଡି, ୧୩।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମମଧ୍ୟରେ ଥିବା ଏକ କେନାଲ ବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ଦିନକୁ ଦିନ ଦବିବାରେ ଲାଗିଛି। ଯଦ୍ୱାରା ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଯଦି ଏହି ବ୍ରିଜକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଦବିଯାଏ ତେବେ ଗମନାଗମନ ବନ୍ଦ ହୋଇଯିବା ସମ୍ଭାବନା ରହିଛି। ଜଙ୍ଗଲପାଡୁ ଗ୍ରାମବାସୀ କହିବା ମୁତାବକ ପ୍ରାୟ ୫ ବର୍ଷ ପୂର୍ବେ କୃଷ୍ଣସାଗର କେନାଲ ଉପରେ ବ୍ରିଜ୍ ନିର୍ମାଣ ହୋଇଥିଲା। ହେଲେ ମାସେ ହେଲା ବ୍ରିଜ୍ ସଂଯୋଗୀକରଣ ରାସ୍ତା ଦବି ଯାଉଛି। ଏହି ରାସ୍ତା ଦେଇ ଗୋଷାଣି ବ୍ଲକର ପ୍ରାୟ ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ବ୍ଲକ ସଦରମହକୁମା କିମ୍ବା ଜିଲ୍ଲା ସଦରମହକୁମା ସମେତ ୧୫ରୁ ଅଧିକ ଗ୍ରାମକୁ ଯାତାୟାତ କରିଥାଆନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ବସ୍ ଯୋଜନାରେ ଯାତ୍ରୀବାହୀ ବସ୍ ସମେତ ଯାତ୍ରୀବାହୀ ଯାନବାହାନ ଗୁଡିକ ଚଳାଚଳ କରିଥାଏ। ୬ ମାସ ହେଲା ଏହି ରାସ୍ତା ଦେଇ ବାଲି ବୋଝେଇ ଟ୍ରକ୍ ଅଧିକ ଯାଉଥିବା ଯୋଗୁଁ ଜଙ୍ଗଲପାଡୁ ଛକ ଠାରୁ ଶରଧାପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ବ୍ରିଜ ସଂଯୋଗୀକରଣ ରାସ୍ତା ମଧ୍ୟ ଦବିବାରେ ଲାଗିଛି ବୋଲି କୁହାଯାଉଛି। ଏଥି ଯୋଗୁଁ ବିଶେଷ କରି ନୂଆ କରି ଆସୁଥିବା ବାଇକ୍ ଆରୋହୀ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ଅବସ୍ଥା ଏବଂ ବ୍ରିଜି ସଂଯୋଗୀକରଣ ରାସ୍ତା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାର ମଧ୍ୟ ଗ୍ରାମବାସୀ ଜଣାଇଛନ୍ତି। ତୁରନ୍ତ ରାସ୍ତା ଓ ବ୍ରିଜ୍ ସଂଯୋଗୀକରଣ ରାସ୍ତାର ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

# କଳାହାଣ୍ଡି ପୁଲିସକୁ ମାଡ଼ ଘଟଣାରେ ୨ ଗିରଫ





ବାଲିଗୁଡ଼ା, ୧୩।୭ (ସମିସ): କନ୍ଧମାଳରେ କଳାହାଣ୍ଡି ପୁଲିସକୁ ମାଡ଼ ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତୁମୁଡ଼ିବନ୍ଧ ପୁଲିସ୍। ସେମାନେ ହେଲେ କୁର୍ତ୍ତମଗଡ଼ର ମେନୁ ଅଲ୍ଲୀ ସାହା ଓ ପରମପଙ୍ଗା ପଞ୍ଚାୟତ ବାଲିମାହା ଗ୍ରାମର ଜହନ ଦିଗାଳ।

ପ୍ରକାଶ ଯେ, ଗତ ଗୁରୁବାର ଦିନ ବାଲିଗୁଡ଼ା ଥାନା ସୁକୁଙ୍ଗିଆ ଅଞ୍ଚଳରେ ଥିବା ଜଣେ ଅଭିଯୁକ୍ତକୁ ମୋବାଇଲ୍ ନମ୍ବର୍ ଟ୍ରାକିଂ କରି କଳାହାଣ୍ଡିର ୩ଜଣ ପୁଲିସ୍ କର୍ମଚାରୀ ସାଦା ପୋଷାକରେ ଧରିବାକୁ ଆସିଥିଲେ। ଅଭିଯୁକ୍ତ ପୁଲିସକୁ ଚକ୍‌ମା ଦେଇ ଖସିଯାଇ ଗାଁ ଲୋକଙ୍କୁ ପାଟିକରି ତାଙ୍କୁ ଅପହରଣ କରାଯାଉଥିବା କହିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି କଳାହାଣ୍ଡି ପୁଲିସ ଘଟଣାସ୍ଥଳରୁ ଫେରିବା ବେଳେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ନିକଟସ୍ଥ ପନ୍ଦରମାଇଲ୍ ଛକ ନିକଟରେ କିଛି ଦୁର୍ବୃତ୍ତ ପୁଲିସକୁ ଅଟକାଇ ସେମାନଙ୍କ ସର୍ଭିସ୍ ରିଭଲଭର ଛଡ଼ାଇ ନେବାସହ ମୋବାଇଲ୍ ଓ ୭ ହଜାର ଟଙ୍କା ଛଡ଼ାଇ ନେଇ ନିର୍ଦ୍ଧୁମ ମାଡ଼ ମାରିଥିଲେ। ଖବରପାଇ ତୁମୁଡ଼ିବନ୍ଧ ପୁଲିସ ପହଞ୍ଚି କଳାହାଣ୍ଡିର ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରି ତୁମୁଡ଼ିବନ୍ଧ ନେଇଥିଲେ। ଏନେଇ ତୁମୁଡ଼ିବନ୍ଧ ପୁଲିସ ଏକ ମାମଲା ରୁଜୁ କରି ସମସ୍ତ ଭିଡିଓ ଫୁଟେଜକୁ ଆଧାର କରି ମେନୁ ଅଲ୍ଲୀ ସାହା ଓ ଜହନ ଦିଗାଳକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା ସୂଚନା ଦେଇଛନ୍ତି।

# ହୁଙ୍କାରୁ ମାଟି ଆଣିବାବେଳେ ସର୍ପାଘାତ

ବାଲିଗୁଡ଼ା, ୧୩।୭ (ସମିସ): ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ାରେ ସର୍ପାଘାତରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗତକାଲି ଗ୍ରାମର ବୃଦ୍ଧା ରଶ୍ମିତା ସାହୁ ନିଜ ଘର ଲିପିବାକୁ ନିକଟରେ ଥିବା ଏକ ହୁଙ୍କାରୁ ମାଟି ସଂଗ୍ରହ କରିବା ବେଳେ ହୁଙ୍କାରେ ଥିବା ଏକ ନାଗ ସାପ ବୃଦ୍ଧାଙ୍କ ଡାହାଣ ହାତକୁ ଦଂଶିଥିଲା। ଏଥିରେ ବୃଦ୍ଧା ଜଣକ ଅଚେତ ହୋଇପଡ଼ିଥିଲେ। ତାଙ୍କର କେହି ସମ୍ପର୍କୀୟ ନଥିବାରୁ ପଡ଼ୋଶୀ ବାହାନ ବେହେରା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ବର୍ତ୍ତମାନ ବୃଦ୍ଧା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଉଦ୍‌ଯାପିତ



ଫୁଲବାଣୀ, ୧୩।୭ (ସମିସ): ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଚାଲିଥିବା ପାଞ୍ଚ ଦିନିଆ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ହୋଇଥିବା ଏହି ଶିବିରରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜର ପ୍ରଶିକ୍ଷଣ ନେଇଛନ୍ତି। ଶେଷ ଦିବସରେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ସହକାରୀ ଜିଲ୍ଲାପାଳ ବିବେକାନନ୍ଦ ସାମଲ, ଜିତେନ୍ଦ୍ର ମାର୍ଥା ଭୋଟର ତାଲିକାରେ ଯୋଗ ଦେବା ଓ ଭୋଟର କାର୍ଡରେ ଥିବା ତ୍ରୁଟିକୁ ସଂଶୋଧନ କରିବା ଉପରେ ତାଲିମ ପ୍ରଦାନ କରିଥିଲେ। ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଅବଗତ କରାଇଥିବା ବେଳେ ଫୁଲବାଣୀ ବିଡିଓ ସୌମ୍ୟ ରଞ୍ଜନ ପାତ୍ର ଓ ଖଜୁରୀପଡ଼ା ତହସିଲଦାର ଶୁଭଶ୍ରୀ ରଥ ଯୋଗ ଦେଇଥିଲେ।

# ଜେଏନ୍‌ଭି ଆଲୁମ୍‌ନି ପକ୍ଷରୁ ଚାରାରୋପଣ



ଫୁଲବାଣୀ, ୧୩।୭ (ସମିସ): ସ୍ଥାନୀୟ ସରକାରୀ ମେଡିକାଲ କଲେଜ ପରିସରରେ ଫୁଲବାଣୀ ଜବାହର ନବୋଦୟ ବିଦ୍ୟାଳୟ ଆଲୁମ୍‌ନି ଆସୋସିଏସନ ପକ୍ଷରୁ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମେଡିକାଲ କଲେଜ ଡିନ ପ୍ରଫେସର ନରେନ୍ଦ୍ର ବେହେରା ଓ ପ୍ରଫେସର ସତ୍ୟଜିତ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ କ୍ୟାମ୍ପସରେ ୨୫୦ଟି ଜାମୁକୋଳି, ଶିଶୁ, ପଣସ, ଆମ୍ବ, ଅଁଳା, ବାହାଡ଼ା, କରଞ୍ଜ, ଚନ୍ଦନ ସହିତ ବିଭିନ୍ନ ଫୁଲ ଏବଂ ଔଷଧୀୟ ପ୍ରଜାତିର ଚାରାରୋପଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ସାହୁ ଉପସ୍ଥିତ ଥିବା ବେଳେ ଆସୋସିଏସନ ପକ୍ଷରୁ ସଭାପତି ବିକାଶ କୁମାର ଦିଗାଲ, ସମ୍ପାଦକ ରମାକାନ୍ତ ଦିଗାଲ, ପୂର୍ବତନ ସଭାପତି ଡ଼. ପ୍ରଦ୍ୟୁତ କୁମାର ପ୍ରଧାନ, ଦିଲୀପ କୁମାର ପ୍ରଧାନ, ବିପିନ ପ୍ରଧାନ, ମିନେଶ୍ୱର ସାନ ସେଠ, ବିଦ୍ୟାଧର ମେହେରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

**ଶ୍ରାବଣ ପ୍ରଥମ ସୋମବାର**

# ଋଷିକୁଲ୍ୟା ନଦୀଘାଟରେ କାଉଡ଼ିଆଙ୍କ ଭିଡ଼



ଛତ୍ରପୁର/ଗଞ୍ଜାମ, ୧୩।୭ (ସମିସ): ଶ୍ରାବଣ ପ୍ରଥମ ସୋମବାରରେ ଜଳ ଲାଗି ପାଇଁ ଗଞ୍ଜାମ ଋଷିକୁଲ୍ୟାରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଜମିଛି। ନଦୀ କୂଳରେ ବାଲୁକାରେ ଶିବ ଲିଙ୍ଗ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଶୈବ ପୀଠ ଅଭିମୁଖେ ପାଣି ଭାର ଧରି ବାହାରିଛନ୍ତି କାଉଡିଆ। ଏଥିପାଇଁ ଗଞ୍ଜାମ ଦାମୋଦରପୁର ନିକଟ ଋଷିକୁଲ୍ୟା ନଦୀ କୂଳରେ ପ୍ରବଳ ଭିଡ଼ ଜମିଥିଲା। ସୂଚନା ଥାଉକି, ଶ୍ରାବଣ ମାସର ପ୍ରଥମ ସୋମବାର ଥିବା ବେଳେ ଚଳିତ ବର୍ଷ ୪ଟି ସୋମବାର ପଡୁଛି। ଆଉ ଏଥିପାଇଁ କାଉଡ଼ିଆ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଅନ୍ୟପଟେ କାଉଡିଆମାନେ ଯେପରି ସୁରକ୍ଷିତ ଭାବେ ପାଣି ଉଠେଇପାରିବେ ସେନେଇ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା।

# ବାରୁଣୀ ଘାଟରୁ ପାଣି ଉଠାଇଲେ ଶତାଧିକ କାଉଡ଼ିଆ

ପୁରୁଷୋତ୍ତମପୁର, ୧୩।୭ (ସମିସ): ଦିନକ ପରେ ଶ୍ରାବଣ ମାସର ପ୍ରଥମ ସୋମବାର। ମହାଦେବଙ୍କୁ ଜଳଲାଗି ପାଇଁ ପୁରୁଷୋତ୍ତମପୁର ସହର ସମେତ ସମସ୍ତ ଗାଁରେ ବର୍ତ୍ତମାନ ଶୈବପୀଠ ଚଳ ଚଞ୍ଚଳ। ଗଞ୍ଜାମ ଜିଲ୍ଲାର ପ୍ରମୁଖ ଶୈବପୀଠ ଗୁଡିକରେ ପୂଜା ପାଉଥିବା



ମହାଦେବଙ୍କ ମସ୍ତକରେ ଜଳଲାଗି ସକାଶେ ବିଭିନ୍ନ ଅଞ୍ଚଳର ମାନସିକଧାରି ମାନେ ନିଜକୁ ପ୍ରସ୍ତୁତି କରି ପୁଣ୍ୟତୋୟା ଋଷିକୂଲ୍ୟା ନଦୀପରେ ଏକତ୍ରିତ ହୋଇଥିଲେ। ସ୍ଥାନୀୟ ବ୍ଲକ ଅନ୍ତର୍ଗତ ପ୍ରତାପପୁର ସ୍ଥିତ ତୁମ୍ବେଶ୍ୱର ମନ୍ଦିର ଋଷିକୂଲ୍ୟା ବାରୁଣୀ ଘାଟରେ ରବିବାର ଦିନ ତମାମ ବିଭିନ୍ନ ଅଞ୍ଚଳରୁ ଶହ ଶହ କାଉଡ଼ିଆ ଭକ୍ତ ଗେରୁଆ ବସ୍ତ୍ର ପରିଧାନ କରି ହାତରେ ବାଉଙ୍ଗା ଧରି ପହଞ୍ଚି ଥିଲେ। ନଦୀ ପଠାରେ ବାଲୁକାରେ ଶିବଲିଙ୍ଗ ତିଆରି କରି ପୂଜାର୍ଚ୍ଚନା କରି ପାଣି ଭାର ଉଠାଇ ଥିଲେ। ପୁରୁଷଙ୍କ ସହ ମହିଳା ଭକ୍ତଙ୍କ ମଧ୍ୟ ସମାଗମ ହୋଇଥିଲା।

# ଯୁବତୀଙ୍କ ଆତ୍ମହତ୍ୟା

ଟିକାବାଲି, ୧୩।୭ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ପିକରଡ଼ି ପଞ୍ଚାୟତର ମକବିଦିଙ୍ଗିଆ ଗ୍ରାମରେ ଜଣେ ଯୁବତୀ ବିମଳା ପ୍ରଧାନ(୨୨) ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଅଘୋଷିତ ବିଦ୍ୟୁତ୍ କାଟରୁ ଅସନ୍ତୋଷ

ପାରଳାଖେମୁଣ୍ଡି, ୧୩।୭ (ସମିସ): ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଏହି ସମସ୍ୟା ସୃଷ୍ଟି ହୋଇଛି। ତିନି ଦିନ ହେଲା ସହରର ପୁରୁଣା କୋର୍ଟ ଛକ ଅଞ୍ଚଳଠାରୁ ଆରମ୍ଭ କରି ସହରର ବିଭିନ୍ନ ସ୍ଥାନରେ ବାରମ୍ବାର ଦିବାରାତ୍ର ଅଘୋଷିତ ବିଦ୍ୟୁତ କାଟ୍ ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବାରମ୍ବାର ବିଦ୍ୟୁତ କାଟ ସହ ଘଣ୍ଟା ଘଣ୍ଟା ଧରି ସରବରାହ ବିଚ୍ଛିନ୍ନ ରହୁଥିବାରୁ ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି। ସହରରେ ଗତ କିଛି ଦିନ ହେଲା ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ଆଉଟୁପାଉଟୁ ହେଉଛନ୍ତି। ରକ୍ଷଣାବେକ୍ଷଣ ନାମରେ ବାରମ୍ବାର ବିଦ୍ୟୁତ୍ କାଟ୍ କରାଯାଉଛି ବୋଲି କୁହାଯାଉଥିବା ବେଳେ ଏବେ ଏହା ନିତିଦିନିଆ ପାଲଟିଲାଣି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳୁନାହିଁ। ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁଁ ମୋବାଇଲ୍ ନେଟୱର୍କ ମଧ୍ୟ ପ୍ରଭାବିତ ହେଉଛି ଓ ଜନଅସନ୍ତୋଷ ବଢୁଛି।

# ତଳିପକା ବିଳମ୍ବ; ଆରମ୍ଭ ହୋଇପାରୁନି ଚାଷ କାମ



ଟିକାବାଲି, ୧୩।୭ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳରେ ଚଳିତ ବର୍ଷ ଧାନ ରୁଆ କାମ ବିଳମ୍ବିତ ହୋଇଛି। ଜୁଲାଇ ପହିଲା ଅର୍ଥାତ ବାହୁଡା ବେଳକୁ ପ୍ରତ୍ୟେକ ବର୍ଷ ପ୍ରଥମ ବର୍ଷାରେ ଧାନ ଚାଷ ଆରମ୍ଭ ହୋଇଥାଏ। କିନ୍ତୁ ଚଳିତ ବର୍ଷ ମେ' ମାସରୁ ବର୍ଷା ଲାଗି ରହିଥିବାରୁ ଅକ୍ଷୟ ତୃତୀୟା ହେଉ କିମ୍ବା ରଜରେ ଉଚିତ ପାଗ ନ ଥିବାରୁ ଚାଷୀ ତଳି ପକାଇ ପାରିନଥିଲେ। ବର୍ତ୍ତମାନ ସୁଦ୍ଧା ଅଧା ଜମିରେ ଧାନ ରୁଆ ସରିବା କଥା। କିନ୍ତୁ ଆରମ୍ଭ ହୋଇନାହିଁ। ଲୋକେ ବିଳମ୍ବରେ ତଳି ପକାଇଥିବାରୁ ଏପର୍ଯ୍ୟନ୍ତ ରୋଇବା ପାଇଁ ଉପଯୁକ୍ତ ତଳି ହୋଇନଥିବା କହୁଛନ୍ତି ଚାଷୀ। ଉପଯୁକ୍ତ ସମୟରେ ଧାନ ନ ଲଗାଇଲେ ଠିକ ସମୟରେ ଅମଳ ହୋଇପାରିବ ନାହିଁ ଓ ଉତ୍ପାଦନ ପ୍ରଭାବିତ ଆଶଙ୍କା ପ୍ରକାଶ ପାଉଛି। ପ୍ରତିବର୍ଷ ତୁଳନାରେ ଚଳିତ ବର୍ଷ ଟିକେ ଆଗରୁ ମୌସୁମୀ ଆସିଥିବାରୁ ବର୍ତ୍ତମାନ କମ ବର୍ଷା ହେବା ଆଶଙ୍କା କରୁଛନ୍ତି ଚାଷୀ। ଟିକାବାଲି ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁରେ ଅଧାରୁ ଅଧିକ ଡିପ ବିଲରେ ପାଣି ନଥିବା ଦେଖିବାକୁ ମିଳିଛି। ଏପର୍ଯ୍ୟନ୍ତ ଜମି ପଡ଼ିଆ ପଡ଼ିଛି। ଉପଯୁକ୍ତ ତଳି (ଧାନ ଚାରା) ହେବା ପାଇଁ ଆଉ ସପ୍ତାହେ କିମ୍ବା ଦୁଇ ସପ୍ତାହ ଲାଗିପାରେ ବୋଲି କୁହାଯାଉଛି। ଗତ ଦୁଇ ତିନି ଦିନ ମଧ୍ୟରେ ଟିକାବାଲି ଅଞ୍ଚଳରେ ଭଲ ବର୍ଷା ହୋଇନାହିଁ। ଧାନ ତଳି ହେବା ପରେ ଯଦି ବର୍ଷା ନହୁଏ ତେବେ ଅଞ୍ଚଳରେ ଧାନ ଚାଷ ପ୍ରଭାବିତ ହେବା ସମ୍ଭାବନା ରହିଛି ବୋଲି ଚାଷୀ କହିଛନ୍ତି।

# ଗୁମ୍ମା ପଞ୍ଚାୟତ ୨ନଂ. ୱାର୍ଡରେ ଉନ୍ନୟନ କାର୍ଯ୍ୟ ବନ୍ଦ

ଗୁମ୍ମା, ୧୩।୭ (ସମିସ)



ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ଗୁମ୍ମା ପଞ୍ଚାୟତର ୧ ଆଉ ୨ ନମ୍ବର ୱାର୍ଡକୁ ତିନି ବର୍ଷ ହେବ କୌଣସି ସରକାରୀ ଅନୁଦାନ ପ୍ରଦାନ କରାଯାଇ ନଥିବା ବେଳେ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ୧୯୯୨ ମସିହାରେ ସର୍ବ ପ୍ରଥମେ ୧ ଆଉ ୨ ନମ୍ବର ୱାର୍ଡକୁ ନେଇ ଗୁମ୍ମା ପଞ୍ଚାୟତ ଗଠନ କରାଯାଇଥିଲା। ତେବେ ୩୩ ବର୍ଷର ପୁରାତନ ଉଭୟ ୱାର୍ଡର ଉନ୍ନୟନ ପାଇଁ ବିଭିନ୍ନ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। କିନ୍ତୁ ୨୦୨୨ ପଞ୍ଚାୟତ ନିର୍ବାଚନ ପର ଠାରୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଅନୁଦାନ ପ୍ରଦାନ କରାନଯିବା ଏବେ ଉଭୟ ୱାର୍ଡରେ ଚିନ୍ତାର ବିଷୟ ପାଲଟିଛି। ସରକାରୀ ନିୟମ ଅନୁସାରେ ପ୍ରତି ପଞ୍ଚାୟତକୁ ପଞ୍ଚଦଶ ଅର୍ଥ କମିଶନର ୧୮ ଲକ୍ଷ ଓ ପଞ୍ଚଦଶ ରାଜ୍ୟ କମିଶନର ୯ଲକ୍ଷ ମୋଟ ୨୭ ଲକ୍ଷ ଟଙ୍କା ଅନୁଦାନ ଆସିଥାଏ। ପ୍ରତି ୱାର୍ଡ ପାଇଁ ବର୍ଷକୁ ୧ ଲକ୍ଷ ୫୦ ହଜାର ଅନୁଦାନର ବିକାଶମୂଳକ କାର୍ଯ୍ୟ ହେବା କଥା। କିନ୍ତୁ ଦୀର୍ଘ ତିନି ବର୍ଷ ଧରି କୌଣସି ଉନ୍ନୟନ କାର୍ଯ୍ୟ ହୋଇ ନଥିବାରୁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୱାର୍ଡର କ୍ଷୀରୋଦ କୁମାର ଚୌଧୁରୀ ଓ ଟୁଟୁ ପାଇକଙ୍କ କହିବା ଅନୁସାରେ ପ୍ରତି ଗ୍ରାମସଭା ଓ ପଲ୍ଲୀ ସଭାରେ ୱାର୍ଡର ଆବଶ୍ୟକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଉଛି କିନ୍ତୁ କେଉଁ କାରଣରୁ ଅନୁଦାନ ପ୍ରଦାନ କରାଯାଉ ନାହିଁ ତାହା ଜଣାପଡୁନାହିଁ। ଆସୁଥିବା ଅନୁଦାନ ବାଟମାରଣା ହେଉଛି ନା ମନୁଷ୍ୟକୃତ ତ୍ରୁଟି ରହିଛି ସେ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଉର୍ବଶୀ ପାଣିଙ୍କୁ କହିଛନ୍ତି ଯେ, ୨୦୨୩-୨୪ ମସିହାର ଗୋଟିଏ କାମ ଆସିଛି। ବାକି କାମର ତର୍ଜମା କରାଯାଉଛି। ଏନେଇ ୱାର୍ଡକୁ ଆସୁଥିବା ଅନୁଦାନ ଟଙ୍କା ହେରଫେର ହେଉଥିବା ଯୋଗୁଁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ୱାର୍ଡ ବାସିନ୍ଦା।

# ପ୍ରଧାନଶିକ୍ଷକ ସହ ବହୁ ପଦ ଖାଲି; ଶିକ୍ଷାଦାନ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି, ୧୩।୭ (ସମିସ)

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ଗଡିଜଙ୍ଗସ୍ଥିତ କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମେତ ବହୁ ପଦ ଖାଲି ରହିଛି । ଫଳରେ ବିଦ୍ୟାଳୟରେ ଶିକ୍ଷାଦାନରେ ଘୋର ବାଧାପ୍ରାପ୍ତ ସୃଷ୍ଟି ହୋଇଛି । ଯାହାଦ୍ୱାରା ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୩୧ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ସରକାର ଖେଳ ଖେଳୁଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ନରେନ୍ଦ୍ରପୁର ପଞ୍ଚାୟତରେ ଶିକ୍ଷାର ବିକାଶ ପାଇଁ ବହୁ ବୁଦ୍ଧିଜୀବୀଙ୍କ ଦ୍ୱାରା ଗତ ୧୯୬୩ ମସିହାରେ ଗଡ଼ିଜଙ୍ଗ ଠାରେ କଳିଙ୍ଗ ମଡ଼େଲ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ସରକାରଙ୍କର ନୀତି ନିୟମ ଅନୁଯାୟୀ ଏହି ବିଦ୍ୟାଳୟଟି ଚାଲୁଥିବା ବେଳେ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀମାନେ ଭଲ ଫଳାଫଳ ମଧ୍ୟ କରୁଛନ୍ତି । କାଳକ୍ରମେ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବା ପରେ ବିଗତ ତିନିବର୍ଷ ହେବ ଏଠାରେ ନୂତନ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ଏହାଛଡ଼ା ବିଦ୍ୟାଳୟରେ ଖେଳ ଶିକ୍ଷକ ଅବସର ଗ୍ରହଣ କରିଥିଲେ ମଧ୍ୟ କେହି ନୂଆ ଖେଳ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି । ସଂସ୍କୃତି ଶିକ୍ଷକ ପ୍ରସୂତିକାଳୀନ

**୪୩୧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ**



ଛୁଟିରେ ୯ମାସ ଯାଇଥିଲା ବେଳେ ଛାତ୍ରଛାତ୍ରୀମାନେ କିଭଳି ସଂସ୍କୃତ ଶିକ୍ଷା କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଥିଲା । ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏଠାରେ ନୂତନ ଭାବେ ବାଲବାଟିକା ଶ୍ରେଣୀ ଖୋଲାଯାଇଛି । ବର୍ତ୍ତମାନ ଏହି ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୩ଶହ ଛାତ୍ର ଛାତ୍ରୀ ପଢୁଥିବା ବେଳେ ଅନ୍ୟ ଶ୍ରେଣୀ ମାନଙ୍କରେ ୧୩୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଗୋଟିଏ ଶ୍ରେଣୀରେ ୧୦୦ ଜଣ ଛାତ୍ରଛାତ୍ରୀ ବସି ପାଠ ପଢିବା ପାଇଁ ସୁବିଧା ନ ଥିବାରୁ ସେକ୍ସନ କରିବା ପାଇଁ ଶ୍ରେଣୀ ଗୃହର ବହୁ ଅଭାବ ରହିଛି । ଏହାଛଡ଼ା ୬ ଜଣ ଶିକ୍ଷକ ପଦ ଓ ଦୁଇ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ମଧ୍ୟ ଖାଲି ପଡ଼ିଛି । ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ଓ ସଠିକ୍ ଭାବେ ଶ୍ରେଣୀ ଗୃହ ନ ଥିବା ଯୋଗୁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଯଦିଓ ଏହି ବିଦ୍ୟାଳୟଟି ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ସେଥିରେ ମଧ୍ୟ ସଠିକ୍ ଭାବେ ଭିତ୍ତିଭୂମିର ବିକାଶ ହୋଇପାରି ନାହିଁ । ବିଦ୍ୟାଳୟର କୌଣସି ସମ୍ମିଳନୀ କକ୍ଷ ନ ଥିବା କାରଣରୁ ସଭାସମିତି ହେବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ତେବେ ଏହି ବ୍ଲକର ବହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ ମଧ୍ୟ ସେଠାରୁ ରହସ୍ୟଜନକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ ନାହିଁ । ଏପରିକି ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ଅଧିକ ଶିକ୍ଷକ ଯୋଗାଇ ଦିଆ ନ ଯିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରାଭିଭାବକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ହିନ୍ଦୁସ୍ତାନ ହେଲଫିଂ ହ୍ୟାଣ୍ଡସ ଅର୍ଗନାଇଜେସନ୍ ପକ୍ଷରୁ ଚାରାରୋପଣ

ଫୁଲନଖରା,୧୩।୭ (ସମିସ): କଟକ ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେସନ୍ ପକ୍ଷରୁ କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ମୌଜାସ୍ଥିତ କୁଆଖାଇ ନଦୀ ପଠାରେ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ଓ ପ୍ରତାପନଗରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଆୱାକି ପଦ୍ଧତିରେ "ମା' ଧାକୁଲେଇ ଦାରୁବ୍ରହ୍ମ ଗୋୱାନ" ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠାରେ ତାରବାଡ ଘେରା ଯାଇ ୭ ହଜାରରୁ ଊର୍ଦ୍ଧ୍ୱ 'ନିମ ଚାରା' ରୋପଣ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଦେଷ୍ଟା କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବରେ ଚିନ୍ମୟ ମିଶନ୍‌ର ବାବା କୃଷ୍ଣ ଚୈତନ୍ୟ ମହାରାଜ୍ ଜୀ, ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ଅକ୍ଷୟ ପତି, ଅଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ପୀତବାସ ମହାପାତ୍ର, ସରୋଜ କୁମାର ପ୍ରଧାନ, ଅନାଦି ଚରଣ ଦାସ, କଟକ ବାର୍ ଆସୋସିଏସନ୍ ସଂପାଦକ ଦିଲ୍ଲୀପ ମହାପାତ୍ର, ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ, ସଂପାଦକ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଜଳବାୟୁ ସନ୍ତୁଳନରେ ବୃକ୍ଷର ଭୂମିକା ଉପରେ ଆଲୋକପାତ କରିବା ସହ ଅନୁଷ୍ଠାନର ବିବିଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅର୍ଗାନାଇଜେସନ୍‌ର ପ୍ରତିଷ୍ଠାତା ବାସୁଦେବ ପାତ୍ର ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ତଥା ବୃକ୍ଷ ମାନବ ପ୍ରଭାସ ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟମାନଙ୍କ ସହିତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ଛାତ୍ରୀଗଣ, ମା' ତାରେଣୀ କଂପ୍ୟୁଟର ଏକାଡେମୀର ଛାତ୍ରଛାତ୍ରୀ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ଭଉଣୀମାନେ ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ଅନୁଷ୍ଠାନର ସଭାପତି ମାନସ ରଂଜନ ନାୟକ ଓ ସଂପାଦକ ଅତୁଲ୍ୟ ସାମଲ, କୋଷାଧ୍ୟକ୍ଷ ସୁମନ ଶେଖର ସାହୁ ପ୍ରମୁଖ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା, ରେଳବାଇର କର୍ମଚାରୀ ଓ ଏଣ୍ଡାଭର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଚାରାରୋପଣ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଡକ୍ଟର ଶରତ କୁମାର ରଥ ଧନ୍ୟବାଦ ଦେଇଥିଲେ ।




## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

ସାଲେପୁର,୧୩।୭ (ସମିସ): ସାଲେପୁର ଆଞ୍ଚଳିକ ସାମ୍ବାଦିକ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ । ଅନୁଷ୍ଠାନ ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସାଲେପୁର ବିଡିଓ ଲୋପାମୁଦ୍ରା ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରିଣୀ ମୌସୁମୀ ତରାଇ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ସାଗର ବାରିକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ । ଏହି ଅବସରରେ ମା' ସାହେଶ୍ୱରୀ ଶ୍ରୀଜଗନ୍ନାଥ କମିଟି ପକ୍ଷରୁ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଚାରାରୋପଣ ଭଳି ମହାନ କାର୍ଯ୍ୟ କରୁଥିବାରୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଶ୍ରୀଜଗନ୍ନାଥ କମିଟିର କର୍ମକର୍ତ୍ତା ଆଇନଜୀବୀ ବିଜୟ କେତନ ନାୟକ, ମିହିର ଜେନା, ମାନସ ରଞ୍ଜନ ସାହୁ, ସାଲେପୁର ବିକାଶ କମିଟିର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲ୍ଲିକ, ସମିତିସଭ୍ୟ ପ୍ରତିନିଧି ବିନୋଦ ମଲ୍ଲିକ, ସମାଜସେବୀ ନବକିଶୋର କର, ସୌମ୍ୟ ରଞ୍ଜନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, ସହସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର ଶତପଥି, ସାମ୍ବାଦିକ ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ଶିଶିର ଦାଶ, ସୁଜିତ ଭୂୟାଁ, ମହେଶ୍ୱର ବେହେରା, ତାରାକାନ୍ତ ନାୟକ, ବିରଞ୍ଚି ନାରାୟଣ କର, ପ୍ରଦୀପ୍ତ କର, ଗୁଲୁରେଜ୍ ଅଲ୍ଲୀ, ଅମୀୟ ରଞ୍ଜନ ବିଶ୍ୱାଳ, ରଞ୍ଜନ ନାୟକ, ଯୋଗେଶ୍ୱର ବିଶ୍ୱାଳ, ଅଚ୍ୟୁତାନନ୍ଦ ପାତ୍ର, ପ୍ରିୟଦର୍ଶିନୀ ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ପ୍ରବୀର ଚନ୍ଦ୍ର ଦାସ, ଆଶୁତୋଷ ନନ୍ଦ, ଅଜୟ ସାହୁ ସମେତ ସମସ୍ତ କର୍ମକର୍ତ୍ତା ସଦସ୍ୟମାନେ ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



## ବିଜୁ ଯୁବଛାତ୍ର ଜନତା ଦଳ ସାଙ୍ଗଠନିକ ସମ୍ମିଳନୀ



ଟାଙ୍ଗୀ,୧୩।୭ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଅଞ୍ଚଳ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ସାଙ୍ଗଠନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଦଳଗତ ଏକତା ବୃଦ୍ଧିକୁ ଗୁରୁତ୍ୱ ଦେଇଛନ୍ତି । ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱାଧୀନ କିଶୋର ମହାନ୍ତି, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ବିଜେଡି ସଭାପତି ତଥା ସରପଞ୍ଚ ତାପସ ସାହୁ, ନିବାସ ପାଣ୍ଡବ, ମହେଶ୍ୱର ମହାନ୍ତ, ଭରତ ବେହେରା, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ଗୋବିନ୍ଦ ଦାସ, ଆଶିଷ ଷଡ଼ଙ୍ଗୀ, ଅଶୋକ ବାଇ, ସାଗର କର ଓ ପରମଜିତ ମହାନ୍ତି ପ୍ରମୁଖ ସାଙ୍ଗଠନିକ ଏକତା ସଂକ୍ରାନ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ । ତେର ପଞ୍ଚାୟତ ବିଜେଡିର ଆଗଧାଡିର କାର୍ଯ୍ୟକର୍ତ୍ତାଙ୍କ ସହ ପାଞ୍ଚଶହରୁ ଊର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ ।

## ଚୌଦ୍ୱାର କଲେଜରେ ନବାଗତଙ୍କୁ ସ୍ୱାଗତ ଉତ୍ସବ




ଚୌଦ୍ୱାର,୧୩।୭ (ସମିସ): ଚୌଦ୍ୱାର କଲେଜରେ +୩ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ନୂତନଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର କଲେଜ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ କଲେଜର ଗୋପବନ୍ଧୁ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଚଳିତ ନୂତନ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଅଧ୍ୟାପକ ସୁମନ୍ତ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ । ନୂତନ ଶିକ୍ଷାନୀତିରେ ପରୀକ୍ଷା ପ୍ରଣାଳୀ ଉପରେ ପ୍ରଧ୍ୟାପକ ଡ. ଦୀପକ କୁମାର ଦାସ ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଡ. ହରପ୍ରିୟା ମହାପାତ୍ର, ସମରଶିକ୍ଷାର୍ଥୀ ବାହିନୀର ମୁଖ୍ୟ ରତିକାନ୍ତ ସ୍ୱାଇଁ, ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାଭିମାନ ସାମନ୍ତରାୟ, ରେଡକ୍ରସ ବିଭାଗର ମୁଖ୍ୟ ଡ.ମମତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ପାଠପଢ଼ା ସହିତ ମହାବିଦ୍ୟାଳୟର ଅତିରିକ୍ତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପ୍ରଫୁଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ ।

## ମରାମତି ହେଲା ପାଇପ୍ ଲାଇନ

ବଡମ୍ବା,୧୩।୭ (ସମିସ): ବଡମ୍ବା ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତର କଣ୍ଠା ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳର ପାଇପ ଫାଟି ପ୍ରାୟ ୨ ମାସରୁ ଅଧିକ ହେବ ରାସ୍ତାରେ ପାଣି ମାଡୁଥିଲା । ଏହାର ଆଶୁ ସମାଧାନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର ସମାଧାନ କରାଯାଇ ନ ଥିଲା । ତେବେ ଅଭିଯୋଗକୁ କେନ୍ଦ୍ର କରି ଦୈନିକ ଖବର କାଗଜ ସକାଳରେ ଗତ ୧୦ ତାରିଖରେ ଏକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ଦେଖାଇ ରବିବାର ଫାଟିଥିବା ପାଇପକୁ ମରାମତି କରିଛି । ଫଳରେ ରାସ୍ତାରେ ଆଉ ପାଣି ଜମା ହେଉ ନାହିଁ ଓ ପାଇପ ପାଣି ଜନସାଧାରଣଙ୍କ କାର୍ଯ୍ୟରେ ଆସିପାରୁଛି ।

## ବିପୁଳ ମଦ ଜବତ; ୨ ଗିରଫ

କଟକ,୧୩।୭ (ସମିସ): କଟକ ଜିଲ୍ଲା ମାହାଙ୍ଗା ପୁଲିସକୁ ବଡ ସଫଳତା ମିଳିଛି । ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ବିଦେଶୀ ମଦ ଜବତ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ଯସରାଜପୁର ଗ୍ରାମରେ ଚୋରା ମଦ କାରବାର ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା ମାହଙ୍ଗା ପୁଲିସ । ଥାନା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଜଗଦୀପ ସିଂହଙ୍କ ଘର ଉପରେ ଚଢଉ କରାଯାଇଥିଲା । ସେଠାରୁ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଏଥିରେ ସଂପୃକ୍ତ ଥିବା ଜଗଦୀପ ସିଂହ ଓ ସାଲେପୁରର ଅଞ୍ଚଳର ନୃସିଂହ ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହେବାରେ ସକ୍ଷମ ହୋଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗ



କନ୍ଦରପୁର,୧୩।୭ (ସମିସ): ବରିଷ୍ଠ ସମାଜସେବୀ ସୁରେନ୍ ମହାପାତ୍ରଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ରେବିକା ମହାପାତ୍ର (୭୮)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅସିତ ଦାସ ମହାପାତ୍ର, ସାମାଜିକ କର୍ମୀ ଶୁଭେନ୍ଦୁ ଦାସ ମହାପାତ୍ର, ପୁତ୍ରବଧୂ ରାଜଲକ୍ଷ୍ମୀ ଦାସ, ଶ୍ରାବନ୍ତିକା ମହାନ୍ତି, କନ୍ୟା କାଜୁରୀନା ଦାସ, ଜାମାତା ରଞ୍ଜନ କୁମାର ଦାସ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ସମାଜସେବୀ ଅସିତ୍ ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲା ବେଳେ ଖାନନଗର ସ୍ୱର୍ଗଧାମରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ତାଙ୍କ ବିୟୋଗରେ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ସରୋଜ ନଳିନୀ ପରିଜା, ସରସ୍ୱତୀ କଳା ପରିଷଦ ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଶୋକ ବ୍ୟକ୍ତ କରିବା ସହ ସଦଗତି କାମନା କରିଛନ୍ତି ।

## ଦାଣ୍ଡରେ ଭାସୁଛି ପାନୀୟଜଳ



ନିଆଳି,୧୩।୭ (ସମିସ): ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ସୁଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ନିଆଳି ବ୍ଲକ ନୂଆପାଟଣା ଗ୍ରାମ ରାସ୍ତାରେ ବିଭିନ୍ନ ସ୍ଥାନରେ ଏହି ଯୋଜନାରେ ପଡିଥିବା ପାଇପ ଫାଟି ଗାଁ ଦାଣ୍ଡରେ ପାଣିର ସୁଅ ଛୁଟୁଛି । ଦୀର୍ଘଦିନ ହେବ ଗ୍ରାମବାସୀମାନେ ଏ ନେଇ ଅଭିଯୋଗ କରୁଥିବା ବେଳେ ନିମ୍ନମାନର କାମ ଯୋଗୁଁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ମୁଖ୍ୟ ପାଇପରୁ ରାସ୍ତା ଅତିକ୍ରମ କରାଯାଇ ବିଭିନ୍ନ ପରିବାରକୁ ପାଇପ୍ ଯୋଗେଁ ପାଣି ଯାଇଥିବା ବେଳେ ଏହି ପାଇପକୁ ଅଧିକ ଗଭୀର କରି ନ ପୋତି କଂକ୍ରିଟ୍ ରାସ୍ତା ଉପରେ ମାତ୍ର ୨/୩ ଇଞ୍ଚ ଖୋଳି ନେଇଥିବା ବେଳେ ଏହି ରାସ୍ତା ଦେଇ ଗାଡିମୋଟର ଯାଇ ଏକାଧିକ ସ୍ଥାନରେ ପାଇପ୍ ଫାଟି ଅନେକ ସମୟରେ ପାଣିର ସୁଅ ଛୁଟିଥିବା ଦେଖିବାକୁ ମିଳିଛି । ପୂର୍ବାହ୍ନ ଓ ଅପରାହ୍ନରେ ଦୁଇବେଳା ଘଣ୍ଟାଏ ଲେଖାଏଁ ମଟର ଚଳାଇ ପାଣି ଯୋଗାଇ ଦିଆଯାଉଥିବା ବେଳେ ଏହି ସମୟରେ ଲୋକଙ୍କ ପାଖରେ ପାନୀୟ ଜଳ ପହଁଞ୍ଚିବା ପରିବର୍ତ୍ତେ ଗାଁ ଦାଣ୍ଡରେ ଫଟା ପାଇପ୍‌ରେ ପାଣି ବାହାରି ପାଣିର ସୁଅ ଛୁଟୁଛି । ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ପତଞ୍ଜଳି ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ



ସାଲେପୁର,୧୩।୭ (ସମିସ): ସାଲେପୁର ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ମା' ଜାଗୁଲାଇ ମନ୍ଦିର ପରିସରରେ ସାଲେପୁର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଯଜ୍ଞ ଓ ଯୋଗ ସହିତ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୈଳାସ ଚନ୍ଦ୍ର ବେହେରା, ଆଜୀବନ ସଭ୍ୟ ଶ୍ରୀକାନ୍ତ ଭୂୟାଁ, ଯଜ୍ଞ, ଯୋଗ ଓ ଗୁରୁପୂର୍ଣ୍ଣିମା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଲେପୁର ଯୋଗ କେନ୍ଦ୍ରର ସାଧକମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଯୋଗ ସାଧକ କାମଦେବ କର, ସଂଗ୍ରାମ କେଶରୀ କର, ଅରୁଣ ନାୟକ, ଧନଞ୍ଜୟ ସାମଲ, ଧ୍ରୁବାନନ୍ଦ ଶରଣ, ସୌମ୍ୟରଞ୍ଜନ ଦାସ, ଶ୍ୟାମସୁନ୍ଦର ସାହୁ, ନିଶିକାନ୍ତ ଦାସ, ସୁରେଶ ଚନ୍ଦ୍ର ବେହୁରା, ଦିବାକର ପ୍ରଧାନ, ହୃଷୀକେଶ ପଣ୍ଡା, ଦେବବ୍ରତ ବେଉରିଆ, କାଳୀଚରଣ ଦୀକ୍ଷିତ୍, ଗିରିଜା ଶଙ୍କର ମଲ୍ଲ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ରାଇସୁଙ୍ଗୁଡାଠାରେ ମହାବୀର ଯୋଗ କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି । ଯୋଗ ଗୁରୁ ଏସ୍‌ପି ଡିଆର୍ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଯୋଗ କେନ୍ଦ୍ର ସମେତ ଭୀମଦାସପୁର, ଯପକୁଦ ଯୋଗ କେନ୍ଦ୍ରର ଯୋଗ ସାଧକମାନେ ଯୋଗଦେଇଥିଲେ ।

## ବିଦ୍ୟୁତ ବିଭାଗର ମନମାନି ବିରୋଧରେ ପ୍ରତିବାଦ



କନ୍ଦରପୁର,୧୩।୭ (ସମିସ): କଟକ ସଦର ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ଆଜକୁ ଦୀର୍ଘ ଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି ରବିବାର ଦିନ ଅଞ୍ଚଳବାସୀ ମେଳି ହୋଇଥିବା ଜଣାପଡିଛି । ଏଥିପାଇଁ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ରଣେଷଣ୍ଡି ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମତପ୍ରକାଶ ପାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ସମେତ ଶାନ୍ତକୃଷ୍ଣ ଦେବତା, ମଧୁସୂଦନ ଦେବତା, ବୁଲେଇ ବେହେରା, ରବିନ୍ଦ୍ର ଦେବତା, ଚିନ୍ମୟ ଦେବତା, ଦୁଷ୍ମନ୍ତ ନନ୍ଦ, ଆନନ୍ଦ ଦେବତା, ପ୍ରଶନ୍ନ ବେହେରା, ଗୌତମ ସ୍ୱାଇଁ, ବିଜୟ ନାୟକ, ଦୀପକ ଆଚାର୍ଯ୍ୟ, ପ୍ରକାଶ ମାଝି ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବ୍ଲକ୍ ପ୍ରଶାସନର ମନମୁଖୀ କାର୍ଯ୍ୟରେ ଜନପ୍ରତିନିଧି ଅତିଷ୍ଠ

ନିଶ୍ଚିନ୍ତକୋଇଲି, ୧୩।୭ (ସମିସ)

**ସମସ୍ୟା ସମାଧାନ ନ ହେଲେ ଧାରଣା ପାଇଁ ଚେତାବନୀ**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେବାରେ ସମସ୍ୟା ଉପୁଜିଛି । ଯାହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏ ସଂକ୍ରାନ୍ତରେ ଜନପ୍ରତିନିଧି ବାରମ୍ବାର ପ୍ରଶାସନ ନିକଟରେ ଅବଗତ କରାଉଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରୁ ନ ଥିବାରୁ ଜନପ୍ରତିନିଧିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚରମ ଚେତାବନୀ ଦେଇଛନ୍ତି । ଆବଶ୍ୟକ ହେଲେ ସଂପୃକ୍ତ ଜନପ୍ରତିନିଧିମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ପୂର୍ବରୁ ପଞ୍ଚାୟତ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଲ୍ ପାଇଁ ବିଡିଓଙ୍କ ଅନୁମୋଦନ ଆବଶ୍ୟକ ପଡୁ ନ ଥିଲା । ହେଲେ ଗତ ସାଧାରଣ ନିର୍ବାଚନ ପରେ ସରପଞ୍ଚମାନଙ୍କ ପଞ୍ଚାୟତ ପାଣ୍ଠିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଡିଓଙ୍କର କାଉଣ୍ଟର ଦସ୍ତଖତ ହେବା ପାଇଁ ବାଧ୍ୟତାମୂଳକ କରାଯାଉଥିବା ଜନପ୍ରତିନିଧି ଅଭିଯୋଗ କରିଛନ୍ତି । ଫଳରେ ବିଡିଓ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ହୋଇଛି । ପୂର୍ବ ସରକାରଙ୍କ ଅମଳରେ ଆମ ଓଡିଶା ନବୀନ ଓଡିଶା ଯୋଜନା ଅନୁଦାନରେ ଏହି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟ ଗୁଡିକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା । ସରକାର ବଦଳିବା ପରେ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପରେ କାର୍ଯ୍ୟ ଅଧା ହୋଇଥିବା ଓ ଶେଷ ହୋଇଥିବା ପ୍ରକଳ୍ପ ଗୁଡିକର ବିଲ୍ ଅଦ୍ୟାବଧି ମିଳିପାରୁ ନାହିଁ । କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ବିଲ ସଠିକ୍ ଭାବେ ବିଲ୍ କରାଯାଉଥିଲା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୭ଟି ଗ୍ରାମପଞ୍ଚାୟତର ଆନୋ ପ୍ରକଳ୍ପ ଏ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଭାବେ ବିଲ ପ୍ରଦାନ କରା ନ ଯାଇ ବନ୍ଦ ରଖାଯାଇଥିବାର ଅଭିଯୋଗ ହୋଇଛି । ବ୍ଲକ ପ୍ରଶାସନ ତରଫରୁ ସମସ୍ତ ନୀତିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରାଯାଇ ସମିତିସଭ୍ୟ ସଭ୍ୟାମାନଙ୍କ ଅନୁଦାନରେ କିଏ କେତେବେଳେ କାମ କରୁଛି ସେ ସମ୍ପର୍କରେ ସମିତିସଭ୍ୟ ସଭ୍ୟାମାନେ ଅଗବତ ହୋଇପାରୁ ନାହାନ୍ତି । ବର୍ତ୍ତମାନ ଏହି ବ୍ଲକରେ ପ୍ରଶାସନିକସ୍ତରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରି ନ ଥିବାରୁ ପ୍ରଶାସନରେ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏହା ବଡ ଧରଣର ରୂପ ନେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ସରପଞ୍ଚ ଓ ସମିତିସଭ୍ୟମାନେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ଆମ ପୁଲିସ ସମିତି କାର୍ଯ୍ୟକ୍ରମ




ଗୁଡାରୀ,୧୩।୭ (ସମିସ): ଗୁଡାରୀ ପୁଲିସ ତରଫରୁ ଆମ ପୋଲିସ୍ ସମିତି କାର୍ଯ୍ୟକ୍ରମ ଥାନାଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗତ ରବିବାର ଦିନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡାରୀ ପରିଷଦର ସମସ୍ତ କାଉନସିଲର ଏବଂ ଭାଇସ ଚେୟାରମେନ ବି.ୱେଗେଷା ଉପସ୍ଥିତ ଥିଲେ। ସହରର ମହିଳା ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀମତୀ ସ୍ୱାଇଁ କାର୍ଯ୍ୟକ୍ରମ ଉପରେ ନିଜ ବକ୍ତବ୍ୟ ରଖି ଜଣେ ବ୍ୟକ୍ତି କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଥାନାଙ୍କୁ ନିର୍ଭୟରେ ଆସି ନିଜ ସମସ୍ୟା ଜଣାଇବାକୁ କହିଥିଲେ। ଗାଡି ଚଲାଇବା ବେଳେ ହେଲମେଟ୍ ନ ପିନ୍ଧିବା, ରାସ୍ତା ମଝିରେ ଗାଡି ରଖିବା, ସହରର ମୁଖ୍ୟ ରାସ୍ତାରେ ଦ୍ରୁତଗତିରେ ଗାଡି ଚଳାଇବା ଦ୍ୱାରା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ନିଜର ମତ ପ୍ରକାଶ କରିଥିଲେ। ପରେ ଆସିଥିବା ବ୍ୟକ୍ତି ବିଶେଷ ମାନଙ୍କ ସହ ସହରର ବିଭିନ୍ନ ସମସ୍ୟା ଭିତରୁ ରାସ୍ତାରେ ଓଳିଆ ପକେଇବା, ନିର୍ମାଣ କରାଯାଇଥିବା ବସଷ୍ଟାଣ୍ଡକୁ ବସ୍ ଯିବା ପାଇଁ ମଧ୍ୟ ଆଲୋଚନା ପରିସରକୁ ଅଣାଯାଇଥିଲା। ଏ ସମସ୍ତ ବିଷୟ ସହରବାସୀ ଏବଂ ପୁଲିସର ମିଳିତ ଉଦ୍ୟମରେ ସଫଳ ହୋଇପାରିବ ବୋଲି ଉପସ୍ଥିତି ଥିବା ଅତିଥି ମାନଙ୍କ ଆଗରେ ଥାନାର ଉପରିସ୍ଥ ଅଧିକାରୀମାନେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏ.ସାଇ ପି.ଶ୍ୟାମସୁନ୍ଦର ଏବଂ ଏସ୍.ଆଇ ସଞ୍ଜୟ କୁମାର ଛତ୍ର ଏବଂ ଗୁଡାରୀ ସମସ୍ତ ପୋଲିସ କର୍ମଚାରି ଉପସ୍ଥିତ ଥିଲେ।

## ୫ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ

# ଟୁନିବେଡ଼ା ଝରଣାରେ ବୁଡ଼ି ନାବାଳକ ମୃତ

କୋରୁକୋଣ୍ଡା, ୧୩।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧିନସ୍ଥ ଚିତାପାରି -୪ ଗ୍ରାମରେ ଥିବା ଟୁନିବେଡ଼ା ଗ୍ରାମନିକଟରେ ପ୍ରବାହିତ ହେଉଥିବା ଏକ ଝରଣାରେ ଆଜି ଏକ ଦୁଃଖଦ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ରବିବାର ଛୁଟି ଥିବାରୁ ଆଜି ଅପରାହ୍ନରେ ୬ ଜଣ ପିଲା ସାଙ୍ଗରେ କିଛି ଖାଦ୍ୟ ସାମଗ୍ରୀ ଧରି ଟୁନିବେଡା ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ଝରଣାକୁ ବୁଲିବାକୁ ଯାଇଥଲେ। ସେମାନେ ଉକ୍ତ ଝରଣାରେ ଗାଧେଇବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ପିଲା କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ଭାସି ଯାଇଥିଲା। ସାଙ୍ଗରେ ଯାଇଥିବା ପିଲାମାନେ ତାଙ୍କୁ ଉକ୍ତ ଝରଣାରେ ତାଙ୍କୁ ବହୁତ ଖୋଜା ଖୋଜି କରିଥିଲେ । କିନ୍ତୁ କୌଣସି ସୁଫଳ ମିଳିନଥିଲା। ସେମାନ ସଙ୍ଗେ ସଙ୍ଗେ ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇବା ପରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କ୍ରମେ ଏଏସ ଆଇ ସଂଜିତ କୁମାର ଟାକ୍ରୀ, ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝୀ, ଏଏସଆଇ ଧନୁର୍ଜୟ ମୁର୍ମୁଙ୍କ ସମେତ ପୋଲିସର ଏକ ସ୍ୱତନ୍ତ୍ର ଟିମ ଏବଂ କୋରୁକୋଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଝରଣା ଭିତରୁ ବାଲିମେଳା ସହରର ୨ ନମ୍ବର ୱାର୍ଡରେ ରହୁଥିବା ପ୍ରମୋଦ କୁମାର ଜେନାଙ୍କ ୧୬ ବର୍ଷର ପୁଅ ଧନୁର୍ଜୟ ଜେନାଙ୍କ ମୃତଦେହକୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ଏଠାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆଜି ରାତି ହୋଇ ଯାଇଥିବାରୁଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ। ପୋଲିସ ଏହି ଘଟଣାରତଦନ୍ତ ଜାରୀ ରଖିଛି ବୋଲ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆନ୍ଦୋଳନରୁ ଓହରିଲା ରାୟଗଡ଼ା ଜିଲ୍ଲା ଡ୍ରାଇଭର ମହାସଂଘ

## କାର୍ଯ୍ୟାନୁଷ୍ଠାନ ନ ନେବାକୁ ସରକାରଙ୍କୁ ଅନୁରୋଧ




ରାୟଗଡ଼ା,୧୩।୭ (ସମିସ) : ସାତ ଦଫା ଦାବି ନେଇ ଓଡିଶା ଡ୍ରାଇଭର ମହାସଂଘ ଓ ମିଳିତ ମହାମଞ୍ଚ ଡାକରାରେ ଗତ ୮ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ ୩୨୬ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ସାଇ ଇଣ୍ଟରନ୍ୟାସନାଲ ଛକ ମୁଖ୍ୟ ରାସ୍ତା କଡରେ ଧାରଣାରେ ବସିଥିବା ରାୟଗଡ଼ାଜିଲ୍ଲା ଶାଖା ସଂଘ ଆଜି ପଞ୍ଚମ ଦିନରେ ଆନ୍ଦୋଳନରୁ ଓହରିଛି। ଏଥିସହ ଆଜି ସ୍ଥାନୀୟ ହୋଟେଲ କୈଳାସରେ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଜିତେନ୍ଦ୍ର ନାୟକ ସଂଘ ତାହାର ଶାନ୍ତିଶୃଙ୍ଖଳାର ସହିତ ଆନ୍ଦୋଳନ କରିଥିଲେ ମଧ୍ୟ କିଛି ଡ୍ରାଇଭରଙ୍କୁ ବିନା ଦୋଷରେ ବିନା କାରଣରେ ମିଥ୍ୟା ମାମଲାରେ ଫସାଯାଇଛି। ତେଣୁ ସରକାରଙ୍କୁ ଅନୁରୋଧ ଆଗାମୀ ଦିନରେ କୌଣସି ଡ୍ରାଇଭରଙ୍କ ବିରୁଦ୍ଧରେ କେସ ନ କରି ତଥା ମାମଲା ରୁଜୁ ହୋଇଥିବା ଡ୍ରାଇଭରମାନଙ୍କୁ ମୁକ୍ତି ପ୍ରଦାନ କଲେ ଡ୍ରାଇଭର ସମାଜ ସରକାରଙ୍କ ନିକଟରେ ଚିର ଉପକୃତ ହେବ ବୋଲି କୁହାଯାଇଛି। ଯଦି ସରକାର ଏହାର ସମାଧାନ ନ କରନ୍ତି ତେବେ ପରବର୍ତ୍ତୀ ସମୟରେ ଡ୍ରାଇଭର ସମାଜ ତରଫରୁ କଣ ପଦକ୍ଷେପ ନିଆଯିବ ତାହା ସମୟ ହିଁ କହିବ ଏବଂ ଏଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି କହିଛନ୍ତି। ଡ୍ରାଇଭରଙ୍କ ଦାବି ପୂରଣ ଦିଗରେ ତତ୍କାଳୀନ ବିଜେଡି ସରକାର ଜୀବନ ବୀମା ସେବା ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ବିଜେପି ସରକାରଙ୍କୁ ଚଳିତ ବର୍ଷ ମାର୍ଚ୍ଚ ୨୯ ତାରିଖରୁ ସପ୍ତାହବ୍ୟାପି ଭୁବନେଶ୍ୱର ଲୋୟର ପିଏମଜି ଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇ ସାତଦଫା ଦାବି ପୂରଣ ପାଇଁ କୁହାଯାଇଥିଲା। କିନ୍ତୁ ସରକାରଙ୍କ ଆଲୋଚନା ମାଧ୍ୟମରେ ଡ୍ରାଇଭର ମହାସଂଘ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଚଳିତ ମାସର ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିବା ପାଇଁ ନିଷ୍ପତି ନିଆଗଲା ଏବଂ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ଅତ୍ୟାବଶ୍ୟକ ସେବା ସହ ବିଭିନ୍ନ ଅସୁବିଧା ପାଇଁ ସଂଘ ଏହାକୁ ବିଚାରକୁ ନେଇ ଆନ୍ଦୋଳନରୁ ଓହରିବା ସହ ରାୟଗଡ଼ା ଜିଲ୍ଲା ତଥା ଓଡିଶାର ସମସ୍ତ ଜନସାଧାରଣଙ୍କ ଠାରେ କ୍ଷମା ପ୍ରାର୍ଥନା କରାଯାଇଛି ବୋଲି ସଭାପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଗତ ଶନିବାର ଜୁଲାଇ ୧୨ ତାରିଖଠାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ରାଜ୍ୟ କମିଟି କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରାଯାଉଥିବା ଘଟଣାକୁ ସରକାର ବିଚାରକୁ ନେଇ ଏହାର ସମାଧାନ ପନ୍ଥା ବାହାର କରାଯାଉ ବୋଲି ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ କୁହାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କାହ୍ନୁ ଗୌଡ଼, ସଂପାଦକ ବିରେନ୍ଦ୍ର କୁମାର ତୁରୁକ, ସହ ସଂପାଦକ କେତନ ପାଣି, କୋଷାଧ୍ୟକ୍ଷ ସୀମାଦ୍ରୀ ଉଲାକା, ଉପଦେଷ୍ଟା ଏ.ନାଗଭୂଷଣ ରାଓ, ଯୋଗୀ ଜୀବନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ୍ ଓ ୱାକର୍ସ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ

ରାୟଗଡ଼ା,୧୩।୭ (ସମିସ): ରାୟଗଡା ଲାୟନ୍ସ କ୍ଲବ୍ ଓ ୱାକର୍ସ କ୍ଲବ ଆନୁକୁଲ୍ୟରେ ଆନିବେଶାନ୍ତ ସ୍କୁଲରେ ଗରିବ ପିଲାମାନଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାୟଗଡ଼ର ବିଶିଷ୍ଟ ସମାଜସେବୀ ଯୋଗ ଗୁରୁ ଟି. ଜୟରାମଙ୍କ ୬୯ତମ ଜନ୍ମ ଦିବସ ଉପଲକ୍ଷେ ଆୟୋଜନ କରାଯାଇଥିଲା। ଲାୟନ୍ସ କ୍ଲବର ସଭାପତି ଲାଲ୍ ବିହାରି ଲେଙ୍କା ଓ ୱାକର୍ସ କ୍ଲବ ସଭାପତି ଦାଶରଥି ରାଜଗୁରୁ ଏହାର ନେତୃତ୍ୱ ନେଇଥିଲେ। ଏଥିରେ କ୍ଲବର ସଦସ୍ୟ ଏବଂ ସ୍କୁଲର ପ୍ରାୟ ୧୫୦ ଜଣ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରୀ ଜୟରାମଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସ୍କୁଲ କମିଟିର ମୁଖ୍ୟ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ଅଧିକାଂଶ ସଭ୍ୟ ଯୋଗଦାନ କରି କାର୍ଯ୍ୟକ୍ରମ ସୂଚାରୁରୂପେ ସଂପାଦନ କରିବାରେ ସାହାଯ୍ୟ କରିଥିବାରୁ, ସଭାପତି ଲାଇନ ଶ୍ରୀ ଲେଙ୍କା ଏବଂ ସମ୍ପାଦକ ଲାଇନ୍ କାନ୍ଧୁଲା ଶ୍ରୀନିବାସ ରାଓ ତଥା କୋଷାଧ୍ୟକ୍ଷ ଲାଇନ ବାରାଟମ୍ ବଂଶୀ କିରୀଟି ଧନ୍ୟବାଦ୍ ଜଣାଇଥିଲେ।




ଏଥିରେ କ୍ଲବରର ଉପ ସଭାପତି ଲାଇନ୍. ପ୍ରତାପ ଚନ୍ଦ୍ର ବାଉରି, ସଭ୍ୟ ଡଃ.ଦୁଃଖିଶ୍ୟାମ ଦାସ, ବି.ରତ୍ନାକର, ବିନୋଦ ସାହୁ, ଈଶ୍ୱର ରାଉ, ଜି.ଭାସ୍କର ରାଉ, ଉଦୟ ପଣ୍ଡା, ସିମାଦ୍ରି ପ୍ରଭାକର, ଜି ସୁମନ୍, ଭି. ମୁରଲି କ୍ରିଷ୍ଣା, ସତ୍ୟବାଦୀ ପତି, ଲାଡି ଚନ୍ଦ୍ରା, ଡଃ. ଲୋକନାଥ ରାଜୁ, ଡ.. ଏଲ୍. ଏନ୍. ସାହୁ, କେ.ଭି.ଶ୍ରିଧର, ଇପିଲି ସନ୍ୟାସୀ ରାଜୁ, ରିନା ରାଣି ଲେଙ୍କା, ଏଲ୍. ବିଜାୟା ଲକ୍ଷ୍ମୀ, ଭି. ରାଧା ତଥା ଭି.ଡି.ଜି. ଲାଇନ୍ ଅଶ୍ୱିନୀ ଦାସ, ଆର୍. ସି. ଲାଇନ୍. ଭି.ଭାସ୍କର ରାଓ ପ୍ରମୁଖ ଙ୍କ ସହ ନାଗାବଳୀ ଓ ଅପରାଜିତା କ୍ଲବର ସଭ୍ୟ ମାନେ ଯୋଗଦାନ କରିଥିଲେ।

# ହୁତାସେନ ନାୟକ ପିସିସି ଏସସି କମିଟି ସଂପାଦକ

ରାୟଗଡ଼ା,୧୩।୭ (ସମିସ): ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି), ଏସସି ବିଭାଗ ସ୍ୱୀକୃତି କ୍ରମେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି (ପିସିସି) ଏସି ବିଭାଗର ରାଜ୍ୟ କାର୍ଯ୍ୟକାରିଣୀ କମିଟିର ଉପସଭାପତି, ସାଧାରଣ ସଂପାଦକ



ଓ ସଂପାଦକ ପଦବୀରେ କଂଗ୍ରେସ କର୍ମୀଙ୍କ ନାମ ଘୋଷଣା ତାଲିକା ପ୍ରକାଶ ପାଇଛି। ରାୟଗ?। ଜିଲ୍ଲା କଂଗ୍ରେସ ଯୁବ ନେତା ହୁତାସେନ ନାୟକଙ୍କୁ ସଂପାଦକ ଭାବେ ମନୋନୀତ କରାଯାଇଛି। ହୁତାସେନ ରାୟଗଡ଼ା ଜିଲ୍ଲା କଂଗ୍ରେସରେ ଜଣେ ଯୁବ ନେତା ଭାବେ ଯୁବ ସଂଗଠନର ଦାୟିତ୍ୱ ତୁଲାଇବା ସହ ଜିଲ୍ଲା କଂଗ୍ରେସ କମିଟିର ବିଭିନ୍ନ ଦାୟିତ୍ୱକୁ ମଧ୍ୟ ସେ ତୁଲାଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ କମିଟି , ଏସସି ବିଭାଗର ସଂପାଦକ ଦାୟିତ୍ୱ ପାଇଥିବାରୁ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ରାୟଗ?। ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା ଓ ସତ୍ୟଜିତ୍ ଗମାଙ୍ଗଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ନାୟକ ଏ ନେଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ପିସିସି ଏସସି ବିଭାଗ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆରଏସ୍ଏସ୍ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ



ଗୁଣପୁର,୧୩।୭ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଶିକ୍ଷାନୁଷ୍ଠାନ ପରିସରରେ ଆରଏସ୍ଏସ୍ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାୟଗଡା ଜିଲ୍ଲା ସଂଘ ଚାଳକ ନନ୍ଦୀ କିଶୋର ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ୱବାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ପଶ୍ଚିମ ପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ ତଥା ଶିକ୍ଷାବିତ କାମତା ପ୍ରସାଦ ଚନ୍ଦ୍ରକାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ପୂଜନ କାର୍ଯ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବହୁ ସ୍ୱୟଂ ସେବକ ଯୋଗଦେଇ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ପ୍ରଫୁଲ୍ଲ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେପି ରାଷ୍ଟ୍ରୀୟ ପରିଷଦର ସଦସ୍ୟ ୱାଇ ଗଣପତି, କୁଞ୍ଜ ବିହାରୀ କଂଶ ବେହେରା, ବି ଗଜପତି ରାଓ, ସାରଙ୍ଗ ଶ୍ରୀରାମ, ଦେବୀ ପ୍ରସାଦ ମିଶ୍ର, ପି ଗୋବିନ୍ଦ ରାଓ, ଅନିଲ ସାହୁକାର, ବାଲ ଗୋପାଳ ପାଢ଼ୀ, ମୀନ କେତନ ପଣ୍ଡା, ଯୁବ ଆଇନଜୀବୀ ପ୍ରଦୀପ ପାଢ଼ୀ, ହିମକାନ୍ତ ମହାପାତ୍ର, ରମେଶ ଲିମା, ରାମନଗୁଡ଼ା ବ୍ଲକ ଅଧକ୍ଷ ରବି ଗମାଙ୍ଗ, ପ୍ରମୁଖ ଙ୍କ ସମେତ ଶତାଧିକ ସ୍ୱୟଂ ସେବକ ଉପସ୍ଥିତ ଥିଲେ।

# ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ବନ ମହୋତ୍ସବ

ରାୟଗଡ଼ା,୧୩।୭ (ସମିସ): ଅଙ୍କୁର ଫାଉଣ୍ଡେସନ ତରଫରୁ ପୋଷ୍ୟ ଗ୍ରାମ ନୁଆଁକୁଶ ଠାରେ ଏକ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଗଛ ଲଗାଇବା କାର୍ଯ୍ୟକ୍ରମ ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ଅଙ୍କୁର ଫାଉଣ୍ଡେସନ ତରଫରୁ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ସହ ଗଛ ଲଗାଇବାର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଗଛର ମହତ୍ୱ ଓ ଉପକାରିତା ବିଷୟରେ ଗ୍ରାମବାସୀ ତଥା ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଙ୍କୁର ଫାଉଣ୍ଡେସନ ସାହାଯ୍ୟରେ ନୁଆକୁଷ ଗ୍ରାମକୁ ଏକ ଆଦର୍ଶ ଗ୍ରାମ ରୂପେ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଭାଷା, ସଂସ୍କୃତି, ଓଡ଼ିଆ ପର୍ବ ପର୍ବାଣୀ ସହ ପରିବେଶ ଦିଗରେ ମଧ ସଚେତନତା ଆଣିବା ପାଇଁ ପ୍ରତିବର୍ଷ ଅଙ୍କୁର ଫାଉଣ୍ଡେସନ ତାହାର ପ୍ରୟାସ ଜାରି ରଖିଛି ବୋଲି ମାନଜିଂ ଡାଇରେକ୍ଟର ଶ୍ରୀମତୀ ଚିନ୍ମୟୀ ପଣ୍ଡା ପ୍ରକାଶ କରିଛନ୍ତି।। ଉକ୍ତ କାର୍ଯ୍ୟକ୍ରମ କୁ ଅଙ୍କୁର ଫାଉଣ୍ଡେସନ ତରଫରୁ ତେଜସ୍ୱିନି ଓ ରାଜେନ୍ଦ୍ର ଦ୍ୱିବେଦୀ ପରିଚାଳନା କରିଥିଲେ।

# ସିଆରପିଏଫ ପକ୍ଷରୁ ଚାରାରୋପଣ



ଚନ୍ଦ୍ରପୁର,୧୩।୭ (ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ନିୟୋଜିତ ଥିବା ୪ର୍ଥ ବାଟାଲିୟନ ସିଆରପିଏଫ ପକ୍ଷରୁ ଆଜି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଟାଲିୟନ କମାଣ୍ଡାଣ୍ଟ ଫିରଜ ଗୁଜୁର ରାୟଗଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଚନ୍ଦ୍ରପୁର କ୍ୟାମ୍ପ ସିଆରପିଏଫ ବରିଷ୍ଠ ଅଧିକାରୀ ଓମ୍ ପ୍ରକାଶଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଯବାନ ଓ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ବନପାଳ ଅଶ୍ୱିନୀ କରକରୀୟା, ବନରକ୍ଷୀ ଲକ୍ଷ୍ମୀକାନ୍ତ ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଓମ ପ୍ରକାଶ ଗଛ ବିନା ମନୁଷ୍ୟ ବଞ୍ଚି ପାରିବ ନାହିଁ । ସମସ୍ତେ ଏହିପରି ଗଛ ଲଗାଇଲେ ପରିବେଶ ସଂରକ୍ଷଣ ସହ ଜୀବ ଜଗତ ବଞ୍ଚି ରହିବା ପାଇଁ ବୃକ୍ଷର ବହୁତ ଆବଶ୍ୟକତା ରହିଛି ବୋଲି କହିଥିଲେ।

# ଗୁରୁ ଦକ୍ଷିଣା ଉତ୍ସବ ପାଳନ



ମୁନିଗୁଡା,୧୩।୭ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛତ୍ରପତି ଶିବାଜି ପ୍ରଭାତ ଶାଖା ପକ୍ଷରୁ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଅରୁଣ କୁମାର ସାହୁ ଓ ମୁଖ୍ୟ ବକ୍ତା ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ†ାଟନ କରିବା ସହ ଗୁରୁ ଦକ୍ଷିଣା ଉତ୍ସବ ପାଳନର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ମଣ୍ଡଳ କାର୍ଯ୍ୟବାହ ସରୋଜ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ସ୍ୱୟଂ ସେବକ ମାନେ ଯୋଗଦେଇ ସହଯୋଗ କରିଥିଲେ। ସେହିପରି ଅମ୍ବାଦଳା ମଣ୍ଡଳ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ନେତୃତ୍ୱରେ ଅମ୍ବାଦଳା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଗୁରୁ ଦକ୍ଷିଣା ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜେପି ମଣ୍ଡଳ ସଂପାଦକ ସିମାଞ୍ଚଳ ପାତ୍ର ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରମେଶ ସାମନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ବିଜେପି ସଂପାଦକ ହରେକୃଷ୍ଣ ବେହେରା, ଡମ୍ବୁର ହଂସ, ରବୀନ୍ଦ୍ର ବିଶ୍ୱାଳ, ତପନ ବିଶ୍ୱାଳ ନରତମ୍ ସୁନା ପ୍ରମୁଖଙ୍କ ସହ ବିଜେପି କର୍ମୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

## ଜାଗ୍ରତିଗୁଡା ବିଦ୍ୟାଳୟ ସ୍କୁଲ ଛାତ ବିପଦସଙ୍କୁଳ

# ଭୋଜନାଳୟ କକ୍ଷରେ ଚାଲିଛି ପାଠପଢା




ରାୟଗଡ଼ା,୧୩।୭ (ସମିସ): ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ଦିଗରେ ବିଦ୍ୟାଳୟର ସମସ୍ତ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆବଶ୍ୟକ ସ୍ଥଳେ ମରାମତି ତଥା ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ଶିକ୍ଷା ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ବିଦ୍ୟାଳୟର ଦୁର୍ବଳ ଛାତ ତଳେ ନିଜ ଜୀବନକୁ ବାଜି ଲଗାଇ ଶିକ୍ଷକ ପାଠ ପଢେଇବାକୁ ଏବଂ ଛାତ୍ରଛାତ୍ରୀ ପାଠ ପଢିବାକୁ ବାଧ ହେଉଥିବା ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ାଜିଲ୍ଲା କୋଲନରା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମାତ୍ର ୨କିମି ଦୂରରେ ଥିବା ଜାଗ୍ରତିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ୧୯୬୨ ମସିହା ସେପ୍ଟେମ୍ବର ୧ତାରିଖରେ ଜାଗ୍ରତିଗୁଡା ଗ୍ରାମରେ ସ୍ଥାପିତ ହୋଇଥିଲା ଏହି ବିଦ୍ୟାଳୟ। ଦୀର୍ଘ ୬୩ବର୍ଷ ମଧ୍ୟରେ ବିଦ୍ୟାଳୟର ଅନେକ ରୂପରେଖ ବଦଳି ଥିବା ବେଳେ ପୁରୁଣା ବିଦ୍ୟାଳୟ ଗୃହ କେବଳ ମରାମତିରେ ହିଁ ସୀମିତ ରହିଥିବାରୁ ବିଦ୍ୟାଳୟର ଛାତରୁ ଏବେ ପାଣି ଗଳୁଥିବା ବେଳେ ଛାତରୁ ସିମେଣ୍ଟ ଖସି ଲୁହାଛଡ ଦେଖାଯାଉଛି ।ଆଉ ଏହା ପାଠ ପଢୁଥିବା ପିଲା ଏବଂ ଶିକ୍ଷକଙ୍କ ଉପରେ ପଡୁଥିବାରୁ ସମସ୍ତଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟରେ ଥିବା ମଧ୍ୟାହ୍ନ ଭୋଜନାଳୟ କକ୍ଷରେ ପିଲାମାନେ ଶିକ୍ଷାଦାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ସମସ୍ତ କାନ୍ଥଗୁଡିକ ଫାଟି ଆଁ କରିଥିବା ବେଳେ ରୋଷେଇଘର ମଧ୍ୟ ଶୋଚନୀୟ ହୋଇପଡିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୬୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିଶୁ ବାଟିକାରେ ୭ଜଣ, ପ୍ରଥମରେ ୩, ଦ୍ୱିତୀୟରେ ୯, ତୃତୀୟ ୭, ଚତୁର୍ଥରେ ୯, ପଂଚମରେ ୧୧, ଷଷ୍ଠରେ ୬, ସପ୍ତମରେ ୫ ଏବଂ ଅଷ୍ଟମ ଶ୍ରେଣୀରେ ୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର

## ପିଲାଙ୍କୁ ସ୍କୁଲ ଛାଡିବାକୁ ଭୟ କରୁଛନ୍ତି ଅଭିଭାବକ

ସାହୁଙ୍କ ସମେତ ୪ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ତେବେ ବିଦ୍ୟାଳୟର ପାଚେରୀ ନ ଥିବାରୁ ସବୁବେଳେ ଗାଇଗୋରୁ, କୁକୁର ଆଦି ବିଦ୍ୟାଳୟ ପରିସରରେ ବୁଲାବୁଲି କରୁଛନ୍ତି। ଏପରିକି ବିଦ୍ୟାଳୟ ଛୁଟି ହେବା ପରେ ଅସାମାଜିକ ବ୍ୟକ୍ତିମାନେ ବିଦ୍ୟାଳୟକୁ ଆସି ଏହାକୁ ଅସାମାଜିକ କାର୍ଯ୍ୟକଳାପର ଆ‡ାସ୍ଥଳୀ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଥିବା ବେଳେ ଗ୍ରାମବାସୀ ତଥା ଅଭିଭାବକ ନବୀନ ମାଣ୍ଡାଙ୍ଗି ବିଦ୍ୟାଳୟର ଶୋଚନୀୟ ଅବସ୍ଥା ଏବଂ ଭିତିଭୂମିକୁ ଅଣଦେଖା କରାଯାଉଥିବାରୁ ଏନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନ୍ୟ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସାହୁ ମଧ୍ୟ ବିଦ୍ୟାଳୟର ପରିସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ସୁରକ୍ଷାକୁ ନେଇ ଶ୍ରେଣୀଗୃହ ବଦଳରେ ଭୋଜନାଳୟ କକ୍ଷରେ ଶିକ୍ଷାଦାନ କରାଯାଉଛି ବୋଲି କହିଛନ୍ତି।

● ନିମ୍ନମାନର ଅଙ୍ଗନବାଡ଼ି ଶୌଚାଳୟ କାମ

## କାର୍ଯ୍ୟକ୍ଷମ ହେବା ପୂର୍ବରୁ ଭାଙ୍ଗିଗଲାଣି

**ଗଣିଆ,୧୩।୭ (ସମିସ):** କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଗାଁ ଗୁଡିକରେ ଶିଶୁକଲ୍ୟାଣ ବିଭାଗ ଜରିଆରେ ଅଙ୍ଗନବାଡ଼ି ନିର୍ମାଣ କରିଛନ୍ତି। ଏଠାରେ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ଡ୍ରେସ୍, ଖାଇବା, ବ୍ୟାଗ ଆଦି ପ୍ରଦାନ କରାଯାଉଛି। ଏପରିକି କେନ୍ଦ୍ରକୁ ଆସୁଥିବା କୋମଳମତି ଶିଶୁ ମାନଙ୍କ ପାଇଁ ପରିସ୍ରାଗାର ଏବଂ ପାଇଖାନାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ ପରିସ୍ରାଗାର କାର୍ଯ୍ୟକ୍ଷମ ପୂର୍ବରୁ ଭାଙ୍ଗିରୁଜି ଯାଇଥିବା ଜଣାପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଣିଆ ବ୍ଲକ କରଡାପଡା ପଞ୍ଚାୟତ କଳାଶିମିଳି ଅଙ୍ଗନବାଡ଼ି



କେନ୍ଦ୍ରରେ। ଏଠାରେ ପିଲାମାନେ ଝାଡ଼ା ପରିସ୍ରା କରିବା ପାଇଁ ୩ଟି ପରିସ୍ରାଗାର ଏବଂ ପାଇଖାନା ନିର୍ମାଣ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଏହି ପରିସ୍ରାଗାର ଏବେ ଭଗ୍ନ ଅବସ୍ଥାରେ। ପରିସ୍ରାଗାରର ୩ଟି ଯାକ କବାଟ ଭାଙ୍ଗି ଯାଇଥିବା ବେଳେ ପାଇଖାନାରେ ଗୋଡ଼ି, ପଥର ଭର୍ତ୍ତି ହୋଇ ରହିଛି। ପାଇଖାନାରେ ଲାଗିଥିବା ଅନେକ ସାମଗ୍ରୀ ମଧ ନଷ୍ଟ ହୋଇଗଲାଣି। ଏହି ଅଙ୍ଗନବାଡ଼ି ଚାରିପାଖରେ ପାଚେରି ନଥିବାରୁ କେହି ଅସାମାଜିକ ବ୍ୟକ୍ତି ଏଭଳି ଘଟଣା ଘଟାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟକ୍ଷମ ନହେବା ପୂର୍ବରୁ ନଷ୍ଟ ହୋଇଗଲାଣି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କଂକ୍ରିଟ ରାସ୍ତା ତାଡ଼ି ଠିକାଦାର ଫେରାର



**ରଣପୁର,୧୩।୭ (ସମିସ):** ପାଇପ୍ ଯୋଗେ ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ସ୍ଥିର କରିଥିବା ବେଳେ ରଣପୁର ବ୍ଲକ ସୁର୍କବାଡ଼ି ଅଞ୍ଚଳରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତି ଗ୍ରାମର ରାସ୍ତା ପାଶ୍ୱର୍ ଓ ଗାଁର ବିଭିନ୍ନ ଛକ ବଜାର କଂକ୍ରିଟ ରାସ୍ତାଗୁଡିକୁ ମେଶିନ ଯୋଗେ ତାଡି ଛିନଭିନ୍ କରି ଦିଆଯାଉଛି। ଫଳରେ ରାସ୍ତା ପାର୍ଶ୍ୱରୁ ମାଟି ଓ କଂକ୍ରିଟ ଉଠି ଯିବା ସହ ବହୁ ସ୍ଥାନରେ ରାସ୍ତା ଖାଲ ଖମା ସୃଷ୍ଟି ହୋଇଛି। ବଜାରର ଅନେକ ଦୋକାନ ସାମ୍ନା ତଡ଼ା ତଡ଼ି ହେଇ ପଡ଼ିଥିବା ଯୋଗୁ ବ୍ୟବସାୟରେ ବାଧା ସୃଷ୍ଟି ହେଉଥିବା ବେଳେ ବଜାର ମଧ୍ୟରେ ବିଦ୍ୟାଳୟ ଅବସ୍ଥିତ ଥିବା ଯୋଗୁ କୁନିକୁନି ଛାତ୍ରଛାତ୍ରୀ ଅଙ୍ଗନବାଡି ଯିବାରେ ଅସୁବିଧା ହେଉଛି। ତେବେ ପାନୀୟ ଜଳ ଭଳି ମୌଳିକ ସୁବିଧା ହେଉଥିବାରୁ ଅଞ୍ଚଳବାସୀ ଏହି ସମସ୍ୟାକୁ ନଜର ଅନ୍ଦାଜ କରିଛନ୍ତି। ଠିକାଦାର ମେସିନରେ ତାଡିଥିବା କଂକ୍ରିଟ ଓ ପିଚୁ ରାସ୍ତାକୁ ମରାମତି କରିବା ପାଇଁ ନିୟମାବଳୀ ଥିବାବେଳେ ତାହା କିଛି ଜାଗା ମରାମତି କରି ଅନେକ ଜାଗା ମରାମତି ନ କରି ଛାଡି ଚାଲି ଯାଇଛି। ଏ ସଂକ୍ରାନ୍ତରେ ଆରଡବ୍ଲୁଏସ୍ଏସ୍‌ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ତଡ଼ାଯାଇଥିବା ରାସ୍ତା ମରାମତି କରିବା ପାଇଁ ନିୟମାବଳି ଅଛି। ତେବେ କେବେ ସରିବ ମରାମତି ନା ସେମିତି ଭଙ୍ଗାରୁଜା ଅବସ୍ଥାରେ ରହିଯିବ ଏଠି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାଜ୍ୟସ୍ତରୀୟ ବକ୍ତୃତାରେ ବିଶ୍ୱବିଜିତା ପ୍ରଥମ



**ନୟାଗଡ଼,୧୩।୭ (ସମିସ):** ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇଥିଲେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ନୟାଗଡ଼ର ସପ୍ତମ ଶ୍ରେଣୀ ଛାତ୍ରୀ ବିଶ୍ୱବିଜିତା ମହାନ୍ତି। ସମସ୍ତ ଜିଲ୍ଲାରୁ ପ୍ରଥମ ସ୍ଥାନର ପ୍ରତିନିଧିମାନଙ୍କୁ ପଛରେ ପକାଇଛନ୍ତି ବକ୍ତୃତା ବିଜେତା ବିଶ୍ୱବିଜିତା। ପୂର୍ବରୁ ନୟାଗଡ଼ର ପ୍ରତିଭା ଏହି କୁନି ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ଉତ୍କଳଜ୍ୟୋତି ସମ୍ମାନର ଅଧିକାରୀ ହୋଇଥିବା ସାଙ୍ଗକୁ ବିଜ୍ଞାନମେଳାରେ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଆଜି ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବିଶ୍ୱବିଜିତା ପ୍ରଥମ ସ୍ଥାନ ଅଧିକାର କରିଥିବା ଖବର ଶୁଣି ନୟାଗଡ଼ର ବୁଦ୍ଧିଜୀବୀ, ବିଦ୍ୟାଳୟର ଗୁରୁଜୀ, ଗୁରୁମା, ସାହିତ୍ୟିକ ଓ ଲେଖକ ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଶ୍ୱବିଜିତା ବିଦ୍ୟାଳୟର ସର୍ବଗୁଣ ସମ୍ପନ୍ନ ମେଧାବୀ ଛାତ୍ରୀ ବୋଲି ପ୍ରତିଷ୍ଠାତା ସଂପାଦକ ଶ୍ରୀଧର ସାହୁ ମତବ୍ୟକ୍ତ କରିଛନ୍ତି।

ଶ୍ରାବଣ ପ୍ରଥମ ସୋମବାର

# ଶୈବପୀଠରେ ବୋଲବମ ଭକ୍ତଙ୍କ ଭିଡ଼

**ଗଣିଆ,୧୩।୭ (ସମିସ):**

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଗଣିଆ ବ୍ଲକର ପ୍ରମୁଖ ଶୈବପୀଠ ଛାମୁଣ୍ଡିଆ ସ୍ଥିତ ଗୁପ୍ତେଶ୍ୱର ମହାଦେବ ଏବଂ ରାଉତପଡ଼ାସ୍ଥିତ ଭୋଳେଶ୍ୱର ମହାଦେବଙ୍କ ପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ରାଉତପଡ଼ା ମହାନଦୀ ଘାଟରୁ ହଜାର ହଜାର କାଉଡ଼ିଆ ଜଳଲାଗି ନିମନ୍ତେ ପାଣି ଉଠାଇଛନ୍ତି। କାଉଡ଼ିଆମାନେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଭାର କାନ୍ଧେଇ ଡାକ ଛାଡ଼ି ବାହାରିଥିବା ଦେଖିବାକୁ ମିଳିଛି। ଏହି ବୋଲବମ୍ ଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିବା ଦେଖିବାକୁ ମିଳିଛି। ଓଡିଶାର ଅନେକ ସ୍ଥାନରୁ ଭକ୍ତମାନେ ଏହି ଶୈବପୀଠକୁ ଆସି ପାଣି ଉଠାନ୍ତି ତ ଆଉ ଅନେକ କାଉଡ଼ିଆ ଅନ୍ୟ ସ୍ଥାନରୁ ପାଣି ଉଠାଇ ରାଉତପଡା ଭୋଳେଶ୍ୱରଙ୍କ ଶିବଲିଙ୍ଗରେ ଜଳଲାଗି କରିଥାନ୍ତି। ମହାନଦୀରେ ପାଣି ମାଡ଼ି ଆସିଥିବାରୁ ଆଣ୍ଠୁଏ ପାଣି ଭିତରେ ପଶି କାଉଡ଼ିଆମାନେ ପାଣିଭାର ଉଠାଉଛନ୍ତି। କାଉଡ଼ିଆ ମାନଙ୍କ ପାଇଁ ଗଣିଆ ତଳବଜାର ଠାରେ ଭଜନ ସମାରୋହ ସହିତ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ପ୍ରତିବର୍ଷ ତଳବଜାର ବୋଲବମ୍ କମିଟି ତରଫରୁ କାଉଡ଼ିଆମାନଙ୍କ ପାଇଁ ଏଭଳି





ବନ୍ଦୋବସ୍ତ କରାଯାଉଛି। କମିଟିର ଅଜୟ କୁମାର ଲେଙ୍କା, ସନ୍ତୋଷ କୁମାର ଲେଙ୍କା, କୁଳମଣି ସାହୁ, ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ଓଡ଼ଗାଁ:** ଶ୍ରାବଣ ପ୍ରଥମ ସୋମବାର ପାଇଁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଜାମୁପାଟଣା ଠାରେ ବିରାଜିତ ବାବା ଦୂତୀକେଶ୍ୱରଙ୍କ ପୀଠରେ ଜଳ ଲାଗି ପାଇଁ ଆରମ୍ଭ ହେଲାଣି କାଉଡ଼ିଆଙ୍କ ଭିଡ। ରବିବାର ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୨ ହଜାର କାଉଡ଼ିଆ ପୀଠରେ ପହଞ୍ଚିଯାଇଥିବା ବେଳେ ଗୁଳୁଗୁଳି ଗରମ ଯୋଗୁଁ ବହୁ ସଂଖ୍ୟାରେ କାଉଡ଼ିଆ ରାତିସୁଦ୍ଧା ପହଞ୍ଚିବା ଜଣାପଡିଛି। ଭିଡ଼କୁ ଦେଖି ମନ୍ଦିର ପ୍ରଶାସନ କାଉଡ଼ିଆଙ୍କ ରାତ୍ରୀଯାପନ ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିଛନ୍ତି। ବିଭିନ୍ନ ସ୍ଥାନରୁ ଆସି ମାନସିକ ଧାରିମାନେ କାଉଡ଼ିଆମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡିଛନ୍ତି। ପୁରୁଷଙ୍କ ସହିତ ବହୁସଂଖ୍ୟାରେ ମହିଳା କାଉଡ଼ିଆ ଆସିଥିବା ବେଳେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲକ୍ଷ୍ୟ କରି ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ମହିଳା ପୁଲିସ ଟିମ୍ ମୁତୟନ କରିବା ସହିତ ସମଗ୍ର ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ଏସ୍ଆଇ ମନୋରଞ୍ଜନ ଦେହୁରୀ, ଟିଟୁବାଳା ବେହେରାଙ୍କ ସହ ଅନ୍ୟ ପୁଲିସ କର୍ମଚାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ଜଣାପଡିଛି।

**ଭାପୁର:** ଆସ୍ଥା ଓ ଭକ୍ତିର ସମଷ୍ଟି ହେଉଛି କାଉଡ଼ିଆ ଯାତ୍ରା। ରାତିପାହିଲେ ଶ୍ରାବଣର ପ୍ରଥମ ସୋମବାର। ଏ ଉପଲକ୍ଷେ କାଉଡ଼ିଆମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଆକାଶ ମେଘୁଆ ରହି ପାଗ ଅନୁକୂଳ ଥିବାରୁ କାଉଡିଆମାନେ ପ୍ରଥମ ସୋମବାର ଭୋଳାନାଥଙ୍କ ଉପରେ ପାଣି ଢାଳିବାକୁ ବାହାରିଛନ୍ତି। ଏଥିଯୋଗୁ ମହାନଦୀର ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଘାଟରେ ହଜାର ହଜାର କାଉଡିଆମାନେ ଏକତ୍ରିତ ହୋଇଥିଲେ। ଏଠାକୁ ପାଣି ଉଠେଇ ବିଭିନ୍ନ ଶୈବପୀଠକୁ ଯିବେ। ହର ହର ମହାଦେବ ନାରାରେ ଅଞ୍ଚଳ ପ୍ରକମ୍ପିତ ହେଉଛି। ରବିବାର ସକାଳୁ ଏପରି ଦୃଶ୍ୟ ପଦ୍ମାବତୀ ଘାଟରେ ଦେଖିବାକୁ ମିଳିଛି। ଭାପୁର ବ୍ଲକ ଓ ବ୍ଲକ ବାହାରୁ ହଜାର ହଜାର କାଉଡିଆମାନେ ପଦ୍ମାବତୀର ଘାଟରେ ପୂଜାର୍ଚ୍ଚନା କରି ପାଣି ଭାର ନେଉଥିବା ଦେଖିବାକୁ ମିଳିଛି। କାଉଡିଆମାନଙ୍କ ଯୋଗୁଁ ରାସ୍ତା ଘାଟ ମଧ ଜାମ ହେଉଥିବା ଦେଖିବାକୁ ମିଳୁଛି।

## ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ଖଣ୍ଡପଡ଼ା,୧୩।୭ (ସମିସ):** ଖଣ୍ଡପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ବିଦ୍ୟାଧର ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ସିବିଏସଇ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୫ଜଣ ଛାତ୍ରଛାତ୍ରୀ, ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୮ ଜଣ ଛାତ୍ରଛାତ୍ରୀ ଓ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ବିଧାୟକ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ଏ ଅବସରରେ ସ୍ୱାଗତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଅତିଥିମାନଙ୍କ ଗହଣରେ ଅନୁଷ୍ଠାନ ପରିସରରେ ଚିଛି ଚାରାରୋପଣ କରିଥିଲେ। ସେହିପରି ନିଜ ମା'ଙ୍କ ନାମରେ ସମସ୍ତେ ବାଡ଼ି ବଗିଚାରେ ଗୋଟିଏ ଲେଖାଁଏ ଚାରାରୋପଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନୋଜ କୁମାର ବିଶ୍ୱାଳ, ଆଶିଷ କୁମାର ବିଶୋଇ, ସ୍ନେହାଶିଷ ଗିରି, ସୌଭାଗ୍ୟ ମହାରଣା, ଅବିନାଶ ସାହୁ, ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱାଗତିକା କହଁର, ଅର୍ଚ୍ଚନା ସାମନ୍ତ, ନମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚାଷ କାର୍ଯ୍ୟରେ ବାଧକ ସାଜିଛି ଅନିୟମିତ ବର୍ଷା

**ଭାପୁର,୧୩।୭ (ସମିସ):** ଶ୍ରାବଣ ମାସର ପ୍ରଥମ ସପ୍ତାହରେ ମଧ ନିୟମିତ ବର୍ଷା ହେଉନାହିଁ। ଏଥିଯୋଗୁଁ ଧାନ ଚାଷ ବାଧାପ୍ରାପ୍ତ ହୋଇଛି। ଏପରି ଅବସ୍ଥା ନୟାଗଡ଼ ଜିଲ୍ଲାରେ ଦେଖାଦେଇଥିଲେ ହେ ଭାପୁର ବ୍ଲକରେ ଏହା ଅଧିକ ବାଧକ ସାଜିଛି। ବ୍ଲକର ଅଧିକାଂଶ ଅଞ୍ଚଳରେ କମ ବର୍ଷା ଯୋଗୁଁ ବେଉଷଣ ଓ ତଳିରୁଆ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଖାଲୁଆ ଜମିରେ ରୁଆପୋତା ଓ ବେଉଷଣ କାର୍ଯ୍ୟ ହେଉଥିବା ବେଳେ ସାମାନ୍ୟ ଢିପ ଜମିଗୁଡିକ ଶୁଖିଲା ପଡିଛି। ଅନେକ ଚାଷୀ ପାଣି ମୋଟର ଲଗାଇ ପାଣି ମଡାଇ ତଳି ଉପାଡିବା ଓ ତଳି ରୋଇବା କାର୍ଯ୍ୟ କରୁଛନ୍ତି। ଯେଉଁ ଚାଷୀମାନେ ଖରଡି ତଳି ପକାଇଥିଲେ ସେମାନଙ୍କ ତଳି ବୁଢା ହୋଇଯିବାର ଆଶଙ୍କା କରି ପାଣି ମଡାଇ ତଳି ରୋଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ପାଣିପାଗ ବିଭାଗ ଜିଲ୍ଲାରେ ଓ ଭାପୁର ବ୍ଲକରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି ବୋଲି କହୁଥିବା ବେଳେ ପ୍ରକୃତରେ ଏହା ସବୁ ଅଞ୍ଚଳରେ ସମାନ ପରିମାଣର ବର୍ଷା ହେଉନାହିଁ। ଏକ ସପ୍ତାହ ମଧ୍ୟରେ ଭଲ ବର୍ଷା ନ ହେଲେ ଅବସ୍ଥା ଆହୁରି ସଙ୍ଗିନ ହୋଇପଡିବ।

## ବ୍ଲକ୍‌ସ୍ତରୀୟ ଶ୍ରୀଅରବିନ୍ଦ ବାର୍ଷିକ ପାଠଚକ୍ର

**ଓଡ଼ଗାଁ,୧୩।୭ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ଦ୍ୱିତୀୟ ବାର୍ଷିକ ପାଠଚକ୍ର ସ୍ଥାନୀୟ ମିନି ଷ୍ଟାଡିୟମ ନିକଟ ରଘୁନାଥ ଆଥଲେଟିକ ଆସୋସିଏସନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପାଠଚକ୍ର ଆବାହକ ସୁନିଲ କୁମାର ପୃଷ୍ଟି, ଅନ୍ୟତମ ଅତିଥି ରୁପେ ଜିଲ୍ଲା ମହିଳା ପାଠ ଚକ୍ର ସଙ୍ଗଠିକା ସୁଶ୍ରୀ ପୁଷ୍ପାଞ୍ଜଳି ସାହୁ, ପାଠଚକ୍ର ସଙ୍ଗଠକ ଅଧିକାରୀ ମହାନ୍ତି, ବ୍ଲକ ଆବାହକ ସୁକାନ୍ତ ଚୈଧୁରୀ, ରାଜକିଶୋର ନାୟକ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପାଠ ଚକ୍ର ହେଉଛି ଚିନ୍ତା ଚେତନାର ଯଜ୍ଞଶାଳା। କେବଳ ବ୍ଲକ, ଜିଲ୍ଲା କିମ୍ବା ରାଜ୍ୟ ନୁହେଁ, ପ୍ରତି ପଞ୍ଚାୟତରେ ଏପରିକି ପ୍ରତି ଗାଁରେ ପାଠ ଚକ୍ର ହେଲେ ସବୁ ଗାଁ ହେବ ଆମଘର। ଏବଂ ପ୍ରତ୍ୟେକ ହେବ ଆମ ପରିବାର ବୋଲି ମତବ୍ୟକ୍ତ କରିଥିଲେ। ନୂତନ କରି ପାଠ ଚକ୍ର ଗଠନ ହୋଇଥିବା ଓଡ଼ଗାଁ, ଗିରିଡିପଲ୍ଲି, କୁରାଳ, ରଙ୍ଗଣିପାଟଣା, ରାବରା, ପଞ୍ଚିରିଡା ଏବଂ କୋରପିଠା ପଞ୍ଚାୟତର ଆବାହକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଆଗାମୀ ଦିନରେ ଓଡ଼ଗାଁ ବ୍ଲକର ପ୍ରତି ପଞ୍ଚାୟତରେ ଆବାହକ ମନୋନୀତ କରାଯାଇ ନିୟମିତ ପାଠଚକ୍ର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମର ସଞ୍ଜୋଜନା କରିଥିଲେ।




ଭିତ୍ତିଭୂମି ଅଛି ବିକାଶ କାର୍ଯ୍ୟ ହୋଇପାରୁନି

# ଫଳକରେ ଝୁଲୁଛି ବିଜ୍ଞାନ କେନ୍ଦ୍ରର ଭାଗ୍ୟ

**ଖଣ୍ଡପଡ଼ା,୧୩।୭ (ସମିସ):**

ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ ସମୟ ଧରି ପ୍ରଶାସନିକ ଅବହେଳା ଓ ରାଜନୈତିକ ଅଭିସନ୍ଧିରେ ଛନ୍ଦି ହୋଇ ଫାଇଲ୍ ଭିତରେ ବନ୍ଦ ହୋଇ ପଡ଼ିରହିଛି ଖଣ୍ଡପଡ଼ା ବିଜ୍ଞାନ କେନ୍ଦ୍ର। ଏନେଇ ୨୦୨୨ ଜୁଲାଇ ୨୬ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲମୁକ୍ତ କରିବାକୁ ଚିଠି କରାଯାଇଥିଲେ ମଧ କେବଳ ତାହା ଚିଠିରେ ସୀମିତ ରହିଛି। ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ସଚିବ ସଞ୍ଜୁଲତା ବେହେରା ସେହି ସମୟରେ ଜିଲ୍ଲା ପ୍ରଶାସନକୁ କରିଥିବା ଚିଠି ଅନୁଯାୟୀ, ସହରାଞ୍ଚଳରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ କେନ୍ଦ୍ରର ୫ ଏକର ଜାଗାକୁ ଜବରଦଖଲମୁକ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେନେଇ ୨୦୨୨ ଏପ୍ରିଲ ୩୦ରେ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ଉକ୍ତ ସ୍ଥାନ ପରିଦର୍ଶନ କରିଥିବାବେଳେ ପାରିପାଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲ୍ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଜାଗାରେ ଅନେକ ଦୋକାନ ଘର ସହ ବହୁ ଜାଗା ବ୍ୟକ୍ତିଗତ ଜବରଦଖଲରେ ରହିଛି। ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀ ତହସିଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏ ଦିଗରେ କାର୍ଯ୍ୟ ଆଗେଇ ନ ଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଖଣ୍ଡପଡ଼ା ସହରାଞ୍ଚଳ




ନିକଟସ୍ଥ ପଠାଣି ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ଏକ ବିଜ୍ଞାନକେନ୍ଦ୍ର ସ୍ଥାପନ କରିବା ପାଇଁ ତତ୍କାଳୀନ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ୨୦୧୯ ଡିସେମ୍ବର ୨୮ରେ ଖଣ୍ଡପଡ଼ା ମହୋତ୍ସବରେ ଘୋଷଣା କରିଥିଲେ। ଜିଲ୍ଲାର ଏକମାତ୍ର ବିଜ୍ଞାନକେନ୍ଦ୍ର ଖଣ୍ଡପଡ଼ା ସହରାଞ୍ଚଳରେ ନିର୍ମାଣ ହେବାକୁ ଥିବାବେଳେ ଏଠାରେ ସ୍ୱତନ୍ତ୍ର ବିଜ୍ଞାନ ଗ୍ୟାଲେରୀ, ଅତ୍ୟାଧୁନିକ ଲାବୋରେଟୋରୀ, ଶିକ୍ଷକମାନଙ୍କ ପାଇଁ ସମ୍ମିଳନୀ କକ୍ଷ ନିର୍ମାଣ ନେଇ ଡିଜାଇନ୍ ପ୍ରସ୍ତୁତ ମଧ ସରିଥିଲା। ଖାଲି ସେତିକି ନୁହେଁ, ଉକ୍ତ ବିଜ୍ଞାନ କେନ୍ଦ୍ରରେ ନିୟମିତ ବ୍ୟବଧାନରେ ତାଲିମ କାର୍ଯ୍ୟକ୍ରମ, ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଓ ୱେବିନାର ଆଦି କାର୍ଯ୍ୟକ୍ରମ ହେବ ବୋଲି ସେତେବେଳେ ସୂଚନା ଦିଆଯାଇଥିଲା। ତେବେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ କରିବା ତଥା ସେମାନଙ୍କ ସୃଜନୀ ବଢ଼ାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏ ନିଷ୍ପତ୍ତି ନେଇଥିବାବେଳେ ଯୋଜନାଟି ଫାଇଲ୍ ତଳେ ଅଟକି ରହିଛି। ସେହିପରି ନ୍ୟାସ୍‌ନାଲ ପ୍ରୋଜେକ୍ଟ କନ୍‌ଷ୍ଟ୍ରକ୍‌ସନ କର୍ପୋରେସନ ନାମକ ସଂସ୍ଥା ଏହି ପ୍ରକଳ୍ପ କାମ ହାତକୁ ନେଇଥିବା ବିଭାଗୀୟ ଚିଠିରୁ ସୂଚନା ମଧ ରହିଛି। ବର୍ତ୍ତମାନ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତ୍‌ଙ୍କ ସମେତ ସମଗ୍ର ଖଣ୍ଡପଡ଼ା ଅଞ୍ଚଳବାସୀ ପ୍ରକଳ୍ପ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି।

## ନୟାଗଡ଼ କ୍ଲବ୍ ତରଫରୁ ବୃକ୍ଷରୋପଣ



**ନୟାଗଡ଼,୧୩।୭ (ସମିସ):** ନୟାଗଡ଼ ନିକଟ ଲେଖନପୁର ସ୍ଥିତ ନୟାଗଡ଼ କ୍ଲବ୍ ପରିସରକୁ ଲାଗି ଯାଇଥିବା ରାସ୍ତାର ଦକ୍ଷିଣ ପାଶ୍ୱର୍ରେ କ୍ଲବ ତରଫରୁ ବହୁ ଔଷଧୀୟ ଗୁଣର ଅଧିକାରୀ ଲିମ୍ବ ଓ ମହାଲିମ୍ବ ଗଛ ରୋପଣ କରାଯାଇଛି। ଏହି ଗଛ ଗୁଡିକ ପରିବେଶକୁ ଶୁଦ୍ଧ କରିବା ସହିତ ବହୁ ରୋଗ ଜୀବାଣୁକୁ ନଷ୍ଟ କରିଥାଏ। କାଛୁକୁଣ୍ଡିଆ ଠାରୁ ଆରମ୍ଭ କରି ବିଭିନ୍ନ ଚର୍ମ ରୋଗ ପାଇଁ ଏହି ଗଛର ଉପକାରିତାକୁ ଦୃଷ୍ଟିରେ ରଖି କ୍ଲବ୍ ତରଫରୁ ଏହି ଗଛ ଗୁଡିକୁ ରୋପଣ କରାଯାଉଥିବା ବିଷୟରେ କ୍ଲବ୍ ସଂପାଦକ ଶ୍ରୀଧର ସାହୁ ମତବ୍ୟକ୍ତ କରିଛନ୍ତି। ସଂପାଦକ ଶ୍ରୀଯୁକ୍ତ ସାହୁଙ୍କ ସଂଯୋଜନାରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କ୍ଲବ ସଭାପତି ପ୍ରାଧ୍ୟାପକ ଅଶୋକ କୁମାର ନାୟକ, ଉପସଭାପତି ଶରତଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସଂପାଦକ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ, ବରିଷ୍ଠ ସଦସ୍ୟ ମିହିର ରଞ୍ଜନ ନାୟକ, ସନ୍ତୋଷ କୁମାର ନାୟକ, ଅବିନାଶ ସାହୁ ଆଦି ସଦସ୍ୟମାନେ ସହଯୋଗ କରିଥିଲେ।

# ‘ପରିବେଶ ସୁରକ୍ଷା ଜୀବନ ରକ୍ଷା’ ବାର୍ତ୍ତା ଦେଲା ବନ ମହୋତ୍ସବ

## ନାଗରିକ ମଞ୍ଚ




**ବରଗଡ଼, ୧୩।୭ (ସମିସ):** ‘ପରିବେଶ ସୁରକ୍ଷା ଜୀବନ ରକ୍ଷା’ ନାରା ଦେଇ ବରଗଡ଼ ସହରରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳର ପ୍ରତିନିଧି, ସରକାରୀ ଅଧିକାରୀ, ବୁଦ୍ଧିଜୀବୀ, ଯୁବ ସଂଗଠନ, ମହିଳା ସମିତିର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ପୁରୁଣା କଚେରୀ ପ୍ରାଙ୍ଗଣ, ମୁଖ୍ୟରାସ୍ତା କଡ଼, ଜର୍ଜ ହାଇସ୍କୁଲ ପଡ଼ିଆରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଆଜି ନାଗରିକ ମଞ୍ଚର ସଭାପତି ଆଇନଜୀବୀ ଭୀଷ୍ମଦେବ ସରାଫଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ବିଜେପି ଜିଲ୍ଲା ସଭାପତି ଅରୂପା ସାହୁ, କଂଗ୍ରେସ ଜିଲ୍ଲା ସଭାପତି ହରଦୀପ ସିଂ, ଭରତ ମହାନ୍ତି, ସାମ୍ବାଦିକ ବୀରେନ୍ଦ୍ର ପ୍ରଧାନ, ଆଇନଜୀବୀ ରମେଶ ପତି, କିରଣ ମିଶ୍ର, ସୁଶୀଲ ଶତପଥୀ, ଅନୁପ ଶତପଥୀ, ବୀରବଲ ମହାକୁଡ, ସମାଜସେବୀ ବିକାଶ ଅଗ୍ରୱାଲ, ପୁରନ୍ଦର ଭୋସାଗର ଓ ବିଭିନ୍ନ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ




**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ମାନଙ୍କ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମିଶ୍ର ଜଳବାୟୁ ପରିବର୍ତ୍ତନ ସମ୍ପର୍କିରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ପରିସର, ହଷ୍ଟେଲ ସମ୍ମୁଖ ଏବଂ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ କରଞ୍ଜ, ବଉଳ, ଅଁଳା, କୃଷ୍ଣଚୂଡା ଆଦି ଶହେଟି ଚାରାରୋପଣ କରାଯାଇଥିଲା। ଏନ୍‌ସିସି ୟୁନିଟର ତତ୍ତ୍ୱାବଧାରକ ଡ.ଚିନ୍ମୟ ସାହୁ, ଖେଳ ଶିକ୍ଷକ ସାନନ୍ଦ ସେଠ, ଧୀରେନ୍ଦ୍ର ମିଶ୍ର ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିନିୟର୍ କ୍ୟାଡେଟ ମାନସ ମହାପାତ୍ର, ଚିତ୍ତରଞ୍ଜନ ପଶାୟତ, ସୋନାଲି ଦାଶ, ମାନସ ମିର୍ଦ୍ଧା, ରୁଦ୍ର ପ୍ରତାପ ମେହେର, ଲିଜା ପ୍ରଧାନ, ଶରତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜଗନ୍ନାଥ ହାଇସ୍କୁଲ ଇକୋ କ୍ଲବ୍



**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଇକୋ କ୍ଲବ୍ ଦ୍ୱାରା ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ବନ ମହୋତ୍ସବ ପାଇଁ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଇକମାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନା, ମୁଖ୍ୟ ବକ୍ତା ଭାବେ ଲିଙ୍ଗରାଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ନାରାୟଣ ବେହେରା, ମଧୁସୂଦନ ଦାସ, ବନପାଳ ରାଧାକାନ୍ତ କୁମ୍ଭାର, ସିଆରସିସି ବୈଷ୍ଣବ ପଣ୍ଡା, ବିନୋଦ ମେହେର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିକ୍ରମ ନାଏକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ମହତ୍ତ୍ୱ ଓ ପରିବେଶ ସୁରକ୍ଷା ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ଶିକ୍ଷକ ବ୍ରଜକିଶୋର ଭିଲ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ସହକର୍ମୀ, ଇକୋ କ୍ଲବ୍ ଛାତ୍ରଛାତ୍ରୀ ଓ ଅତିଥିଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

## କୃଷି ସେବା ସମବାୟ ସମିତି

**ବରଗଡ଼:** ସଦର ବ୍ଲକ ଗୋବିନ୍ଦପୁର କୃଷି ସେବା ସମବାୟ ସମିତି ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ପାକ୍ସ ସଭାପତି ପ୍ରଫୁଲ୍ଲ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମିତିର କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିଥିଲେ। ସମ୍ପାଦକ ଅଶୋକ ଥପ୍ପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କିସମର ଶତାଧିକ ଚାରାରୋପଣ କରାଯାଇଥିଲା।



## ଭଟଲିରେ ଚାରା ରୋପଣ



**ଭଟଲି:** ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ରବିବାର ଭଟଲିରେ ଚାରା ବଣ୍ଟନ କରିଛନ୍ତି। ଅଚ୍ୟୁତ ବୁଦ୍ଧିଆ, ଅକ୍ଷୟ ନାୟକ, ମଣ୍ଡଳ ସଭାପତି ମାଧବ ଚରଣ ପ୍ରଧାନ, ଗୋପାଳ ନାୟକ, କାର୍ତ୍ତିକ ଦେହେରୀ, ମନୋଜ ସେଠ, ଲୋକେଶ୍ୱର ସିଂ ବରିହା, କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ମହାପାତ୍ର, ପ୍ରତାପ ପଧାନ, ଶାନ୍ତି ସାହୁ, ଦିଲୀପ ବାବା, ବାଲକୃଷ୍ଣ ଭୋଇଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ୁଛି। ଜନସଂଖ୍ୟା ବୃଦ୍ଧିକୁ ଦେଖି ସହରୀକରଣ ପାଇଁ ଗଛ କଟାଯାଉଛି। ଏଣୁ ଗଛ କଟାରୁ ନିବୃତ୍ତି ରହିବା ସହ ଅଧିକ ପରିମାଣରେ ଚାରା ରୋପଣର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଛନ୍ତି।

## ଆଶ୍ରମ ବିଦ୍ୟାଳୟ




ଭଟଲି: ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେ‡ୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଟଲି ବନପାଳ ରାଜେନ୍ଦ୍ର ସିଂ, ସ୍ୱତନ୍ତ୍ର ଅତିଥି ଭାବେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ‘ମାଁ ପାଇଁ ଗଛଟିଏ ୨.୦’ ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହିତ ଚାରାବଣ୍ଟନ କରିଥିଲେ। ବିଦ୍ୟାଳୟ ପରିସରରେ ଅତିଥିବୃନ୍ଦ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ଶିକ୍ଷକ ଶିକ୍ଷକ ତଥା ପ୍ରକୃତିପ୍ରେମୀ ଉଚ୍ଛବ ଭୁଏ ଉଦ୍ଦେଶ୍ୟ ଜ୍ଞାପନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜୀବ ଲୋଚନ ସାହୁ, ଦିଲ୍ଲୀପ ପଧାନ, ଅଷ୍ଟମନ୍ୟୁ ବାରିକ, ଶିକ୍ଷୟିତ୍ରୀ ମମତା ସାହୁ, ପଞ୍ଚମୀ ନାଏକ, ସାବିତ୍ରୀ ସା, ଗାଁର ସ୍ୱେଚ୍ଛାସେବୀ ଦୁର୍ଜୟ ହାତୀ, ଅନ୍ତର୍ଯ୍ୟାମୀ ପଧାନ ଓ କ୍ଷେତ୍ର ମୋହନ ସାହୁଙ୍କ ସମେତ ଇକୋ କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ୧୧ କେଭି ତାର ସଂସ୍ପର୍ଶରେ ଆସି ଶିଶୁ ଗୁରୁତର

**ବରଗଡ଼, ୧୩।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ କୁରୁମକେଲହ ଛାତରେ ଖେଳୁଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ୬ ବର୍ଷର କୋମଳମତି ଝିଅ ଗୁରୁତର ଆହତ ହୋଇଛି। ଆହତ ଝିଅ ହେଲା ଗାଁର ରୂପେଶ ପଡିହାରୀଙ୍କ ଝିଅ ଆରୁଷି। କୁରୁମକେଲ ଭୂତଲି ପ୍ରାଥମିକ ବିଦ୍ୟାଳୟର ନୂତନ ବିଲଡିଂ ଛାତରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ଆରୁଷି ଗାଁରେ ଟଣା ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲା। ଶିଶୁଟିର ବାମ ହାତ ସମ୍ପୂର୍ଣ୍ଣ ଜଳି ଯାଇଛି। ଏପରିକି ଡାହାଣ ହାତ ପାପୁଲି, ଡାହାଣ ଜଙ୍ଘ ଓ ପେଟ ପୋଡି ଯାଇଛି। ଆରୁଷିର ବାପା ୫୦ ହଜାର ଟଙ୍କା ହାତ ଉଦ୍ଧାରି କରି ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି। ଏବେ କଟକ ଏସ୍‌ସିବିରେ ଚିକିତ୍ସା ହେଉଥିବା ଜଣାପଡ଼ିଛି। ଆଜି ଯୁବ ସ୍ୱଚ୍ଛାସେବୀ ସ୍ୱାଧୀନ ପାତ୍ର ଏସସିବି ମେଡିକାଲ ଯାଇ ଆରୁଷିର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପରିବାରବର୍ଗଙ୍କୁ ପଚାରି ବୁଝିଥିଲେ। ଏହି ଦୁର୍ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରିବା ସହ କୋମଳମତି ଶିଶୁକୁ ଯେଭଳି ସମସ୍ତ ସରକାରୀ ସୁବିଧା ମିଳିପାରିବ ସେଥି ନିମନ୍ତେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସେ ନିବେଦନ କରିଛନ୍ତି।

# ମାଁ ମାହେଶ୍ୱରୀ ସେନାର ଜିଲ୍ଲାସ୍ତରୀୟ ବୈଠକ

**ବରଗଡ଼, ୧୩।୭ (ସମିସ):** ଘୁଡୁକାଟିକ୍ରା ପ୍ରଭୁଭକ୍ତି ଆଶ୍ରମରେ ରବିବାର ବରଗଡ଼ର ମାଁ ମାହେଶ୍ୱରୀ ସେନାର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ପ୍ରତୁଲ କର୍ଣ୍ଣ ବୈଠକରେ ସଭାପତିତ୍ୱ କରିଥିଲା। ଗମ୍ଭାରୀପାଲି କେନ୍ଦ୍ର ଡୁମାଲ ସମାଜର ସଭାପତି ପ୍ରେମରାଜ କମ୍ପଙ୍କ ଗତ ୬ ତାରିଖ ଦେହାନ୍ତ ହୋଇ ଥିବାରୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ନୂତନ ଭାବେ ମାଁ ମାହେଶ୍ୱରୀ ସେନାର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ବରଗଡ଼ ଜିଲ୍ଲା ସଭାପତି ପ୍ରମୋଦ କର୍ଣ୍ଣ, ଉପସଭାପତି ବେଦପ୍ରକାଶ ଛନ୍ଦ ଓ ବରୁଣ ଦେହେରୀ, ସମ୍ପାଦକ ଆଶିଷ ମହାକୁର, ସହସମ୍ପାଦକ ଯୋଗେଶ୍ୱର ଛନ୍ଦ, କୋଷାଧ୍ୟକ୍ଷ ନନ୍ଦକାହ୍ନା ମହାକୁର, କାର୍ଯ୍ୟକାରୀ ସଦସ୍ୟ ଉମେଶ ଖମାରୀ, ଯତୀନ ଦନ୍ତା, ଅଜୁ ବାଗ, ମାନସ ପ୍ରଧାନ, ଧିରେନ ଅମାତ, ଅନିଲ ଛନ୍ଦ, ରଜତ ଥାଟି ଓ ରୋହିତ କର୍ଣ୍ଣ, ଜିଲ୍ଲା ସଂଯୋଜକ ଅଜିତ



କରନ, ଜିଲ୍ଲା ସହସଂଯୋଜକ ଦିବସ ପ୍ରଧାନ ଓ ତୋଫାନ ମହାକୁର, ଉପଦେଷ୍ଟା କମିଟି କୁବେର ମହାକୁର, ସୁରେନ୍ଦ୍ର ମହାକୁର, ପ୍ରତୁଲ କର୍ଣ୍ଣ ଘନଶ୍ୟାମ କମ୍ପ, ତୋଷବନ୍ତ କରନ ଓ ଭୀଷ୍ମସିଂ ଛନ୍ଦ ମନୋନୀତ ହୋଇଥିଲେ। ସେହିପରି ଅତାବିରା ବ୍ଲକ ସଭାପତି ରିକନ ମେଣ୍ଡଲୀ, ସମ୍ପାଦକ ବିବେକାନନ୍ଦ ଗେଜୋ ଓ ଭେଡେନ ବ୍ଲକ ସଭାପତି ସୁମିତ କର୍ମୀ, ଉପସଭାପତି ଜିତୁ ବେହେରା ଓରାକେଶ ଛନ୍ଦ, ସମ୍ପାଦକ ନରେନ୍ଦ୍ର କ୍ଷେତି ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ଧନକଉଡା ଜୋନ ୨ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ମାଁ ମାହେଶ୍ୱରୀଙ୍କ ଭଜନ ଗାୟିକା ଜୟନ୍ତୀ ମହାକୁର, ମାଁ ମାହେଶ୍ୱରୀ ସେନାର ସଦସ୍ୟ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ କୁବେର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# କଳା ନିକେତନର ପୁରସ୍କାର ବିତରଣ ଉତ୍ସବ

**ବରଗଡ଼, ୧୩।୭ (ସମିସ):** ବରଗଡ଼ ସହରର ସର୍ବ ପୁରାତନ ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନ ପକ୍ଷରୁ ହିନ୍ଦୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ସରଦାର ପ୍ରିତମ୍ ସିଂହଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୀ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ବେହେରା ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ୭୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର, ଉପାଧ୍ୟକ୍ଷ ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର, ଅବିନାଶ ଗୁପ୍ତା, ସୁଦନ ସେଠ, ସୁଲୋଚନା ମହାପାତ୍ର, ପ୍ରଭାକର ପାତ୍ର, ସୁନନ୍ଦା ହାତୀ, ଦୀକ୍ଷା ପ୍ରଧାନ, ବିଷ୍ଣୁ ଜୟସ୍ୱାଲ, ଶୁଭମ ମେହେର, ସ୍ୱସ୍ତିକ ସାହୁ, ସୁନୀଲ ଅଗ୍ରୱାଲ, ଶାଶ୍ୱତୀ ଭୋସାଗର ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଦୁର୍ଘଟଣାରେ ପରିବହନ ବିଭାଗ ମୁଖ୍ୟ କିରାଣିଙ୍କ ମୃତ୍ୟୁ



**ବରଗଡ଼, ୧୩।୭ (ସମିସ):** ରବିବାର ସନ୍ଧ୍ୟାରେ ଆରଟିଓ କାର୍ଯ୍ୟାଳୟର ମୁଖ୍ୟ କିରାଣି ମନୋରଞ୍ଜନ ପାଲ (୫୮) ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଆର୍‌ଟିଓ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାରି ହେବା ସମୟରେ ଏକ ବୁଲେଟ ତାଙ୍କୁ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଆର୍‌ଟିଓ ଅଫିସ କର୍ମଚାରୀ ନିରାକାର ଡାଙ୍ଗ ଓ ବୈକୁଣ୍ଠ ସରଜାଲ ତାଙ୍କୁ ଉଦ୍ଧାର କରି ବିକାଶ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସମଗ୍ର ବରଗଡ଼ ଜିଲ୍ଲା ସରକାରୀ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଏଡିଏମ୍ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ବଳରାମ ଦାଶ, ନରେଶ ନାୟକ, ମିଳନ ସାହା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପାଲଙ୍କ ଦୁଇ ଝିଅଙ୍କ ମଧ୍ୟରୁ ଜଣେ ବିବାହ କରିଥିବା ବେଳେ ଆଉ ଜଣେ ଅବିବାହିତ ଅଛନ୍ତି। ଘରେ ମା’ ଓ ତାଙ୍କ ସ୍ତ୍ରୀ ଅଛନ୍ତି। ଆକସ୍ମିକ ଦୁର୍ଘଟଣାରେ ସମଗ୍ର ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ୪ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ହାତ ବଢ଼ାଇଲେ କାଉନ୍‌ସିଲର



**ଅତାବିରା, ୧୩।୭ (ସମିସ)**

ଅତାବିରା ଏନଏସିର ୱାର୍ଡ ନମ୍ବର୍ ୧ର କାଉନ୍ସିଲର ଦୀପକ ରାୟ କଲେଜରେ ନାମ ଲେଖାଇବା ପାଇଁ ଅର୍ଥ ବାଧକ ସାଜିଥିବା ୪ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେଇ କଲେଜରେ ନାମ ଲେଖାଇଛନ୍ତି। ପୂର୍ବରୁ ମଧ ଗରିବ ମେଧାବୀ ପିଲାଙ୍କ ନାମ ଲେଖାରେ ସେ ସହଯୋଗ କରିଆସୁଛନ୍ତି। ଅତାବିରା ଏନଏସି ୱାର୍ଡ ନମ୍ବର୍ ୧୨ କାଣ୍ଡପାଲିର ମାମୀ କାଣ୍ଡ, ଅତାବିରା ବ୍ଲକ ଲଟିଦା ଗାଁର ସସ୍ମିତା ସାହୁ, ଅତାବିରା ବସ୍ତି ୬ ନମ୍ବର ୱାର୍ଡର ସସ୍ମିତା ପାଶାୟତଙ୍କ ଅତାବିରା କଲେଜରେ ଏବଂ ରେଙ୍ଗାଲିକେମ୍ପର ପ୍ରେମ କୁମ୍ଭାର ଗୋଡଭଗାଙ୍କ ସାରସ୍ୱତ କଲେଜରେ ଯୁକ୍ତ ୨ରେ ନାମଲେଖା ପାଇଁ ଆର୍ଥିକ ସହଯୋଗ କରିଛନ୍ତି। ସସ୍ମିତା ପଶାୟତଙ୍କ ବାପା ସ୍ୱର୍ଗବାସୀ ହୋଇ ଯାଇଛନ୍ତି। ପ୍ରେମ କୁମ୍ଭାରଙ୍କ ବାପା ଦେବାହାଲରେ ଏକ ଛୋଟ ପାନ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଛନ୍ତି। ସେହିପରି ସସ୍ମିତା ସାହୁଙ୍କ ମାଆ ବାପା ଉଭୟେ ସ୍ୱାସ୍ଥ୍ୟଗତ କାରଣରୁ ଶଯ୍ୟାଶାୟୀ ଥିବା ବେଳେ ମାମୀ କାଣ୍ଡଙ୍କ ବାପା ମଧ୍ୟ ଅନୁରୂପ ଭାବେ ଶଯ୍ୟାଶାୟୀ ଅଛନ୍ତି। ଏପରିସ୍ଥଳରେ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ଥିବା ଜାଣି ଦୀପକ ସେମାନଙ୍କ ନାମଲେଖା ଖର୍ଚ୍ଚ ନିଜେ ଉଠାଇବେ ବୋଲି କହି ଗୁରୁବାର ସହାୟତାର ହାତ ବଢ଼ାଇଛନ୍ତି। ଦୀପକଙ୍କ ସହ ସତୀଶ ଦାଶ, ନିକୁ ପ୍ରଧାନ, ପ୍ରତୀକ ସ୍ୱାଇଁ, ଆଲୋକ ମେହେର, ରୋଶନ ନାଏକ, ସାଗର ପାଣ୍ଡେ, ଜି.ରବି, ଅଂଶୁମାନ ପୋଢ଼, ମହାଭଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଦିବସ



**ବରଗଡ଼, ୧୩।୭ (ସମିସ):** ଗଣପତି ହୋଟେଲରେ ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଦିବସ ପାଳନ ହୋଇଛି। ନୂତନ ସଭାପତି ଭାବେ ରୋଟରିଆନ ଗଙ୍ଗାସାଗର ପତି ଏବଂ ସମ୍ପାଦକ ଭାବେ ରୋଟାରିଆନ ଆନନ୍ଦ ଭୂତଦା ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଇନରୱିଲ କ୍ଲବ ପୂର୍ବ ଅଧ୍ୟକ୍ଷା କ୍ରିଷ୍ଣା ମହଜନମ ତଥା ମୁଖ୍ୟ ବକ୍ତା ଭାବେ ଜିତେନ୍ଦ୍ର ଶର୍ମା ସମ୍ବଲପୁର କ୍ଲବ୍‌ରୁ ଯୋଗ ଦେଇଥିଲେ।। ଉତ୍ସବରେ ରୋଟାରୀ ସ୍କୁଲର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା।

● ଶ୍ରାବଣ ମାସ ପ୍ରଥମ ସୋମବାର

## ଜଳାଭିଷେକ ଲାଗି କାଉଡ଼ିଆଙ୍କ ଭିଡ଼



**ପରଜଙ୍ଗ, ୧୩।୭(ସମିସ):** ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଉପଲକ୍ଷେ ପରଜଙ୍ଗ ଅଞ୍ଚଳର ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ନଦୀରୁ ଜଳପୂର୍ଣ୍ଣ କଳସ ବାହୁଙ୍ଗିରେ ନେଇ ଶିବ ଲିଙ୍ଗରେ ଅର୍ପଣ କରିବେ। ପରଜଙ୍ଗ ବ୍ଲକ ସରାଙ୍ଗ କଲୋନୀ ସାହିର ବୋଲବମ ଭକ୍ତମାନେ ସରାଙ୍ଗ ଅନନ୍ତ ଶୟନ ବ୍ରାହ୍ମଣୀ ନଦୀ ପଠାରେ ପୂଜାର୍ଚ୍ଚନା କରି ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ଜଳଲାଗି କରିବାକୁ ଯାତ୍ରା କରିଛନ୍ତି।

## କୁକୁର ଆକ୍ରମଣରେ ଛେଳି ମୃତ

**ପରଜଙ୍ଗ, ୧୩।୭(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ବ୍ରାହ୍ମଣବେଢ଼ିଆ ଗ୍ରାମରେ ବୁଲା କୁକୁରଙ୍କ ଆକ୍ରମଣରେ ଗୋଟିଏ ଛେଳିର ମୃତ୍ୟୁ ହୋଇଥିବା ବେଳେ ୨ଟି ଗୁରୁତର ହୋଇଛନ୍ତି। ଗ୍ରାମର ତ୍ରିନାଥ ସାହୁ ଶନିବାର ସକାଳେ ଛେଳି ଚରାଇବାକୁ ନେଉଥିବା ବେଳେ କୁକୁର ପଲ ଗୋଟିଏ ଛେଳିକୁ ଝୁଣି ମାରିଦେଇଥିଲେ। ଏଥିସହ ୨ଟି ଛେଳିକୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲେ। ତ୍ରିନାଥ ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ଟ୍ରକ ଧକ୍କାରେ ମହିଳା ଗୁରୁତର



**ପରଜଙ୍ଗ, ୧୩।୭(ସମିସ):** ୫୩ନଂ ଜାତୀୟରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବଡ଼ଝରା ଗ୍ରାମ ନୂଆସାହି ନିକଟରେ ଟ୍ରକ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବଡ଼ଝରା ନୂଆସାହିର ପଦ୍ମଚରଣ ସାହୁଙ୍କ ସ୍ତ୍ରୀ ରେଖା ସାହୁ (୪୫)। ମିଳିଥିବା ସୂଚନା ଅନୁଯାୟୀ ରାଜପଥ ଅପରପାର୍ଶ୍ୱରେ ଥିବା ନିଜ ବିଲକୁ କାମ କରିବାକୁ ସକାଳେ ରେଖା ବାହାରିଥିଲେ। ରାଜପଥ ପାର୍ ହେଉଥିବା ସମୟରେ ଏକ ଟ୍ରକ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରେଖାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ପଠାଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ କେତେଜଣ ସ୍ଥାନୀୟ ଯୁବକ ବାଇକ୍‌ରେ ପିଛା କରି କିଛି ଦୂରରେ ଧରିବାରେ ସଫଳ ହୋଇଥିଲେ। ପରେ ଟ୍ରକ ସହ ଚାଳକଙ୍କୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଥାନା ଏସଆଇ ଦେବଗ୍ରାହୀ ମହାନ୍ତି, କର୍ମଚାରୀ ଚଗଲା ଦଳବେହେରା, କଲ୍ୟାଣୀ ଭୂତିଆ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ପରଜଙ୍ଗ, ୧୩।୭(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମର ଅବସରପ୍ରାପ୍ତ ସୈନିକ ପ୍ରଭାତ ନାଏକଙ୍କର ୭୦ ବର୍ଷ ବୟସରେ



ପରଲୋକ ହୋଇଛି। ପ୍ରଭାତ ଭାରତୀୟ ସ୍ଥଳସେନାରେ ସିଗ୍ନାଲ ରେଜିମେଣ୍ଟ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। କିଛି ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ପରଜଙ୍ଗ ବ୍ଲକରେ ଗଢ଼ି ଉଠିଥିବା ବୀରଭୂମି ଏକ୍ସ ଆର୍ମି ସଂଘ ସଦସ୍ୟ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଏକ୍ସ ଆର୍ମି ସଂଘ ସଭାପତି କୃପାସିନ୍ଧୁ ଖୁଣ୍ଟିଆ, ଉପସଭାପତି ନିତ୍ୟାନନ୍ଦ ପଣ୍ଡା, ସମ୍ପାଦକ ଦୁଷ୍ମନ୍ତ କୁମାର ଦଳବେହେରା, ବସନ୍ତ କୁମାର ସେଠ ଓ ଅନ୍ୟ ସଦସ୍ୟମାନେ ପ୍ରଭାତଙ୍କ ବାସଭବନରେ ପହଞ୍ଚି ମରଶରୀର ଉପରେ ପୁଷ୍ପମାଲ୍ୟ ଓ ଜାତୀୟ ପତାକା ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବମ୍ପାରେ ମଦମୃତ୍ୟୁ ଘଟଣା

# ମଦମୃତ୍ୟୁକୁ ମାନିବାକୁ ପୁଲିସ ନାରାଜ

ଢେଙ୍କାନାଳ/ହିନ୍ଦୋଳ, ୧୩।୭(ସମିସ)









ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବମ୍ପା ଗ୍ରାମରେ ଦେଶୀମଦ ପିଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ରବିବାର ସକାଳେ ରାସୋଳ ଥାନା ପୁଲିସ, ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଗ୍ରାମରେ ପହଞ୍ଚି ଚଢ଼ଉ କରିବା ସହିତ ୫ ଜଣଙ୍କୁ ଗିରଫ କରି ତଦନ୍ତ କରୁଥିବା ଜଣାପଡ଼ିଛି। ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଥିବାବେଳେ ବିପୁଳ ପୋଚ ନଷ୍ଟ କରାଯାଇଛି। ତେବେ ଏହି ମଦମୃତ୍ୟୁ ଘଟଣାକୁ କିନ୍ତୁ ପୁଲିସ ମାନିବାକୁ ନାରାଜ।

ପାହାଡ଼ ପର୍ବତ ଘେରା ବମ୍ପା ଗ୍ରାମରେ ଆଦିବାସୀଙ୍କ ସଂଖ୍ୟା ୬ଶହରୁ ଅଧିକ ହୋଇଥିବା ବେଳେ ଦଳିତଙ୍କ ସଂଖ୍ୟା ୫ଶହରୁ ଅଧିକ। ଗ୍ରାମରେ ଦେଶୀମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀରଶିଳ୍ପରେ ପରିଣତ ହୋଇଛି। ଗରିବ କେ ଦେଶୀମଦ ପିଇ ମୃତ୍ୟୁମୁଖରେ ପଡ଼ିବା ଧରାବନ୍ଧା ନିୟମରେ ପରିଣତ ହୋଇଛି। ଶନିବାର ମଦ ପିଇ ମିଲୁ ସାମଲ (୫୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ ସାମଲ (୫୮) ଗୁରୁତର ହେବାରୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ସୁଶାନ୍ତ ମାଝି ଏବେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଦେଶୀ ମଦ ପିଇ ଏକ ମାସ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା।

**ଗ୍ରାମରେ ଅବକାରୀ ବିଭାଗ ଓ ପୁଲିସର ଚଢ଼ଉ; ୫ ଗିରଫ**

ତେବେ ଶନିବାର ମଦମୃତ୍ୟୁ ଅଭିଯୋଗ ଆସିବା ପରେ ରବିବାର ସକାଳେ ରାସୋଳ ଥାନା ପୁଲିସ ସହିତ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଥିବା ବେଳେ ମଦ ପ୍ରସ୍ତୁତି ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଦ ପ୍ରଦାନ କରିଛନ୍ତି। ଗ୍ରାମରେ ଏବେ ମଧ୍ୟ କିଛି ବ୍ୟକ୍ତି ଅସୁସ୍ଥ ଥିବା ଜଣାପଡ଼ିଛି। ଏହି ଘଟଣାକୁ କିନ୍ତୁ ରାସୋଳ ପୁଲିସ ମାନିବାକୁ ନାରାଜ। ପୁଲିସ କହିବା ଅନୁସାରେ ଲୋକମାନେ ମଦ ପିଇ ପିଇ ସେମାନଙ୍କ ଲିଭର ଖରାପ ହୋଇଥିବାରୁ ମୃତ୍ୟୁବରଣ କରିଛନ୍ତି। ଗ୍ରାମରେ ମଦ ପ୍ରସ୍ତୁତ ହେଉଛି କିନ୍ତୁ ତାହା ବିଷାକ୍ତ ମଦ ନୁହେଁ ବୋଲି ପୁଲିସ ଯୁକ୍ତି ବାଢ଼ିଛି। ତେବେ ପୁଲିସ ମଦମୃତ୍ୟୁକୁ ଏକ ସାଧାରଣ ଘଟଣା ଭାବେ ନେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଦମୃତ୍ୟୁ ଘଟଣାକୁ ଚପାଇ ଅନ୍ୟ କାରଣରୁ ଲୋକଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇବା ପାଇଁ ପୁଲିସ ଓ ଅବକାରୀ ବିଭାଗ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗ ଅଧିକାରୀଙ୍କୁ ହାତକରି ଗାଁରେ ଦୀର୍ଘଦିନ ହେବ ଚୋରାମଦ କାରବାର ଚାଲିଥିବା ଗ୍ରାମବାସୀ କହିଛନ୍ତି।

ମଦମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନ ସାଂସଦ



**ଖଜୁରିଆକଟା, ୧୩।୭(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ମଦମୃତ୍ୟୁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ହିନ୍ଦୋଳ ବ୍ଲକ ରାସୋଳ ଥାନା ବମ୍ପା ଗ୍ରାମରେ ଦୁଇଦିନରେ ପ୍ରଫୁଲ୍ଲ ସାମଲ (୬୧) ଓ ମିଲୁ ସାମଲ (୫୦)ଙ୍କର ବିଷାକ୍ତ ମଦପିଇ ଢେଙ୍କାନାଳ ଡାକ୍ତରଖାନରେ ମୃତ୍ୟୁ ହୋଇଥିବାବେଳେ ସେହି ଗ୍ରାମର ସୁଶାନ୍ତ ମାଝୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମୃତକମାନଙ୍କ ପରିବାରଙ୍କୁ ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହେଶ ସାହୁ ଭେଟି ସମବେଦନା ଜଣାଇବାସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ମୃତକଙ୍କ ପରିବାରଙ୍କୁ ୧୦ଲକ୍ଷଟଙ୍କା ଆର୍ଥିକ ସହାୟତା, ଅଞ୍ଚଳରେ ମଦବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ଅବକାରୀ ବିଭାଗ ଅଧିକାରୀ କହିଛନ୍ତି, ସେମାନେ ମଦପିଇ ମରିଛନ୍ତି ସତ କିନ୍ତୁ ବିଷାକ୍ତ ମଦରେ ନୁହେଁ। ମୃତକମାନଙ୍କ ମୃତଦେହ ବ୍ୟବଚ୍ଛେଦ ନ କରି କିପରି ଅବକାରୀ ଅଧିକାରୀ ଏହା ବିଷାକ୍ତ ମଦ ନୁହେଁ ଜାଣିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କାହାକୁ ଓ କାହା ଦୁର୍ବଳତା ଘୋଡ଼ାଇବାକୁ, ସୁରକ୍ଷା ଦେବାକୁ ଅବକାରୀ ଅଧିକାରୀ ଏପରି ଚେଷ୍ଟା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନକଲି ବିଦେଶୀମଦ ଓ ବିଷାକ୍ତ ଦେଶୀମଦ ପିଇ ପୂର୍ବରୁ ଏହି ଅଞ୍ଚଳର ମିଟୁ ମାଝୀ (୬୨), ଦୟା ସେଠୀ (୫୫), ସୁରେଶ ପାତ୍ର (୪୫), ଡାଇଭର ଭୋଇ (୪୭), ଗୌରା ବେହେରା (୪୬) ପ୍ରମୁଖଙ୍କ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ତେବେ ଘଟଣା ଘଟିବା ପରେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ପାଦ ପଡ଼ି ନ ଥିବାବେଳେ ମହେଶ ସାହୁଙ୍କ ଗସ୍ତପରେ ପୁଲିସ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇ ବ୍ୟାପକ ଚଢ଼ଉ କରିବା ସହ ମଦନଷ୍ଟ ଓ ଜବତ କରି ୫ଜଣଙ୍କୁ ଗିରଫ କରିଛନ୍ତି। ମହେଶଙ୍କ ସହ ବିଜେଡି ମୁଖପାତ୍ର ନାରାୟଣ ଜେନା, ଜିଲ୍ଲାପରିଷଦ ସଭ୍ୟା ମମାତାଞ୍ଜଳି ବେହେରା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ବିଜେଡି ନେତା ବାବୁ ପଣ୍ଡା, ମିଳନ ରାଉତ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ରାସ୍ତା ପାଲଟିଛି ମରଣଯନ୍ତା



**ଖଜୁରିଆକଟା, ୧୩।୭(ସମିସ):** ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ନୂଆ ଗ୍ରାମର ପିତାବଳି ପିଢ଼ଠାରୁ ନୂଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯାଏଁ ରାସ୍ତାରେ ପାଣି ଜମା ହେବାସହ କାଦୁଆରେ ଭର୍ତ୍ତି ହୋଇଛି। ଫଳରେ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବାପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋମଳମତି ପିଲାମାନେ ବିଦ୍ୟାଳୟକୁ ଯିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ଗ୍ରାମରେ ୨ ହଜାରରୁ ଅଧିକ ଲୋକ ବାସ କରୁଥିବା ବେଳେ ବର୍ଷାଦିନରେ ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ହଇରାଣ ହେଉଛନ୍ତି। ରାସ୍ତାରେ ପାଣି ଜମା ହେଇ ରହୁଥିବାରୁ ମଶା, ମାଛିଙ୍କ ବଂଶ ବୃଦ୍ଧି ହେଉଛି। ଫଳରେ ଡାଇରିଆ ଓ ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

● ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୁର୍ନୀତି, ଦୁଷ୍କର୍ମ ବନ୍ଦ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

## 'ନିଲମ୍ବନ କି କମିଟି ଗଠନ କରି ତଦନ୍ତ ଏକ ପ୍ରହସନ ମାତ୍ର'

**ଢେଙ୍କାନାଳ, ୧୩।୭(ସମିସ):** ବାଲେଶ୍ୱର ଏଫଏମ୍ କଲେଜର ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆପତ୍ତି ଅଭିଯୋଗ କରିବା ପରେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଶେଷରେ ସେ ନିଜ ଜୀବନ ତ୍ୟାଗ କରିବାକୁ ସିଦ୍ଧାନ୍ତ କରି ଆତ୍ମାହୁତି ପନ୍ଥା ଗ୍ରହଣ କରି ମୃତ୍ୟୁମୁଖରେ ପଡ଼ିଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଛି। ନିଲମ୍ବନ କିମ୍ବାର କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେବା ଏକ ପ୍ରହସନ ମାତ୍ର। ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୁର୍ନୀତି, ଦୁଷ୍କର୍ମ ବନ୍ଦ ପାଇଁ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସରକାର କାଳ ବିଳମ୍ବ ନ କରି ଏଥିରେ ସାମିଲ ଥିବା ସମସ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଚାକିରିରୁ ବହିଷ୍କାର କରିବା ସହ ସମସ୍ତଙ୍କୁ ଜେଲକୁ ପଠାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଖଜୁରିଆକଟା, ୧୩।୭(ସମିସ):** ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ଠୋକର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠୋକର ଗ୍ରାମର ଖେନା ମାଝୀ (୮୦) ରବିବାର ଅପରାହ୍ନ ୩ଟାରେ ଖେନା ଚାଷକାମ ସାରି ଘରକୁ ଫେରୁଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ଖେନାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଖଜୁରିଆକଟା ବନବିଭାଗ କର୍ମଚାରୀ ଶବ ଠାବ କରି ବାଲିମି ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହିନ୍ଦୋଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ଘରୁ ବାହାରକୁ ବାହାରିବା ବିପଦ ହେଲାଣି। ସ୍କୁଲ, କଲେଜ୍‌ଠାରୁ ଆରମ୍ଭ କରି ବିଭିନ୍ନ କାମରେ ଲୋକେ ଘରୁ ବାହାରିବା ଏକପ୍ରକାର ମୁସ୍କିଲ ହୋଇପଡ଼ିଲାଣି। ହାତୀ ଜନବସତିରେ ପଶି ଧାନତଳି ନଷ୍ଟ କରିବା ଓ ଘରେ ପଶି ଭାତ ହାଣ୍ଡିରୁ ଭାତ ଖାଇବା ଘଟଣା ଲୋକଙ୍କ ଭିତରେ ଭୟ ସୃଷ୍ଟି କଲାଣି। ଚଳିତ ବର୍ଷ ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏବେ ହିନ୍ଦୋଳ ଉପଖଣ୍ଡରେ ୨ ଶହରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ଚାଷକାମ ସମ୍ପୂର୍ଣ୍ଣ ଠପ୍ ହେବାକୁ ବସିଲାଣି। ଆଶ୍ଚର୍ଯ୍ୟର କଥା ଚାଷଜମିରେ ଫସଲ ସୁରକ୍ଷା ପାଇଁ ବ୍ୟବହୃତ ସୋଲାର ବାଡ଼କୁ ହାତୀ ପାଦରେ ଭାଙ୍ଗି ଫସଲ ନଷ୍ଟ କରୁଛନ୍ତି। ଏଭଳି ପରିସ୍ଥିତିରେ ଧନଜୀବନ ଅସୁରକ୍ଷିତ ହୋଇପଡ଼ିଛି। ହାତୀ ଦ୍ୱାରା ହେଉଥିବା କ୍ଷୟକ୍ଷତିର କ୍ଷତିପୂରଣ ରାଶି ସମୁଦ୍ରକୁ ଶଙ୍ଖେ ଭଳି ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନୂଆ ଟିପିଲେଇରେ ଚାରାରୋପଣ



**ଢେଙ୍କାନାଳ, ୧୩।୭(ସମିସ):** ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚଯାତ ନୂଆ ଟିପିଲେଇ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ପ୍ରସନ୍ନ କୁମାର ପାଳଙ୍କ ତତ୍ତ୍ୱାବଧାନରେ ଗ୍ରାମର ପବନସୁତ ପୂଜା କମିଟି ସଦସ୍ୟମାନଙ୍କ ଦ୍ୱାରା ମନ୍ଦିର ଓ ଗ୍ରାମ ପରିସରରେ ଶହେରୁ ଅଧିକ ବିଭିନ୍ନ ଫୁଲ, ଫଳ ଚାରା ରୋପଣ କରାଯାଇଥିଲା।

## ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ, ୧୩।୭(ସମିସ)



ନିଖିଳ ଭାରତ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଢେଙ୍କାନାଳ ଚେସ୍ ସଂଘ ଦ୍ୱାରା ସ୍ଥାନୀୟ ଟାଉନ୍ ହଲ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଭୟ ଓପନ ବାଳିକା ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦ ଜିଲ୍ଲାରୁ ୨୫ ବାଳିକାଙ୍କ ସହ ମୋଟ୍ ୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଓପନ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ପୁରସ୍କାର ରାଶି ଏବଂ ଟ୍ରଫି ପ୍ରଦାନ କରାଯାଇଛି। ମନିଷ ମିଶ୍ର ପ୍ରଥମ, ସଙ୍ଘଂଶ ଦାସ ଦ୍ୱିତୀୟ, ଶୁଭାଶିଷ ବାରିକ ତୃତୀୟ, ସାକେତ୍ କୁମାର ମାଇତି ଚତୁର୍ଥ, ସିଦ୍ଧାର୍ଥ ମଲ୍ଲିକ ପଞ୍ଚମ, ସୌଭିକ୍ ପାଢ଼ୀ ଷଷ୍ଠ, ଶ୍ରେୟାଂଶ ଦାସ ସପ୍ତମ, ରେୟାନ୍ସ ସାମଲ ଅଷ୍ଟମ, ଆର୍‌ୟାନ୍‌ସ୍ ମିଶ୍ର ନବମ ଏବଂ ଚୌଧୁରୀ ଶୁଭମ୍ ନନ୍ଦ ଦଶମ ସ୍ଥାନ ଅଧିକାର କରିଛନ୍ତି। ଢେଙ୍କାନାଳ ବେଷ୍ଟ ସାନ୍ ସାତ୍ୱିକ୍ ବେହେରା ପ୍ରଥମ, ଦେବଦତ୍ତ ଦାସ ଦ୍ୱିତୀୟ ଏବଂ ସୂର୍ଯ୍ୟାବିତ୍ ସାହୁ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ବାଳିକା ବିଭାଗରେ ସମିନା ସ୍ୱାଇଁ ପ୍ରଥମ, ଶରଧାଭାଗ୍ୟ କାମିନୀ ଦ୍ୱିତୀୟ, ପ୍ରୀତିକା ପ୍ରଧାନ ତୃତୀୟ, ଆର୍ଶିକା ଦାସ ଚତୁର୍ଥ, ଅନିଷା ଆଚାର୍ଯ୍ୟ ପଞ୍ଚମ, ଯଶସ୍ୱୀ ବିବେକ ବାରୱେ ଷଷ୍ଠ, ସ୍ନେହସ୍ମିତା ରାମ ସପ୍ତମ, ବାହୁବାଲେନ୍ଦ୍ରଶି କାମାକ୍ଷା ଅଷ୍ଟମ, ଅକ୍ଷତା ମିଶ୍ର ନବମ ଏବଂ ଅକ୍ଷରା ଅନ୍ନଗା ଦଶମ ସ୍ଥାନ ଅଧିକାରୀ କରିଛନ୍ତି। ବେଷ୍ଟ ଢେଙ୍କାନାଳରେ ଦିବ୍ୟଙ୍କା ମିଶ୍ର ଏବଂ ଜାନ୍‌ଭି ମିଶ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଚେସ୍ ସଂଘ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନ୍‌କର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ପାଇଁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ, ଚେସ୍ ସଂଘ ଉପସଭାପତି ଅକ୍ଷୟ ମହାନ୍ତି ଏବଂ ସମ୍ପାଦକ ଦେବବ୍ରତ ଭଞ୍ଜ ଉପସ୍ଥିତ ଥିଲେ। ସଂଘ ସଦସ୍ୟ ସୁଶାନ୍ତ ସ୍ୱାଇଁ, ଅଶୋକ ମିଶ୍ର, ଆଶିଷ ମିଶ୍ର, ସୁଶାନ୍ତ ଦାସ, ରାଜେନ୍ଦ୍ର ସାମଲ ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ଆର୍‌ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସତ୍ୟନାରାୟଣ କର ଧନ୍ୟବାଦ ଅର୍ପଣ ଏବଂ ମଞ୍ଚ ପରିଚାଳନା କରିଥିଲେ।

## ବେଉଷଣ ପାଇଁ ଚାଷୀ ତତ୍ପର



**ଭୁବନ, ୧୩।୭(ସମିସ):** ଭୁବନରେ ଚଳିତବର୍ଷ ରଜ ସମୟରୁ ମୌସୁମୀ ଓ ଲଘୁଚାପ ପ୍ରଭାବରେ ସ୍ୱାଭାବିକ ବର୍ଷା ହୋଇଛି। ରଜଠାରୁ ପ୍ରାୟ ୧ମାସ ବ୍ୟାପୀ ଅଞ୍ଚଳରେ ଭଲ ବର୍ଷା ହୋଇଥିବାରୁ ଅଞ୍ଚଳର ଚାଷୀଙ୍କ ମନରେ ହସ ଭରିଛି। ଗତବର୍ଷ ରଜ ପରେ ବର୍ଷା ଅଭାବରୁ ଜମି ଶୁଖିଲା ପଡ଼ିଥିଲା। ଫଳରେ ଚାଷୀ ମନରେ ମରୁଡ଼ି ଆଶଙ୍କା ବଢ଼ିଥିଲା। ମାତ୍ର ଚଳିତବର୍ଷ ଏଭଳି ପରିସ୍ଥିତିରୁ ଚାଷୀ ମୁକ୍ତି ପାଇଛି। ଯେଉଁ ଜମିରେ ବୁଣାବୁଣି ସରିଥିଲା ସେହି ଜମିରେ ଏବେ ବିହୁଡ଼ା ଓ ବେଉଷଣ କାର୍ଯ୍ୟ କରିବାକୁ ଚାଷୀ ଅଣ୍ଟା ଭିଡ଼ିଲେଣି। ସେହିପରି ଯେଉଁ ଜମିରେ ବୁଣାବୁଣି କାର୍ଯ୍ୟ ହୋଇପାରି ନ ଥିଲା ଲଗାଣ ବର୍ଷାରେ ହୁଡ଼ାକୁ ପାଣି ଲାଗିବାରୁ ଚାଷୀ ଟ୍ରାକ୍ଟର ଯୋଗେ ହଳ କରି ଧାନ ରୋଇବା ପାଇଁ ପ୍ରସ୍ତୁତ ହେଲେଣି। ଅନେକ ଜମିରେ ଚାଷୀ ରୁଆପୋତା ମଧ୍ୟ ଆରମ୍ଭ କରିଛନ୍ତି। ତେବେ ଏକ ସମୟରେ ସମସ୍ତ ଜମି ଚାଷ ହୋଇ ରୁଆପୋତା ଆରମ୍ଭ ହୋଇଗଲେ ରୋଇବା ପାଇଁ ଶ୍ରମିକ ଅଭାବ ପରିଲକ୍ଷିତ ହେବ ବୋଲି ଚାଷୀମାନେ ଚିନ୍ତାରେ ଅଛନ୍ତି।

ସୂଚନାଯୋଗ୍ୟ, କୁମଦା, ବାଉଁଶକଣ, କୋହେଲସାହି, ବୋତଲଣ୍ଣନୂଆ କୁମଦା ଆଦି ଅଞ୍ଚଳର ବହୁ ମହିଳା ଶ୍ରମିକ ବର୍ଷାଦିନେ ଏଠାରେ କାମ ଅଭାବ ହେତୁ ରୁଆପୋତା କରିବା ପାଇଁ ଯାଜପୁର ସ୍ଥାନାନ୍ତରିତ ହୁଅନ୍ତି। ମାତ୍ର ଚଳିତ ବର୍ଷ ଅନୁକୂଳ ପରିସ୍ଥିତି ଚାଷୀଙ୍କୁ ଯେପରି ଖୁସି ଦେଉଛି ସେହିପରି ମଧ୍ୟ ମହିଳା ଶ୍ରମିକମାନେ କୃଷି କାର୍ଯ୍ୟ ପାଇଁ ବାହାର ଜିଲ୍ଲାକୁ ନ ଯାଇ ଭୁବନ ଅଞ୍ଚଳର ରୁଆପୋତା କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଥିବା ଆଲୋଚନା କରିଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ କୃଷି କାର୍ଯ୍ୟକୁ ସଠିକ୍ ପରିଚାଳନା ପାଇଁ, ଚାଷୀଙ୍କୁ ସଠିକ୍ ପରାମର୍ଶ ଦେବା ପାଇଁ ଭୁବନରେ କୃଷି ଅଧିକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ପୁରୁଖା ଚାଷୀ, ଯୁବଚାଷୀ କିଛି ଜ୍ଞାନକୌଶଳ ପାଇଁ କୃଷି କାର୍ଯ୍ୟାଳୟକୁ ଯାଇ କାହାକୁ ସାକ୍ଷାତ କରି ନ ପାରି ଫେରୁଥିବା ଅଭିଯୋଗ ହେଉଛି।

# ଦୁର୍ଗମ ନାକାମାମୁଡି ପଞ୍ଚାୟତରେ ଆରମ୍ଭ ହେଲା ବ୍ୟାଙ୍କସେବା



କୋରୁକୋଣ୍ଡା, ୧୩।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ଦୁର୍ଗମ ଅଞ୍ଚଳରେ ଥିବା ନାକାମାମୁଡି ପଞ୍ଚାୟତରେ ଦୀର୍ଘ ବର୍ଷ ପରେ ରବିବାର ଷ୍ଟେଟ ବ୍ୟାଙ୍କ ଓର୍କେଲ ଶାଖା ପକ୍ଷରୁ ନାକାମାମୁଡି ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମୁଦୁଲୀଙ୍କ ନେତୃତ୍ୱରେ ବ୍ୟାଙ୍କ ସେବା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକର ସାଂସଦ ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଜେପିର ବାଲିମେଲା ଏନଏସି ନଗର ସଭାପତି ସିମାଞ୍ଚଳ ପ୍ରଧାନ, କାଉନସିଲର ମନୋଜ ଦେବ ପାଙ୍ଗି, ସମିତି ସଭ୍ୟା ଲକ୍ଷ୍ମୀ ଖିଲ,ପଞ୍ଚାୟତର ନାୟବ ସରପଞ୍ଚ ବାସନ୍ତୀ ଖିଲ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ହନ୍ତାଲଙ୍କ ସମେତ ନାକାମାମୁଡି ପଞ୍ଚାୟତର ଅର୍ଜୁନ ଗୋଲରୀ ଶୁକ୍ରା ମାଟାମଙ୍କ ସମେତ ପଞ୍ଚାୟତର ଶତାଧିକ. ଲୋକେ ଉପସ୍ଥିତ ଥିଲେ। ପ୍ରଥମେ ସରପଞ୍ଚ ପୂଜାର୍ଚ୍ଚନା କରି ନଡ଼ିଆ ଭାଙ୍ଗିବା ପରେ ସାଂସଦ ପ୍ରତିନଧି ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ରିବନ କଟାଯାଇ ବ୍ୟାଙ୍କ ଗୃହର ଉଦଘାଟନ କରାଯାଇଥିଲା। ପଞ୍ଚାୟତ ବାସୀଙ୍କ କହିବାଅନୁଯାୟୀ, ଦୁର୍ଗମ ଅଞ୍ଚଳ ତଥା ପାହାଡିଆ ଅଞ୍ଚଳରେ ଏହି. ପଞ୍ଚାୟତ ଅବସ୍ଥିତ । ଏହି ପଞ୍ଚାୟତରେ ୧୯ଟି ୱାର୍ଡକୁ ନେଇ ମୋଟ ୫୩ଟି ଛୋଟ ବଡ଼ ଗ୍ରାମ ରହିଛି। ପଞ୍ଚାୟତରେ ମୋଟ ୮ ହଜାରରୁ ଉର୍ଦ୍ଧ. ଲୋକ ବସବାସ କରୁଛନ୍ତି। ଏଠାରେ ବ୍ୟାଙ୍କ ସେବା ନଥିବାରୁ ଏହି ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ବାଲିମେଲା ସହରରେ ଥିବା ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ସମେତ କୋରୁକୋଣ୍ଡା ଓ. ମାଲକାନଗିରି ସହରରେ ଥିବା ବିଭିନ୍ନ ବ୍ୟାଙ୍କ ଉପରେ ନିର୍ଭର କରି ଚଳି ଆସୁଥିଲେ ବ୍ୟାଙ୍କରେ ଥିବା ବିଭିନ୍ନ କାମ ନେଇ କାମ ନେଇ ପଞ୍ଚାୟତବାସୀଙ୍କୁ ପ୍ରତିଦିନ ଗାଡି ଭଡା କରି ବାହାରକୁ ଯିବାକୁ ପଡୁଥିଲା। ବର୍ତ୍ତମାନ ପଞ୍ଚାୟତରେ ବ୍ୟାଙ୍କସେବା ଖୋଲା ଯିବାକୁ ନେଇ ପଞ୍ଚାୟତବାସୀଙ୍କ ମନରେ ଏହାକୁ ନେଇ ଖୁସି ପ୍ରକଟ ହୋଇଥିବା ଦେଖିବାକୁ ମିଳିଛି।

## ସୁକନାଲ ଘାଟିରେ ଦୁର୍ଘଟଣା

# ଦମକଳ ଗାଡ଼ି ଧକ୍କାରେ ନାବାଳକ ମୃତ: ଦୁଇ ଗୁରୁତର





ବୈପାରୀଗୁଡ଼ା,୧୩।୭ (ସମିସ): ଶ୍ରାବଣ ପ୍ରଥମ ସୋମବାର ପୂର୍ବରୁ ଗୁପ୍ତେଶ୍ୱର ପୀଠରେ ଘଟିଛି ଅଘଟଣ। ଅଗ୍ନିଶମ ବାହିନୀ ଗାଡି ଧକ୍କା ରେ ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ସୁକୁନାଳ ଘାଟି ନଦୀ ନିକଟରେ। ଗୁପ୍ତେଶ୍ୱର ପୀଠ ଅଭିମୁଖେ ବାହାରିଥିବା ଅଗ୍ନିଶମ ବାହିନୀ ଗାଡି ସୁକନାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡି ଯାଇଥିଲା। ଫଳରେ ଗୁପ୍ତେଶ୍ୱର ଅଭିମୁଖେ ଚାଲିଚାଲି ଯାଉଥିବା ବୋଲବମ ମହିଳା ଭକ୍ତଙ୍କୁ ପଛ ପଟୁ ଧକ୍କା ଦେଇଥିଲା ଏବଂ ରାସ୍ତା କଡ଼ରେ ବସିଥିବା ଦୁଇ ନାବାଳକଙ୍କ ଉପରକୁ ଗାଡି ମାଡିଗଲା। ଗାଡ଼ି ତଳେ ଚାପି ହୋଇ ଜଣେ ନାବାଳକଙ୍କ ମୃତ ଘଟିଥିବା ବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଖବର ପାଇ ବୈପାରୀଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକ ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ ହଳଦୀକୁଣ୍ଡ ପଞ୍ଚାୟତ କନ୍ଦଗୁଡାର ସାତ ବର୍ଷୀୟ ନାବାଳକ ପାଶ୍ୱର୍ରାମ ଦୁରିଆ ଏବଂ ଗୁରୁତର ଦୁଇ ମଧ୍ୟରୁ ଜଣେ ପଡୁଆ ଥାନା ଅଞ୍ଚଳରର ରଶ୍ମିତା ଖିଲ ଏବଂ ଅନ୍ୟଜଣେ କନ୍ଦଗୁଡାର ମୃତକଙ୍କ ଭାଇ ଦଶ ବର୍ଷୀୟ ସହଦେବ ଦୁରୁଆ ବୋଲି ଜଣାପଡିଛି । ବୈପାରୀଗୁଡା ପୋଲିସ ଘଟଣା ସ୍ଥଳରେ ଅଧିକ ତଦନ୍ତ କରୁଛି ।

# ଦୁଇଟି ପୁସ୍ତକର ଉନ୍ମୋଚନ ଉତ୍ସବ



ଜୟପୁର, ୧୩।୭(ସମିସ): ଜୟପୁର ଏସ୍‌ଆଇ ମଲ ସଭା କକ୍ଷଠାରେ ଦୁଇଟି ପୁସ୍ତକର ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଦିବାସୀ ଗବେଷିକା ତଥା ପୂର୍ବତନ ପ୍ରାଧାପିକା ଡ. ପ୍ରମୋଦିନି ହୋତାଙ୍କ ଦ୍ୱାରା ଲିଖିତ ସାଂସ୍କୃତିକ ପୃଷ୍ଠଭୂମିରେ ଜନଜାତି ଓ ସାହିତ୍ୟିକ ଡ . ଦେବୀ ପ୍ରସାଦ ହୋତାଙ୍କ ଜହ୍ନ ରାଇଜ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ ବିଧାୟକ ରୁପୁ ଭତ୍ରା ଏବଂ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ଯୋଗ ଦେଇ ଆଦିବାସୀ ଜନଜାତିର ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମୀକ୍ଷକ ଭବେ ବିଶିଷ୍ଟ ଆଦିବାସୀ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଏବଂ ମୂଖ୍ୟବକ୍ତା ସାଇମନ ବିଡିକା ଯୋଗ ଦେଇ ଜନଜାତି ମାନଙ୍କ ଅନାଲୋଚିତ ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ସମସ୍ତ ଅତିଥି ଉନ୍ମୋଚିତ ଦୁଇ ପୁସ୍ତକର ପ୍ରଶଂସା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମଞ୍ଚାସିନ ଅତିଥି ଡ. ସୁଧାଂଶୁ ଶେଖର ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଲେଖିକା ସଂସଦ ସଦସ୍ୟ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

# ନବନିଯୁକ୍ତି ଡିଆଇଜିଙ୍କ ଶାବର ଶ୍ରୀକ୍ଷେତ୍ର ଦର୍ଶନ



କୋରାପୁଟ,୧୩।୭(ସମିସ): ନବନିଯୁକ୍ତ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ.କନୱର ବିଶାଳ ସିଂ ରବିବାର ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ସେ ସୋମବାର ନୂଆ ଦାୟିତ୍ୱ ଗ୍ରହଣ କରିବା ସମ୍ଭାବନା ଥିବାବେଳେ ରବିବାର ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ନବ ନିଯୁକ୍ତ ଡିଆଇଜିଙ୍କୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ଦିଲୀପ କୁମାର ପାଢ଼ୀ ଓ ଅନ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ

ନବରଙ୍ଗପୁର,୧୩।୭ (ସମିସ) : ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ନୂଆଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ଖଣ୍ଡିୟ ବନଅଧିକାରୀ ଘନଶ୍ୟାମ ମହନ୍ତ, ସହକାରୀ ବନ ସଂରକ୍ଷକ ନବରଙ୍ଗପୁର ସୁବାସ ଚନ୍ଦ୍ର ଖୁଣ୍ଟିଆ, ବନାଞ୍ଚଳ ଅଧିକାରୀ ନବରଙ୍ଗପୁର ଗୋପୀନାଥ ସାହୁ, ସମ୍ପାଦକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନବରଙ୍ଗପୁର ବାଳରମ ଛୁଆଳ ସିଂ, ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନବରଙ୍ଗପୁର ପ୍ରସନ୍ନ କୁମାର ବସ୍ତିଆ ପ୍ରମୁଖ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବହୁ ଔଷଧୀୟ ବୃକ୍ଷ ସମେତ ବହୁ ଛାୟା ପ୍ରଦାନ କାରୀ ବୃକ୍ଷ ମଧ ରୋପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଗୁରୁଜୀ ପ୍ରଭଞ୍ଜନ ତ୍ରିପାଠୀ , ଗୁରୁଜୀ ହରେକୃଷ୍ଣ ତ୍ରିପାଠୀ , ଗୁରୁମା ପଦ୍ମିନୀ ମହାପାତ୍ର,ନିବେଦିତା ମହାପାତ୍ର ,ପ୍ରିୟମ୍ବଦା ମହାନ୍ତି , ଗୁରୁଜୀ ତୁଷାର କାନ୍ତ ଠାକୁର , କରମ୍ ଚାନ୍ଦ ପଣ୍ଡା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ।



# କୃଷି ବିଭାଗ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟିକିରି,୧୩।୭(ସମିସ): କାଶୀପୁର ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଗୋଡିବାଲି ଏବଂ ଶିରିପାଇ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଥିବା କୃଷି ଅଧିକାରୀ ଜୟକୃଷ୍ଣ ସାହୁ ଗତ ମାସ ୩୦ ତାରିଖରେ ଅବସର ନେଇଛନ୍ତି। ସେ ଜୟପୁର କୃଷି ମଣ୍ଡଳ ଅନ୍ତର୍ଗତ ୧୯୮୪ ଡିସେମ୍ବର ୧୭ ତାରିଖରେ ମାଲକାନଗିରି କୋରକୋଣ୍ଡା ବ୍ଲକରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ରାୟଗଡା ଜିଲ୍ଲାକୁ ଆସିଥିଲେ। ୨୦୧୨ ମସିହାରେ କାଶୀପୁର ବ୍ଲକରେ କୃଷି ବିଭାଗରେ ଯୋଗଦେଇଥିଲେ। କୋଲନରା,ବିଷମ କଟକ,ରେ ସହକାରୀ କୃଷି ଅଧିକାରୀ ଏବଂ ୨୦୦୩ ରୁ ସେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇଲେ। କାଶୀପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ନିହାର ରଂଜନ ଦାସ, କୃଷି ଅଧିକାରୀ ନିରଞ୍ଜନ ନାୟକ, ପଞ୍ଚାନନ ବେହେରା, ଜଗଦୀଶ ପାଳ, ଲୋକନଥ ମଣ୍ଡାଙ୍ଗି, କୈଳାସ ମାଝୀ, ହରପ୍ରିୟା ପାତ୍ର, ମଞ୍ଜୁଶ୍ରୀ ସିଂହ, ସରିତା ପ୍ରଧାନ, ରେଣୁକା ମାଝୀ, ଭୁବନ ଗମାଙ୍ଗ, ଡମ୍ବରୁଧର ଗୁଣ୍ଡାଗିରି ଅଗ୍ରଗାମୀ ସଂଗଠନର ବିସି ଉମାକାନ୍ତ ରଣା ଏବଂ ଅବା କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ଉପଢୌକନ ପ୍ରଦାନ କରିଥିଲେ। ଏହା ସହ କାଶୀପୁର ବ୍ଲକର ମାଣ୍ଡିବିଶି ମଣ୍ଡଳ ଦାୟିତ୍ୱରେ ଥିବା କୃଷି ଅଧିକାରୀ ପ୍ରଦୀପ କୁମାର ରତ୍ନାଲୁ ଗୁଣୁପୁର ବ୍ଲକକୁ ବଦଳି ହୋଇଥିବା ଯୋଗୁଁ ତାଙ୍କୁ ମଧ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରକାଳୀନ ସମ୍ବର୍ଦ୍ଧନା ସମୟରେ ତାଙ୍କ ଧର୍ମ ପତ୍ନୀ ସଞ୍ଜିତା ସାହୁ, ପୁଅ ଓ ଝିଅ ଉପସ୍ଥିତ ଥିଲେ।

## ■ ଅଙ୍ଗନବାଡି କେନ୍ଦ୍ର ପାଲଟିଛି ଯୁବକ ସଂଘ କାର୍ଯ୍ୟାଳୟ

# ନବନିଯୁକ୍ତ ଅଙ୍ଗନବାଡି କର୍ମୀଙ୍କୁ ଗ୍ରାମବାସୀଙ୍କ ବିରୋଧ

ରାୟଗଡ଼ା,୧୩।୭(ସମିସ): ଦୀର୍ଘ ୪ମାସ ହେଲା ବନ୍ତେଜି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଲଟିଛି ସ୍ଥାନୀୟ ଯୁବକ ସଂଘ କାର୍ଯ୍ୟାଳୟ। ଫଳରେ ଅଙ୍ଗନବାଡି କେନ୍ଦ୍ରରୁ ମିଳୁଥିବା ସରକାରୀ ସେବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ। ଏହି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଯାହାକୁ ନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ଦୁଇ ତିନି ଦିନ ତଳେ ଅର୍ଥାତ୍ ଜୁଲାଇ ୧୦ ତାରିଖ ମଧ୍ୟାହ୍ନ ସମୟରେ ବନ୍ତେଜି ଗ୍ରାମରେ ପ୍ରଶାସନିକ ଅଧିକାରୀ, ପୋଲିସ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଗ୍ରାମରେ ଥିବା ଅଙ୍ଗନବାଡି



କେନ୍ଦ୍ରର ଅଙ୍ଗନବାଡି କର୍ମୀ ଭାବେ ଶ୍ରୀମତି କ୍ରିଷ୍ଣା ନାୟକ ଚଳିତ ବର୍ଷ ଗତ ମାର୍ଚ୍ଚ ୧୩ ତାରିଖରେ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ନିଯୁକ୍ତି ପାଇଥିଲେ। କିନ୍ତୁ ଗ୍ରାମବାସୀ ଉକ୍ତ କର୍ମୀଙ୍କୁ ଉକ୍ତ କେନ୍ଦ୍ରରେ କାର୍ଯ୍ୟ କରିବା ନିମନ୍ତେ ବିରୋଧ କରିବା ସହ ଅନୁମତି ଦେଇ ନ ଥିଲେ । ଉକ୍ତ କେନ୍ଦ୍ରକୁ ଆମ୍ବେଦକର ଯୁବକ ସଂଘ କାର୍ଯ୍ୟାଳୟ ରୂପେ ବ୍ୟବହାର କରି ଆସୁଛନ୍ତି। ଫଳରେ ବନ୍ତେଜି ଗ୍ରାମରେ ଥିବା ଗର୍ଭବତୀ, ପ୍ରସୂତି ,୬ମାସରୁ ୩ବର୍ଷ ଶିଶୁ ଓ ୩ବର୍ଷ ଶିଶୁ, କିଶୋରୀ ବାଳିକା ଆଇସିଡିଏସ କାର୍ଯ୍ୟକ୍ରମରୁ ତଥା ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବୈଠକରେ ଉପସ୍ଥିତ କାଶିପୁର ସିଡିପିଓ, ପୋଲିସ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ପ୍ରଶ୍ନର ଉତ୍ତର ରଖିବା ସହ ଉକ୍ତ କର୍ମୀଙ୍କୁ କାମ କରିବାକୁ ଅନୁମତି ଦେବୁ ନାହୁଁ ବୋଲି ଗ୍ରାମବାସୀ ନିଜ ନିଜ ମତବ୍ୟକ୍ତ କରିଥିଲେ। ଗ୍ରାମବାସୀମାନେ ନିଜେ କର୍ମୀ ଚୟନ କରିବେ ନଚେତ ଗ୍ରାମରେ ଅଙ୍ଗନବାଡି କର୍ମୀଙ୍କ ଆବଶ୍ୟକତା ନାହିଁ ବୋଲି ଜଣାଇଥିଲେ। ଏ ନେଇ କାଶିପୁର ସିଡିପିଓ ଶ୍ରୀମତି ଜ୍ୟୋସ୍ନାରାଣୀ ବାରିକଙ୍କ ପ୍ରତିକ୍ରିୟା ନେବାରୁ ଉପଜିଲ୍ଲାପାଳ ରାୟଗଡାଙ୍କୁ ବୈଠକର ସମସ୍ତ ନିଷ୍ପତି ସମ୍ପର୍କରେ ଅବଗତ କରାଯାଇଛି। ଉପଜିଲ୍ଲାପାଳ ଯାହା ନିଷ୍ପତି ନେବେ ସେ ଅନୁଯାୟୀ କେନ୍ଦ୍ର ପରିଚାଳନା କରିବୁ ବୋଲି ପ୍ରକାଶ କରିଛନ୍ତି। ବୈଠକରେ ବନ୍ତେଜି ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକ (ଉପାଧ୍ୟକ୍ଷ), ପବିତ୍ର ନାୟକ,ରାଜୁ ନାୟକ,ସୁରେନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ମିଳିଥିବା ସୂଚନା ପ୍ରକାରେ ବନ୍ତେଜୀ ଗ୍ରାମରେ ଦୀର୍ଘ ୭ବର୍ଷ ଧରି ସ୍ଥାୟୀ ଅଙ୍ଗନବାଡି କର୍ମୀ ନିଯୁକ୍ତି ପାଇ ନ ଥିବା ବେଳେ ଅନ୍ୟ କେନ୍ଦ୍ରର କର୍ମୀଙ୍କ ଉପରେ ବନ୍ତେଜୀ ଅଙ୍ଗନବାଡି କେନ୍ଦ୍ରର ଦାୟିତ୍ୱ ଦିଆଯାଇ କେନ୍ଦ୍ର ପରିଚାଳିତ ହୋଇ ଆସୁଛି।

# ଇଣ୍ଡିଆନ୍ ଟାଲେଣ୍ଟ ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ମେଡାଲ୍ ପ୍ରଦାନ



କୋଟପାଡ଼,୧୩।୭(ସମିସ): କୋଟପାଡ଼ ସିଦ୍ଧାର୍ଥ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସମ୍ପାଦକ ପଙ୍କଜ ପାତ୍ରଙ୍କ ତତ୍ତ୍ୱାବଧାନରେ ଇଣ୍ଡିଆନ ଟାଲେଣ୍ଟ ପରୀକ୍ଷାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ଏବଂ ମେଡାଲ୍ ପ୍ରଦାନ କରାଯାଇଛି। ଏହା ସହ ଅନୁଷ୍ଠାନର ସମ୍ପାଦକ ପଙ୍କଜ ପାତ୍ର ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ ଉପଦେଶ ପ୍ରଦାନ କରାଯାଇଛି। ଉକ୍ତ ପରୀକ୍ଷାର ସଂଯୋଜକ ବିଜୟ କୁମାର ମିଶ୍ର ସମସ୍ତଙ୍କ ଉପସ୍ଥିତରେ ଏହି ପରୀକ୍ଷାର ମହତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଅନୁଷ୍ଠାନର ଅଧକ୍ଷ ବସନ୍ତ କୁମାର ବେହେରା, ଉପାଧକ୍ଷା କୁମାରୀ ରଶ୍ମି ନାୟକ,ଶିକ୍ଷକ ଶଙ୍କର ମହାନ୍ତି, କେଦାରନାଥ ନାୟକ,ଗୌତମ ହୋତା, ସୁବ୍ରତ୍ତା ସାହୁ,ସୁସ୍ମିତା ମହାନ୍ତି, ଭାରତୀ ଚୌଧୁରୀ, ସନ୍ତୋଷୀ ପାତ୍ର, ଅନୀତା ପାଣି, ପ୍ରିୟସ୍ମିତା ପଟ୍ଟନାୟକ, ଅଞ୍ଜଳି ପାତ୍ର, ନାଜନୀନ ବେଗମ, ଶୁଭଶ୍ରୀ ସାହୁ, ଯମୁନା ନାୟକ, ଅମିତା ଜେନା, ସଂଗୀତା ରଥଙ୍କ ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସମସ୍ତେ ବିଭିନ୍ନ ପରୀକ୍ଷା ଉପଯୋଗୀ ଉପଦେଶାବଳୀ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସପ୍ତମଶ୍ରେଣୀର କେ. ଯଶସ୍ୱୀନୀ ଷ୍ଟେଟ ଟପ୍ପର ହୋଇଥିବାରୁ ରାଶି ଚେକ ଓ ମେଡଲ ପ୍ରଦାନ କରାଯାଇଥିଲା। ଅଷ୍ଟମ ଶ୍ରେଣୀର ବରୁଣ ମହାନ୍ତିଙ୍କୁ ଷ୍ଟେଟ୍ ଏକ୍ସଲେନ୍ସ ମେଡାଲ ସହ ସାର୍ଟଫିକେଟ୍ ପ୍ରଦାନ କରାଯାଇଥିଲା। ପଞ୍ଚମ ଶ୍ରେଣୀର ପ୍ରିୟଙ୍କା ବେହେରା, ସପ୍ତମ ଶ୍ରେଣୀର ଏମଡି ଅନଶ ମହିଉଦ୍ଦିନ ଏବଂ ନବମଶ୍ରେଣୀର ଜେ.ଆରାଧ୍ୟା ରାଓ କ୍ଲାସ ଟପ୍ପର ହୋଇଥିବାରୁ ମେଡଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଇଣ୍ଡିଆନ ଟାଲେଣ୍ଟ ପରୀକ୍ଷା ବିଷୟରେ ଆଲୋକପାତ କରିବା ସହ ଉତ୍ସାହିତ କରାଯାଇଥିଲା।

## ସାମ୍ବାଦିକ ହତ୍ୟାକାରୀଙ୍କୁ ଗିରଫ ଦାବି

# ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ମାଲକାନଗିରି, ୧୩।୭ (ସମିସ): ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳରର ୱେବ୍ ଚେନାଲ ସାମ୍ବାଦିକ ଚିନ୍ତାକାଏଲୁ ନରେଶ କୁମାରଙ୍କୁ ଗତକାଲି ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ବର୍ତ୍ତମାନ ସୁଦ୍ଧା ଧରା ପଡ଼ିନାହାନ୍ତି। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ, ଜିଲ୍ଲା ସାମ୍ବାଦିକ ସମନ୍ୱୟ କମିଟିର ସଦସ୍ୟ ଓ ମାଲକାନଗିରି ଜିଲ୍ଲାର ଅନ୍ୟ ଗଣ ମାଧ୍ୟମର ପ୍ରତିନିଧି ମାନେ ଆଜି ମାଲକାନଗିରି ଏସ୍‌ପି ବିନୋଦ ପାଟିଲଙ୍କୁ ଭେଟି ତାଙ୍କ ଜରିଆରେ ତିନି ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ବ୍ୟବସ୍ଥା କରିବା, ମୃତକଙ୍କ ପରିବାରଙ୍କୁ ୩୦ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁକରିବା ପ୍ରଭୃତି ଦାବି ରହିଛି। ଏସପି ବିନୋଦ ପାଟିଲ ଦାବିପତ୍ର ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ସେ ଏହି ଘଟଣାକୁ ଗୁରୁତ୍ୱ ଦେଇ ନିଜେ ଘଟଣା ସ୍ଥଳକୁ ଯାଇ ଆଜି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ମୁରଲିଗୁଡା ଜଙ୍ଗଲ ରାସ୍ତାରେ କିଛି ଦୁର୍ବୃତ୍ତ ୱେବ ସାମ୍ବାଦିକଙ୍କୁ ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସାମ୍ବାଦିକଙ୍କ କାର ନେଇ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି। ମୋଟୁ ଥାନାସ୍ଥ ମୁରଲୀଗୁଡା ଗ୍ରାମ ନିକଟରେ ସି.ଏଚ ନରେଶ ଓ ଅନ୍ୟ କିଛି ସାମ୍ବାଦିକ ଏକ କାରରେ ଯାଉ ଥିବା ବେଳେ ଦୁଇଟି ମୋଟର ସାଇକେଲରେ ୫ ଜଣ ଦୁର୍ବୃତ୍ତ ଆସି କାର ଅଟକାଇ ହଠାତ୍ ଆକ୍ରମଣ କରିଥିଲେ। ଖଣ୍ଡା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଥିବା ବେଳେ ସି.ଏଚ ନରେଶଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ନରେଶଙ୍କୁ ପ୍ରଥମେ ମୋଟୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ମେଡିକାଲରେ ଗତକାଲି ରାତ୍ରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଥାଉକି ମୃତ ସାମ୍ବାଦିକଙ୍କ ବାପାଙ୍କର ଗତ କିଛି ଦିନ ପୂର୍ବରୁ ମୃତ୍ୟୁ ଘଟିଥିଲା। ଘରେ ସେ ଏକମାତ୍ର ରୋଜଗାରକ୍ଷମ ପୁଅ ଥିଲେ। ବର୍ଷକ ତଳେ ସେ ବିବାହ କରିଥିଲେ। ଏବେ ତାଙ୍କର ବୃଦ୍ଧା ମା, ବିଧବା ପତ୍ନୀ, ଭଉଣୀ ଅସହାୟ ହୋଇପଡ଼ିଛନ୍ତି। ଏହି ଘଟଣା ସମଗ୍ର ମାଲକାନଗିରି ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣା ସମଗ୍ର ସାମ୍ବାଦିକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କୋଷାଧ୍ୟକ୍ଷ ହୃଷୀକେଷ ସେଠୀ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ରାଜ୍ୟ ସଦସ୍ୟ ନୃସିଂହ ଚରଣ ମହାନ୍ତି, ସଦସ୍ୟ ଦିଲୀପ ପଟ୍ଟନାୟକ, ମନୋଜ ସାହା, ରାହୁଲ ନାୟକ, ଗୌରି ଶଙ୍କର ପଣ୍ଡା, ବିକ୍ରମ ସ୍ୱାଇଁ, ଏମ ଚନ୍ଦ୍ର ରାଓ, ବାଦଲ ବିଶ୍ୱାଳ, ଦୀପକ ମହାରଣା, ଅବିନାଶ ବେହେରା, ସମନ୍ୱୟ କମିଟିର ସଦସ୍ୟ ଦେବବ୍ରତ ସାନା, ପ୍ରକାଶ ପଟ୍ଟନାୟକ, ବଂଶୀଧର ମୁଦୁଲି, ସାମ୍ବାଦିକ ଜୟନ୍ତ ତିଆଡି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଫଟୋ-୧୦୧

# ପିଚୁ ରାସ୍ତାରେ ଫସିଗଲା ଦୁଇ ଟ୍ରକ୍, ଗମନାଗମନ ବାଧାପ୍ରାପ୍ତ



ମାଲକାନଗିରି, ୧୩।୭ (ସମିସ): ୩୨୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ଫସି ରହିବାରୁ ଯାତାୟତ ବାଧାପ୍ରାପ୍ତ। କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ। ସୂଚନା ଅନୁଯାୟୀ ମାଲକାନଗିରି ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ କାଲିମେଲା ବ୍ଲକ ମହାରାଜପଲ୍ଲୀ ଠାରୁ ଏମପିଭି ୮୧ ଗ୍ରାମ ମଝିରେ। ଗତକାଲି ଠାରୁ ଦୁଇଟି ଟ୍ରକ୍ ଗୋଟିଏ ସ୍ଥାନରେ କାଦୁଅରେ ଫସି ରହିବାରୁ ପ୍ରାୟ ୧୫ ଘଣ୍ଟା ଧରି ଏହି ରାସ୍ତା ଦେଇ ଯାତାୟତ ବନ୍ଦ ହୋଇ ରହିଥିଲା। ପିଚୁ ରାସ୍ତାରେ ଏପରି ଭାବେ ଏହି ଦୁଇଟି ଗାଡି ଫସି ରହିଥିବା ବେଳେ ଏହି ରାସ୍ତା ଦେଇ ଯାତାୟତ କରିବା ସମୟରେ ଅନ୍ୟ ଯାତ୍ରୀ ମାନେ ନାନା ସମସ୍ୟାର ସାମ୍ନା କରିଥିଲେ। ତେବେ ରବିବାର ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ ସହଯୋଗରେ ଗୋଟିଏ ଗାଡି ରାସ୍ତା ଉପରୁ ହଟାଯିବା ପରେ ଯାତାୟତ ଏକ ପ୍ରକାର ସ୍ୱାଭାବିକ ହୋଇପାରିଥିଲା। ତେବେ ଅନ୍ୟ ଏକ ଟ୍ରକ୍ କାଦୁଅରେ ଫସି ରହିଥିବା ବେଳେ ବଡ଼ଗାଡି ଓ ଭାରିଯାନ ଗୁଡିକ ଚଳାଚଳ ହୋଇପାରୁ ନଥିବାରୁ ସେହି ଗାଡିକୁ ମଧ ଉଦ୍ଧାର ପାଇଁ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଏହି ୩୨୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ଏହି ରାସ୍ତା ଶୋଚନୀୟ ହୋଇ ପଡିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ସାଧାରଣରେ ଅଭିଯୋଗ ହୋଇଛି।

## ରହୁନାହାନ୍ତି ଫାଣ୍ଡି ଅଧିକାରୀ

# ଏସ୍‌ପିଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ବଇଣ୍ଡା, ୧୩।୭ (ସମିସ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଡୋଲ ଫାଣ୍ଡିରେ ଅଧିକାରୀ ରହୁ ନ ଥିବା ଅଭିଯୋଗ ହୋଇଛି। ଫାଣ୍ଡିରେ କେବଳ କନଷ୍ଟେବଳ ଥିବା ବେଳେ ଅଧିକାରୀଙ୍କୁ ନ ପାଇ ଅଞ୍ଚଳବାସୀ ୧୭ କିମି ଦୂର ଠାକୁରଗଡ଼ ଥାନାକୁ ଯିବାକୁ ପଡୁଛି। ଏହି ସମସ୍ୟା ଏକ ବର୍ଷ ହେବ ଲାଗି ରହିଥିଲେ ମଧ୍ୟ ଜିଲ୍ଲା ପୁଲିସ ପ୍ରଶାସନ ସମାଧାନ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଟାପଡୋଲ ଅଞ୍ଚଳବାସୀ ଶନିବାର ଅନୁଗୋଳ ଏସପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜଙ୍ଗଲ ଅଧ୍ୟୁଷିତ ଏହି ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଟାପଡୋଲ ଅଞ୍ଚଳରେ ଗୃହ ବିଭାଗ ପକ୍ଷରୁ ପୁଲିସ ଫାଣ୍ଡି ସ୍ଥାପନ ହୋଇଛି। ଏହି ଫାଣ୍ଡି ଉପରେ ଟାପଡୋଲ, କନ୍ତପଡ଼ା, ପାଇକସାହି, ସାପଘରା ଆଦି ୪ ପଞ୍ଚାୟତର ୨୨ ଗ୍ରାମବାସୀ ନିର୍ଭର କରୁଛନ୍ତି। ଅନେକ ଗ୍ରାମ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ରହିଛି। ଫାଣ୍ଡିରେ ଜଣେ ଅଧିକାରୀଙ୍କ ସହ ୨ ଜଣ କନଷ୍ଟେବଳ ନିଯୁକ୍ତି ପାଇଛନ୍ତି। ହେଲେ ଅଧିକାରୀ ଜଣକ ଟାପଡୋଲ ପରିବର୍ତ୍ତେ ଠାକୁରଗଡ଼ ଥାନାରେ ରହୁଛନ୍ତି। ଫଳରେ କୌଣସି ଅଭିଯୋଗ ନେଇ ଫାଣ୍ଡିକୁ ଆସୁଥିବା ଲୋକେ ଅଧିକାରୀଙ୍କୁ ନ ପାଇ ଅଯଥା ଖର୍ଚ୍ଚାନ୍ତ ହୋଇ ୧୭ କିମି ଦୂର ଠାକୁରଗଡ଼ ଥାନାକୁ ଯିବାକୁ ବାଧ ହେଉଛନ୍ତି। ଏପରିକି ତଦନ୍ତ ବେଳେ ଫାଣ୍ଡିକୁ ଯିବା ପରିବର୍ତ୍ତେ ଅଭିଯୋଗକାରୀ ଥାନାକୁ ଯାଉଛନ୍ତି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଅଞ୍ଚଳରେ ମାତ୍ରାଧିକ ଚୋରା କାରବାର ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳରେ ଚୋରାମଦ ଅବାଧରେ ବିକ୍ରି ହେଉଥିବା ବେଳେ ଏହି ଫାଣ୍ଡି ଦେଇ ଅନେକ ସମୟରେ ଚୋରା ଚାଲାଣ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପଟେ ଟାପଡୋଲ ଫାଣ୍ଡିରେ କିପରି ଅଧିକାରୀ ରହିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ କହିଛନ୍ତି।



■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଛାତ୍ର, ଯୁବ, ମହିଳା ସଂଗଠନଗୁଡ଼ିକର ମିଳିତ ବିକ୍ଷୋଭ

ଅନୁଗୋଳ, ୧୩।୭ (ସମିସ): ଶନିବାର ବାଲେଶ୍ୱର ଫକୀର ମୋହନ କଲେଜ ଶିକ୍ଷା ବିଭାଗର ଜଣେ ଛାତ୍ରୀ କଲେଜ କର୍ତ୍ତୃପକ୍ଷ ବିଶେଷକରି ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଭିନ୍ନ ଭାବେ ନିର୍ଯାତିତ ହେବା ପରେ ମଧ୍ୟ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଜନଗଣଙ୍କ ହୃଦୟକୁ ଦୋହଲାଇ ଦେଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବିକରି ରବିବାର ପୂର୍ବାହ୍ନରେ ନାଲକୋନଗର ନିକଟସ୍ଥ ଟାଉନସିପ୍ ଛକରେ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡିୱାଇଓ, ଡିଏସ୍‌ଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମିଳିତ ବିକ୍ଷୋଭ କରାଯାଇଛି। ଡିୱାଇଓ ରାଜ୍ୟ ସଭାପତି ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ, ଏଆଇଡିଏସ୍‌ଓ ଅନୁଗୋଳ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ଏବଂ ଡିୱାଇଓର ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରମୁଖ ବକ୍ତବ୍ୟ ରଖି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ସହ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଥିଲେ। ପ୍ରଶାସନିକ ତତ୍ପରତା ହୋଇଥିଲେ ଛାତ୍ରୀ ଜଣକ ଚରମ ନିଷ୍ପତ୍ତିରୁ ରକ୍ଷା ପାଇପାରିଥାନ୍ତେ ବୋଲି ମତବ୍ୟକ୍ତ କରିଥିଲେ। ଡବଲ୍ ଇଞ୍ଜିନ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଚେତାବନୀ ଦିଆଯାଇଛି।




## ବ୍ରାଉନସୁଗର ଜବତ; ୭ ଗିରଫ




ତାଳଚେର ସହର, ୧୩।୭ (ସମିସ): ସନ୍ଥପଡ଼ା ଛକ ନିକଟରୁ ୫୩ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି ତାଳଚେର ଥାନା ପୁଲିସ। ବେପାର କରିବାକୁ କାରରେ ବ୍ରାଉନସୁଗର ଅଣାଯାଉଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ସୂଚନା ଅନୁସାରେ ରବିବାର ଏକ କାର ଯୋଗେ ବାଲେଶ୍ୱର ଅଞ୍ଚଳରୁ ବିକ୍ରି ଉଦ୍ଦେଶ୍ୟରେ ବ୍ରାଉନସୁଗର ନେଇ ତାଳଚେର ଆସୁଥିବା ବେଳେ ଖବର ପାଇ ପୁଲିସ କାରକୁ ସନ୍ଥପଡ଼ା ଛକରେ ନାକାବନ୍ଦୀ କରି ଯାଞ୍ଚ କରିଥିଲା। କାରରେ ଥିବା ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫୩ ଗ୍ରାମ ବ୍ରାଉନସୁଗର ସହ ୧୩ ହଜାର ଟଙ୍କା ଓ ୬ଟି ମୋବାଇଲ ଫୋନ ଜବତ କରିଛି ପୁଲିସ। ତେବେ ଏହି ଘଟଣାରେ ବ୍ୟବସାୟ ପାଇଁ ଡିଲ୍ କରିଥିବା ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତ ତାଳଚେର ଅଞ୍ଚଳର ବୋଲି ସୂଚନା ମିଳିଛି।

## ପତ୍ନୀକୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ

■ ଥାନାରେ ଅଭିଯୋଗ

ବଇଣ୍ଡା, ୧୩।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପାପସରା ଗ୍ରାମର ସୁବାସିନୀ ସାହୁ (୩୦)ଙ୍କୁ ତାଙ୍କ ସ୍ୱାମୀ ପଳଉ ପ୍ରଧାନ ଯୌତୁକ ପାଇଁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିବା ସୁବାସିନୀଙ୍କ ମା' ଚିନା ସାହୁ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଟାଙ୍ଗିଆ ଚୋଟରେ ସୁବାସିନୀ ଗୁରୁତର ହୋଇ କିଶୋରନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଚିନାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ସୁବାସିନୀ ପଳଉଙ୍କୁ ପ୍ରେମବିବାହ କରିଥିଲେ। ହେଲେ କିଛିମାସ ହେବ ତାଙ୍କୁ ଘରୁ ଯୌତୁକ ଟଙ୍କା ଆଣିବା ପାଇଁ କହିବା ସହ ନିର୍ଯାତନା ଦେଉଥିଲେ। ସୁବାସିନୀ ଯୌତୁକ ଆଣି ନ ପାରିବାରୁ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

## ଦେଶୀମଦ ଜବତ; ୩ ଗିରଫ

ବଇଣ୍ଡା, ୧୩।୭ (ସମିସ): ହଣ୍ଡପା ଥାନା ପୁଲିସ ଶନିବାର ବିଭିନ୍ନ ଗ୍ରାମରେ ଚଢ଼ଉ କରି ଚୋରା ମହୁଲି ମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରିଛି। ଚାରଖମଣ ଗ୍ରାମରେ ଚଢ଼ଉ କରି ଅମ୍ବୁଜଙ୍କ ଘରୁ ୬ ଲିଟର ଦେଶୀମଦ ଜବତ କରିଛି। ତାଙ୍କୁ ଗିରଫ କରାଯାଇଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ସେହିପରି କଣ୍ଟେଇକୋଳିଆ ଗ୍ରାମରେ ଚଢ଼ଉ କରି ଚୈତନ୍ୟ ନାୟକଙ୍କ ଘରୁ ୧୦ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଭେଜିଗୋଠ ଗ୍ରାମରେ ଚଢ଼ଉ କରି ଫୁଲ ପ୍ରଧାନଙ୍କ ଘରୁ ୫ ଲିଟର ଦେଶୀମଦ ଜବତ କରାଯାଇଛି। ତାଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ୩ଟି ମାମଲା ରୁଜୁ ହୋଇଛି।

## ସ୍କୁଲରେ 'ଜାଦୁଇ ପିଟାରା' ଓ 'ହାଉସ୍ କ୍ଲବ୍ ପିଟାରା' ଉନ୍ମୋଚିତ

ଅନୁଗୋଳ, ୧୩।୭ (ସମିସ)

ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ ଖମାର କ୍ଲଷ୍ଟର ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ 'ଜାଦୁଇ ପିଟାରା' ଓ 'ସ୍କୁଲ୍ ହାଉସ୍ କ୍ଲବ୍ ପିଟାରା' ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ଜାଦୁଇ ପିଟାରାର ଉଦ୍ଦେଶ୍ୟ ବିଷୟରେ ସହକାରୀ ଶିକ୍ଷୟିତ୍ରୀ ଉଲ୍ଲେଖ କରିବା ସହ ଶିକ୍ଷାକୁ ଆନନ୍ଦଦାୟକ, କ୍ରିୟାଶୀଳ ଓ ଆକର୍ଷଣୀୟ କରିବା ପାଇଁ ଜାଦୁ ପେଡ଼ିର ସାମଗ୍ରୀ କିପରି ସାହାଯ୍ୟ କରିବ ତାହା ବୁଝାଇଥିଲେ। ଏହା କାର୍ଯ୍ୟ ଆଧାରିତ ଶିକ୍ଷା ଧାରାକୁ ପ୍ରୋତ୍ସାହନ ଦେବ ବୋଲି ବିଦ୍ୟାଳୟ ସଭାପତି କହିଥିଲେ। ବିଦ୍ୟାଳୟଗୁଡ଼ିକରେ 'ଶିଶୁ ବାଟିକା' ଶ୍ରେଣୀ ଆରମ୍ଭ ହୋଇଥିଲେ ହେଁ ପିଲାଙ୍କ ଆବଶ୍ୟକତାକୁ ଅନୁଭବ କରି ଜାଦୁ ପେଡ଼ି ନିର୍ମାଣ କରାଯାଇଥିଲା। ପରେ ଅନ୍ୟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱପୂଜ୍ୟା ସ୍ୱାଇଁ 'ସ୍କୁଲ୍ ହାଉସ୍ କ୍ଲବ୍ ପିଟାରା'ର ପ୍ରସ୍ତୁତି ନିମନ୍ତେ ବିଦ୍ୟାଳୟ ପରିଚାଳନା ବୈଠକରେ ପ୍ରସ୍ତାବ ଗୃହୀତ କରିଥିଲେ। ଏହା ଦ୍ୱାରା ବିଦ୍ୟାଳୟରେ ବିଭିନ୍ନ କ୍ଲବ କାର୍ଯ୍ୟକଳାପ ତଥା ହାଉସ୍ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ବିକାଶ କରିପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁ କହିଛନ୍ତି। ପ୍ରତି ହାଉସ୍ କ୍ଲବ୍‌ର ଜଣେ ଲେଖାଏଁ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ରହିଛନ୍ତି। ହାଉସ୍ କ୍ଲବ୍‌ର ମାର୍ଗଦର୍ଶକ ରୂପେ ଶିକ୍ଷୟିତ୍ରୀ ଚିତ୍ରଲେଖା ସାହୁ ଓ ଗ୍ରୀନ୍ ହାଉସ୍ କ୍ଲବ୍ ମାର୍ଗଦର୍ଶକ ରୂପେ ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଶିକ୍ଷକମାନେ ପିଟାରାର ସାମଗ୍ରୀ ବ୍ୟବହାର କରି କିପରି ଶିକ୍ଷାକୁ ଆକର୍ଷଣୀୟ କରାଯାଇପାରିବ ବିଷୟରେ ଡେମୋ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମ ନିପୁଣ ଭାରତ ମିଶନ ଓ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ସାଧନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଗଣାଯାଉଛି।



## ୨୦୨୪ ଗଣେଶପୂଜାର ଆୟବ୍ୟୟକୁ ନେଇ ଚର୍ଚ୍ଚା

ତାଳଚେରସଦର, ୧୩।୭ (ସମିସ): ତାଳଚେର କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ପ୍ରତିବର୍ଷ ତାଳଚେର ସହରର ୧ନମ୍ବର ୱାର୍ଡଠାରୁ ଆରମ୍ଭ କରି ୨୧ନଂ ୱାର୍ଡ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ମେଢ଼ ପୂଜା ପାଇ ଆସୁଥିବା ବେଳେ ବିସର୍ଜନରେ ପ୍ରାୟ ୪୦ରୁ ୫୦ ମେଢ଼ ଭାଗ ନେଇଥାନ୍ତି। ଓଡ଼ିଶା ପ୍ରସିଦ୍ଧ ଗଣପର୍ବ ଗଣେଶପୂଜା ଏଠାରେ ୧୧ଦିନ ବ୍ୟାପୀ ଧୁମାଧାମରେ ପାଳନ କରାଯାଏ। ଏଥିପାଇଁ କିଛି ବଦାନ୍ୟ ବ୍ୟକ୍ତି ସହଯୋଗ କରୁଥିବା ବେଳେ ଆଉ କିଛି ଅନୁଷ୍ଠାନ, ପ୍ରତିଷ୍ଠାନ ଓ ପୂଜାମଣ୍ଡପଗୁଡ଼ିକରୁ କେନ୍ଦ୍ରୀୟ କମିଟିକୁ ଅର୍ଥ ଆସିଥାଏ। କମିଟି ସଭାପତି ତାଳଚେର ଉପଜିଲ୍ଲାପାଳ ରହିଥିବା ବେଳେ ପୂଜାମଣ୍ଡପ କମିଟିର କିଛି ସଦସ୍ୟ, କର୍ମକର୍ତ୍ତାଙ୍କୁ ଚୟନ କରାଯାଏ ଓ ସେମାନେ ପୂଜାରେ ଅଂଶଗ୍ରହଣ କରି ଶାନ୍ତିଶୃଙ୍ଖଳାଠାରୁ ଆରମ୍ଭକରି ପ୍ରତ୍ୟେକ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିଥାନ୍ତି। କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବାଇଲ ଅନୁଯାୟୀ ପ୍ରତିବର୍ଷ ପୂଜା ଓ ବିସର୍ଜନ ସମାପ୍ତ ହେବାପରେ ସମସ୍ତ କମିଟିର ସଭାପତି ଓ ସମ୍ପାଦକକୁ ନେଇ ବୈଠକ କରି ପୂଜା ଆୟବ୍ୟୟ ହିସାବ ଦେବାର ନିୟମ ରହିଛି। ମାତ୍ର ୨୦୨୪ ଯାଇ ୨୦୨୫ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏପର୍ଯ୍ୟନ୍ତ ଆୟବ୍ୟୟ ହିସାବ ଦିଆଯାଇ ନ ଥିବାରୁ କିଛି କମିଟି ମଧ୍ୟରେ ଏ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ତୁରନ୍ତ ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ଗଣେଶପୂଜା କମିଟି ସଭାପତି ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ନେଇ ପୂଜାକମିଟି ଦାବି ପକ୍ଷରୁ ହେଉଛି। ଯେଉଁ ସମୟରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବୈଠକ ଡକାଯାଉଛି, ସେଥିରେ ସମସ୍ତ ପୂଜାକମିଟି ସଭାପତି, ସମ୍ପାଦକମାନେ ଉପସ୍ଥିତ ରହୁଛନ୍ତି ନା ନ ଜଣାଇ ସେମିତି ବୈଠକ କରି କାମ ଚଳାଇ ଦିଆଯାଉଛି, ତାହାର ତର୍ଜମା କରିବା ନିତାନ୍ତ ଆବଶ୍ୟକ ବୋଲି ଚର୍ଚ୍ଚା ଜୋର ଧରିଛି।

## ଓକିଲ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ



ଅନୁଗୋଳ, ୧୩।୭ (ସମିସ): ଅନୁଗୋଳ ଓକିଲ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ ପାଳିତ ହୋଇଛି। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲ (ଟୁକୁନା)ଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ସନ୍ତୋଷ ମହାପାତ୍ର, ଦିଲୀପ ଦାସ, ବସନ୍ତ ପ୍ରଧାନ, ବିନୋଦ ମିଶ୍ର, ମନୋରଞ୍ଜନ ଦାସ, ଜ୍ଞାନ ପଟ୍ଟନାୟକ, ଶମ୍ଭୁନାଥ ବେହେରା, ପାର୍ଥସାରଥି ପ୍ରଧାନ ପ୍ରମୁଖ ବହୁ ଆଇନଜୀବୀ ସଂଘର ବୟୋଜ୍ୟେଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପୂଜନ କରିବା ସହ ସମ୍ମାନିତ କରିଥିଲେ। ଆଇନଜୀବୀ ମିଶ୍ର କନିଷ୍ଠ ଆଇନଜୀବୀମାନଙ୍କୁ ଆଶୀର୍ବାଦ କରିବା ସହ ଓକିଲାତି ପେସାରେ ସେମାନଙ୍କ ସଫଳତା କାମନା କରିଥିଲେ।

## ହେଲ୍ପଲାଇନ ଘଣ୍ଟପଡ଼ା ପକ୍ଷରୁ ଚାରା ବଣ୍ଟନ

ତାଳଚେର, ୧୩।୭ (ସମିସ): ତାଳଚେର ବ୍ଲକ ହେଲ୍ପ ଲାଇନ ଘଣ୍ଟପଡ଼ା ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳନ ଉପଲକ୍ଷେ ଲୋକଙ୍କୁ ଚାରା ବଣ୍ଟନ କରାଯାଇଛି। ହେଲ୍ପ ଲାଇନର ପ୍ରତିଷ୍ଠାତା ମାଳତୀ ସାହୁ ଓ ସମାଜସେବୀ କ୍ଷୀରୋଦ ସାହୁ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ପ୍ରଥମେ ହାଣ୍ଡିଧୁଆଠାରେ ଦାନ୍ତ ଡାକ୍ତର ଅନିତା ସାହୁଙ୍କୁ ଗୋଟିଏ ଚାରା ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୫ଟି ବିବାହ ଉତ୍ସବରେ ନବଦମ୍ପତିଙ୍କ ସହ ପରିବାରକୁ ନଡ଼ିଆ, ଡାଳିମ୍ବ, ଆମ୍ବ, ଲେମ୍ବୁ, ବିଭିନ୍ନ ଔଷଧୀୟ ବୃକ୍ଷ ସମେତ ଗଙ୍ଗଶିଉଳି ଚାରା ପ୍ରଦାନ କରିଥିଲେ। ଆଗାମୀ ଦିନରେ ଗୃହପ୍ରବେଶ, ଏକୋଇଶିଆ, ଜନ୍ମଦିନ, ବିବାହ ବାର୍ଷିକୀ, ଶୁଦ୍ଧିକ୍ରିୟା, ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଦି କାର୍ଯ୍ୟକ୍ରମରେ ଚାରା ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାତା ସାହୁ କହିଛନ୍ତି।



## ରୋଟାରୀ ରୟାଲର ସ୍ୱାସ୍ଥ୍ୟ ଶିବିର



ଅନୁଗୋଳ, ୧୩।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ଏବଂ ଭାରତୀୟ ଚର୍ମ ଚିକିତ୍ସକ ସଂଘ ପକ୍ଷରୁ ନିଃଶୁଳ୍କ ଚର୍ମ ରୋଗ ଶିବିର ଅନୁଗୋଳ ନିକଟ ଗଡ଼ସନ୍ତ୍ରୀ ଗ୍ରାମରେ ଅନୁଷ୍ଠିତ ହୋଇଛି। କିଛିଦିନ ପୂର୍ବେ ଉଭୟ ରୋଟାରୀ ଇଣ୍ଟରନ୍ୟାସନାଲ୍ ଏବଂ ଭାରତୀୟ ଚର୍ମ ଚିକିତ୍ସକ ସଂଘ ତରଫରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୂରା ଭାରତରେ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ ଭାରତୀୟ ଚର୍ମ ଚିକିତ୍ସକ ସଂଘ ନିଃଶୁଳ୍କ ଚର୍ମ ରୋଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସଂକଳ୍ପ ନେଇ ଏହି ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଇଏମ୍‌ଏ ଅନୁଗୋଳ ଶାଖା ଅଧ୍ୟକ୍ଷ ତଥା ଚର୍ମରୋଗ ବିଶେଷଜ୍ଞ ଡା. ବିଚ୍ଛନ୍ଦ ଚରଣ ପ୍ରଧାନ ଓ ଡା. ବିଶ୍ୱଜିତ ସାମଲ ୧୪୧ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କ୍ଲବ ତରଫରୁ ରୋଟରିଆନ ମୁରାରୀଲାଲ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ରାଜେଶ ସରଳିଆ, ମଧୁସୂଦନ ଶର୍ମା, ଜୟପ୍ରକାଶ ମୋଦି ପ୍ରମୁଖ ସହଯୋଗ କରିଥିଲେ।

■ ଶ୍ରାବଣ ମାସର ପ୍ରଥମ ସୋମବାର ଆଜି

# ବୋଲ୍‌ବମ୍ ଶବ୍ଦରେ କମ୍ପୁଛି ରାସ୍ତାଘାଟ

ତାଳଚେରସଦର, ୧୩।୭ (ସମିସ): ଆରମ୍ଭ ହେଲା ଶ୍ରାବଣ ମାସ। ଆସନ୍ତାକାଲି ପ୍ରଥମ ସୋମବାର ଉପଲକ୍ଷେ ଗାଁ ଗଣ୍ଡାରୁ ସହର ପର୍ଯ୍ୟନ୍ତ ସବୁଠି କାଉଡ଼ି ଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ନଦୀ, ଜଳାଶୟରୁ ପବିତ୍ର ଜଳ ଉଠାଇ ତାଳଚେର ଅଞ୍ଚଳର ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରିଛନ୍ତି। ବୋଲବମ୍ ଶବ୍ଦରେ କମ୍ପୁଛି ରାସ୍ତାଘାଟ ଓ ଭୋଲାବାବାଙ୍କ ଧାମ। ଭକ୍ତଙ୍କ ଶୃଙ୍ଖଳିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ଭୋର୍‌ରୁ ତାଳଚେର ଅଞ୍ଚଳର ପ୍ରସିଦ୍ଧ ଶୈବପୀଠଗୁଡ଼ିକରେ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିବେ। ତେବେ ଶ୍ରଦ୍ଧାଳୁମାନେ ନଦୀରୁ ଜଳ ଉଠାଇବା ବେଳେ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ସ୍ଥାନୀୟ ପଶ୍ଚିମେଶ୍ୱର, ଧରମପୁର, ଆଖଣ୍ଡଳମଣି, ପଞ୍ଚମୁଖୀ, ଚକ୍ରଶିଳା ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପାଇଁ ସମାଜସେବୀଙ୍କ ପକ୍ଷରୁ



# ଏଆଇଡିୱାଇଓ ପକ୍ଷରୁ ଦୁଇଦିନିଆ ଯୁବ ଶିବିର ଉଦ୍‌ଯାପିତ

ଅନୁଗୋଳ, ୧୩।୭ (ସମିସ)

ସମସ୍ତ ବେକାରଙ୍କୁ କର୍ମନିଯୁକ୍ତି, ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ମଦ, ଡ୍ରଗ୍ସ ଓ ବ୍ରାଉନସୁଗର ଭଳି ମାରାତ୍ମକ ମାଦକଦ୍ରବ୍ୟ ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା ଓ ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା ଦାବିରେ ଭାରତବର୍ଷର ଲଢୁଆ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନ୍ (ଏଆଇଡିୱାଇଓ) ପକ୍ଷରୁ ନାଲକୋନଗରରେ ଦୁଇଦିନିଆ ଯୁବ ଶିବିର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସଂଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଅମରଜିତ୍ କୁମାର ଲାଲ ପତାକା ଉତ୍ତୋଳନ ପରେ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ପ୍ରଗତିଶୀଳ ଆନ୍ଦୋଳନରେ ସହିଦ ହୋଇଥିବା ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ସହିଦ ବେଦିରେ ମାଲ୍ୟାର୍ପଣ କରିଥିଲେ। ସଂଗଠନର ରାଜ୍ୟ ସଭାପତି ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଯୁବ ଶିବିରରେ ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ଦେଶର ବେକାର ସମସ୍ୟା, ମହିଳାଙ୍କ ସୁରକ୍ଷା ଏବଂ ବିଶ୍ୱବ୍ୟାପୀ ଯୁଦ୍ଧ ସ୍ଥିତି ସମ୍ପର୍କରେ ଚିଠା ପ୍ରସ୍ତାବ ଉପସ୍ଥାପନ କରାଯାଇ ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ପ୍ରତିନିଧିମାନଙ୍କ ଦ୍ୱାରା ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ସଂଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ମଳୟ ପାଲ ଏବଂ ଅଫିସ ସମ୍ପାଦକ ବିଜୟାନନ୍ଦ ମଲ୍ଲିକ ଯୋଗଦେଇ ସାମ୍ପ୍ରତିକ ସମୟରେ ଭାରତବର୍ଷର ଯୁବ ଜୀବନର ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିବା ସହ ସଂଗଠନର ୬୦ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଦୀର୍ଘସ୍ଥାୟୀ ଯୁବ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସଂଗଠନକୁ ମଜବୁତ୍ କରି ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଶେଷ ଅଧିବେଶନରେ ଏସ୍‌ୟୁସିଆଇ(ସି)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଯୋଗଦେଇ ସମାଜ ପ୍ରଗତିରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଚଳିତ ସମାଜ ବ୍ୟବସ୍ଥାରେ ଯୁବକ ଯୁବତୀମାନଙ୍କୁ ସମସ୍ତ ଦିଗରୁ ପଙ୍ଗୁ କରିଦେବା ପାଇଁ ଶାସକ ଶ୍ରେଣୀର ଚକ୍ରାନ୍ତ ବିରୋଧରେ ସଚେତନ ଓ ସଂଗଠିତ ହେବାକୁ ଆହ୍ୱାନ କରିଥିଲେ। ଅତୀତର ମନିଷୀମାନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଯୁବ ଜୀବନକୁ ଶୃଙ୍ଖଳିତ କରିବା ସହ ସାମାଜିକ ଦାୟିତ୍ୱ ବହନ କରିବା କ୍ଷେତ୍ରରେ ଯୁବକମାନେ ଆଗେଇ ଆସିବା ବର୍ତ୍ତମାନ ସମୟରେ ଜରୁରୀ ବୋଲି ସେ କହିଥିଲେ। ସଂଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଗାନ ପରେ ଶିବିର ଉଦଯାପିତ ହୋଇଛି।



## କଲେଜରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ବିବାଦ

# ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ଅଧ୍ୟକ୍ଷ

ଯାଜପୁର, ୧୩।୭ (ସମିସ)

ଗତ ମେ' ମାସ ୯ ତାରିଖରେ '୪୪ଟି କଲେଜରେ ଆଇଟି ଲାବ୍-କମ୍ପ୍ୟୁଟର କିଣାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ' ଶୀର୍ଷକ ଏକ ତଥ୍ୟ ସମ୍ବଳିତ ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ଯାଜପୁର ଉପଜିଲ୍ଲାପାଳ ତଥା ସମସ୍ତ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ସେହିକ୍ରମରେ ସେ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ସେହି ମାସ ୨୧ ତାରିଖ ଦିନ ଏକ ଚିଠି (ନମ୍ବର-୮୩୯୦) ଲେଖି କଲେଜରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ପାଇଁ ଯେଉଁ ସବୁ ସାମଗ୍ରୀ କ୍ରୟ କରାଯିବ ସେଥିପାଇଁ ଆହୁତ ହେବାକୁ ଥିବା ଟେଣ୍ଡର ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ ଅନୁସାରେ ଏବଂ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେଇ ହିଁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳଙ୍କ ଉକ୍ତ ନିର୍ଦ୍ଦେଶକୁ ଅନୁପାଳନ କରି ଇତିମଧ୍ୟରେ ଜିଲ୍ଲାର ପ୍ରାୟ ୨୫ ଗୋଟି କଲେଜର ଅଧ୍ୟକ୍ଷ ଟେଣ୍ଡର ଆହ୍ୱାନ କରିବା ସହ ଅନେକ କଲେଜରେ ସାମଗ୍ରୀ କ୍ରୟ କରାଯାଇ ସାରିଲାଣି। ମାତ୍ର ଆଉ କିଛି କଲେଜର ଅଧ୍ୟକ୍ଷ ବିଭିନ୍ନ କାରଣ ଦର୍ଶାଇ ଏହାକୁ ଏଡେଇ ଚାଲିଛନ୍ତି। କେତେକ କଲେଜ କର୍ତ୍ତୃପକ୍ଷ ଏଯାଏଁ ବି ଟେଣ୍ଡର ଆହ୍ୱାନ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ବରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗତ ୮ ତାରିଖ ଦିନ ଏଥିପାଇଁ ନିର୍ଦ୍ଦିଷ୍ଟ ଏକ ଖବର କାଗଜରେ ବିଜ୍ଞପ୍ତି ଦେଇ ଯେଉଁ ଟେଣ୍ଡର ଆହ୍ୱାନ କରିଛନ୍ତି। ସେଥିରେ ସେ ଉପଜିଲ୍ଲାପାଳଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ବିଜ୍ଞପ୍ତିରେ କିଣାଯିବାକୁ ଥିବା ସାମଗ୍ରୀ ଯଥା କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ୍ କ୍ୟାମେରା ଓ ୭୫ଇଞ୍ଚର ଏଲଇଡି ଟିଭି ଇତ୍ୟାଦିର ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ୍ ଉଲ୍ଲେଖ କରାଯାଇ ନାହିଁ। ଯାହାକି ଓଜିଏଫ୍ଆର୍ ନିୟମର ଧାରା ୨୩କୁ ଉଲ୍ଲଙ୍ଘନ କରୁଛି ଏବଂ ଅନ୍ୟପଟେ ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଫାଇଦା ଦେବା ପାଇଁ ଟେଣ୍ଡର ଫିକ୍ସିଂ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଆହୁତ ଟେଣ୍ଡର ଜିଇଏମ୍ ବା ଏନଆଇସି ମାଧ୍ୟମରେ କରିବା ନେଇ ସରକାର ଗୁରୁତ୍ୱ ଆରୋପ କରୁଥିବା ସ୍ଥଳେ ଖବର କାଗଜରେ ଏଭଳି ବିଜ୍ଞପ୍ତି ପ୍ରକାଶ କରିବାକୁ ଅଧ୍ୟକ୍ଷ କାହିଁକି ଆଗ୍ରହ ପ୍ରକାଶ କଲେ ଏବଂ ବିଜ୍ଞପ୍ତି ପାଇଁ ଆବଶ୍ୟକ ଦେୟ କେଉଁ ସୂତ୍ରରୁ ସେ ବ୍ୟୟ କରିଛନ୍ତି ତାହା ବି ଆହୁରି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ କଲେଜର କେତେକ ଅଧ୍ୟକ୍ଷ ନାନା ନିୟମକୁ ଉଲ୍ଲଙ୍ଘନ ଓ ଅନିୟମିତତା କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ତାଙ୍କ ସହ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ ୩ ପତିଆ କୋଟେସନ୍ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅର୍ଥ ତୋଷରପାତ ଭଳି ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କୁ ଏଭଳି ଏକ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଗୋପବନ୍ଧୁ ଚୌଧୁରୀ କଲେଜର ଅଧ୍ୟକ୍ଷଙ୍କୁ ପଚାରିବାରେ ଏ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରିଛନ୍ତି। ଉପଜିଲ୍ଲାପାଳଙ୍କ ସମେତ ଇ-ଗଭର୍ଣ୍ଣାନ୍ସ ମ୍ୟାନେଜରଙ୍କୁ ଅବଗତ କରାଯାଇଛି। ଏଥିରେ କୌଣସି ପ୍ରକାର ହେରଫେର ହେବାର ଆଶଙ୍କା ନାହିଁ ବୋଲି ସେ ସଫେଇ ଦେଇଛନ୍ତି। କିନ୍ତୁ ଉପଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ଗାଇଡ୍‌ଲାଇନ୍‌କୁ ଉଲ୍ଲଙ୍ଘନ କରି ଜିସି କଲେଜ ଅଧ୍ୟକ୍ଷ କିଭଳି ନିଜ ମନଇଚ୍ଛା ଟେଣ୍ଡର ଆହ୍ୱାନ କଲେ ତାହା ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ଟେଣ୍ଡରକୁ ବାତିଲ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଗାଇଡ୍ ଲାଇନ୍ ଅନୁସାରେ ସ୍ୱଚ୍ଛତାର ସହ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର



ସୁକିନ୍ଦା, ୧୩।୭ (ସମିସ): ଏକ ଭାଲୁ ଆକ୍ରମଣରେ ନଗଡ଼ା ଅଞ୍ଚଳର ଚାଷୀ ସୁନା ପ୍ରଧାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗ୍ରାମ ନନ୍ଦିଆ ପ୍ରଧାନଙ୍କ ପୁଅ ସୁନା ପ୍ରଧାନ ଗ୍ରାମପାଖ ଚାଷଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲା। ବହୁ କଷ୍ଟରେ ସୁନା ଭାଲୁ ହାବୁଡ଼ରୁ ମୁକୁଳି ଆସିଥିଲା। ଏହି ଆକ୍ରମଣରେ ସୁନାର ଗୋଡ଼ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ସୁନାକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଜାରି ରହିଛି।

## ବିଦ୍ୟାଳୟ ପରିଚାଳନା କମିଟିରେ ବରିଷ୍ଠ ନାଗରିକଙ୍କୁ ସାମିଲ ଦାବି

ପ୍ରୀତିପୁର, ୧୩।୭ (ସମିସ): ଯାଜପୁର ଜିଲ୍ଲାର ଅଧିକାଂଶ ବିଦ୍ୟାଳୟରେ ପରିଚାଳନା କମିଟି ନଥିବାରୁ ସରକାରଙ୍କ ରାଜକୋଷରୁ ଆସୁଥିବା ଅନୁଦାନ ବେଶ ବାଟମାରଣା ହେବାରେ ଲାଗିଛି। ସେହିପରି ମଧ୍ୟାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳ ଓ ଗ୍ରୋସରୀ ବାଟମାରଣା ହେବାରେ ଲାଗିଛି। ତେଣୁ ସରକାରଙ୍କ ପକ୍ଷରୁ ଏବେ ଯେଉଁ ନୂତନ ପରିଚାଳନା କମିଟି ଗଠନର ପ୍ରୟାସ ଚାଲିଛି ସେଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଭାପତି ରହିବା ସହିତ ୫ ଜଣ ପୁରାତନ ଓ ୫ ଜଣ ବରିଷ୍ଠ ନାଗରିକଙ୍କୁ ସଦସ୍ୟ ରୂପେ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏମାନେ ବିଦ୍ୟାଳୟର ଉନ୍ନୟନ ଓ ଆର୍ଥିକ ସ୍ୱଚ୍ଛତା ରକ୍ଷା ଦିଗରେ ସଠିକ ମାର୍ଗ ଦର୍ଶାଇ ପାରିବେ ବୋଲି ବୁଦ୍ଧିଜୀବୀ ହରେକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶାନ୍ତନୁ କୁମାର ଧଳ ପ୍ରମୁଖ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କବି ବିଦ୍ୟୁତପ୍ରଭା ଦେବୀଙ୍କ ଜୟନ୍ତୀ

ପ୍ରୀତିପୁର, ୧୩।୭ (ସମିସ): ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କ ଜୟନ୍ତୀ ଉପଲକ୍ଷେ ଅଖିଳଚକ୍ର ପକ୍ଷରୁ ଏକ ଆଭାସୀ ଆଲୋଚନାଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବୟିତ୍ରୀ ବ୍ରଜେଶ୍ୱରୀ ସିଂହ, ଡ. ଶ୍ରୀହରି ଧଳ, କବି ରମାକାନ୍ତ ନାୟକ, ଅଧ୍ୟାପିକା ପାର୍ବତୀ ଦାଶ, ସନ୍ତୋଷ କୁମାର ବେହୁରୁଆ, ଅଭୟ ଖୁଣ୍ଟିଆ, ଗୌରାଙ୍ଗ ସ୍ୱାଇଁ, ଅକ୍ଷୟ କୁମାର ସେଠୀ, ନିର୍ମଳା ମିଶ୍ର, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ପ୍ରମୁଖ ଅଂଶଗ୍ରହଣ କରି ବିଦ୍ୟୁତପ୍ରଭାଙ୍କ କାବ୍ୟକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଶତବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଦଶଜଣ ଲବ୍ଧ ପ୍ରତିଷ୍ଠିତ ନାରୀ କବିଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ତାଙ୍କ ଜନ୍ମପୀଠ ଏରଡ଼ଙ୍ଗ ନାଟରା ସାରସ୍ୱତ ତୀର୍ଥଭୂମିରେ କରାଯିବାକୁ ସ୍ଥିର କରାଯାଇଛି।

## ଦୁଗ୍ଧ ଉନ୍ନୟନ ବୋର୍ଡ ଅଧିକାରୀଙ୍କ ପରିଦର୍ଶନ

ଯାଜପୁର, ୧୩।୭ (ସମିସ): ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ-ପ୍ରଜାତିର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମକୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ପରିଚାଳକ ଡା. ପରାଗ ପାଣ୍ଡେ (ପ୍ରାଣୀ ପ୍ରଜନନ) ଓ ଡା. ଅର୍ଚ୍ଚନ ଭଟ୍ଟ (ଓଏସ୍‌ଡି) ଅନୁଧ୍ୟାନ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ଉକ୍ତ ଅଧିକାରୀ ଦ୍ୱୟ ଯାଜପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଳଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ପ୍ରକଳ୍ପ ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରସୁଲପୁର ତଥା ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ଡା. ଜ୍ୟୋତିରଞ୍ଜନ ମହାନ୍ତି, ଏହି ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ, ସୁପର ଭାଇଜର ଦୁର୍ଯ୍ୟୋଧନ ମିଶ୍ର, ନରେନ୍ଦ୍ର କୁମାର ସାହୁ ଏବଂ ଦୁଗ୍ଧ ଅଭିଲେଖକ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତା ପରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ରେକର୍ଡିଂ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ଏହାର ପରିଚାଳନାକୁ ଭୂୟସୀ ପ୍ରଶଂଶା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର ଅଧିକାରୀ ଓ ସମିତିର ସମ୍ପାଦକ ସହାୟକ ପ୍ରଦାନ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତିର ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

ପାଣିକୋଇଲି, ୧୩।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ବଡ଼ବରୁଣାଇପଦା ସ୍ଥିତ ମରିଚିଆ ପୋଖରୀରୁ ଜଣେ ଶ୍ରମିକର ମୃତ ଦେହ ଉଦ୍ଧାର କରାଯାଇଛି। ଶନିବାର ରାତ୍ରିରେ ପୋଖରୀରେ ମୃତଦେହ ଭାସୁଥିବାର ଖବର ପାଇ ପୁଲିସ ବୈତରଣୀରୋଡ୍ ଦମକଳ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ଯାଜପୁର ସଦରମହକୁମା ଚିକିତ୍ସାଳୟକୁ ପଠାଇଥିଲା। ଆଜି ଶବ୍ୟ ବେବଚ୍ଛେଦ ପରେ ଅନ୍ତିମ ସତ୍କାର କରାଯାଇଛି। ପଥରପଦା ମୌଜା (ବେଙ୍ଗା ଆଦିବାସି ସାହି)ର ମଧୁ ନାଏକ ନାମକ ଶ୍ରମିକ ଶନିବାର ବିଲକାମ ସାରି ଗାଧୋଇବାକୁ ମରିଚିଆ ପୋଖରୀକୁ ଯାଇଥିଲେ। ମାତ୍ର ଅସାବଧନତା ହେତୁ ଗୋଡ ଖସିଯିବାରୁ ଆଉ ଉଠିନପାରି ପାଣିରେ ବୁଡିଯାଇଥିଲେ। ସ୍ତ୍ରୀ କୁନି ନାଏକ ଘରକୁ ଫେରିବା ବିଳମ୍ବିତ ଦେଖି ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ପାଇନଥିଲେ। ମୃତ ଶରୀର ପୋଖରୀରେ ଭାସିବାରୁ ସ୍ଥାନୀୟ ଲୋକ ସନ୍ଧ୍ୟାରେ ଖବର ଦେଇଥିଲେ। ଏନେଇ କୁନି ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଶବ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଆଜି ଏକ ଅପମୃତ୍ୟୁ ମାମଲା ୨୧/୨୫ ରୁଜୁ କରି ବ୍ୟବଚ୍ଛେଦ ପରେ ତାର ମରଶରରକୁ ଅନ୍ତିମ ସତ୍କାର କରାଯାଇଛି। ମଧୁଙ୍କ ସ୍ତ୍ରୀ କୁନି ଜଣେ ଭିନ୍ନକ୍ଷମ ମହିଳା ଅଟନ୍ତି। ତାଙ୍କର ଦୁଇଟି ଛୋଟ ପୁଅ ଅଛନ୍ତି। ମଧୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ତାଙ୍କର ମୃତ୍ୟୁ ପରେ ସେ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଙ୍ଗୀତକାର ବେଣୁଧର ସ୍ୱାଇଁଙ୍କ ପରଲୋକ

ଧର୍ମଶାଳା, ୧୩।୭ (ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ବିଶିଷ୍ଟ ସଙ୍ଗୀତକାର ବେଣୁଧର ସ୍ୱାଇଁ (୮୫)ଙ୍କ ଆଜି ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡ଼ିତ ଥିଲେ। ସେ ଜଣେ ଉଚ୍ଚକୋଟୀର ସଙ୍ଗୀତକାର ଓ ସଙ୍ଗୀତ ଶିକ୍ଷକ ଥିଲେ। ସଙ୍ଗୀତ ମାଧ୍ୟମରେ ତାଙ୍କୁ ମିଳିଛି ଅନେକ ଯଶ ଓ ଖ୍ୟାତି। ସଙ୍ଗୀତକୁ ବୃତ୍ତି ଭାବରେ ଗ୍ରହଣ ନକରି ପ୍ରବୃତ୍ତି ଭାବରେ ଗ୍ରହଣ କରିଥିଲେ ସେ। ସେହି ନିଶା ତାଙ୍କୁ ଘାରିଥିଲା ଛାତ୍ର ଜୀବନରୁ। ଗରିବ ପିଲାମାନଙ୍କୁ ବିନା ଅର୍ଥରେ ସଙ୍ଗୀତ ଶିକ୍ଷା ଦେଉଥିଲେ ସେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଶିଷ୍ଟ ଲୋକମାନେ



ତାଙ୍କ ଶେଷ ଦର୍ଶନ କରିଥିଲେ। ଯୁବନେତା ମାନସ ରଞ୍ଜନ କର, ପ୍ରଭୁଦତ୍ତ ଜେନା, ରାଜେଶ ପାଳ, ଜିତେନ୍ଦ୍ର ରାଉତ, ପ୍ରମୋଦ କୁମାର ଜେନା, ଅଭୟ କୁମାର ରାଉତ, ଅଖିଳ କୁମାର ସ୍ୱାଇଁ, ତାପସ କୁମାର କର, ପ୍ରସନ୍ନ କୁମାର ପାଳ, ସତ୍ୟବ୍ରତ ନାୟକ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ଶେଷ ଦର୍ଶନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବ୍ରାହ୍ମଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅରୁଣ ମୁଖାଗ୍ନି ଦେଇଥିଲେ। ସାନପୁଅ କିଶୋର ଓ ଆଲୋକ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହଟୁନି ଜବରଦଖଲ

# ନିର୍ମାଣ ହୋଇପାରୁନି ଦୁବକଣ ଅଙ୍ଗନବାଡ଼ି ଘର

କୟାଁଗୋଲା/ମଙ୍ଗଳପୁର, ୧୩।୭ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ହେଲାନି କାର୍ଯ୍ୟାନୁଷ୍ଠାନ। ଦୁଇ ସରକାରୀ କର୍ମଚାରୀଙ୍କ ଦ୍ୱାରା ହୋଇଥିବା ଜବରଦଖଲ ହଟିଲା ନାହିଁ। ଫଳରେ ନିର୍ମାଣ ହୋଇପାରୁନି ଅଙ୍ଗନବାଡ଼ି କେନ୍ଦ୍ର। ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମରେ ଏକ ନୂତନ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ଦଶରଥପୁର ତହସିଲଦାର ଗ୍ରାମରେ ଥିବା ଏକ ସରକାରୀ ଜାଗା ଚିହ୍ନଟ କରିଥିଲେ। ଏହି ଜାଗାଟଇ କୟାଁ ମୌଜା ଅଧୀନ ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଏରିଆ ୩ ଡେସିମିଲ ଉପରେ ରହିଛି। ଜାଗା ଚିହ୍ନଟ କରିବା ସହ ଦଶରଥପୁର ବିଡିଓଙ୍କୁ ଲିଖିତ ଆଦେଶନାମା ମଧ୍ୟ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଜାଗାକୁ ଦୁଇ ଭାଇ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସରୋଜ ଯେନା ଓ ଦୁବକଣ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଜୟ ଯେନା ଜବରଦଖଲରେ ରଖିଥିବା କାରଣରୁ ଉକ୍ତ ପ୍ଲଟରେ ଘର ନିର୍ମାଣ କାର୍ଯ୍ୟ ହୋଇ ପାରିନଥିଲା। ଏହାପରେ ଦଶରଥପୁର ତହସିଲଦାରଙ୍କ ପକ୍ଷରୁ ତା.୩୧-୮-୨୪ ଓ ତା.୪-୬-୨୫ ରିଖରେ ଦୁଇ ଦୁଇ ଥର ଉକ୍ତ ସ୍ଥାନରୁ ଜବର ଦଖଲ ଉଚ୍ଛେଦ କରିଥିଲେ। ପୁନର୍ବାର ଉକ୍ତ ୨ ଭାଇ ଉକ୍ତ ସ୍ଥାନକୁ ଜବରଦଖଲ କରିବା ସହ କ ଅସ୍ଥାୟୀ ରୋଷେଇ ଘର, ପକ୍କା ଚଉଁରା ନିର୍ମାଣ କରିଛନ୍ତି। ଫଳରେ ଉକ୍ତ ଯାଗାରେ କୌଣସି କାର୍ଯ୍ୟ କରାଇ ଦେଉନଥିବା ନେଇ ବିଡିଓ ଆକାଶ ପଟ୍ଟନାୟକ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ପୁଲିସ ବିଡିଓଙ୍କ ଅଭିଯୋଗ ଆଧାରରେ ସରୋଜ ଓ ତାଙ୍କ ପରିବାରର ଅନ୍ୟ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ବିଡିଓ ଆକାଶ ପଟ୍ଟନାୟକ, ସରୋଜ ଓ ଅଜୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଜୁଲାଇ ୮ ତାରିଖରୁ ଲିଖିତ ଭାବେ ଜଣେଇଛନ୍ତି। ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଳେ ଜବରଦଖଲକାରିଙ୍କ ସହ ବୁଝାମଣା କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ଚାପ ସୃଷ୍ଟି କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ଜିଲ୍ଲାପାଳ ତୁରନ୍ତ ୨ ଭାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଅଙ୍ଗନବାଡି ଘର ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି କାର୍ଯ୍ୟାନୁଷ୍ଠାନ ନ ହେବା ପରେ ଏହି ଅଭିଯୋଗକୁ ନେଇ ଗ୍ରାମବାସୀ ୧୦ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପାଇଁ ଯାଇଥିଲେ। ତେବେ ଜିଲ୍ଲାପାଳଙ୍କ ଭେଟ ନପାଇ ଗ୍ରାମବାସୀ ନିରାଶ ହୋଇ ଫେରି ଆସିଥିଲେ। ୧୪ ତାରିଖ ଦିନ କେଏନ୍‌ଡିଏ କନଫରେନ୍ସ ହଲ କଳିଙ୍ଗନଗର ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଥିବା ବେଳେ ସେଠାରେ ଦୁବକଣ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି କିପରି ଅଙ୍ଗନବାଡି ଘର ନିର୍ମାଣ ହୋଇପାରିବ ଏବଂ ଜବରଦଖଲକାରୀ ୨ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ସେ ନେଇ ଦାବି କରିବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାମୋଦର ନାୟକ, ଭୁବନାନନ୍ଦ ନାୟକ, ଦେବଦତ୍ତ ନାୟକ, ପ୍ରଭାତ କୁମାର ନାୟକ, ସୁବାସ ମଲ୍ଲିକ, ବାବୁରାମ ବାରିକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ କହିଛନ୍ତି।

# ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା, ୧୩।୭ (ସମିସ): କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଧର୍ମଶାଳାରୁ ପ୍ରକାଶିତ ମାସିକ ସମ୍ବାଦପତ୍ର 'ସୂର୍ଯ୍ୟାସ୍ତ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ଗୌତମ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ତଥା ସମାଜସେବୀ ପ୍ରଭାସ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, କବି ବ୍ରହ୍ମାନନ୍ଦ ବିଶ୍ୱାଳ ମୁଖ୍ୟବକ୍ତା, ସମାଜସେବୀ ମିନତୀ ସାହୁ ଓ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସୂର୍ଯ୍ୟାସ୍ତର ସାମ୍ବାଦିକ ଶୁଭେନ୍ଦୁ ସାମଲ ଓ ସତ୍ୟଜିତ ଦତ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ସମ୍ବର ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାହିତ୍ୟିକ ଶଶିଭୂଷଣ ଦ୍ୱାରି ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ପାଢ଼ୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁଚରଣ ଦାଶ, ବଳଭଦ୍ର ଦାଶ, ବ୍ରଜକିଶୋର ଦାଶ, ବିଭୁତି ଭୂଷଣ ପାଳ, ଗୋଲକ ଚନ୍ଦ୍ର ପଲେଇ, ସଂଗ୍ରାମ କେଶରୀ ଜେନା, ପ୍ରଶାନ୍ତ କୁମାର ସାହୁ, ମହେଶ୍ୱର ପାଢ଼ୀ, ଅର୍ଜୁନ ଚରଣ ପୃଷ୍ଟି, ବିଜୟ କୁମାର ନାୟକ, ଯୁଗଳ କିଶୋର ଦାସ, ନରେନ୍ଦ୍ର କୁମାର ବେହେରା, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ବିମଳ ପତି, ପ୍ରଶାନ୍ତ କୁମାର ନାୟକ, ପ୍ରମୋଦ କୁମାର ରାଉତ, ସନ୍ତୋଷ କୁମାର ଓଝା, ପ୍ରେମଲତା ମହାରଣା, ଉଗ୍ରେସନ ନାୟକ, ରାମଚନ୍ଦ୍ର ବେହେରା ଓ ଚିତ୍ତ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସୁକିନ୍ଦାରେ ଜିଲ୍ଲାସ୍ତରୀୟ ବନମହୋତ୍ସବ

# ୭ ହେକ୍ଟର ଜାଗାରେ ଲାଗିଲା ୧୦ହଜାର ଚାରା



ସୁକିନ୍ଦା, ୧୩।୭ (ସମିସ): ସୁକିନ୍ଦା ବନବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅତା ଅନ୍ଧାରଗୋଡି ଠାକୁରାଣୀ ପୀଠଠାରେ ୭୬ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳନ କରାଯାଇଛି। କଟକ ବନଖଣ୍ଡ ଅଧିକାରୀ ଅନୀଲ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ମୁଖ୍ୟଅତିଥି ଓ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅର୍ବାନ ଯୋଜନାରେ ୭ ହେକ୍ଟର ଜାଗାରେ ୧୦ହଜାର ବିଭିନ୍ନ ପ୍ରଜାତିର ବୃକ୍ଷରୋପଣର ଶୁଭାରମ୍ଭ କରିବା ସହିତ ବୃକ୍ଷ ବଣ୍ଟନ କରିଥିଲେ। ବନଖଣ୍ଡ ଅଧିକାରୀ ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ୯ ଲକ୍ଷ ବୃକ୍ଷ ରୋପଣ କରାଯିବାର ଯୋଜନା ରହିଛି ବୋଲି ସୂଚନା ଦେଇଥିଲେ। ସୁକିନ୍ଦା ବନାଞ୍ଚଳ ଅଧୀନରେ ୩୦ହଜାରୁ ଉର୍ଦ୍ଧ୍ୱ ଚାରା ବିତରଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ଦାମୋଦରପୁର ଠାରେ ୧୦ହେକ୍ଟର ଜାଗାରେ ୧୬ହଜାର, ବାଲିଆ ଠାରେ ୫୦ ହେକ୍ଟର ଜାଗାରେ ୨୫ହଜାର ବୃକ୍ଷରୋପଣ କରାଯିବ ବୋଲି କଟକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସନ୍ତୋଷ କୁମାର ପତି ସୂଚନା ଦେଇଥିଲେ।

ଏହି ବନ ମହୋସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ସୁକିନ୍ଦା ବିଡିଓ ପ୍ରଜ୍ଞାପାରମିତା ପୃଷ୍ଟି, ଓଡ଼ିଶା ମାଇନିଂ ୱାର୍କରସ ୟୁନିୟନ ସାଧାରଣ ସମ୍ପାଦକ ଅମକେନ୍ଦୁ ବେହୁରା, ସହକାରୀ ବନ ସଂରକ୍ଷକ କିଶୋର କୁମାର ପାଣିଗ୍ରାହୀ, ସୁକିନ୍ଦା ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ବନ କର୍ମଚାରୀ ଏବଂ ଜଙ୍ଗଲ ସୁରକ୍ଷା ସମିତିର ସଭ୍ୟ ଓ ସଭ୍ୟା ବୃନ୍ଦ ଏଥିରେ ସାମିଲ ହୋଇ ବ୍ୟାପକ ବୃକ୍ଷ ରୋପଣ କରିଥିଲେ।

## ବେଲେଶ୍ୱର ସେତୁ ଦବିବା ଘଟଣା

# ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର, ୧୩।୭ (ସମିସ)



ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱର ଠାରେ ମାତ୍ର ୧୦ ବର୍ଷର ବିଜୁ ସେତୁ ଭାଙ୍ଗିବା ଘଟଣା ପରେ ଯାଜପୁର କଂଗ୍ରେସର ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଛି। କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛି। ଏହି ପୋଲ ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ବ୍ୟାପକ ମାତ୍ରାରେ ବାଲିଚାଲାଣ କରାଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ ଶାସକ ଦଳର ଚାପରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଏହି ପୋଲ ନିର୍ମାଣରେ କୌଣସି ତ୍ରୁଟି ଥିଲା କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ମଧ୍ୟ ଦାବି କରାଯାଇଛି। ଏହି ପୋଲ ଦବିବା ଫଳରେ ଦୁଇ ପଞ୍ଚାୟତ ପଣସା ଓ ଚଇନପୁରର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ପଣସା ପଞ୍ଚାୟତର ଅନେକ ଲୋକ ଦୁଇ କିମି ରାସ୍ତା ବଦଳରେ ଏବେ ୧୦ କିମି ରାସ୍ତା ପାର ହେବାକୁ ପଡୁଛି। ଆଜି କଂଗ୍ରେସର ଏହି ପ୍ରତିନିଧି ଦଳରେ ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ସଂଗ୍ରାମ ସାହାଣୀ, ନକୁଳଦେବ ସାହୁ, ଦବାଶିଷ ସାମନ୍ତ, ଘନଶ୍ୟାମ ପଣ୍ଡା, ଜୟନ୍ତ ସ୍ୱାଇଁ, ରମେଶ ପଣ୍ଡା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କ ସହ କ୍ଷତିଗ୍ରସ୍ତ ହୋଇଥିବା ବ୍ରିଜ ବୁଲି ସ୍ଥିତି ଦେଖିବା ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏହି ନିମ୍ନମାନର ନିର୍ମାଣରେ ସମ୍ପୃକ୍ତ ଥିବା ଯନ୍ତ୍ରୀ, ଠିକାଦାର, ବିଭାଗୀୟ ମୁଖ୍ୟ ଅଧିକାରୀ ସମସ୍ତଙ୍କ ହରିଲୁଟ ଭିତରେ ପୋଲର ଭାଗ୍ୟ ବଳି ପଡ଼ିଯାଇଛି। ତେଣୁ ଏହାକୁ ନିର୍ମାଣ କରିଥିବା ସଂସ୍ଥା ସହ ଦାୟିତ୍ୱରେ ଥିବା ତତକାଳୀନ ଅଧିକାରୀଙ୍କୁ ଯାଞ୍ଚ ପରିସର ଭୁକ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି। ଏପରି ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ନିନ୍ଦା କରି ତୁରନ୍ତ ଅଞ୍ଚଳବାସୀଙ୍କ ପାଇଁ ନୂତନ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି।

# ଜିଲ୍ଲା ଯାତ୍ରା କମିଟିର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୧୩।୭ (ସମିସ):** ଆଜି ଉଦୟନଗରସ୍ଥ ଜିଲ୍ଲା ସଂସ୍କୃତି ଭବନରେ କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟିର ଦ୍ୱିତୀୟ ବାର୍ଷିକ ଉତ୍ସବ ଜିଲ୍ଲା ସଂଘ ସଭାପତି ମିହିର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟଅତିଥି, ଡାକ୍ତର ସୁରେନ୍ଦ୍ର ନାଥଶର୍ମା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ତୁଷାର ଘୋଷ ଯୋଗ ଦେଇଥିଲେ। ଆଳି ବ୍ଲକ୍ ସମ୍ପାଦକ ବୀରେନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଯାତ୍ରା ବନ୍ଦ ହେଲେ କଳାକାର, ଟେକ୍ନିସିଆନ୍ ଓ ଶ୍ରମିକମାନେ ନିଜର ବୃତ୍ତି ହରାଇବେ। ତେଣୁ ଯାତ୍ରାକୁ ବନ୍ଦ ନ କରି ମାଲିକ ସଂଘ ସହିତ ପ୍ରତ୍ୟେକ ଜିଲ୍ଲା ସଂଘ ଆଲୋଚନା ମାଧ୍ୟମରେ ମୂଲ୍ୟ ହ୍ରାସ କରାଯିବାକୁ ସଂଘ ସମ୍ପାଦକ ଶ୍ରୀ ବୈକୁଣ୍ଠ ନାଥ ପରିଡା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ସମ୍ପାଦକ ମନୋଜ ନାୟକ, ସଭାପତି ପତିତପାବନ ଭଦ୍ର, ଆଳି ବ୍ଲକ୍ ସଭାପତି ସନାତନ ମିଶ୍ର, ରାଜକନିକା ବ୍ଲକ୍ ସଭାପତି ତ୍ରିଲୋଚନ, ସମ୍ପାଦକ ଶରତ ଚନ୍ଦ୍ର ଦଲେଇ, ମହାକାଳପଡା ସଭାପତି ବୀରେନ ଦାସ, ଡେରାବିଶ ବ୍ଲକ୍ ସଭାପତି ବିଜୟ କୁମାର ସାମଲ, ମାର୍ଶାଘାଇ ବ୍ଲକ ସଭାପତି ରବୀନ୍ଦ୍ର କୁମାର ଦାସ, ଜିଲ୍ଲା ସଂଯୋଜକ ସମୀର ବାରିକ, ସହସମ୍ପାଦକ ନିହାର କାନ୍ତ ରାଉତ, ଜିଲ୍ଲା ଉପସଭାପତି ସଂଗ୍ରାମ କେଶରୀ ମହାପାତ୍ର, ଜିଲ୍ଲା କୋଷାଧ୍ୟକ୍ଷ ଗଣେଶ ପଟ୍ଟନାୟକଙ୍କ ସହିତ ଜିଲ୍ଲାରୁ ଶହେରୁ ଊର୍ଦ୍ଧ୍ୱ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ବ୍ରାହ୍ମଣୀରେ ବନ୍ୟା**

# ପାଣି ଘେରରେ ନଗଡ଼ ଗ୍ରାମର ୩୦୦ ପରିବାର

**ରାଜନଗର, ୧୩।୭ (ସମିସ):**

ଲଗାଣ ବର୍ଷା ପରେ ରାଜନଗରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ଆଜି ବନ୍ୟା ପାଣି ଜନବସତିରେ ପଶିବା ପରେ ଓସ୍ତିଆ ପଞ୍ଚାୟତ ନଗଡ଼ ଗାଁର ୩୦୦ ପରିବାର ପାଣି ଘେରରେ ରହିଛନ୍ତି। ଶୁକ୍ରବାର ରାତିରୁ ରାଜନଗର ଅଞ୍ଚଳରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ରେଙ୍ଗାଲିରୁ ବନ୍ୟାଜଳ ଛାଡ଼ିବା ପରେ ବ୍ରାହ୍ମଣୀ ଫୁଲିବାରେ ଲାଗିଛି। ବଡ଼ଧରଣର ବନ୍ୟା ଆସି ନ ଥିଲେ ମଧ୍ୟ ଏହି ବନ୍ୟାଜଳ ଯୋଗୁଁ ଧାନତଳି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି।



ଓସ୍ତିଆ ପଞ୍ଚାୟତର ନଗଡ ଗାଁ ରାସ୍ତାରେ ୪ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଏହି ପଞ୍ଚାୟତ ବାଲିକଣା ଗାଁର ସହଦେବ ଜେନା, ବୈକୁଣ୍ଠ ଜେନାଙ୍କ ଘର ବନ୍ୟା ପାଣି ଘେରରେ ରହିଛି। ଗାଁର ହନୁମାନ ମନ୍ଦିର ପାଣି ଘେରରେ ଥିବାବେଳେ ଫିରିକିଦାଣ୍ଡିସ୍ଥ କଣସରା ବିଦ୍ୟାଶ୍ରମ ଚାରିପାଖରେ ବନ୍ୟା ପାଣି ମାଡ଼ିଯାଇଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଛି। ଉପର ଓସ୍ତିଆ ରାସ୍ତାରେ ତିନି ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି। ଫଳରେ ସୌଦାଗର ନାୟକ, ଅନାଦୀ ବଳ, ରବୀନ୍ଦ୍ର ମଇ, କପିଳାସ ବଳ, ମହେଶ୍ୱର ବଳ ପ୍ରମୁଖ ୭ରୁ ଅଧିକ ପରିବାର ସହିତ ଶ୍ରୀଧର ମହାନ୍ତିଙ୍କ ଦୋକାନ ମଧ ବନ୍ୟା ବନ୍ୟା ପାଣି ଘେରରେ ରହିଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ସେହିପରି ବେଲପାଳ ଗାଁ ଦାଣ୍ଡରେ ବନ୍ୟା ପାଣି ଚାଲୁଥିବାବେଳେ ବେଲପାଳ ପଞ୍ଚାୟତ ଅଫିସ ବି ପାଣି ଘେରରେ ରହିଛି। ଚଳିତବର୍ଷ ରଜ ପରଠାରୁ ଲଘୁଚାପଜନିତ ଲଗାଣ ବର୍ଷା ତଳିଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ୍ ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣତୈଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପୋଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ, କେରଡ଼ାଗଡ଼ ପଞ୍ଚାୟତ, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରା ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି।

● **ବର୍ଦ୍ଧିତ ଭତ୍ତା ଭେଳିକି**

# ମୃତ୍ୟୁର ୫ ମାସ ପରେ ଯୋଗ୍ୟ ହେଉଛନ୍ତି ହିତାଧିକାରୀ

**ପଞ୍ଚୁପାଣ୍ଡବ, ୧୩।୭ (ସମିସ):** ରାଜ୍ୟ ସରକାରଙ୍କ ଯୋଜନା ସଫଳ ହେବା ବଦଳରେ ଯୋଜନା ଯୋଜନା ବାଟରେ ରହିଯାଉଥିବା ଅଭିଯୋଗ ହେଉଛି। ନୂତନ ବିଜେପି ସରକାର ଭୋଟ ସମୟରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଲୋକଙ୍କ ଭୋଟ ପାଇ ସରକାର ଗଢିଲେ। କିନ୍ତୁ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ୮୦ ବର୍ଷରୁ ଅଧିକ ବୟସ ଓ ୮୦ ଭାଗ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ବିଭିନ୍ନ ଆଳ ଦେଖାଇ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଠକୁଥିବା ଅଭିଯୋଗ ହେଉଛି। ଲୋକଙ୍କ ସରକାର ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଥିବା ଚା' ଦୋକାନରେ ଚର୍ଚ୍ଚା ହେଉଛି। ସରକାର ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଲୋଭ ଦେଖାଇ ଯୋଜନାର ସଫଳ ହେଉ ନ ଥିବା ଅଭିଯୋଗ ହେଉଛି। ଏମିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅନ୍ତର୍ଗତ ବେଣାପୁର ପଞ୍ଚାୟତରେ। ବେଣାପୁର ଗ୍ରାମର ସ୍ୱର୍ଗତ ନଟବର ବେହେରା ପ୍ରାୟ ଛଅ ମାସ ପୂର୍ବେ ମୃତ୍ୟୁବରଣ କରିଥିଲେ ସୁଦ୍ଧା ସେ ସରକାରଙ୍କ



ପକ୍ଷରୁ ଆସିଥିବା ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଥିଲେ। ମୃତ୍ୟୁବରଣ ବେଳକୁ ତାଙ୍କୁ ୮୦ ବର୍ଷରୁ ଅଧିକ ବୟସ ହୋଇଥିଲେ ସୁଦ୍ଧା ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳି ନ ଥିଲା। ସ୍ୱର୍ଗତ ବେହେରା ନବୀନ ସରକାରଙ୍କ ଅମଳରେ ତଥା ୨୦୨୪ ଫେବୃଆରୀ ମାସରୁ ଏକ ହଜାର ଟଙ୍କା ଏକବର୍ଷ ଧରି ପାଇଥିଲେ। ୨୦୨୫ ଜାନୁଆରୀରୁ ସ୍ୱର୍ଗତ ବେହେରାଙ୍କୁ ୮୦ ବର୍ଷରୁ ଅଧିକ ବୟସ ହୋଇଥିବାବେଳେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳି ନ ଥିବା ତାଙ୍କ ପୁଅ କଳ୍ପତରୁ ବେହେରା ଦୁଃଖର ସହ କହିଛନ୍ତି। ପରିବାର ଲୋକେ ସ୍ଥାନୀୟ ସରପଞ୍ଚଙ୍କ ସହ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରି ନ ଥିବା ପରିବାର ଲୋକେ କହିଛନ୍ତି। ଏବେ ଜଣାପଡ଼ିଛି ଯେ ଜାନୁଆରୀ ମାସରୁ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ହେଉଛନ୍ତି ଓ ବର୍ଦ୍ଧିତ ଭତ୍ତା ତାଲିକାରେ ମୃତ୍ୟୁବରଣ କରିଥିବା ସ୍ୱର୍ଗତ ବେହେରାଙ୍କ ନାମ ରହିଛି। ମୃତ୍ୟୁର ପ୍ରାୟ ପାଞ୍ଚ ମାସ ପରେ ଯୋଜନା ସଫଳ ହେବା ଓ ବର୍ଦ୍ଧିତ ଭତ୍ତା ପାଇଁ ଯୋଗ୍ୟ ହେଉଥିବା କଥାକୁ ହିତାଧିକାରୀ ସରକାରଙ୍କ ଯୋଜନାକୁ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ଡେରାବିଶ ବ୍ଲକର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ଆଧାର କାର୍ଡରେ ତ୍ରୁଟି ଥିବାରୁ ତାଙ୍କର ଏ ସମସ୍ୟା ହୋଇଥିଲା।

■ **ଆଦର୍ଶ ଥାନାରେ ନରସିଂହପୁର ପଞ୍ଚାୟତ ସାମିଲ ଘଟଣା**

# ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲେ ପଞ୍ଚାୟତବାସୀ

**ପଟ୍ଟାମୁଣ୍ଡାଇ, ୧୩।୭ (ସମିସ):** ୩ ବର୍ଷ ପୂର୍ବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଗଠନ ହେବା ସମୟରେ ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତକୁ ଆଦର୍ଶ ଥାନାରୁ ନେଇ ଗ୍ରାମାଞ୍ଚଳ ଥାନା ସହିତ ସାମିଲ କରାଯାଇଥିଲା। ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତର ଗ୍ରାମାଞ୍ଚଳ ଥାନାଠାରୁ ଦୂରତା ୨୦ରୁ ୨୫ କିମି ହେଉଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗ କରିଥିଲେ। ଅନ୍ୟପକ୍ଷରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଏହାକୁ ନିୟନ୍ତ୍ରଣ କରିବାରେ ଗ୍ରାମାଞ୍ଚଳ ଥାନା ପୁଲିସ ସକ୍ଷମ ହେଉ ନ ଥିଲା। ପଞ୍ଚାୟତବାସୀଙ୍କ ଦାବିକୁ ସମ୍ମାନ ଜଣାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତକୁ ପୁନର୍ବାର ଆଦର୍ଶ ଥାନାରେ ସାମିଲ କରିବା



ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଚଳାଇଥିଲେ। ଫଳରେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ଓ ଡିହାପଡା ପଞ୍ଚାୟତ ଆଦର୍ଶ ଥାନା ସହିତ ସାମିଲ ହୋଇପାରିଛି। ଏ ପରିପ୍ରେକ୍ଷୀରେ ରବିବାର ନରସିଂହପୁର ପଞ୍ଚାୟତ ପଚ୍ଛପଡା ଗ୍ରାମର ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନରସିଂହପୁର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ତପରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତବାସୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିବାରୁ ପଞ୍ଚାୟତବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକ ଶ୍ରୀ ବେହେରା ବହୁ ପ୍ରତିବନ୍ଧକ ସତ୍ତ୍ୱେ ଦୁଇ ପଞ୍ଚାୟତ ନରସିଂହପୁର ଓ ଡିହାପଡାକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରିଥିଲେ, ତାହା ପଞ୍ଚାୟତବାସୀଙ୍କ ନିକଟରେ ପ୍ରକାଶ କରିଥିଲେ। ନରସିଂହପୁର ଓ ଡିହାପଡା ପଞ୍ଚାୟତ ଗ୍ରାମାଞ୍ଚଳ ଥାନାରୁ ପରିବର୍ତ୍ତନ ହୋଇ ଆଦର୍ଶ ଥାନାରେ ସାମିଲ ହେବା ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଗୃହସଚିବ ସତ୍ୟବ୍ରତ ସାହୁ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ରାଧାକିସାନ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ବିଧାୟକ ଶ୍ରୀ ବେହେରା ପଞ୍ଚାୟତବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।

ଆଦର୍ଶ ଥାନାରେ ସାମିଲ ହେବା ଖୁସିରେ ସମସ୍ତ ନରସିଂହପୁର ପଞ୍ଚାୟତବାସୀ ବିଧାୟକ ଶ୍ରୀ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ଗ୍ରାମ ମୁରବି ରଜନୀକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ବିଧାୟକ ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ମୁରବି ରତ୍ନାକର ପାତ୍ରୀ, ବରିଷ୍ଠ ନେତା ସଂଗ୍ରାମ ରାଉତ, ସୁଶାନ୍ତ ରାଉତ, ଶଶୀଭୂଷଣ ବିଶ୍ୱାଳ, ପ୍ରମୋଦ ରାଉତ, ରାଜେନ୍ଦ୍ର ନାୟକ, ସୁଦର୍ଶନ ନାୟକ, ବିଶ୍ୱରଞ୍ଜନ ନାୟକ, ତରୁଣୀ ମଲିକ, ମାନସ ବିଶ୍ୱାଳ, ସୁବାସ ଜେନା, ରଜନୀକାନ୍ତ ନାଥ, ପ୍ରଶାନ୍ତ ମିଶ୍ର, ଜଗନ୍ନାଥ ପଣ୍ଡା, ଅନନ୍ତ ମଲିକ, ବିଜନ ପଲାଇ, ସୌରେନ୍ଦ୍ର ପରିଡା, ବିଷ୍ଣୁଚରଣ ବାରିକ, ପାରେଶ୍ୱର ରାଉତ, ଉତ୍ତମ ଦାସ, ସନାତନ ସାହୁ, ମନୋରଞ୍ଜନ ନାୟକ, ପ୍ରକାଶ ନାୟକ, ଶିକ୍ଷାବିତ୍ ସୁନାକର ବେହେରା, ସମିତିସଭ୍ୟା ରାଜଶ୍ରୀ ବେହେରା, ପୂର୍ବତନ ସରପଞ୍ଚ ଧିରେନ ମଲିକ, ବାବାଜୀ ପରିଡା ପ୍ରମୁଖ ବିଧାୟକ ଶ୍ରୀ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁକୁନ୍ଦ ପ୍ରସାଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ଡେରାବିଶ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଡେରାବିଶ, ୧୩।୭ (ସମିସ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭା କକ୍ଷରେ ସମାଜ ବିଜ୍ଞାନ ବିଭାଗ (ସମ୍ମାନ) +୩ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଗୁରୁଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ଭବିଷ୍ୟତରେ ଉଚ୍ଚଶିକ୍ଷା ହାସଲ କରି ଜୀବନରେ ଭଲ ମଣିଷ ହୋଇ ଉତ୍ସର୍ଗୀକୃତ ଭାବେ ସମାଜର ଭଲ କାମ କରିବା ପାଇଁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଷ୍ଟାଲିନ ଦିଗଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ପ୍ରତୀମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରଛାତ୍ରୀ ସେମାନଙ୍କ କଲେଜ ଜୀବନର ଅନୁଭୂତି ଓ ଅଭୁଲା ସ୍ମୃତି ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ନିକଟରେ ବଖାଣିଥିଲେ। କାର୍ଯ୍ୟକ୍ରମକୁ ବାଦଲ, ରତିକାନ୍ତ, ବିଭୂତି, ଜୟନ୍ତ, ନିବେଦିତା, ମୋନାଲିସା, ହରପ୍ରିୟା ପ୍ରମୁଖ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।




■ **ଜୟନଗର ଅଞ୍ଚଳରେ ଦେହ ବ୍ୟବସାୟ**

# କିଙ୍ଗପିନ ସହ ୭ ଅଟକ

**ରାଜକନିକା, ୧୩।୭ (ସମିସ):** ଜୟନଗର ଘାଟ ନିକଟରେ ହୋଟେଲ ବ୍ୟବସାୟ ଆଳରେ ନିଜ ଘରେ କଲେଜ ପଢୁଆ ଝିଅ ଓ ମହିଳାଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଉଥିଲେ ଜଣେ ମହିଳା। ଏ ନେଇ ଅଭିଯୋଗ ପାଇ ଆଜି ପୁଲିସ ଚଢ଼ଉ କରି ରାଣୀ ମହୁମାଛି ସହ ସ୍ଥାନୀୟ ଅଞ୍ଚଳର ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ସୂଚନା ମୁତାବକ, ରାଜକନିକା ଥାନା ଚାଲୁଣିଆ ଗ୍ରାମର ଜଣେ ମହିଳା (୪୦) ଜୟନଗର ଘାଟ ନିକଟରେ ନିଜ ଘରେ ହୋଟେଲ ବ୍ୟବସାୟ ଆଳରେ ଝିଅ ବୋହୂଙ୍କୁ ନେଇ ଦେହ ବ୍ୟବସାୟରେ ଲିପ୍ତ କରାଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗ ଆଧାରରେ ରାଜକନିକା ପୁଲିସ ଆଜି ଅପରାହ୍ନ ୧ଟାରେ ଚଢ଼ଉ କରି ମହିଳାଙ୍କ ସମେତ ୩ ଯୁବକ ଓ ୩ ଯୁବତୀଙ୍କୁ ଉଠାଇ ଆଣିଥିଲା। ଏ ନେଇ ପୁଲିସ ୩୭୦ ଓ ଧାରା ୧୪୩(୨) ର ଉପଧାରା ୩/୪/୫/୬ରେ ମାମଲା ରୁଜୁ କରି ତଦନ୍ତ କରୁଛି।

● **ଓଲାଭର ମାର୍କେଟ୍ କମ୍ପ୍ଲେକ୍ସ**

# ପୁନରୁଦ୍ଧାର କାମ ନିମ୍ନମାନର ଅଭିଯୋଗ



**ରାଜକନିକା, ୧୩।୭ (ସମିସ):** ମାତ୍ର ବର୍ଷେ ଯାଇନି, ୨୦ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ଓଲାଭର ମାର୍କେଟ ଏରିଆ ପୁନରୁଦ୍ଧାର କାମ ଏବେ ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ଆସିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜକନିକା ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ପକ୍ଷରୁ ୨୦ ଲକ୍ଷ ଟଙ୍କା ଅନୁଦାନରେ ଓଲାଭର ମାର୍କେଟ ଏରିଆ ପୁନରୁଦ୍ଧାର କାମ କରାଯାଇଥିଲା। ତେବେ ପୁନରୁଦ୍ଧାର କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳରେ ଥିବା ଓଲାଭର ହାଇସ୍କୁଲ ପୋଖରୀକୁ ଜେସିବି ଲଗାଇ ଖୋଳି ଅଳ୍ପ କିଛି ପଙ୍କ ଉଦ୍ଧାର କରାଯାଇଥିବାବେଳେ ବଜାର ପଟକୁ ପାଚେରି ନ କରି ପୁରୁଣା ପାଚେରି ପାଖରୁ ଅପୁ ମେଡ଼ିସିନ୍ ଦୋକାନ ଓ ଅନ୍ୟପଟେ ପଟେ ବଳରାମପୁର ପଞ୍ଚାୟତ ନୂଆପାଟଣା ଗ୍ରାମକୁ ଲାଗିଥିବା ରାସ୍ତା ମାତ୍ର ୧୫୦ ଫୁଟ୍ ଖୋଳି କେଇ ଟ୍ରିପ ଧସା ବାଲି ପକାଇ ବିଲ୍ କରାଯାଇଛି। ଅତ୍ୟନ୍ତ ଉପର ଠାଉରିଆ ଭାବେ କାମ କରି ଠିକାଦାର ମୋଟା ଅଙ୍କର ମୁନାଫା ନେଇ ଛୁ ମାରିଛି। ସେହିପରି ବ୍ୟବସାୟୀଙ୍କ ବ୍ୟବହାର ପାଇଁ ନଳକୂପ ଥିବାବେଳେ ସେଠାରେ ନା ବଜାର ବ୍ୟବସାୟୀ ନା ଛାତ୍ରଛାତ୍ରୀ ନା ରୋଗୀ କେହି ବି ସେଇ ରାସ୍ତାରେ ଯାଇପାରୁନାହାନ୍ତି। ଉକ୍ତ ପ୍ରକଳ୍ପ ଅନୁମୋଦନ ବେଳେ ସଜେଇ ହେବ ଓଲାଭର ବଜାର ବୋଲି ସମ୍ପୃକ୍ତ ଅଞ୍ଚଳର ବେଶ୍ ଚର୍ଚ୍ଚା ହୋଇଥିଲା। ମାତ୍ର ଏବେ ପରିବେଶ ସମ୍ପୂର୍ଣ୍ଣ ଦୂଷିତ। ପାଣି କାଦୁଅରେ ଭରପୁର। ରାସ୍ତା ଖୋଳି ହୋଇଥିବାରୁ ପାଣି ଜମି ରହିଛି। ଏସବୁକୁ ଦେଖିବାକୁ କେହି ନାହିଁ। ରାଜକନିକା ମେଡିକାଲର ହେଲଥ ସୁପରଭାଇଜର କେବେ ବି କୌଣସି ଅଞ୍ଚଳ ପରିଦର୍ଶନ କରୁ ନ ଥିବା ଓ ସ୍ଥାନୀୟ ବ୍ଲକ ପ୍ରଶାସନ, ସ୍ଥାନୀୟ ଜନନେତା ସଭିଏଁ ନିରବଦ୍ରଷ୍ଟା ସାଜିଛନ୍ତି। ବ୍ୟସ୍ତବହୁଳ ଓଲାଭର ମାର୍କେଟ ଅବସ୍ଥା ଏବେ ସଂକ୍ରମଣର ପେଣ୍ଠ ପାଲଟିଛି। ରାଜକନିକାର ଅତ୍ୟନ୍ତ ଜନଗହଳି ବଜାରର ପରିବେଶ ଅସଜଡ଼ା ଥିବାରୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଧ୍ୟାନ ଦେବାକୁ ଲୋକେ ଗୁହାରି କରିଛନ୍ତି।

# ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର

**ରାଜନଗର, ୧୩।୭ (ସମିସ):** ରାଜନଗର ବ୍ଲକ୍ ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କେନାଲରେ ବିରାଟକାୟ କୁମ୍ଭୀରକୁ ଦେଖି ଲୋକେ ଭୟଭୀତ ହୋଇପଡିଛନ୍ତି। ଏହି କେନାଲ ମହୁଲିଆରୁ ବାହାରି ମହୁଲିଆ, ମହିଁଷାସୁର, କୁରୁଣ୍ଟି ପଞ୍ଚାୟତ ଦେଇ ବ୍ରାହ୍ମଣସାହି ପଞ୍ଚାୟତ ପର୍ଯ୍ୟନ୍ତ ଯାଇଛି। ଏହି କେନାଲର ବାଘୁଆ ଗାଁ ନିକଟରେ ଥିବା ଚାଷ ଜମିରେ ବୀରକିଶୋର ଚରାଇ, ମହେନ୍ଦ୍ର ଚରାଇ, ହେମନ୍ତ ଜେନା, ଗୋପବନ୍ଧୁ ଜେନା, ବଂଶୀଧର ନାୟକ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଚାଷୀ ଧାନତଳି ରୋଉଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟା ସମୟରେ କେନାଲରେ ୫ ଫୁଟରୁ ଅଧିକ ଲମ୍ବର କୁମ୍ଭୀର ଦେଖି ପାଟି କରିବାରୁ ନିକଟରେ ଥିବା ଚାଷୀ ଧାଇଁ ଆସିଥିଲେ। ନାଳରେ ଅଧିକ ପରିମାଣରେ କଟକୀଦଳ ଥିବାରୁ କୁମ୍ଭୀର ଲୁଚିଯାଇଥିଲା। ଚାଷଜମିକୁ ନାଳ ଲାଗିଥିବାରୁ କୁମ୍ଭୀର ଭୟରେ ଲୋକେ ଚାଷ କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ବନ ବିଭାଗ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ନେଇଯିବାକୁ ଚାଷୀ ଦାବି କରିଛନ୍ତି।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**କେନ୍ଦ୍ରାପଡ଼ା, ୧୩।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବିରିଷ୍ଠ ନାଗରିକ ମଞ୍ଚ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଖଡିଅଙ୍ଗସ୍ଥ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଉପଦେଷ୍ଟା କେନ୍ଦ୍ରାପଡ଼ାର ଲୋକପ୍ରିୟ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ପ୍ରଥମେ ଅଧ୍ୟକ୍ଷ କାନୁନଗୋ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତି ଓ ଅନ୍ୟ ଅତିଥିଙ୍କ ସହିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାପତି ଭାବେ ଅକ୍ଷୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ଜନନେତା ଫକିର ଚରଣ ଖଟୁଆ, ଉପସଭାପତି ପୂର୍ବତନ ବ୍ୟାଙ୍କ ଅଧିକାରୀ ପ୍ରହଲ୍ଲାଦ ମଲ୍ଲ, ସାଧାରଣ ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ ନରୋତ୍ତମ ଜେନା, ଯୁଗ୍ମସମ୍ପାଦକ ପୂର୍ବତନ ପ୍ରଶାସନିକ ଅଧିକାରୀ ଅକ୍ଷୟ ନାୟକ, ଅର୍ଥ ସମ୍ପାଦକ ପୂର୍ବତନ ବ୍ୟାଙ୍କ ଅଧିକାରୀ ରବୀନ୍ଦ୍ର ନାଥ ବାରିକ ଶପଥ ପାଠ କରିଥିଲେ। ବରିଷ୍ଠ ଉପଦେଷ୍ଟା ଡା. ବିଜୟ କୁମାର ଦାସ, ଡା. ରମାନାଥ ମହାନ୍ତି, ଡା. ଶରତ ଚନ୍ଦ୍ର ସ୍ୱାଇଁ, ପ୍ରାଧ୍ୟାପକ ଗଗନ ବିହାରୀ ସ୍ୱାଇଁ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅଦ୍ୱୈତ୍ୟ କୁମାର ଦାସ, ପୂର୍ବତନ କ୍ରୀଡ଼ା ସଂଗଠକ ନୁରୁଲ ଅମିନ ପ୍ରମୁଖ ବରିଷ୍ଠ ନାଗରିକ ମଞ୍ଚର ନୀତି ଆର୍ଦଶକୁ ନେଇ ସମାଜସେବାରେ ବ୍ରତୀ ହେବାକୁ ପରିମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ବରିଷ୍ଠ ନାଗରିକ ନିଜର ସାମାଜିକ ସମ୍ମାନ ସୁରକ୍ଷା ଓ ନିରାପତ୍ତା ପ୍ରତି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ନିତ୍ୟାନନ୍ଦ ସୁଆର, ବୈଷ୍ଣବ ପ୍ରଧାନ, ବିଦ୍ୟାଧର ଦାସ, କିଶୋର ପରିଡ଼ା, ନୃସିଂହ ଚରଣ ପତି, ଶୈଳେନ୍ଦ୍ର ପ୍ରଦୀପ କୁମାର ସିଂହ, ହରିହର ସାମଲ, ମିନାକ୍ଷୀ ପତି, ଗୋଲଖ ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସଭ୍ୟ ବସନ୍ତ କୁମାର ଓଝା ସଂଯୋଜନା କରିଥିଲେ। ମୁଖ୍ୟ ସଂଗଠକ ଶୈଳେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**କଙ୍ଗାରୁ କୋର୍ଟ ଚାଲିଥିବାବେଳେ ସଂଘର୍ଷ ଘଟଣା**

# ସରପଞ୍ଚ ଓ ତାଙ୍କ ସହଯୋଗୀ ଗିରଫ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୩।୭ (ସମିସ):**

ସରପଞ୍ଚଙ୍କ କଙ୍ଗାରୁ କୋର୍ଟ ଚାଲିଥିବାବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ସଂଘର୍ଷ ଘଟି ଗୋଟିଏ ପରିବାରର ୬ ଜଣ ଲୋକ ଆହତ ହୋଇଥିଲେ। ଆହତଙ୍କୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆହତଙ୍କ ମଧ୍ୟରୁ ଅରୁଣ ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସିଂହଗାଁ ପଞ୍ଚାୟତ ସିଂହଗାଁ ନୂଆପାଟଣା ଗ୍ରାମରେ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିବାରୁ ସ୍ଥାନୀୟ ସରପଞ୍ଚ ଏହାର ସମାଧାନ କରିଦେବା କହି ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଉଭୟ ପକ୍ଷଙ୍କୁ ଡାକିଥିଲେ। କିନ୍ତୁ ସମାଧାନ କରିବା ପରିବର୍ତ୍ତେ ସରପଞ୍ଚ ଦ୍ୱିତୀୟ ପକ୍ଷଙ୍କ ସହ ମିଶି ନିଜ ସହଯୋଗୀଙ୍କ ସହାୟତାରେ ପ୍ରଥମ ପକ୍ଷଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏ ଘଟଣା ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପୁଲିସ ଘଟଣାକୁ ନେଇ ତତ୍ପର ହୋଇ ଉଠିଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଗ୍ରାମରୁ ଫେରାର ହୋଇଯାଇଥିବାବେଳେ କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବାବେଳେ ଶନିବାର ରାଜକନିକା-ଓଲାଭର-ସିଂହପୁର ରାସ୍ତାରେ ଚଢ଼ଉ କରି ସିଂହଗାଁ ସରପଞ୍ଚ ଗଣେଶ ଦାସ ଓ ତାଙ୍କ ସହଯୋଗୀ ଅଧିର ବେହେରାଙ୍କୁ ଗିରଫ କରିବା ପରେ ସରପଞ୍ଚଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଛି। ତାଙ୍କ ସହଯୋଗୀ ଅଧିର ବେହେରାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**ଜାମିନରେ ଛାଡ଼ପାଇଲେ ସରପଞ୍ଚ**

ସୂଚନା ମୁତାବକ, ସିଂହଗାଁ ନୂଆପାଟଣା ଗ୍ରାମର ଉଦୟଭାନୁ ବେହେରାଙ୍କ ପରିବାର ସହିତ ତାଙ୍କ ପଡ଼ୋଶୀଙ୍କ ପୂର୍ବରୁ ମନୋମାଳିନ୍ୟ ରହିଥିଲା। ଗତ ମାସ ୨୩ ତାରିଖରେ ସ୍ଥାନୀୟ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଓ ଗ୍ରାମର ଅନ୍ୟଜଣେ ଭଦ୍ର ବ୍ୟକ୍ତି କୃଷ୍ଣଚନ୍ଦ୍ର ବେହେରା ଉଭୟ ପକ୍ଷଙ୍କ ମଧ୍ୟରେ ଥିବା ମନୋମାଳିନ୍ୟକୁ ସମାଧାନ କରିଦେବାକୁ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଡାକିଥିଲେ। ଉଦୟଭାନୁ ବେହେରା, ତାଙ୍କ ସାନଭାଇ ସନ୍ତୋଷ ବେହେରା, ବଡ଼ଭାଇ ଅରୁଣ ବେହେରା ଓ ବଡ଼ବାପା ବେଣୁଧର ବେହେରା ପହଞ୍ଚିଥିଲେ। ସେଠାରେ ସମାଧାନ ପରିବର୍ତ୍ତେ ସରପଞ୍ଚ ଗଣେଶ ଦାସ ଗ୍ରାମର ଭଦ୍ରବ୍ୟକ୍ତି ହରେକୃଷ୍ଣ ବେହେରା, ଅପରପକ୍ଷ ବ୍ୟକ୍ତିଙ୍କ ସହିତ ମିଶି ଉଦୟଭାନୁଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସରପଞ୍ଚ ଗଣେଶ ଦାସ, ଗ୍ରାମର ଭଦ୍ରବ୍ୟକ୍ତି ହରେକୃଷ୍ଣ ବେହେରାଙ୍କ ସହିତ ଜ୍ଞାନେନ୍ଦ୍ର ଦାସ, ରଞ୍ଜନ ବେହେରା, ନିଲୁ ବେହେରା, ଗୋପାଳ ଦାସ, ଅଧୀର ବେହେରା, ଜିତେନ୍ଦ୍ର ଦାସ, ପଦ୍ମଲୋଚନ ଦାସ, ରାଜେନ୍ଦ୍ର ଦାସ, ସତ୍ୟଜିତ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ଆପୋଷ ସମାଧାନ ପାଇଁ ଆସିଥିବା ଉଦୟଭାନୁଙ୍କ ପରିବାର ଉପରେ ଲୁହାରଡ୍, ଭୁଜାଲି ଓ ଖଣ୍ଡାରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଉଦୟଭାନୁଙ୍କ ପତ୍ନୀ ସତ୍ୟଭାମା ଥାନାରେ ଏତଲା ଦେଇଥିଲେ। ଏହି ଆକ୍ରମଣରେ ଉଦୟଭାନୁଙ୍କ ସମେତ ତାଙ୍କ ଦୁଇଭାଇ ଓ ବଡବାପା ଗୁରୁତର ଆହତ ହୋଇଥିଲେ। ଆକ୍ରମଣକାରୀଙ୍କ କବଳରୁ ସ୍ୱାମୀ ଓ ପରିବାର ଲୋକଙ୍କୁ ବଞ୍ଚାଇବା ପାଇଁ ଉଦୟଭାନୁଙ୍କ ପତ୍ନୀ ସତ୍ୟଭାମା ଓ ଅନ୍ୟଜଣେ ସାନଭାଇ ସଞ୍ଜୟ ବେହେରା ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀ ସେମାନଙ୍କୁ ମାରପିଟ କରିବା ସହିତ ଉଦୟଭାନୁଙ୍କ ପତ୍ନୀଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା।

# କ୍ୱାର୍ଟର୍ସ ଆଗରେ ବର୍ଷାଜଳ; ହନ୍ତସନ୍ତ ବ୍ଲକ କର୍ମଚାରୀ



ଜଗନ୍ନାଥପ୍ରସାଦ, ୧୩।୭(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ପକ୍ଷରୁ ଲୋକଙ୍କୁ ପରିବେଶ ଓ ପରିମଳ ଉପରେ ବ୍ୟାପକ ସଚେତନତା କଥା କୁହାଯାଉଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଯାହା ବ୍ଲକ କର୍ମଚାରୀଙ୍କ କ୍ୱାର୍ଟର୍ସ ରାସ୍ତାରେ ଦେଖିବାକୁ ମିଳିଛି। ବ୍ଲକ କର୍ମଚାରୀଙ୍କ କ୍ୱାର୍ଟର୍ସ ଆଗରେ ବର୍ଷା ଜଳ ଦୀର୍ଘଦିନ ହେବ ନିଷ୍କାସନ ନ ହୋଇପାରି ଜମିରହି ପଚି ଦୁର୍ଗନ୍ଧରେ ନାକ ଫାଟି ପଡୁଛି। କେବଳ ମନରେଗା ଓ ପୋଖରୀ ଖନନ କାମରେ ଅଧିକାରୀ ବ୍ୟସ୍ତ ରହୁଥିବା ବେଳେ ନିଜ କ୍ୱାର୍ଟର ରାସ୍ତାକୁ ଭୁଲି ଯାଉଛନ୍ତି। ଏ ହେଉଛି ରାଜ୍ୟ ରାଜପଥ ଠାରୁ ସରକାରୀ ଯୁଦ୍ଧିଷ୍ଠିର ଉଚ୍ଚ ବିଦ୍ୟାପୀଠ ଦେଇ ଲଟା ମହାଦେବ ମନ୍ଦିର ନିକଟ ସରକାରୀ କ୍ୱାର୍ଟର୍ସକୁ ଯିବା ରାସ୍ତାର ଅବସ୍ଥା। ଏହି କ୍ୱାର୍ଟରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, କ୍ୟାସିଅରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ରହୁଥିବା ବେଳେ କ୍ୱାର୍ଟର୍ସକୁ ଯିବାକୁ ଏହା ହେଉଛି ଏକମାତ୍ର ରାସ୍ତା। ଏହି ପଚା ପାଣିରେ ପଶି ଦୈନନ୍ଦିକ କର୍ମଚାରୀ ଯିବାଆସିବା କରୁଛନ୍ତି। ଗୋଷ୍ଠୀ ଉନ୍ନୟନ ବିଭାଗର ପଦାଧିକାରୀମାନେ ଏହିଭଳି ପରିବେଶରେ କିପରି ଦୀର୍ଘଦିନ ହେଲା ରହୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାଇଲିପଡ଼ା ମୁଠା ହାଡ଼ି ସମାଜର ବୃକ୍ଷରୋପଣ

ବେଲଗୁଣ୍ଠା, ୧୩।୭(ସମିସ): ସ୍ଥାନୀୟ ପାଇଲିପଡ଼ା ମୁଠା ହାଡ଼ି ସମାଜର ବାର୍ଷିକ ଉତ୍ସବରେ ସମାଜର ମହିଳା କର୍ମକର୍ତ୍ତା ଏବଂ ସାହିତ୍ୟ ଘରର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ହାଡି ସମାଜର ମହିଳା ମାନେ ଉତ୍ସାହର ସହିତ ସାମିଲ୍ ହୋଇଥିଲେ। ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଇଲିପଡ଼ା ମୁଠା ହାଡ଼ି କୂଳ ସମାଜ ସଭାପତି ପବିତ୍ର କୁମାର ନାଇକ, ଉପସଭାପତି ଗୋଲା ନାଇକ, ସମ୍ପାଦକ ପଞ୍ଚାନନ ନାଇକ, କୋଷାଧ୍ୟକ୍ଷ ସୁଧୀର ନାଇକ, ଉପଦେଷ୍ଟା ସାଇବ ନାଇକଙ୍କ ସମେତ ୨୨ଟି ଗ୍ରାମ ସାହିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଶିକ୍ଷକ ଦାମଦୋର ନାଇକ, ଯୁବ ସ୍ୱେଚ୍ଛାସେବୀ ଯୋଗେନ୍ଦ୍ର ସେଠୀ, ବୃନ୍ଦାବନ ରାଉତ, ସାମ୍ବାଦିକ ପଞ୍ଚାନନ ସାହୁ, ସୁରେଶ ଲେଙ୍କାଙ୍କ ସମେତ ମହିଳା ସଦସ୍ୟ ଶାନ୍ତି ନାଇକ, ବିଜୟା ନାଇକ, ଶ୍ରୀନିବାସ ନାଇକ, ରୀନା ନାଇକ, ଶ୍ରଦ୍ଧାଞ୍ଜଳି ନାଇକ, ମଞ୍ଜୁଳା ନାଇକ, ଚିତ୍ରସେନୀ ନାଇକ, ସୀମା ନାଇକ, ବିଧାନ ନାଇକ, ବିକି ନାଇକ, ଦରିଆ ନାଇକ, ସୁନା ନାଇକଙ୍କ ସମେତ ହାଡ଼ି ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମୁକୁଳା ଡ୍ରେନ୍‌ରୁ ଷଣ୍ଢ ଉଦ୍ଧାର; ସ୍ଲାବ୍ ପକାଇବାକୁ ଦାବି



ଛତ୍ରପୁର, ୧୩।୭(ସମିସ): ପାଲିଆ ଛତ୍ରପୁର ନିକଟ ଜାତୀୟ ରାଜପଥ ମୁକୁଳା ଡ୍ରେନରେ ପଡ଼ିଥିବା ଷଣ୍ଢକୁ ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଡ୍ରେନ୍ ଗୁଡ଼ିକ ମୁକୁଳା ରହିଥିବା ଯୋଗୁଁ ଗାଈ ଗୋରୁ ଠାରୁ ଆରମ୍ଭ କରି ଜନସାଧାରଣ ଅସାବଧାନତାରୁ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ସନ୍ଧ୍ୟା କିମ୍ବା ରାତ୍ର ସମୟରେ ବୟସ୍କ ଏବଂ ଛୋଟ ପିଲା ଯାତାୟତ ବେଳେ ମୁକୁଳା ଡ୍ରେନ୍‌ରେ ପଡ଼ି ଆହତ ହୋଇଥିବା ନଜିର ରହିଛି। ଜାତୀୟ ରାଜପଥ ପକ୍ଷରୁ ଡ୍ରେନ ନିର୍ମାଣ କରିଥିବା ବେଳେ ବହୁ ସ୍ଥାନରେ ଡ୍ରେନ୍ ଉପରେ ଘୋଡ଼ଣୀ ପକାଯାଇନାହିଁ। ଫଳରେ ଏପରି ଅସୁବିଧା ସମ୍ମୁଖୀନ ହେଉଛନ୍ତି ସମସ୍ତେ। ତେଣୁ ମୁକୁଳା ଡ୍ରେନ ଗୁଡିକ ଉପରେ ପ୍ଲେଟ ପକାଇବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ବାଲୁଗାଁରୁ ଚୋରି ଶିଶୁକନ୍ୟା ଖଲ୍ଲିକୋଟରୁ ଉଦ୍ଧାର

ଖଲ୍ଲିକୋଟ, ୧୩।୭(ସମିସ)

ବାଲୁଗାଁରୁ ଚୋରି ହୋଇଥିବା ଦୁଇ ବର୍ଷର ଶିଶୁ କନ୍ୟା ଖଲ୍ଲିକୋଟ ଗୁରାପଲ୍ଲୀ ଟୋଲ୍ ଗେଟ୍ ନିକଟରୁ ଉଦ୍ଧାର ହୋଇଛି। ଏହାପରେ ଖଲ୍ଲିକୋଟ ଥାନାରେ ମା' କୋଳକୁ ଫେରିଥିଲା ଝିଅ।

- ଟୋଲ୍‌ଗେଟ୍ ନିକଟରେ ଛାଡ଼ି ପଳାଇଲା ଦୁର୍ବୃତ୍ତ
- କାରଣ ଖୋଜୁଛି ପୁଲିସ



ପ୍ରକାଶ ଯେ, ରବିବାର ସକାଳୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ୍ ଗେଟ୍‌ଠାରେ ଗୋଟିଏ ଦୁଇ ବର୍ଷର ଶିଶୁ କନ୍ୟାକୁ ଜଣେ ବ୍ୟକ୍ତି ଛାଡ଼ି ଫେରାର ହୋଇଯାଇଥିଲା। ଶିଶୁ କନ୍ୟାଟି ଟୋଲ୍ ଗେଟରେ ଏକୁଟିଆ ବୁଲୁଥିବା ଦେଖି ନିକଟରେ ଥିବା ଏକ ଚା' ଦୋକାନୀ ତାଙ୍କୁ ଆଣି ପାଖରେ ରଖିଥିଲେ। ପରେ ସେ ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ଥାନା ପୁଲିସ ସକାଳ ୮ଟାବେଳେ ଟୋଲ ଗେଟରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ତେବେ ଶିଶୁ କନ୍ୟାର ପରିଚୟ ମିଳି ପାରିନଥିବାରୁ ଖଲ୍ଲିକୋଟ ଥାନା ପକ୍ଷରୁ ସବୁ ଥାନାକୁ ପିଲାଟିର ଫଟୋ ପଠାଯିବା ସହ ଚାଇଲ୍ଡ ଲାଇନକୁ ଖବର ଦିଆଯାଇଥିଲା। ଖବର ପାଇ ଖଲ୍ଲିକୋଟ ସିଡିପିଓଙ୍କ ନିର୍ଦ୍ଦେଶ କ୍ରମେ ଅଙ୍ଗନବାଡ଼ି ସୁପରଭାଇଜର ଭାଗ୍ୟଲତା ସେନାପତିଙ୍କ ସମେତ ୨ଜଣ କର୍ମଚାରୀ ଥାନାରେ ପହଞ୍ଚିଥିଲେ। ଥାନାରେ ଶିଶୁ କନ୍ୟାକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ ପିଲାଟିର ମା' ଥାନାରେ ପହଞ୍ଚିଥିଲେ। ମା'ଙ୍କୁ ଦେଖି ପିଲାଟି ଆନନ୍ଦରେ ମା' କୋଳକୁ ଦୌଡ଼ି ଯାଇଥିଲା। ମା'-ଝିଅଙ୍କ ମିଳନରେ ଥାନା ପରିସରରେ ଖୁସିର ଲହରୀ ଖେଳି ଯାଇଥିଲା। ମାତ୍ର ଝିଅଟିକୁ କିଏ ଓ କାହିଁକି ଆଣି ଛାଡ଼ିଗଲା ସେନେଇ କିଛି ଜଣାପଡ଼ିନାହିଁ।

ସୂଚନା ଥାଉକି, ବାଲୁଗାଁ ଉମା ମହେଶ୍ୱର ମନ୍ଦିର ନିକଟରେ ରହୁଥିବା ସଙ୍ଗୀତା ପାରିମାଣିକ ନିଜର ୨ବର୍ଷର ଶିଶୁ କନ୍ୟାକୁ ବାଲୁଗାଁ ରେଳ ଷ୍ଟେସନ ୧ନଂ. ପ୍ଲାଟ୍‌ଫର୍ମରେ ବସାଇ ଦେଇ କାମ କରିବାକୁ ଯାଇଥିଲେ। ଫେରି ଦେଖିବା ବେଳକୁ ଝିଅ ସେଠାରେ ନଥିଲା। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ରେଲୱେ ଥାନାରେ ଅଭିଯୋଗ କରିଥିଲେ। ରବିବାର ଖଲ୍ଲିକୋଟ ଥାନା ପକ୍ଷରୁ ଜାରି ହୋଇଥିବା ଫଟୋ ଦେଖି ସେ ଥାନାରେ ପହଞ୍ଚି ନିଜ ଝିଅକୁ ପାଇଥିବାରୁ ଖଲ୍ଲିକୋଟ ପୁଲିସକୁ ଧନ୍ୟବାଦ ଦେଇଛନ୍ତି। ମାଣ କୋଳକୁ ଝିଅ ଫେରିଥିବାରୁ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଅଙ୍ଗନବାଡି ସୁପରଭାଇଜର ଭାଗ୍ୟଲତା ସେନାପତି ଓ ପୁଲିସ କର୍ମଚାରୀମାନେ ଖୁସି ପ୍ରକାଶ କରିଥିଲେ।

## ■ ମହଙ୍ଗା ପଡ଼ିଲା ଟ୍ରାଫିକ ନିୟମ ଉଲ୍ଲଂଘନ

# ଅଟୋକୁ ୩୨ ହଜାର ଜରିମାନା

ଛତ୍ରପୁର, ୧୩।୭(ସମିସ): ଗଞ୍ଜାମ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଟ୍ରାଫିକ ନିୟମ ନମାନିବା। ଏହା କିପରି ରୋକାଯାଇପାରିବ ସେନେଇ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ମଧ୍ୟ କରାଯାଉଛି। ରବିବାର ଏକ ଯାତ୍ରୀବାହି ଅଟୋ ଚମାଖଣ୍ଡି ଥାନା ଅଧିନ ମାଣ୍ଡିଆପଲ୍ଲୀ ଛକ ଜାତୀୟ ରାଜପଥ ଦେଇ ଦୁଇ ଜଣ ଯାତ୍ରୀଙ୍କୁ ଧରି ଟ୍ରାଫିକ ନିୟମ ଉଲ୍ଲଂଘନ କରି ରାସ୍ତାର ବିପରିତ ଦିଗ ଦେଇ ଆସୁଥିବା ବେଳେ ଧରାପଡ଼ିଥିଲା। ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ପରିମିଟ ନଥିବା ସହ, ଇନ୍ସୁରାନ୍ସ, ପଲ୍ୟୁସନ୍ ସାର୍ଟିଫିକେଟ୍ ଓ ଫିଟନେସ ନଥିବା ଜଣାପଡ଼ିଥିଲା। ଫଳରେ ଉକ୍ତ ଅଟୋ ଡ୍ରାଇଭର ଠାରୁ ୩୨ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ଇ.ଚାଲାଣ କଟାଯାଇଥିବା ଗଞ୍ଜାମ ଏମ୍‌ଭିଆଇ ଇଂ.ରବୀନ୍ଦ୍ର ନାଥ ଜେନା କହିଛନ୍ତି।



# ଯୁବତୀଙ୍କ ଆତ୍ମହତ୍ୟା

ଆସିକା, ୧୩।୭(ସମିସ): କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଈ ଗ୍ରାମରେ ଜଣେ ଯୁବତୀ ଘର ଭିତରେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ରବିବାର ଉକ୍ତ ଗାଁର ସଞ୍ଜୟ ଗୌଡ଼ଙ୍କ ଝିଅ ପ୍ରିୟଂଶୀ ଗୌଡ଼(୧୮) କୌଣସି ଏକ କାରଣକୁ ନେଇ ଘରେ ଆତ୍ମହତ୍ୟା କରିଥିବା ପରିବାର ଲୋକ ଦେଖିବା ପରେ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତ କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଟ୍ରାକ୍ଟର ଓଲଟି ଚାଷୀ ମୃତ

ଭଞ୍ଜନଗର, ୧୩।୭(ସମିସ): ଜମିରେ ଚାଷ କରୁଥିବା ବେଳେ ଅଘଟଣ। ଟ୍ରାକ୍ଟର ଓଲଟି ଯୁବ ଚାଷୀଙ୍କ ମୃତ୍ୟୁ। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ଅନ୍ତର୍ଗତ ଟାଙ୍ଗଣ ଗ୍ରାମରେ ଘଟିଛି। ଟାଙ୍ଗଣ ଗ୍ରାମର ମିଟୁ ପାତ୍ର (୪୭) ଏକ ଟ୍ରାକ୍ଟର ସାହାଯ୍ୟରେ ନିଜ ଜମିରେ ଚାଷ କରୁଥିଲେ। ଏତିକିବେଳେ ଜମିରେ ପ୍ରବଳ ପାଣି କାଦୁଅରେ ଟ୍ରାକ୍ଟର ବୁଲାଇବା ବେଳେ ଭାରସାମ୍ୟ ହରାଇ ଘଟଣାସ୍ଥଳରେ ହିଁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତାଳେ ଚାପି ହୋଇ ମିଟୁଙ୍କ ଜୀବନ ଚାଲିଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି। ଥାନା ଏସଆଇ ସମୀର ବେହେରା ଘଟଣାର ତଦନ୍ତ କରୁଛନ୍ତି।

# ସେବାନିବୃତ୍ତ କର୍ମଚାରୀଙ୍କ ସମାବେଶ



ଛତ୍ରପୁର, ୧୩।୭(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ସେବାନିବୃତ୍ତ କର୍ମଚାରୀ ଶିକ୍ଷକ ବିକାଶ ସଂଘର ମୌସୁମୀ ଅଧିବେଶନ ଗଜପତି ଜିଲ୍ଲା ନୂଆଁଗଡ଼ ବ୍ଲକ ଅନ୍ତର୍ଗତ ବଡପଦା ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ବଡପଦା ହାଇସ୍କୁଲର ପ୍ରାକ୍ତନ ହିନ୍ଦି ଶିକ୍ଷକ ତଥା ସଂଘର ସଦସ୍ୟ ନୃସିଂହ ଚରଣ ତ୍ରିପାଠୀଙ୍କ ଉଦ୍ୟମରେ ପ୍ରତିଷ୍ଠିତ ବଡ଼ପଦା ରାଧାକୃଷ୍ଣ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରି ସଂଘ ସଦସ୍ୟ କୃପା ଲାଭ କରିଥିଲେ। ବୈଠକରେ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପତିତପାବନ ବିଷୋୟୀ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ କାମରାଜୁ ମହାରଣା ଆଗାମୀ ୨୦ ତାରିଖରେ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆୟୋଜିତ ହେଉଥିବା ଶିକ୍ଷକ ମହାସଂଘର ରାଜ୍ୟ ସମ୍ମିଳନୀରେ ସମସ୍ତଙ୍କର ସହଯୋଗ କାମନା କରିଥୁଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ଶତପଥି, କୋରା ମହାରଣା, ଅନ୍ତର୍ଯ୍ୟାମୀ ଶତପଥି, ଶିଶିର କୁମାର ଶତପଥି, ଗୋଦାବରୀ ପଣ୍ଡା, କରୁଣାକର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭଞ୍ଜନଗର ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ

ଭଞ୍ଜନଗର, ୧୩।୭(ସମିସ): ସ୍ଥାନୀୟ ଚକାଡ଼ୋଲା ସଭାମଣ୍ଡପଠାରେ ରୋଟାରୀ କ୍ଲବର ୧୮ ତମ ଅଧିଷ୍ଠାନ ଦିବସ ସଭାପତି ରୋଟାରୀୟାନ ବସନ୍ତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲା ସଭାପତି ୨୦୨୬-୨୭ରୋଟାରୀୟାନ ଅନିଲ କୁମାର ସାମଲ, ଭାରତୀୟ ପ୍ରଶାସନିକ ସେବା, ନଗରପାଳ ଗୋପବନ୍ଧୁ ମହାପାତ୍ର, ଜୋନାଲ ଚେୟାର ରଞ୍ଜିତ ପାଢ଼ୀ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରୀୟାନ ପ୍ରବୀର କୁମାର ପୃଷ୍ଟି, ସଭାପତି ୨୦୨୫-୨୬ ରଞ୍ଜିତ କୁମାର ବାରିକ, ସମ୍ପାଦକ ବିଶ୍ୱଜିତ ପୃଷ୍ଟି, ସମ୍ପାଦକ ୨୦୨୫-୨୬ ଏସ. ଗୁପ୍ତେଶ୍ୱର ସୁବୁଦ୍ଧି ଓ କାର୍ଯ୍ୟକ୍ରମ ଅଧକ୍ଷ ରୋଟାରୀୟାନ ରାମଚନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇ ରୋଟାରୀ କ୍ଲବ ତରଫରୁ ରକ୍ତଦାନ, ଗରିବ ଅସହାୟ ମାନଙ୍କୁ ରନ୍ଧା ଖାଦ୍ୟ, ଲୁଗା, ମେଡିକାଲ ସେବା, ବନ ମହୋତ୍ସବ, ପରିବେଶ ସଚେତନତା କରି ପ୍ରଶଂସିତ ହେଉଥିବା କହିଥିଲେ। କାର୍ଯ୍ୟକ୍ରମରେ ଫୁଲବାଣୀ, ନୟାଗଡ଼, ବ୍ରହ୍ମପୁର ରୋଟାରୀ କ୍ଲବର ବହୁ ରୋଟାରୀୟାନ ଉପସ୍ଥିତ ଥିଲେ। ନବାଗତ ବନ୍ଧୁ ମାନଙ୍କୁ ଜିଲ୍ଲା ସଭାପତି ୨୦୨୬-୨୭ ରୋଟାରୀ ପିନ୍ ସହ ସ୍ୱାଗତ କରାଯାଇଥିଲା। ରୋଟାରୀୟାନ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରୋଟାରୀୟାନ ଶ୍ରୀରାମ ପ୍ରସାଦ ପାଳ ସଂଯୋଜନା ସହ ପରିଚାଳନା କରିଥିଲେ। ବିଦାୟୀ ସଭାପତିଙ୍କ ଦ୍ୱାରା ଉଲ୍ଲେଖନୀୟ ଅବଦାନ ପାଇଁ ଦଶ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରୋଟାରୀୟାନ ପ୍ରଦ୍ୟୁମ୍ନ କୁମାର ମଳିକ, ସୁଧୀର କୁମାର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସନତ କୁମାର ସୁବୁଦ୍ଧି, ବିଚିତ୍ର କୁମାର ପାଣିଗ୍ରାହୀ, ଦିଲ୍ଲୀପ ରାଜୁ, ସୁଶାନ୍ତ କୁମାର ବେହେରା, ଶ୍ରୀନିବାସ ସୁବୁଦ୍ଧି, ସୁମନ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର ସାହୁ, ପବିତ୍ର କୁମାର ପ୍ରଧାନ, ମଧୁସୂଦନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ରୋଟାରୀୟାନ ଗୁପ୍ତେଶ୍ୱର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।



## ପ୍ରଦୂଷଣ ବୋର୍ଡ ନିୟମର ଖୋଲା ଉଲ୍ଲଂଘନ

# କେନାଲରେ ମିଶୁଛି ହୋଟେଲ ଓ ଲଜ୍‌ର ବର୍ଜ୍ୟଜଳ

ରମ୍ଭା, ୧୩।୭(ସମିସ)

ଐତିହାସିକ ରମ୍ଭା ସହର ଓଡ଼ିଶା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। କ୍ରମାଗତ ଭାବେ ସ୍ଥାନୀୟ ଅଞ୍ଚଳ ଶ୍ରୀବୃଦ୍ଧି ଘଟୁଥିବା ବେଳେ ବିଭିନ୍ନ ସମସ୍ୟା ସାଙ୍ଗକୁ ଲଜ୍ ଓ ହୋଟେଲ ସଂଖ୍ୟା ବୃଦ୍ଧି ପାଇଛି। ହୋଟେଲ, ଲଜ୍ ଓ କାରଖାନା ଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଂଘନ କରି ଚାଲିଥିଲେ ମଧ୍ୟ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଚୁପ୍ ରହିବାରୁ ସେମାନଙ୍କ ଉପରେ ଅଙ୍ଗୁଳି ଉଠୁଛି। ଲଜ୍, ହୋଟେଲ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନସେଣ୍ଟ ଟୁ ଅପରେଟ (ସିଟିଓ) ନେଇ ଚାଲୁଥିବା ବେଳେ ଅନ୍ୟ ହୋଟେଲ ଏବଂ ଲଜ ବିନା ଅନୁମତିରେ ଚାଲିଥିବା ଜଣାପଡ଼ିଛି। ସିଟିଓର ସ୍ୱତନ୍ତ୍ର ସର୍ତ୍ତ ଖିଲାପ କରି ବେଧଡ଼କ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଅନେକ ହୋଟେଲ, ଲଜ୍ ଓ କାରଖାନାର ବର୍ଜ୍ୟଜଳ ପରିଚାଳନା ବନ୍ଦୋବସ୍ତ ନ ଥିବାରୁ ଖୋଲା ଡ୍ରେନରେ ଓ କେନାଲକୁ ଛାଡୁଛନ୍ତି। ମଳ ଖୋଲା ଡ୍ରେନରେ ଆସୁଥିବାରୁ ଦୁର୍ଗନ୍ଧ ହେବା ସହ ପରିବେଶ ପୁତିଗନ୍ଧମୟ ହେଉଛି। ତତ୍‌ସହିତ ଲଜ୍‌ର ରୁମ୍, ଡାଇନିଂ ହଲ, ସଭାଗୃହ ବସିବା କ୍ଷମତା ଆଧାରରେ ଅନୁମତିପତ୍ର ଦିଆଯାଇଛି। ୫ ବର୍ଷ ପାଇଁ ସିଟିଓ ଦିଆଯାଇଥିବା ବେଳେ ଆଉ କେତେ ଜଣଙ୍କୁ ୩ ବର୍ଷ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି। କାରଖାନାରୁ ନିର୍ଗତ କଳାପାଣି, ଗୁଣ୍ଡ, ଚାଷ ଜମିର ମଇଳା ବଡ଼ ଶଙ୍ଖ କେନାଲରେ ମିଶୁଥିବା ଅନେକ ଥର ପ୍ରକାଶିତ ଖବରକୁ ପ୍ରଶାସନ ଅଣଦେଖା କରୁଛି। ନିୟମ ଅନୁଯାୟୀ କାରଖାନାର ମୋଟ ଅଧିଗ୍ରହଣ ହୋଇଥିବା ଜମିର ୩୦ ପ୍ରତିଶତ ବୃକ୍ଷରୋପଣ କରାଯିବାର ନିୟମ ଥିଲେ ମଧ୍ୟ ପାଳନରେ ଟାଳଟୁଳ ନୀତି କାହିଁକି। ଉପରୋକ୍ତ ଅଞ୍ଚଳ କାଜୁ ଫ୍ୟାକ୍ଟ୍ରି ସ୍ଥାପନାର ହବ ପାଲଟିଛି। କାରଖାନା ପରିସରରେ ସମ୍ପୂର୍ଣ୍ଣ କଂକ୍ରିଟ ରାସ୍ତା ହେବା ନିୟମ ରହିଥିଲେ ମଧ୍ୟ ମାଲ ପରିବହନ ବେଳେ ଧୂଳି ଉଡି ବାୟୁ ପ୍ରଦୁଷଣ ହେଉଛି। ଅନୁମତି ଦେବା ପୂର୍ବରୁ ସଠିକ୍ ଯାଞ୍ଚ କରା ନ ଯାଇ କୁଆଡେ ହାତଗୁଞ୍ଜା ନେଇ ଦିଆଯାଉଥିବାରୁ ଏପରି ହେଉଥିବାବେଳେ ଏନେଇ ଅସନ୍ତୋଷ ଦେଖାଦେଇଛି। କେତେକ ହୋଟେଲ, ଲଜ, ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନ କରି ଡ୍ରେନ୍‌କୁ ଛାଡୁଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସ୍ଥାନୀୟ ପ୍ରଶାସନ ବର୍ଜ୍ୟଜଳ ସିଧାସଳଖ ମୁକୁଳା ଡ୍ରେନରେ ଆସୁଥିବା କିପରି ଜାଣି ପାରୁନାହାନ୍ତି ତାହା ଆଶ୍ଚର୍ଯ୍ୟ କରିଛି ସାଧାରଣ ଲୋକଙ୍କୁ। ତେଣୁ ଏନଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



# ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଆଲୋଚନା



ଗଞ୍ଜାମ, ୧୩।୭(ସମିସ): ଗଞ୍ଜାମ ବଡ଼ ବଜାରଠାରେ ଅବସ୍ଥିତ ବହୁ ପୁରାତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ମନ୍ଥର ନେଇ ସହରବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଏନେଇ ସହରବାସୀଙ୍କ ପକ୍ଷରୁ ରବିବାର ଓଡ଼ିଆ ଢ଼ାମଣା ସାହି ସ୍ଥିତ ଶ୍ରୀରାମେଶ୍ୱର ପରିସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ଗୋପାଳପୁର ପୋର୍ଟ ନିର୍ଦ୍ଦେଶକ ମନମୋହନ ମହାରଣା, ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଭିକାରୀ ବେହେରା, ଯୁଧିଷ୍ଠିର ମହାନ୍ତି, ଡ଼ି. କେ. ରାଓ, ସୁଦାମ ଚରଣ ଜେନା, ପୂର୍ଣ୍ଣ ପାଣିଗ୍ରାହୀ, ସୁଧୀର କୁମାର ପାଢ଼ୀ, ପ୍ରଣବ ପ୍ରଧାନ, ପ୍ରଭାତ କୁମାର ସାହୁ, ଏସ. ଭୀମା ରେଡ୍ଡି, ବଟକୃଷ୍ଣ ରାଉଳ, ପ୍ରଭାତ ବିଶ୍ୱାଳ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# କାଉଡ଼ିଆଙ୍କ ଜଳଲାଗି ପାଇଁ ସଜେଇ ହୋଇଛି ଶୈବପୀଠ



ବାଲୁଗାଁ, ୧୩।୭ (ସମିସ): ଚଳିତ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାର ସମଗ୍ର ବାଲୁଗାଁ, ବାଣପୁର ଅଞ୍ଚଳର ଶୈବପୀଠଗୁଡ଼ିକ କାଉଡ଼ିଆ ଭକ୍ତମାନଙ୍କ ଦ୍ୱାରା ଜଳାଭିଷେକ ଲାଗି ଅପେକ୍ଷାରେ ସଜେଇ ହୋଇ ରହିଛି। ଦେବଦେବ ମହାଦେବଙ୍କୁ ଜଳଲାଗି କରି ମହାଦେବଙ୍କ ଆଶିଷଲାଭ ନିମନ୍ତେ ଶୁକ୍ରବାରଠାରୁ ହଜାର ହଜାର କାଉଡ଼ିଆ ସୁଦୂର କଟକସ୍ଥିତ ମହାନଦୀ, ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ଓ କଣ୍ଟିଲୋ ନୀଳମାଧବସ୍ଥିତ ନଦୀରୁ ଜଳଭାର ଉଠାଇ ବାହାରିଥିବାବେଳେ ରବିବାର ମନ୍ଦିର ନିକଟରେ ପହଞ୍ଚିଥିଲେ। ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠକୁ ବହୁ ସଂଖ୍ୟାରେ କାଉଡ଼ିଆ ଭକ୍ତ ଜଳାଭିଷେକ ଲାଗି ଆଗମନ କରିଥିବାବେଳେ ସେଥି ନିମନ୍ତେ ମନ୍ଦିର ଟ୍ରଷ୍ଟ ପକ୍ଷରୁ କାଉଡ଼ିଆ ଭକ୍ତମାନଙ୍କ ସୁବିଧା ଲାଗି ମନ୍ଦିରଗୁଡ଼ିକୁ ସୁସଜ୍ଜିତ କରି ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଦେଖିବାକୁ ମିଳିଛି। ସୋମବାର ଭୋର୍ ୪ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାଉଡ଼ିଆ ଭକ୍ତମାନେ ଶ୍ରୀଉମାମହେଶ୍ୱର ଦେବଙ୍କୁ ଜଳଲାଗି କରିବାର ସମୟ ନିର୍ଦ୍ଧିଷ୍ଟ କରାଯାଇଛି। ସେହିଭଳି ଇଞ୍ଜିନପୁରସ୍ଥିତ ଗବପଦର ବିଜେ ରାମେଶ୍ୱର ଦେବଙ୍କ ପୀଠ, ଶିଙ୍ଗେଶ୍ୱରସ୍ଥିତ ଶିଙ୍ଗୀନାଥ ଦେବ, ଧୂଆଁଳସ୍ଥିତ ଧବଳେଶ୍ୱର ପୀଠ, ମଠପୁରସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାଚୁଣୀସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବ, ଗଡିଶ୍ୱର ଦେବ, କପିଳେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ ଓ ଭେଟିନାଥ ଦେବ ଆଦିଙ୍କ ପୀଠରେ ଶ୍ରାବଣର ପ୍ରଥମ ସୋମବାର ବହୁ କାଉଡ଼ିଆ ଭକ୍ତ ରବିବାରଠାରୁ ସମାଗମ ହୋଇଥିବାବେଳେ ଜଳାଭିଷେକ ଲାଗି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ଆଜି ଶ୍ରାବଣ ମାସ ପ୍ରଥମ ସୋମବାର

# କାନ୍ଧରେ ଜଳଭାର, ତୁଣ୍ଡରେ ଶିବନାମ

ଖୋର୍ଦ୍ଧା, ୧୩।୭ (ସମିସ)

ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ମାନସିକଧାରୀ କାଉଡ଼ି ଭାର ଧରି ବୋଲ୍‌ବମ୍ ପ୍ରସ୍ତୁତ ହୋଇ ସାରିଲେଣି। କାନ୍ଧରେ କାଉଡ଼ି ଭାର ଧରି ଶିବ ମନ୍ଦିର ଅଭିମୁଖେ ଖାଲିପାଦରେ ଚାଲିଚାଲି ଯିବା ସହ ଶିବଲିଙ୍ଗରେ ପାଣି

**● ସବୁ ନଦୀଘାଟରେ କାଉଡ଼ିଆଙ୍କ ଭିଡ଼**

ଢାଳି ମାନସିକ ପୂରଣ କରିବେ କାଉଡ଼ିଆ। ହଜାର ହଜାର କାଉଡ଼ିଆ ବିଭିନ୍ନ ଶୈବ୍ୟପୀଠରେ ଶ୍ରାବଣ ମାସରେ ନିଷ୍ଠାର ସହିତ ଜଳଲାଗି କରିବା ପରମ୍ପରା ଆମ ଜିଲ୍ଲାରେ ବହୁ ବର୍ଷ ହେବ ଦେଖାଯାଇଛି। ଏନେଇ ରବିବାର ବହୁ ନଦୀପଠାରେ କାଉଡ଼ିଆଙ୍କ ଭିଡ଼ ଦେଖାଯାଇଛି। ସେହିଭଳି କଟକ ଗଡ଼ଗଡ଼ିଆ ଘାଟରୁ ଆରମ୍ଭ କରି ଜିଲ୍ଲାର ତିରିମଲ୍ଲଠାରେ ଥିବା ଦୟା, ରାଜୁଆ ଓ ନୟାଗଡ଼ ଜିଲ୍ଲା କଣ୍ଟିଲୋ ମହାନଦୀଠାରୁ ବହୁ ବୋଲ୍‌ବମ୍ ଭକ୍ତ



ଶୁଦ୍ଧପୁତ ସ୍ନାନ କରିବା ପରେ ପାଣି କଳସୀ ଉଠାଇଛନ୍ତି। ନଦୀଘାଟରେ ଶିବଙ୍କୁ ପଜାର୍ଚ୍ଚନା କରି ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବାଟରେ ବିଭିନ୍ନ ସଂଗଠନ ପକ୍ଷରୁ କାଉଡ଼ିଆମାନଙ୍କ ବିଶ୍ରାମ ନିମନ୍ତେ ଟେଣ୍ଟ ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିବା ଦେଖାଯାଇଛି। ଶ୍ରାବଣ ମାସ ପାଇଁ ଜିଲ୍ଲାର ସମସ୍ତ ଶିବ ମନ୍ଦିର ଉତ୍ସବମୁଖର ହୋଇଛି। ଜିଲ୍ଲାର ଭୁବନେଶ୍ୱର ଶ୍ରୀଲିଙ୍ଗରାଜ, ଖୋର୍ଦ୍ଧାର ଧବଳେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ବାଘମାରୀ ହଟକେଶ୍ୱର, ବଣିଆଟାଙ୍ଗୀ ନୀଳକଣ୍ଠେଶ୍ୱର, ଚଣ୍ଡେଶ୍ୱର, ଲୋକେଶ୍ୱର, ଲୋକନାଥ, ବାଲୁଙ୍କେଶ୍ୱର, ତାରକେଶ୍ୱର, ସିଦ୍ଧେଶ୍ୱର, ସ୍ୱପ୍ନେଶ୍ୱର, ପଶ୍ଚିମେଶ୍ୱର, ଚନ୍ଦ୍ରଶେଖର ପ୍ରଭୃତି ଦେବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଛି। ପୂଜକ ରାମ ମହାପାତ୍ରଙ୍କ କହିବା କଥା ଶ୍ରାବଣ ମାସ ଲାଗି ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଲାଗିବ। ଏଥିପାଇଁ ମନ୍ଦିରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଥମ ସୋମବାର ହେତୁ ଗହଳି ସ୍ୱାଭାବିକ ରହିବ।

# ରୋଟାରୀ କ୍ଲବ୍ ଓ ବିଦ୍ୟାଳୟ ପକ୍ଷରୁ ଚାରାରୋପଣ

ବାଣପୁର, ୧୩।୭ (ସମିସ): ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଏବଂ ବାଣପୁର-ବାଲୁଗାଁ ରୋଟାରୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ ଅବସରରେ ପିଜୁଳି, ଆତ, ଜାମୁକୋଳି, ଡାଳିମ୍ବ, ଲେମ୍ବୁ, ଅଁଳା, ନିମ୍ବ ଓ ବାହାଡ଼ା ଆଦି ବିଭିନ୍ନ ଫଳ ପ୍ରଦାନକାରୀ ଚାରାରୋପଣ କରାଯାଇଛି। ରୋଟାରୀ କ୍ଲବ୍ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, କାର୍ଯ୍ୟକ୍ରମ ଅଧ୍ୟକ୍ଷ ରୋଟାରିଆନ ଧୀରେନ୍ଦ୍ରନାଥ ପାତ୍ର ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ଯୁବ ରେଡ଼କ୍ରସ୍ ପରାମର୍ଶଦାତା ପ୍ରମୋଦିନୀ ସାମନ୍ତରାୟଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍‌ର ପ୍ରାକ୍ତନ



ସଭାପତି ରବିନାରାୟଣ ନାୟକ, ନନ୍ଦକିଶୋର ମିଶ୍ର, ରବିନାରାୟଣ ପାଲ୍, ଶ୍ୟାମସୁନ୍ଦର ପୃଷ୍ଟି, ରୋଟାରିଆନ୍ ଡ. ଚିନ୍ତାମଣି ମିଶ୍ର, ରବୀନ୍ଦ୍ରନାଥ ପ୍ରଧାନ ଓ ସଞ୍ଜୟ କୁମାର ସାହୁ ଉପସ୍ଥିତ ଥିଲେ। ଏଥିସହ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବୀନ୍ଦ୍ର କୁମାର ମାର୍ଥା, ବିଧୁଧେନ୍ଦୁ ମାନସିଂହ, ଅକ୍ରୁର ପ୍ରଧାନ ଓ ଶିବ ଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଛାତ୍ରୀ ସାମିଲ୍ ହୋଇ ବିଦ୍ୟାଳୟ ପରିସରରେ ଶତାଧିକ ଚାରାରୋପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ 'ବୃକ୍ଷ ହିଁ ଜୀବନ' ସମ୍ପର୍କରେ ଆଲୋକପାତ କରି ଅତିଥିମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଅଶୋକ ସ୍ୱାଇଁ, ସିଦ୍ଧେଶ୍ୱର ନରେନ୍ଦ୍ର ସିଂହ, ପ୍ରଭାତ ବିଶ୍ୱାଳ, ମୃତ୍ୟୁଞ୍ଜୟ ମିସ୍ତ୍ରୀ, ରଜନୀକାନ୍ତ ମହାପାତ୍ର, ପ୍ରମିଳା ଜେନା, ସୁବାସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଣ୍ଡିଆଙ୍କୁ ଗୁଳିମାଡ଼ ଘଟଣା: ୩ ଦିନ ପରେ ଜଣେ ଗିରଫ

ଖୋର୍ଦ୍ଧା, ୧୩।୭ (ସମିସ): ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଦେବାଶିଷ ସାମନ୍ତସିଂହାର ଓରଫ ପାଣ୍ଡିଆ (୨୮)ଙ୍କୁ ଗୁଳିମାଡ଼ ଘଟଣାରେ ପୁଲିସ ଅଭିଯୁକ୍ତ ମୁନା ଓରଫ୍ ବିଶ୍ୱରଞ୍ଜନ ସ୍ୱାଇଁ (୨୨)କୁ ଗିରଫ କରିଛି। ମାତ୍ର ଗୁଳିମାଡ଼ ହୋଇଥିବା ବନ୍ଧୁକ

**● ମିଳିଲାନି ବନ୍ଧୁକ; ରିମାଣ୍ଡରେ ଆସିବ ମୁନା**

ନିକଟରେ ପହଞ୍ଚିପାରିନି ପୁଲିସ।

ସୂଚନା ଅନୁସାରେ, ଦଳେଇପୁଟ ଗ୍ରାମର ସ୍ୱାଇଁ ଓ ସାମନ୍ତସିଂହାର ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଗତ ଗୁରୁବାର ସନ୍ଧ୍ୟାରେ ଏହା ଉଗ୍ରରୂପ ଧାରଣ କରିଥିଲା। ସେହି ସନ୍ଧ୍ୟାରେ ପାଣ୍ଡିଆ ଛକ ଉପରେ ବସିଥିବାବେଳେ ମୁନା ଓ ତା'ର ସହଯୋଗୀମାନେ ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ଏପରିକି ମୁନା ଗୋଟିଏ ରାଉଣ୍ଡ ଫାୟାରିଂ କରିଥିଲା। ମାତ୍ର ଗୁଳିଟି ପାଣ୍ଡିଆଙ୍କ ଦେହରେ ନ ବାଜି ବାହାରେ ଚାଲିଯାଇଥିଲା। ଏନେଇ



ତାଙ୍କ ମାଆ ସଂଯୁକ୍ତା ସାମନ୍ତସିଂହାର ଥାନାରେ ଅଭିଯୋଗ କରିବାରେ ପୁଲିସ ୧୯୪/୨୫ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ଜୟନ୍ତ ଭଟ୍ଟଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଶନିବାର ରାତିରେ ଜଟଣୀ ଥାନା ତରାବୋଇ ଅଞ୍ଚଳରେ ଚଢ଼ଉ କରି ମୁନାକୁ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ମାତ୍ର ମୁନା ବ୍ୟବହାର କରିଥିବା ବନ୍ଧୁକ ପୁଲିସ ହାତରେ ଲାଗିନି। ବାସ୍ତବରେ ବନ୍ଧୁକ ପୁଲିସ ପାଇନି ନା ନ ପାଇବାର ଅଭିନୟ କରୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମୁନା ଏକ ଅଭ୍ୟାସଗତ ଅପରାଧୀ ହୋଇଥିବା ପୁଲିସ କହିଛି। ତାକୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ପ୍ରାର୍ଥନା କରିବ ପୁଲିସ। ରିମାଣ୍ଡରେ ଆସିବା ପରେ ତା'ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବ। ଏପରିକି ସେ ବ୍ୟବହାର କରୁଥିବା ବନ୍ଧୁକ କେଉଁଠାରୁ ଆଣିଥିଲା, ଏଥିରେ ଆଉ କିଏ କିଏ ଜଡ଼ିତ ଅଛନ୍ତି ଏସବୁର ଖୋଳତାଡ଼ କରିବ ପୁଲିସ ବୋଲି ଜଣାଯାଇଛି।

# ୨୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା, ୧୩।୭ (ସମିସ): ଆଦର୍ଶ ଥାନା ପୁଲିସ ସ୍ଥାନୀୟ ନବିନାବାଗ ଛକଠାରେ ଚଢ଼ଉ କରି ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ସ୍ଥାନୀୟ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ଶିବ ସୁନ୍ଦର ବେହେରା (୨୯)। ତା'ଠାରୁ ପୁଲିସ ୨୫ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ଏକ ବାଇକ୍‌କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି।

ସୂଚନା ଅନୁସାରେ, ଶନିବାର ନବୀନାବାଗ ଛକଠାରେ ଗ୍ରାହକକୁ ଶିବସୁନ୍ଦର ଅପେକ୍ଷା କରିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ତାକୁ ଧରିବା ପାଇଁ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ଟିମ୍ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଶିବସୁନ୍ଦର ଖସିଯାଉଥିବା ବେଳେ ପୁଲିସ ତାକୁ କାବୁ କରିଥିଲା। ଏନେଇ ୨୮୪/୨୫ରେ ଏକ ମାମଲା ରୁଜୁ କରି ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ୩୨ କେଜି ଗଞ୍ଜେଇ ଜବତ, ୨ ମହିଳା ଗିରଫ

ଖୋର୍ଦ୍ଧା, ୧୩।୭ (ସମିସ): ସ୍ଥାନୀୟ ଟିଏଲ୍‌ସି ରୋଡ୍‌ଠାରୁ ଅବକାରୀ ପୁଲିସ ଏକ ଯାତ୍ରୀବାହୀ ବସ୍‌ରୁ ୨ଜଣ ମହିଳା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଶିନିପଦରର କୌଶଲ୍ୟା ଦିଗଲ (୪୦) ଏବଂ ରୀନା ଦିଗଲ (୩୩)। ସେମାନଙ୍କଠାରୁ ଅବକାରୀ ପୁଲିସ ଦୁଇଟି ବସ୍ତାରେ ଥିବା ୩୨କେଜି ଗଞ୍ଜେଇକୁ ଜବତ କରିଛି। ସୂଚନା ଅନୁସାରେ, ଏକ ଯାତ୍ରୀବାହୀ ବସ୍‌ରେ କନ୍ଧମାଳରୁ ଗଞ୍ଜେଇ ଧରି ଦୁଇ ମହିଳା ଆସୁଥିବା ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଓଆଇସି ଖୋର୍ଦ୍ଧା ସୁଦର୍ଶନ ବିଶୋଇଙ୍କ ନେତୃତ୍ୱରେ ଟିଏଲ୍‌ସି ରୋଡ୍‌ଠାରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ କୌଶଲ୍ୟା ଓ ରୀନାଙ୍କଠାରୁ ଦୁଇବସ୍ତା ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଶ୍ରୀମଦ୍‌ଭାଗବତ ଆଲୋଚନାଚକ୍ର



ବେଗୁନିଆ, ୧୩।୭ (ସମିସ): ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜୀବନାନନ୍ଦ ପାଣିଗ୍ରାହୀଙ୍କ ଆବାହକତ୍ୱ ଓ ଶିକ୍ଷାବିତ୍ ନନ୍ଦକିଶୋର ଶୁକ୍ଳଙ୍କ ଅଧ୍ୟକ୍ଷତାରେ ଶ୍ରୀମଭାଗବତ ସଭାରେ ଭାଗବତର ପ୍ରଥମ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ (ଭଗବତ କଥା ଓ ଭଗବତ ଭକ୍ତିର ମାହାତ୍ମ୍ୟ) ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ବାନାମ୍ବର ପଣ୍ଡା, ଗୌରାଙ୍ଗ ଚରଣ ପଣ୍ଡା, ଗୋପୀନାଥ ପଣ୍ଡା, ପୀତବାସ ଶୁକ୍ଳ ଭାଗବତ ପଠନ କରିଥିବାବେଳେ ଭାଗବତ ପ୍ରଚାରପ୍ରସାର ସମିତିର ସଭାପତି ଡ. ଅଖିଳେଶ ପ୍ରସାଦ ପଣ୍ଡା, ପଣ୍ଡିତ ତପନ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ଦାଶ ଓ ବାବା ରାମ ନିରଞ୍ଜନ ରାମ ବ୍ୟାସକୃତ ଶ୍ରୀମଭାଗବତର ବ୍ୟାଖ୍ୟା କରିଥିଲେ। ସଭାରେ ସମିତିର ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ଭାଗବତପ୍ରେମୀ ଯୋଗଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ

ଖୋର୍ଦ୍ଧା, ୧୩।୭ (ସମିସ): ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ରବିବାର ପୂର୍ବାହ୍ଣରେ ଜିଲ୍ଲା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପ୍ରେସ୍ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଥିଲା। ପ୍ରଥମ ବାର୍ଷିକ ଉତ୍ସବ ଯେପରି ଆଡ଼ମ୍ବରପୂର୍ଣ୍ଣଭାବେ ପାଳନ କରାଯିବ ସେଥିନିମନ୍ତେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏଥିନିମନ୍ତେ ଜିଲ୍ଲା ପ୍ରେସ୍ କ୍ଲବ୍‌ର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯିବା ସହିତ ଏକ ମୁଖପତ୍ର ପ୍ରକାଶ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରେସ୍ କ୍ଲବ୍‌ର ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ତପନ କୁମାର ନାୟକ, ପ୍ରକାଶ କୁମାର ହାତୀ, ଲଳିତ ମୋହନ ମହାପାତ୍ର, ରାମ ନାରାୟଣ ଦାଶ, ରଞ୍ଜିତ କେ.ଏନ୍.ସାମନ୍ତରାୟ, ଜିତେନ୍ଦ୍ର ଭଞ୍ଜ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରକାଶ ପଟ୍ଟନାୟକ, ପ୍ରବୀଣ ଭଞ୍ଜ, ଶୁଭକାନ୍ତ ମହାପାତ୍ର, ବିଜୟ ବାହୁବଳେନ୍ଦ୍ର, ସେକ୍. ଅର୍ଶାଦୁଲ ହକ୍, କୃଷ୍ଣ ଚନ୍ଦ୍ର ଦାଶ, କେଦାରନାଥ ସାହୁ, ରାମ ଚନ୍ଦ୍ର ଜୁଝାରସିଂ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ଗୋପାଳ କୃଷ୍ଣ ଦାସ, ସଞ୍ଜୟ କର, ମହମ୍ମଦ ମୋତାହାର ୟୁସୁଫ୍, ସୟଦ ଅନ୍‌ସର ଅଲ୍ଲୀ, ଇକ୍‌ବାଲ ଅହମ୍ମଦ, ସନ୍ଦୀପ ବର୍ମନ, ସେକ୍ ଅବ୍ରାଉଲ୍ ହକ୍, ସୟଦ ଲିୟାକତ ଅଲ୍ଲୀ, ମହମ୍ମଦ କୁତୁବୁଦ୍ଦିନ ଖାନ, ରଞ୍ଜିତ ପାଟଶାଣୀ, ନିବାସ ମହାରଣା, ରାଜୀବ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



## ପ୍ରଗତୀ ପରିଷଦ ପକ୍ଷରୁ ଛତା ବଣ୍ଟନ

ଜଟଣୀ, ୧୩।୭ (ସମିସ): ଜଟଣୀ ପ୍ରଗତୀ ପରିଷଦ ତରଫରୁ ୧୦୦ ଜଣ ଭିନ୍ନକ୍ଷମ, ଅସହାୟ ଓ ଦିନମଜୁରିଆଙ୍କୁ ଖରା ଓ ବର୍ଷାକୁ ଦୃଷ୍ଟିରେ ରଖି ଛତା ବଣ୍ଟନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ବାବୁ ହୋତା ସଭା କାର୍ଯ୍ୟ ପରିଚାଳନା କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନଗରପାଳ ଅନନ୍ତ ବେହେରା ଓ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ବିଶ୍ୱନାଥ ପାଢ଼ୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ବିଜୟ ମହାପାତ୍ର ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ପ୍ରଦୀପ ମହାପାତ୍ର, ଉପସଭାପତି ରବୀନ୍ଦ୍ର ଜେନା, ଉପଦେଷ୍ଟା ଜ୍ଞାନ ଭୂଷଣ ସାହୁଙ୍କ ସମେତ ଅନୁଷ୍ଠାନର ମାନସ ଶତପଥୀ, ନିରଞ୍ଜନ ମହାପାତ୍ର, ସୁଦର୍ଶନ ସାହୁ, ରାଜୀବ ମହାନ୍ତି, ସଞ୍ଜୟ ବିଶୋଇ, ତନୁଜା ଗୁପ୍ତା, ସୌମେନ୍ଦ୍ର ମିଶ୍ର ସହଯୋଗ କରିଥିଲେ।



**■ ବାଟିକା ଶ୍ରେଣୀ ମାତୃ ସମ୍ମିଳନୀ**

# 'ଶିଶୁଙ୍କ ବିକାଶରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ନିରାକାରପୁର, ୧୩।୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆର୍ଯ୍ୟବିହାର, ନିରାକାରପୁର ପରିସରରେ ବାଟିକା ଶ୍ରେଣୀର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅରୁଣ, ଉଦୟ ଓ ପ୍ରକାଶ ଶ୍ରେଣୀର ୧୮୭ ଜଣ ମାଆ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ବ୍ୟବସ୍ଥାନୁସାରେ ସର୍ବ ପ୍ରଥମେ ଉପସ୍ଥିତ ମାଆ ମିଳି ଭୂଜବଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଭିଭାବକ ଓ ଗୁରୁଜୀ-ଗୁରୁମା'ଙ୍କ ମିଳିତ ସହଯୋଗରେ ଶିଶୁର ଉନ୍ନତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟା ନଳିନୀ ରଥ ଶିଶୁମାନଙ୍କର ଶିକ୍ଷାର ବିକାଶ ପାଇଁ ମାଆମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିଶୁମାନଙ୍କର ଶିକ୍ଷଣ କ୍ରିୟାକଳାପର ଭିଡିଓଗୁଡ଼ିକ ପବିତ୍ର ଗୁରୁଜୀ ଓ ନିହାର ଗୁରୁଜୀ ପ୍ରଦର୍ଶନ କରିଥିଲେ। ବାଟିକା ଶ୍ରେଣୀର ଗୁରୁମା'ମାନେ ଭିନ୍ନ ଭିନ୍ନ ପଦ୍ଧତିରେ କାଳାଂଶ ନେଇଥିଲେ। ଯେଉଁଥିରେ ସମ୍ମିଳନୀରେ ଉପସ୍ଥିତ ଥିବା ମାଆମାନେ ମଧ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ଶିକ୍ଷା ସମୟରେ ବ୍ୟବହୃତ ହେଉଥିବା ଶିକ୍ଷା ଉପକରଣର ପ୍ରଦର୍ଶନୀ ମାଆମାନେ ବୁଲି ଦେଖିଥିଲେ। ପର୍ଯ୍ୟାୟ ପ୍ରମୁଖ ବିନୋଦ ବିହାରୀ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବାଟିକା ଶ୍ରେଣୀର ତପସ୍ୱିନୀ ରଥ, ସୁମିତ୍ରା ସେନାପତି, କବିତା ପ୍ରଧାନ, ପ୍ରତିମା ଗଜେନ୍ଦ୍ର, ସାଧନା ମହାପାତ୍ର, ସୂର୍ଯ୍ୟସ୍ମିତା ମାନସିଂ, ପୁଷ୍ପାଞ୍ଜଳି ପଟ୍ଟନାୟକ, ପ୍ରିୟମ୍ବଦା ସାମନ୍ତରାୟ ତଥା ଅନ୍ୟ ସମସ୍ତ ଗୁରୁଜୀ-ଗୁରୁମା'ଙ୍କ ସହଯୋଗରେ କାର୍ଯ୍ୟକ୍ରମ ସରସ ସୁନ୍ଦର ହୋଇଥିଲା।

# ଗୋଟିଏ ରାତିରେ ୩ ମନ୍ଦିରରୁ ଲୁଟ୍

ବାଣପୁର, ୧୩।୭ (ସମିସ)

ଶନିବାର ରାତିରେ ନାଚୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ବଜାରର ୩ଟି ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ସମେତ ଦାନବାକ୍ସ ଭାଙ୍ଗି ଦାନ ଟଙ୍କା ସବୁ ଲୁଟି ନେଇଛନ୍ତି। ଖବର ପାଇ ପୁଲିସ ବଜାରରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରଖିଥିବାବେଳେ ଏଯାବତ୍ ଲୁଟେରା କିମ୍ବା ଲୁଟ୍ ଟଙ୍କା ଓ ଅଳଙ୍କାର ସମ୍ପର୍କରେ କୌଣସି ତଥ୍ୟ ପାଇପାରିନାହିଁ।

ଅଭିଯୋଗ ମୁତାବକ, ରବିବାର ସକାଳେ ଗମ୍ଭାରୀମୁଣ୍ଡା ନିକଟସ୍ଥ ଘାସେଡିହ ଏବଂ ଗମ୍ଭାରୀମୁଣ୍ଡା ଡାକ୍ତରଖାନା ରାସ୍ତାରେ ଥିବା ହନୁମାନ ମନ୍ଦିର ଓ ମା' ରାମଚଣ୍ଡୀଙ୍କ ମନ୍ଦିରର ମୁଖ୍ୟ ଫାଟକର ତାଲା ଭଙ୍ଗାଯାଇଥିବାର ପୂଜକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତେବେ ରାତିରେ ଦୁର୍ବୃତ୍ତମାନେ ଉଭୟ ମନ୍ଦିରର ତାଲା ଭାଙ୍ଗି ମନ୍ଦିରରେ ପଶିଥିବାବେଳେ ହନୁମାନ ମନ୍ଦିରରୁ ୫୦ ହଜାରରୁ ଉର୍ଦ୍ଧ୍ୱ



ମୂଲ୍ୟର ରୁପା କିରଟି, ଖଡୁ ଆଦି ଅଳଙ୍କାର ସମେତ ମନ୍ଦିରର ଦାନବାକ୍ସ ଭାଙ୍ଗି ଦାନ ଟଙ୍କା ଲୁଟି ନେଇଛନ୍ତି। ସମାନ ଢଙ୍ଗରେ ଘାସେଡିହ ମା' ରାମଚଣ୍ଡୀଙ୍କ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୪୦ ହଜାର ଟଙ୍କା ମୂଲ୍ୟର ଅଳଙ୍କାର ସମେତ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଥିବା ସହିତ ଦୁର୍ବୃତ୍ତମାନେ ନିକଟସ୍ଥ ମା' ଆଖଣ୍ଡଳମଣୀଙ୍କ ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସଟିକୁ ଭାଙ୍ଗି ଲୁଟି ନେଇଥିବା ନାଚୁଣୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡାକ୍ତରଖାନା ରାସ୍ତାରେ ଥିବା ଏକ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରା କିମ୍ବା ଲୁଟ୍ ଅଳଙ୍କାର ସମ୍ପର୍କରେ କୌଣସି ସନ୍ଧାନ ପାଇବାରେ ସକ୍ଷମ ହୋଇପାରିନାହିଁ। ତେବେ ଦୁଇ ମାସ ପୂର୍ବେ ଗମ୍ଭାରୀମୁଣ୍ଡା ଫାଣ୍ଡି ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲେ ମଧ୍ୟ ଅଦ୍ୟାବଧି ଏଠାରେ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ହେଉ ନ ଥିବାବେଳେ ଗତ ଦୁଇ ବର୍ଷ ମଧ୍ୟରେ ଏହି ତିନିଟି ମନ୍ଦିରରୁ ୪ଥର ଚୋରି ହେଲାଣି। ତଥାପି ପୁଲିସ ଏହାକୁ ଗୁରୁତ୍ୱର ସହ ଦୃଷ୍ଟି ଦେଉ ନ ଥିବାରୁ ବାରମ୍ବାର ଏପରି ଲୁଟ୍ ଘଟଣାମାନ ଘଟୁଥିବାରୁ ସ୍ଥାନୀୟ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପୁଲିସ ଉଚ୍ଚାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଫାଣ୍ଡି ଅଧିକାରୀ ନିଯୁକ୍ତି କରିବା ସହ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବାଣପୁର ଜଙ୍ଗଲରୁ ମୂଲ୍ୟବାନ ଔଷଧୀୟ ଚେରମୂଳ ଚୋରାଚାଲାଣ

ବାଣପୁର, ୧୩।୭ (ସମିସ): ବର୍ତ୍ତମାନ ସମୟରେ ଆୟୁର୍ବେଦିକ ଔଷଧର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ନିମନ୍ତେ ମୂଲ୍ୟବାନ ବିଭିନ୍ନ ପ୍ରକାର ଚେରମୂଳ ଆବଶ୍ୟକ ପଡୁଛି। ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବନବିଭାଗ ଅଧୀନ ଏସିଆ ମହାଦେଶର ସର୍ବବୃହତ୍ତମ ଶାଳ, ଶାଗୁଆନ ଜଙ୍ଗଲ ଧୂଆଁନଳୀ, ବରବରା ଏବଂ ଶୁଳିଆ, ଶୋଲରୀ, ଭାଲେରୀ ପ୍ରଭୃତି ଜଙ୍ଗଲରେ ବହୁ ମୂଲ୍ୟବାନ ଚେରମୂଳି ଔଷଧୀୟ ବୃକ୍ଷ ଉପଲବ୍ଧ ଥିବାବେଳେ ମାଫିଆମାନେ ସ୍ଥାନୀୟ ଶ୍ରମିକ ନିୟୋଜିତ କରି ଦୈନିକ ଲକ୍ଷଲକ୍ଷ ଟଙ୍କାର ଔଷଧୀୟ ଚେରମୂଳ ସଂଗ୍ରହ କରି ଚୋରାଚାଲାଣ କରିଆସୁଛନ୍ତି। ବନ ବିଭାଗ ଜାଣିଥିଲେ ମଧ୍ୟ ଏହି ମାଫିଆମାନଙ୍କ ସହ ସଲାସୁତରାରେ ନିରବ ରହୁଛି ବିଭାଗ। ବିଗତ ଦିନରେ ଚୋରାଚାଲାଣ ହେଉଥିବା କିଛି ପରିମାଣର ଚେରମୂଳ ଜବତ କରିଥିବା ବେଳେ ପରବର୍ତ୍ତି ସମୟରେ ସଲାସୁତରା କରି ଛାଡ଼ି ଦିଆଯାଇଥିବା ଜଣାଯାଇଛି।

ଖବରରୁ ଜଣାଯାଇଛି ଯେ, ବାଣପୁର ଅଞ୍ଚଳର ଧୂଆଁନଳୀ ଓ ବରବରା ଆଦି ଜଙ୍ଗଲରେ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ନିମନ୍ତେ ମୂଲ୍ୟବାନ ବୃକ୍ଷ ସୁଗନ୍ଧା, ଅଶ୍ୱଗନ୍ଧା, ହରିଡ଼ା, ବାହାଡ଼ା ଓ ଅନନ୍ତମୂଳ ଭରପୂର ହୋଇରହିଛି। ଏହି ଔଷଧୀୟ ବୃକ୍ଷ ମୂଳ କିଲୋଗ୍ରାମ ପିଛା ୩ଶହରୁ ୩୫୦ଟଙ୍କା ଦର ରହିଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ଜଙ୍ଗଲରୁ ଆଣି କେଜିପିଛା ୫୦ରୁ ୬୦ଟଙ୍କା ଦରରେ ବିଗତ ବର୍ଷ ବର୍ଷ ଧରି ଟ୍ରକ୍ ମାଧ୍ୟମରେ ଚୋରାଚାଲାଣ କରାଯାଇଆସୁଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ବାଲୁଗାଁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କିଛି ପରିମାଣରେ ଔଷଧୀୟ ବୃକ୍ଷ ମୂଳ ଜବତ କରାଯାଇଥିଲା। ଏପରିସ୍ଥଳେ କିଛି ବର୍ଷ ପୂର୍ବେ ୧୨୦ ବସ୍ତା ଔଷଧୀୟ ବୃକ୍ଷ ମୂଳ ଜବତ କରାଯାଇଥିବା ବେଳେ ପରବର୍ତ୍ତି ସମୟରେ ବନ ବିଭାଗ ସହ ମାଫିଆମାନଙ୍କ ସଲାସୁତରାରେ ଉକ୍ତ ଜବତ ଚେରମୂଳକୁ ଛାଡ଼ି ଦିଆଯାଇଥିବା ଜଣାଯାଥିଲା। ଯଦି ଏହି ଆୟୁର୍ବେଦିକ ଔଷଧୀୟ ଚେରମୂଳ ଚୋରାଚାଲାଣ ରୋକା ନ ଯାଏ ତେବେ ଭବିଷ୍ୟତରେ ଐତିହ୍ୟ ସମ୍ପନ୍ନ ଏହି ଜଙ୍ଗଲରୁ ଔଷଧୀୟ ବୃକ୍ଷ ଲୋପ ପାଇବାକୁ ଏଡ଼ାଇ ଦିଆଯାଇ ନପାରେ। ବିଭାଗୀୟ କର୍ତ୍ତୃପକ୍ଷ ଓ ସରକାର ଦାୟୀ ରହିବେ। ଏନେଇ ବାଲୁଗାଁ ବନ ବିଭାଗ ଅଧିକାରୀଙ୍କ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିଲେ। ଏହାକୁ ଗୁରୁତର ସହ ନେଇ ଔଷଧୀୟ ବୃକ୍ଷ ମୂଳ ଚୋରାଚାଲାଣ ରୋକିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# 'ସମ୍ବଲପୁରୀ ଭାଷା ସାହିତ୍ୟର ଧାରାକୁ ଆଗକୁ ବଢ଼ାଇବା ଉତ୍ତର ପିଢ଼ିଙ୍କ ଦାୟିତ୍ୱ'





**'କଲମ' ଓ 'ଆଜିର କବିତା' ପକ୍ଷରୁ ଜାତୀୟ ସାହିତ୍ୟ ସମାରୋହ ଉଦ୍‌ଯାପିତ**

**ସମ୍ବଲପୁର, ୧୩।୭ (ସମିସ)**

ପିଢ଼ି ପରେ ପିଢ଼ି, ଯୁଗ ପରେ ଯୁଗ ଧରି ତ୍ୟାଗ, ପରିଶ୍ରମ ବଳରେ ବହିଆସିଥିବା ସମ୍ବଲପୁରୀ ଭାଷା ସାହିତ୍ୟର ଧାରାକୁ ଆଗକୁ ବଢ଼ାଇବା ଉତ୍ତର ପିଢ଼ିଙ୍କ ଦାୟିତ୍ୱ ଅଟେ। ଭାଷାର ନାମ ପରିବର୍ତ୍ତନ ଉଦ୍ୟମ କୌଣସି ଅବସ୍ଥାରେ ମଧ୍ୟ ଉଚିତ କିମ୍ବା ଗ୍ରହଣୀୟ ନୁହେଁ। ଏଥିରୁ ସଭିଏଁ ବିରତ ହେବା ଆବଶ୍ୟକ ଓ ସମ୍ବଲପୁରୀ ଭାଷା ସାହିତ୍ୟର ଉନ୍ନତି ଦିଗରେ ମନୋନିବେଶ କରିବା ପାଇଁ ଜାତୀୟ ସାହିତ୍ୟ ସମାରୋହରେ ଆହ୍ୱାନ ଦିଆଯାଇଛି। ସମ୍ବଲପୁରର 'କଲମ' ଏବଂ ଗୁଆହାଟୀର 'ଆଜିର କବିତା' ସାହିତ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଦ୍ୱିଦିବସୀୟ ଜାତୀୟ ସାହିତ୍ୟ ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି।

ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ସମ୍ବଲପୁରୀ ଏବଂ ଅହମୀୟା ଭାଷା ମଧ୍ୟରେ ଥିବା ସମାନତା ଉପରେ ଆଲୋଚନା କରାଯାଇଥିଲା। ସତ୍ୟନାରାୟଣ ବହିଦାରଙ୍କ 'ଭାଷା ଭିନ୍ ଭିନ୍ ମୁନୁଷ୍ ଗୁଟେ' ଆହ୍ୱାନକୁ ଆଦର୍ଶ ରୂପେ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଭାଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପରସ୍ପର ଭାଷା ପ୍ରତି ଆଦର ଓ ସମ୍ମାନ ବଜାୟ ରହିବା ଆବଶ୍ୟକ ବୋଲି କୁହାଯାଇଛି। ଭାଷା ସମନ୍ୱୟ ଓ ଭାଷା ସଙ୍ଗମ ଜରିଆରେ ଜାତୀୟତାବୋଧର ଭାବନା ସୃଷ୍ଟି ପାଇଁ ଆହ୍ୱାନ ଦିଆଯାଇଛି। ଆଜିର କବିତାର ସଭାପତି ଡଃ ଭବେଶ ଦାଶ ଅଧ୍ୟକ୍ଷତା କରିଥିବାବେଳେ ଡଃ ଦ୍ୱାରିକା ନାଥ ନାୟକ, ଡଃ ଗୋବର୍ଦ୍ଧନ ସାହୁ, ଡଃ ମୋହନ ସାହୁ, ଡଃ ସତ୍ୟନାରାୟଣ ଠାକୁର, ପଦ୍ମାଳୟା ପଣ୍ଡା, କୁମାର ଦୀପକ ଦାଶ, କରୁଣାକାନ୍ତ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଜାତୀୟ ସାହିତ୍ୟ ସମାରୋହ ଅବସରରେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ପତ୍ରିକା ଓ ବିଭିନ୍ନ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ଅଧୀବେଶନରେ ଅନୁଷ୍ଠିତ ବହୁଭାଷୀ କବିତା ପାଠୋତ୍ସବରେ ସମ୍ବଲପୁରୀ, ଅହମୀୟା, ଓଡ଼ିଆ, ହିନ୍ଦୀ ଭାଷାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମୁକ୍ତକଣ୍ଠ ପ୍ରଧାନ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଡଃ ସୁରେଶ ପ୍ରଧାନ, ଚିତ୍ତରଞ୍ଜନ ନାହାକ, ଅରୁଣ ବର୍ମନ, ରତ୍ନ ଜ୍ୟୋତି ଦତ୍ତ, ବିପୁଲ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବିକ୍ରମାଦିତ୍ୟ ସିଂହ, ତରଣୀସେନ ମେହେର, ଡ଼ ଅନୁପମା ବିଶ୍ୱାଳ, ବିନୟ ଛଲିହା କବିତା ପାଠୋତ୍ସବର ସଂଯୋଜନା କରିଥିଲେ। 'କଲମ'ର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଓ ଡଃ ସୁଧାଂଶୁ ଭୂଷଣ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ଆୟୋଜିତ ପ୍ରଥମ ଅଧିବେଶନରେ ଅସମୀୟା ଲେଖକ ନବ କୁମାର ମିଶ୍ରଙ୍କ ଦ୍ୱାରା ଲକ୍ଷ୍ମୀନାଥ ବେଜବରୁଆଙ୍କ ରଚିତ ଶିଶୁ ଗଳ୍ପ ମାଳାର ଓଡ଼ିଆ ଅନୁବାଦ ପୁସ୍ତକ 'ବୁଢ଼ୀ ମା'ର ଗପ'କୁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ହରିଶ୍ଚନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ। କରୁଣାକାନ୍ତ ରାୟ, ଡ. ଗୋବର୍ଦ୍ଧନ ସାହୁ, ଦୀପକ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବଲପୁର ଜାତୀୟ ସାହିତ୍ୟ ସମାରୋହରେ ଆସାମରୁ ୫୦ ଜଣ କବି ଲେଖକ ଭାଗ ନେଇଥିବା ବେଳେ ଓଡ଼ିଶା, ପଶ୍ଚିମବଙ୍ଗ, ଦିଲ୍ଲୀ, ତ୍ରିପୁରା ଆଦି ରାଜ୍ୟର କବି ଲେଖକ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

# ଗରିବ ଛାତ୍ରୀଙ୍କ ପଢ଼ାଖର୍ଚ୍ଚ ବହନକଲେ ଏନ୍‌ଏସି ଅଧ୍ୟକ୍ଷ



**ରେଢ଼ାଖୋଲ, ୧୩।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ରେଙ୍ଗାଲି ପଞ୍ଚାୟତ ବାସିନ୍ଦା ମନୋଜ କୁମାର ସାହୁଙ୍କ ଝିଅ ଆସ୍ଥାରାଣୀ ସାହୁଙ୍କ ଯୁକ୍ତଦୁଇ ପାଠପଢ଼ା ଖର୍ଚ୍ଚ ବହନ କରି ମହାନତା ଦେଖାଇଲେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ। ରେଙ୍ଗାଲି ବାସିନ୍ଦା ମନୋଜ ସାହୁ ଜଣେ ଗରିବ ଅସହାୟ ବ୍ୟକ୍ତି, ସେ ଗ୍ରାମରେ ଏକ ଛୋଟ ସାଇକେଲ ମରାମତି ଦୋକାନ କରି ପରିବାର ଭରଣପୋଷଣ କରି ଆସୁଥିଲେ। କିନ୍ତୁ ମନୋଜ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଅସୁସ୍ଥତା କାରଣରୁ ପରିବାର ଭରଣପୋଷଣ କଷ୍ଟସାଧ୍ୟ ହେଉଥିବାବେଳେ ତାଙ୍କ ଝିଅ ଆସ୍ଥାରାଣୀ କଲେଜରେ ପାଠ ପଢ଼ାଇବା ପାଇଁ ଅର୍ଥ ବାଧକ ସୃଷ୍ଟି ହୋଇଥିଲା। ତେବେ ମନୋଜ ରେଢ଼ାଖୋଲ ସହରକୁ ଆସି ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କୁ ଗୁହାରି ଜଣାଇଥିଲେ। ଏହା ଜାଣିବା ପରେ ଅଧ୍ୟକ୍ଷ ଶ୍ରୀ ସାହୁ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କୁ ଭେଟ କରିଥିଲେ। ଝିଅ ଆସ୍ଥା ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା ବେଳେ କଲେଜରେ ନାମ ଲେଖାଇବା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବା କଥା କହିଥିଲେ। ତୁରନ୍ତ ଉପଜିଲ୍ଲାପାଳ ବଡ଼ମାଳ ପଞ୍ଚାୟତ ସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ଦାସଙ୍କ ସହିତ କଥାବାର୍ତ୍ତା ହୋଇ ଆସ୍ଥା ରାଣୀର ଆଡ୍‌ମିଶନ କରାଇଥିଲେ। ଏଥିରେ ଅଧ୍ୟକ୍ଷ ଶ୍ରୀ ଶିବରାମ ରେଙ୍ଗାଲି ଗ୍ରାମକୁ ଯାଇ ଝିଅ ଅସ୍ଥାକୁ ଡ୍ରେସ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଦେବାସହିତ କଲେଜରେ ଦୁଇବର୍ଷ ପାଠପଢ଼ିବା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ବୁଢ଼ୁଲାପାଳି ଓ ପୁରୁଣାପାଣି ଗ୍ରାମର କୃଷକଙ୍କୁ ସାମଗ୍ରୀ ପ୍ରଦାନ

**କୁଚିଣ୍ଡା, ୧୩।୭(ସମିସ) :** ସାଇ ମଲ୍ଟିପର୍ପସ କୋଓପରେଟିଭ୍ ସୋସାଇଟିଜ୍ ଲିମିଟେଡ୍, କୁଚିଣ୍ଡା ତରଫରୁ ବୁଢ଼ୁଲାପାଳି ଓ ପୁରୁଣାପାଣି ଗ୍ରାମର କୃଷକମାନଙ୍କୁ ବାସନପତ୍ର ପ୍ରଦାନ କରାଯାଇଛି। ସଂଘର ସଂଯୋଜକ କମ୍ ସିଇଓ ରମାକାନ୍ତ ମହାକୁଡ଼, ସଚିବ ମୋତିଲାଲ ମିଶ୍ର ଓ ନିର୍ଦ୍ଦେଶକ ଦେବର୍ଦ୍ଧନ କିଶାନ ନେତୃତ୍ୱ ଦେଇଥିଲେ। ଏହି ଅବସରରେ ବୁଢ଼ୁଲାପାଳି ଗ୍ରାମର ଆନନ୍ଦ ନାଏକ, ପୁରୁଣାପାଣି ଗ୍ରାମର ମିଶ୍ର କୃଷକ ଓ ଅନ୍ୟାନ୍ୟ କୃଷକମାନେ ଉପସ୍ଥିତ ଥିଲେ। ସରପଞ୍ଚ ନଳିନୀ କିଶାନ, ସମିତିସଭ୍ୟ କୁନି କିଶାନ, ବୁଢ଼ୁଲାପାଳି ଗ୍ରାମର କପିଳଚନ୍ଦ୍ର ବୋଇ, ଶାନ୍ତିପାଣି ପାଣିଗ୍ରାହୀ ଓ ଶ୍ରୀକାନ୍ତ ଧରୁଆ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।





# ମୁକ୍ତେଶ୍ୱର ଧାମରେ ଆଜିଠୁ କାଉଡ଼ିଆଙ୍କ ଭିଡ଼



**ଜମନକିରା, ୧୩।୭ (ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ କସଡା ପଞ୍ଚାୟତ ମୁକ୍ତେଶ୍ୱର ଧାମରେ କାଉଡ଼ିଆଙ୍କ ଭିଡ଼ ଆରମ୍ଭ ହେଲାଣି। ଆଜି ସନ୍ଧ୍ୟାରେ ଜମନକିରା ଛକରେ ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରୁ କାଉଡ଼ିଆ ମାନେ ଏକାଠି ହେବା ଦେଖାଯାଇଥିଲା।

## ଏଫ୍‌ଏମ୍ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ମୋହନ ସରକାରଙ୍କ ଦରଦ ନେଇ ପ୍ରଶ୍ନ ଉଠାଇଲେ ରୋହିତ

**ସମ୍ବଲପୁର, ୧୩।୭(ସମିସ):** ମୋହନ ସରକାର ଛାତ୍ରଛାତ୍ରୀଙ୍କ ପାଇଁ କେତେ ଦରଦି, ତାହା ବାଲେଶ୍ୱର ଏଫଏମ ମହାବିଦ୍ୟାଳୟ ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ନ୍ୟାୟ ନ ପାଇ ଶେଷରେ ଜଣେ ଛାତ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରୁ ସରକାରଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଦରଦ ବେଶ ଜଣାପଡୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ପୀଡିତା ଛାତ୍ରୀ ବିଜେପି ସମର୍ଥିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ କର୍ମକର୍ତ୍ତା ଥିଲେ। ମହାବିଦ୍ୟାଳୟର ଜଣେ ସହକାରୀ ପ୍ରାଧ୍ୟାପକଙ୍କ ଦ୍ୱାରା ଦୀର୍ଘ ଦିନରୁ ବାରମ୍ବାର ମାନସିକ ଏବଂ ଶାରୀରିକ ସମ୍ପର୍କ ରଖିବା ପାଇଁ ନିର୍ଯାତିତ ହେଉଥିବା ବେଳେ ସେ ଏହି ଘଟଣାରେ ଅତିଷ୍ଟ ହୋଇ ଗତ ଜୁଲାଇ ୧ ତାରିଖରେ ଏହି ଘଟଣା ବିଷୟରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଲିଖିତ ଏବଂ ମୌଖିକ ଭାବରେ ଅଭିଯୋଗ କରିଥିଲେ। କିନ୍ତୁ ଅଧ୍ୟକ୍ଷ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏହି ଘଟଣାକୁ ଗୁରୁତ୍ୱର ସହ ନ ନେବାରୁ ବାଧ୍ୟ ହୋଇ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ, ଥାନାରେ ମଧ୍ୟ ତାଙ୍କୁ ନ୍ୟାୟ ନ ମିଳିବାରୁ ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରି ନ୍ୟାୟ ପାଇଁ ଜଣାଇଥିଲେ। ଏହା ସହ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ମଧ୍ୟ ଏକ୍ସ ମାଧ୍ୟମରେ ଘଟଣା ବିଷୟରେ ଜଣାଇଥିଲେ। ଆଗରୁ ମଧ୍ୟ ଏଭଳି ନିର୍ଯାତନାରୁ ଅତିଷ୍ଟ ହୋଇ ଥରେ ଆତ୍ମହତ୍ୟା ଉଦ୍ୟମ କରିଥିବା କଥା ବିଷୟରେ ସମସ୍ତେ ଅବଗତ ଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଘଟଣା ବିଷୟରେ ଅବଗତ ହେବା ପରେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦେଇନଥିଲେ। ଯଦି ପୂର୍ବରୁ ଏ ଉଭୟେ ଏହି ଘଟଣାରେ ହସ୍ତକ୍ଷେପ କରିଥାନ୍ତେ, ତାହାଲେ ଆଜି ଛାତ୍ରୀଙ୍କୁ ଏଭଳି ଯନ୍ତ୍ରଣା ଭୋଗିବାକୁ ପଡ଼ିନଥାନ୍ତା ବୋଲି ସେ କହିଛନ୍ତି। ଘଟଣାର ନ୍ୟାୟିକ ତଦନ୍ତ ଏବଂ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ ଯଦି ଖୋଦ୍ ବିଜେପିର ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କ ପ୍ରତି ଏଭଳି ବିପଦ ଜନକ ସମସ୍ୟା ଦେଖାଯାଉଛି ତେବେ ସାଧାରଣ ଛାତ୍ରଛାତ୍ରୀଙ୍କ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡିକରେ ଆଗକୁ ଏଭଳି ଘଟଣାକ୍ରମ ଯଦି ଘଟେ ତେବେ ସେମାନେ କେତେଦୂର ସୁରକ୍ଷିତ ରହିବେ ବୋଲି ଇଂ ପୂଜାରୀ ପ୍ରଶ୍ନ କରିଛନ୍ତି। ଆଗକୁ ଯଦି ଉପରୋକ୍ତ ନିର୍ଯାତିତା ଜୀବନ ମରଣ ସହ ସଂଗ୍ରାମ କରୁଥିବା ଛାତ୍ରୀଙ୍କର କୌଣସି ଅଘଟଣ ଘଟେ ତେବେ ସାରା ରାଜ୍ୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବିଜେପି ସରକାରଙ୍କୁ ବିଜେଡି ଏହାର ଜବାବ୍ ଦେବ ବୋଲି ଇଂ ପୂଜାରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମା' ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଛାତ୍ରୀଙ୍କ ଆଶୁ ଆରୋଗ୍ୟ ଏବଂ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହସ ମିଳୁ ବୋଲି କାମନା କରିଛନ୍ତି।

# ଛାତ୍ରଛାତ୍ରୀ ସାହସୀ ହେବା ଜରୁରୀ



**ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ପକ୍ଷରୁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ**

**ସମ୍ବଲପୁର, ୧୩।୭ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଅନୁଷ୍ଠାନର ପ୍ରେକ୍ଷାଳୟରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଦ୍ୱାଦଶ ସପ୍ତାହ ଶିକ୍ଷାଦାନ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ଟି ବିଦ୍ୟାଳୟରୁ ୪୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସାହସ ବିଷୟରେ ଆଲୋଚନା କରିଥିଲେ। ଜୀବନରେ ଛାତ୍ରଛାତ୍ରୀମାନେ ସାହସୀ ହେବା ଜରୁରୀ ବୋଲି ସେ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଉପରେ ଆଲୋଚନା କରି ଭିମସାରର ଶରୀର ତତ୍ତ୍ୱବିଭାଗ ସହଯୋଗୀ ପ୍ରଫେସର ଡା. ଶତରୂପା ଦାଶ ପିଲାଙ୍କୁ ବାଳ, ନଖ, ଚର୍ମ ସହିତ ଆଖି ଓ ମୁହଁର ବିଶେଷ ଯତ୍ନ ନେବାକୁ ବୁଝାଇବା ସହ ଇଅର ଫୋନ୍, ମୋବାଇଲ ଓ ଦୂଷିତ ପରିବେଶଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ସତର୍କ କରେଇ ମାନସିକ ସୁସ୍ଥତା ପାଇଁ ଯୋଗ ଓ ପ୍ରାଣାୟମ ଓ ସୂର୍ଯ୍ୟ ନମସ୍କାର ଆଦି ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ ସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୋନାଲି, ବିଦୁଷି, ଅବିନାଶ, ସିଦ୍ଧାର୍ଥ, ଆଶୁତୋଷ, ଅଦିତି, ମୋନାଲିସା, ଗୌରବ ଓ ଫତିମା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପବ୍ଲିକ ଲାଇବ୍ରେରୀର ସଭ୍ୟ-ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ଅର୍ଜୁନ ରଞ୍ଜନ ପଣ୍ଡା, ସୁଶାନ୍ତ ଗୁରୁ, ଉଦିତ ଚନ୍ଦ୍ର ପାଟଯୋଶୀ, ଅଶୋକ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବୈଷୟିକ ସହାୟତା ବିଜୟ ସାହୁ ପ୍ରଦାନ କରିଥିଲେ।

# ସ୍ଥିରତା ପକ୍ଷ ପାଳନ ଅବସରରେ ସଚେତନତା

**ସମ୍ବଲପୁର, ୧୩।୭ (ସମିସ) :** ବିଶ୍ୱ ଜନସଂଖ୍ୟା ଦିବସ-୨୦୨୫ ଅଧୀନ ସ୍ଥିରତା ପକ୍ଷ ପାଳନ ଉପଲକ୍ଷେ ରବିବାର ପେନ୍‌ସନ୍‌ପଡ଼ାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜୁଲାଇ ୧୧ରୁ ୨୪ ତାରିଖ ମଧ୍ୟରେ ସ୍ଥିରତା ପକ୍ଷ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର ପକ୍ଷରୁ ସମ୍ବଲପୁର ମହାନଗର ଅନ୍ତର୍ଗତ ୩୧ ନମ୍ବର ୱାର୍ଡ ପେନସନପଡ଼ାରେ ସ୍ଥିରତା ପକ୍ଷ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଥିଲା। ଏଥିରେ ବିଶେଷ କରି ମହିଳାମାନଙ୍କୁ ଜନ୍ମ ନିୟନ୍ତ୍ରଣର ବିଭିନ୍ନ ଉପାୟ ଏବଂ ଜନସଂଖ୍ୟା ବୃଦ୍ଧିର କୁପରିଣାମ ବିଷୟରେ ସଚେତନ କରାଯାଇଥିଲା। ମାତୃମଙ୍ଗଳ କେନ୍ଦ୍ରର ଫାର୍ମାସୀ ଅଧିକାରୀ ବୀରେନ୍ଦ୍ର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଲ୍ଲବୀ ରାୟ, ମମତା ଖଣ୍ଡାୟତ, ସଂଯୁକ୍ତା ଖଣ୍ଡାୟତ, ରିଙ୍କି ଲୁହା ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ଜିଏମ୍‌ୟୁ ଇତିହାସ ଓ ନୃତତ୍ତ୍ୱ ବିଭାଗରେ ଆଲୋଚନାଚକ୍ର





**ସମ୍ବଲପୁର, ୧୩।୭ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଇତିହାସ ବିଭାଗ ଓ ନୃତତ୍ତ୍ୱ ବିଭାଗ ମିଳିତ ଆନୁକୂଲ୍ୟରେ ଆଦିବାସୀ ଓ ଆଦିବାସୀବାଦ : ଓଡ଼ିଶାର ଆନ୍ଦୋଳନରେ ସେମାନଙ୍କ ଭୂମିକା' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନଚକ୍ର ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇତିଲେ। ସଭାକୁ ସହକାରୀ ପ୍ରଫେସର ଡ. ପରମତପ ପ୍ରଧାନ ଓ ସହକାରୀ ପ୍ରଫେସର ଡଃ ମୀନକେତନ ବାଗ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ନୃତତ୍ତ୍ୱ ବିଭାଗର ସହଯୋଗୀ ପ୍ରଫେସର ଡ. ବିଭୂକଲ୍ୟାଣ ମହାନ୍ତି ଅଧ୍ୟକ୍ଷତା କରି ଆଦିବାସୀ ଓ ଆଦିବାସୀବାଦ ଉପରେ ଗୁରୁତ୍ୱାରୋପ କରିଥିଲାବେଳେ ଦ୍ୱିତୀୟ ଅଧିବେଶନରେ ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ମଲ୍ଲିକ ଓଡ଼ିଶାର ବିଭିନ୍ନ ଆନ୍ଦୋଳନର ସୂତ୍ରଧର ଭାବେ ଆଦିବାସୀ ମାନଙ୍କ କାର୍ଯ୍ୟ ବିଷୟରେ ବଖାଣିଥିଲେ। ତୃତୀୟ ଅଧିବେଶନରେ ସହଯୋଗୀ ପ୍ରଫେସର ଡଃ ମୀରା ସ୍ୱାଇଁ ଆଦିବାସୀମାନଙ୍କ କଳା ଓ ସାମାଜିକ ଜୀବନ ଉପରେ ବ୍ୟାଖ୍ୟା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ଆଦିବାସୀ ଜୀବନ, ସଂସ୍କୃତି ଓ ଜ୍ଞାନକୌଶଳ ବିଷୟରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଗବେଷକ ତଥା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ମୋଟ ୨୫ରୁ ଉର୍ଦ୍ଧ୍ୱ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଶେଷରେ ଇତିହାସ ବିଭାଗ ଅଧ୍ୟାପକ ଶଙ୍ଖନାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତା

**ସମ୍ବଲପୁର, ୧୩।୭ (ସମିସ) :** ଦୟାନନ୍ଦ ଜଣେ ଶିକ୍ଷକ ଓ ସାମ୍ବାଦିକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରି ଜୀବନର ଅନ୍ତିମ ପର୍ଯ୍ୟାୟରେ ମଧ୍ୟ ସେହି ଭୂମିକାରେ ନିଜର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ଭାରତୀୟ ଜାତୀୟ ଆନ୍ଦୋଳନରେ ତାଙ୍କ ଉଦ୍ୟମରେ ପାଣିମୋରା ଗ୍ରାମରୁ ୪୨ ଜଣ ସ୍ୱାଧୀନତା ସଂଗ୍ରାମୀ ଉତ୍ସାହିତ ହୋଇ ଯୋଗଦାନ କରିଥିଲେ। ସେ ଥିଲେ ଜଣେ ନିରଭିମାନୀ ତଥା ନିର୍ଭୀକ ବ୍ୟକ୍ତି। କର୍ମଯୋଗୀ ଦୟାନନ୍ଦ ଭାବେ ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀଙ୍କୁ ମୁଖ୍ୟବକ୍ତା ଟେକଚାନ୍ଦ ଦୁଆନ ଅଭିହିତ କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ସମ୍ବଲପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୟାନନ୍ଦ ଶତପଥୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ପ୍ରାଧ୍ୟାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ମାରକୀ ବକ୍ତବ୍ୟର ଶୀର୍ଷକ ଥିଲା - 'ସତ୍ୟାଗ୍ରହୀ ଗାଁ ପାଣିମୋରା ଓ ଦୟାନନ୍ଦ ଶତପଥୀ'। ମୁଖ୍ୟବକ୍ତା ଶ୍ରୀ ଦୁଆନ ନିଜ ବକ୍ତବ୍ୟରେ ସଂଗ୍ରାମୀ ଦୟାନନ୍ଦଙ୍କୁ ଗାନ୍ଧୀବାଦର ପ୍ରବଳ ପ୍ରଚାରକ ତଥା ଗାନ୍ଧିଜୀଙ୍କ ଅଷ୍ଟାଦଶ ସୂତ୍ରୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ଭାବେ କାର୍ଯ୍ୟ କରି ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ପାଣିମୋରା ଗ୍ରାମରେ ତାଙ୍କ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ ବୋଲି କହିଥିଲେ। ଭବାନୀ ଶଙ୍କର ହୋତା ସ୍ୱର୍ଗତ ଦୟାନନ୍ଦ ଶତପଥୀଙ୍କୁ ଜଣେ ବିଶିଷ୍ଟ ଗାନ୍ଧୀବାଦୀ ତଥା ପରବର୍ତ୍ତୀ କାଳରେ ଜଣେ ସାମ୍ୟବାଦୀ ମହାନାୟକ ଭାବେ ଅଭିହିତ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ପ୍ରଫୁଲ୍ଲ ହୋତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂଗଠକ ରାଜେନ୍ଦ୍ର ନାୟକଙ୍କୁ ଦୟାନନ୍ଦ ଶତପଥୀ ସ୍ମୃତି ସମ୍ମାନ ଦ୍ୱାରା ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଡ. ଗୌରିଦାସ ପଧାନ ମାନପତ୍ର ପାଠ କରିଥିଲେ ପ୍ରଶାନ୍ତ ପାଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।



**ଦଶମ ଦିନରେ ଜଳଯୋଗାଣ ବ୍ୟାହତ**

# ସୁଧୁରୁନି ବ୍ୟବସ୍ଥା; ସରୁନି ପାନୀୟଜଳ ଯନ୍ତ୍ରଣା

**ସମ୍ବଲପୁର, ୧୩।୭ (ସମିସ)**

ସରୁନି ସମ୍ବଲପୁରବାସୀଙ୍କ ପାନୀୟ ଜଳ ଯନ୍ତ୍ରଣା। ଗତ ୧୦ ଦିନ ଧରି ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗତ ଶୁକ୍ରବାର ୪ ତାରିଖଠାରୁ ସମ୍ବଲପୁର ସହରରେ ଆରମ୍ଭ ହୋଇଥିବା ପାନୀୟଜଳ ସମସ୍ୟା ଆଜିପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଲୋକେ କୂଅ କିମ୍ବା ବୋର୍‌ୱେଲ ଥିବା ଘରକୁ ଯାଇ ବାଲ୍‌ଟି, ଡେକ୍‌ଚିରେ ପିଇବା ପାଣି ଆଣୁଛନ୍ତି। ବର୍ଷା ଜାରି ରହିଥିବାରୁ କିଛି ଲୋକ ବର୍ଷାପାଣି ପିଉଛନ୍ତି। ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ବିଭିନ୍ନ ଅଞ୍ଚଳରେ ଦିନକଥରେ ଘଣ୍ଟାକରୁ କମ୍ ସମୟ ପାଇଁ ଜଳଯୋଗାଣ ହେଉଛି। ଯାହା କି ପରିବାର ମାନଙ୍କ ରନ୍ଧାବଢ଼ା ସହିତ ଅନ୍ୟ ବ୍ୟବହାର ସକାଶେ ପର୍ଯ୍ୟାପ୍ତ ନୁହେଁ। ଏପରିକି ୱାଟ୍‌କୋ ପକ୍ଷରୁ ଘଣ୍ଟାଏ ଜଳ ଯୋଗାଇ ଦିଆଯାଉଥିବା କହୁଥିବାବେଳେ ବହୁତ କମ ସମୟ ପାଇଁ ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଗତ ୩ ତାରିଖ ଦିନ ବଜ୍ରପାତ ଯୋଗୁଁ ବରେଇପାଲି ଜଳ ବିଶୋଧନାଗାର ଉପକେନ୍ଦ୍ରରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ୱାଟର୍ କର୍ପୋରେସନ୍ ଅଫ୍ ଓଡ଼ିଶା (ୱାଟ୍‌କୋ) ପାଖରେ କୌଣସି ବିକଳ୍ପ ବ୍ୟବସ୍ଥା ବା ଗଚ୍ଛିତ ଉପକରଣ ନାହିଁ। ବିଭାଗ ଏଭଳି ସ୍ଥିତିର ମୁକାବିଲା ସକାଶେ ପ୍ରସ୍ତୁତ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ବିଭାଗୀୟ ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଏକ ଟ୍ରାନ୍ସଫର୍ମର ଅଣାଯାଇ ତାହାର ଇନ୍‌ଷ୍ଟଲେସନ୍ କରାଯାଇଥିଲା। ତେବେ, ତାହାକୁ ଚାର୍ଜ କରି ବ୍ୟବହାର କରିବା ସମୟରେ ସେହି ନୂତନ ଟ୍ରାନ୍ସଫର୍ମର୍‌ରେ ପୁଣି ତ୍ରୁଟି ଦେଖାଦେଇଥିଲା। ଏତେଦିନ ଧରି ପାନୀୟ ଜଳଯୋଗାଣ ବ୍ୟାହତ ଯୋଗୁଁ ସମ୍ବଲପୁରବାସୀ ହନ୍ତସନ୍ତ ହୋଇଗଲେଣି। ସହରାଞ୍ଚଳରେ ଡିପ୍ ବୋରୱେଲ ବ୍ୟବସ୍ଥା କିମ୍ବା କୂଅ ନଥିବାରୁ ଲୋକେ ପିଇବା ପାଣି କିଣି କି ପିଇବାକୁ ବାଧ୍ୟ ହେଉଛନ୍ତି। ୱାଟ୍‌କୋ ପକ୍ଷରୁ ତ୍ରୁଟି ସୁଧାରିବାକୁ ଉଦ୍ୟମ ଜାରି ରହିଥିବା ଅଧିକାରୀମାନେ କହୁଛନ୍ତି। କିନ୍ତୁ କେବେ ସ୍ଥିତି ସ୍ୱାଭାବିକ ହେବ ସେନେଇ କୌଣସି ସୂଚନା ମିଳିପାରିନାହିଁ। ପଶ୍ଚିମ ଓଡ଼ିଶାର ସର୍ବପୁରାତନ ସହର ତଥା କେନ୍ଦ୍ରସ୍ଥଳୀ ଏବଂ ହୀରାକୁଦ ନଦୀବନ୍ଧ ତଳେ ଥିବା ସମ୍ବଲପୁର ସହରରେ ପାନୀୟ ଜଳ ପାଇଁ ଲୋକେ କେବଳ ଗ୍ରୀଷ୍ମଋତୁରେ ନୁହେଁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ଉତ୍ତରାଖଣ୍ଡ ପୁଲିସ ଆଇଜି ଭଳି ପଶ୍ଚିମ ଓଡ଼ିଶାସ୍ତରୀୟ କାର୍ଯ୍ୟାଳୟ ଗୁଡ଼ିକ ସମ୍ବଲପୁରରେ ଥିବାବେଳେ ଜଳଯୋଗାଣ ଭଳି ମୌଳିକ ସେବାରେ କ୍ରମାଗତ ୧୦ ଦିନ ଧରି ଅବ୍ୟବସ୍ଥା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି)ରୁ ୱାଟ୍‌କୋକୁ କେବଳ ନାମ ବଦଳା ଯାଇଥିବାବେଳେ ସେବାରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଦାନୀ କହିଛନ୍ତି, ସମ୍ବଲପୁରରେ ଲୋକେ ପାଣି ପାଇଁ ହାହାକାର ହୋଇଗଲେଣି। ଦୈନନ୍ଦିନ ବ୍ୟବହାର ପାଇଁ ତ ଦୂରର କଥା ଲୋକେ ପିଇବା ପାଇଁ ମଧ୍ୟ ପାଣି ପାଉନାହାନ୍ତି। ୱାଟ୍‌କୋ ବିଭାଗ ତତ୍ପରତାର ସହ ଶୀଘ୍ର ତ୍ରୁଟି ସୁଧାରି ଜଳଯୋଗାଣ ସ୍ୱାଭାବିକ କରିବା ପାଇଁ ଯୁଦ୍ଧକାଳୀନ ଭାବରେ କାର୍ଯ୍ୟ କରିବା କଥା। ମୌଳିକ ସୁବିଧା ସୁଯୋଗ କ୍ଷେତ୍ରରେ ସମ୍ବଲପୁରବାସୀଙ୍କୁ ବିଭାଗୀୟ ଅବହେଳା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।



# ଭୁବନେଶ୍ୱର ସିଟି



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଟ୍ରାଫିକ୍ କଟକଣା

# ସହର ଭିତରକୁ ଭାରୀଯାନ ବାରଣ

ଭୁବନେଶ୍ୱର,୧୩।୭ (ସମିସ):




ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଓଡ଼ିଶାଗସ୍ତକୁ ନଜରରେ ରଖି ପୁଲିସ ପକ୍ଷରୁ ଟ୍ରାଫିକ୍ କଟକଣା କରାଯାଇଛି। ଲୋକଙ୍କ ଗମନାଗମନ ପାଇଁ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ରାଷ୍ଟ୍ରପତି ଯିବା ରାସ୍ତାକୁ ବନ୍ଦ ରଖାଯିବ। ୧୪ ତାରିଖ ସନ୍ଧ୍ୟା ୫ଟା ୧୦ ମିନିଟରୁ ସନ୍ଧ୍ୟା ୫ଟା ୫୦ ମିନିଟ ପର୍ଯ୍ୟନ୍ତ ଏୟାରପୋର୍ଟ ଛକରୁ ରାଜଭବନ ଛକ, ରାଜଭବନ ଛକରୁ ପାୱାରହାଉସ୍ ଛକ ଦେଇ ୧୨୦ ବିଏନ୍ ଛକରୁ ଜୟବିହାର ଛକ ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ। ସେହିପରି ଜୟଦେବ ବିହାରରୁ ଜାତୀୟ ରାଜପଥ ଦେଇ ଖଣ୍ଡଗିରି ଫ୍ଲାଏ ଓଭର ବ୍ରିଜ୍ ଶେଷ- କସ୍‌ମୋପଲିସ ଛକ-ଏମ୍ସ ଅଣ୍ଡର ପାସ୍, ବିପିଏସ୍‌ପି କଟ୍ -ଏମ୍ସ ଗୋଲେଇ ଡାହାଣ ପଟ ରାସ୍ତା ବନ୍ଦ ରହିବ। ସେହିପରି ସନ୍ଧ୍ୟା ୬ଟା ୩୦ରୁ ୭ଟା ୫ମିନିଟ୍ ପର୍ଯ୍ୟନ୍ତ ଏମ୍ସ ହସ୍ପିଟାଲରୁ ବାମ ମୋଡ଼ ଦେଇ ଆଇଗଣିଆ ଅଣ୍ଡରପାସ୍ ଦେଇ-କସ୍‌ମୋପଲିସ ଛକ-ଜାତୀୟ ରାଜପଥ୧୬ରେ କ୍ରାଉନ୍ ହୋଟେଲ ଦେଇ ଜୟଦେବ ବିହାର ପର୍ଯ୍ୟନ୍ତ କଟକଣା ରହିଛି। ଜୟଦେବ ବିହାରରୁ ରାଜଭବନ ଛକ ପର୍ଯ୍ୟନ୍ତ ମଧ କଟକଣା କରାଯାଇଛି। ୧୫ ତାରିଖ ସକାଳ ୯ଟା ୩୦ ମିନିଟ୍‌ର ରାଜଭବନ ଛକରୁ ବାହାରି ନୂଆପଲ୍ଲୀ ଅଣ୍ଡରପାସ ୟୁ-ଟର୍ଣ୍ଣ ନେଇ ଜାତୀୟ ରାଜପଥ ୧୬ ଦେଇ ଲିଙ୍କ୍ ରୋଡ୍ ପର୍ଯ୍ୟନ୍ତ କଟକଣା ରହିଛି। କଟକ ଫ୍ଲାଏ ଓଭର ବ୍ରିଜ୍ ଶେଷ-ଓଏମ୍‌ପି ଛକ-ବାମ ମୋଡ଼ ମାଲ ଗୋଦାମ୍ ଓଭରବ୍ରିଜ୍ -ଡାହାଣ ଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା କରାଯାଇଛି। ସେହିପରି ଦିବା ୧୧ଟା୫୦ରୁ ୧୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ -ବାମ ମୋଡ଼ ହୋଇ କଟକ ୱିଇଟ୍ ଷ୍ଟଲ-ଡାହାଣ ମୋଡ଼-ଯୋବ୍ରା ଛକ-ବାମ ମୋଡ଼ ଗଡ଼ଗଡ଼ିଆ ମନ୍ଦିର-ବାମ ମୋଡ଼ ନେଇ ଗୋପବନ୍ଧୁକ ଛକ-ମଧୁସୁଦନ ଷ୍ଟାଚ୍ୟୁ ଡାହାଣ ମୋଡ଼-ସମାଜ ଅଫିସ ବାମ ମୋଡ଼-ବକ୍ସି ବିଜାର ଛକ- ଡାହାଣ ମୋଡ଼-ଗୌରୀ ଶଙ୍କର ପାର୍କ- ବାମ ମୋଡ଼ ନେଇ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ କଟକଣା ରହିଛି। ସେହିପରି ୧୨ଟା୨୫ରୁ ଅପରାହ୍ନ ୧୨ଟା୫୦ ମିନିଟ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ-ବାମ ମୋଡ଼-ଗୌରୀ ଶଙ୍କର ପାର୍କ, ବାମ ମୋଡ଼ ବକ୍ସି ବଜାର ଛକ-ଡାହାଣ ମୋଡ଼-ମଧୁସୂଦନ ଷ୍ଟାଚ୍ୟୁ-ଗୋପବନ୍ଧୁ ଛକ- ଡାହାଣ ମୋଡ଼ ଦେଇ ଗଡ଼ଗଡିଆ ମନ୍ଦିର ଦେଇ ଶ୍ରୀମା ହସ୍ପିଟାଲ ଛକ- ୟୁଟର୍ଣ୍ଣ-ସର୍କିଟ ହାଉସ ପର୍ଯ୍ୟନ୍ତ ରହିଛି।

## ଦୁଇଦିନ ନିର୍ଦ୍ଦିଷ୍ଟ ସମୟରେ ବନ୍ଦ ରହିବ ରାସ୍ତା

ଅପରାହ୍ନ ୩ଟା୧୦ମିନିଟରୁ ଅପରାହ୍ନ ୩ଟା୩୦ ମିନିଟ ପର୍ଯ୍ୟନ୍ତ କଟକଣା ରହିଛି। ସର୍କିଟ ହାଉସ- ବାମ ମୋଡ଼-ଗଡ଼ଗଡ଼ିଆ ମନ୍ଦିର-ବାମ୍ବୋ ଡିପୋ ଗଡ଼ା-କ୍ୟାଣ୍ଟନମେଣ୍ଟ ଥାନା-ବାମ ମୋଡ଼-ମଧୁକୁଞ୍ଜ ପାର୍କ ଛକ-ବାମ ମୋଡ଼-ଆନନ୍ଦ ଭବନ ଛକ- ଭେନ୍ୟୁ ପର୍ଯ୍ୟନ୍ତ କଟକଣା ରହିଛି। ଅପରାହ୍ନ ୩ଟା ୩୫ ମିନିଟରୁ ଅପରାହ୍ନ ୩ଟା ୫୫ ମିନିଟ ପର୍ଯ୍ୟନ୍ତ ଶାରଳା ଭବନ-ବିଜୁ ପଟ୍ଟନାୟକ ଛକ-ୟୁଟର୍ଣ୍ଣ-ଆନନ୍ଦ ଭବନ ଛକ ଡାହାଣ ଛକ-ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ କଟକଣା ରହିଛି। ସେହିପରି ଅପରାହ୍ନ ୪ଟା୫୦ରୁ ସନ୍ଧ୍ୟା ୬ଟା ୧୦ରେ ଇଣ୍ଡୋର ଷ୍ଟାଡିୟମ-ଆନନ୍ଦ ଭବନ ଛକ-ଡାହାଣ ମୋଡ଼ କ୍ୟାଣ୍ଟନମେଣ୍ଟ ଥାନା ଛକ- ଯୋବ୍ରା ଛକ- ହାହାଣମୋଡ଼ ଦେଇ ଓମ୍‌ପି ଛକରେ ପହଞ୍ଚି ଜାତୀୟ ରାଜପଥ ଦେଇ ଜୟଦେବ ବିହାର ଛକରେ ପହଞ୍ଚିବେ। ଏହା ପରେ ବାମ ମୋଡ଼ ନେଇ ବେହେରାସାହି ଛକ ଦେଇ ରାଜଭବନ ପହଞ୍ଚିବେ। ସେଠାରୁ ବାହାରୁ ପୁଣି ଏଜି ଛକ ଦେଇ ସିଧା ବିମାନ ବନ୍ଦର ପର୍ଯ୍ୟନ୍ତ କଟକଣା କରାଯାଇଛି। ଟ୍ରାଫିକ୍ କଟକଣା ସମୟରେ ସହର ଭିତରକୁ ଭାରିଯାନକୁ ବାରଣ କରାଯାଇଛି।

ଜୀବନର କେତେ ରଙ୍ଗ

# ଜାଲ ଉପରେ ନିର୍ଭର ବାସୁଦେବଙ୍କ ସଂସାର



ଭୁବନେଶ୍ୱର,୧୩।୭ (ସମିସ): ଜାଲ ଆଉ ନଈ ସହ ସମ୍ପର୍କ ତାଙ୍କର ଅନେକ ବର୍ଷର। ରାତି ପାହିଲେ ବାପା ଦାଦାଙ୍କୁ ଜାଲ ଧରି ବାହାରି ଯିବାର ଦେଖି ସମୟ ସହ ଦିନେ ସେ ବି ଜାଲକୁ ଆପଣେଇଲେ। ତାକୁ ଜୀବନ ଜୀବିକାର ମାଧ୍ୟମ କରିଥିଲେ। ହେଲେ ସମୟ ସହ ସେ ସମ୍ପର୍କ ଆଉ ତୁଲି ଜଳିବାରେ ତାଙ୍କୁ ଆଉ ସାହାଯ୍ୟ କରି ପାରୁନି। ବରଂ ଦିନକୁ ଦିନ ସମସ୍ୟା ହେଉଛି ବୋଲି କୁହନ୍ତି ବାସୁଦେବ।

ଏ ହେଉଛନ୍ତି ପୁରୁଣା ଭୁବନେଶ୍ୱରରେ ଥିବା କେଉଟ ସାହିର ବାସୁଦେବ ଗଙ୍ଗେଇ, ବୟସ ୪୦ ପରେ ହେଲାଣି। ନିଜ ଅନୁଭୂତିରୁ ସେ କୁହନ୍ତି, ଦିନଥିଲା ନଦୀରେ ଜାଲ ପଡ଼ିଲେ ଘରେ ରୋଷେଇ ହୁଏ। ଯେଉଁଦିନ ଜାଲରେ ବେଶୀ ମାଛ ପଡ଼େ ସେଦିନ ଘରେ ଭଲ ଖାଇବା ହୁଏ। ସେଥିପାଇଁ ଜାଲ ତାଙ୍କର ସୁଃଖ ଦୁଃଖର ସାଥୀ ପାଲଟିଥିଲା। କିନ୍ତୁ ଆଉ ସେ ଦିନ ନାହିଁ। ଜାଲରେ ଆଗ ଭଳି ଭଲ ମାଛ ଆଉ ପଡୁନାହାନ୍ତି। ନିଜ ସାହି ନିଟକଟରେ ତାଙ୍କର ଯାହା ବେପାର ହୁଏ। କାରଣ ଅଧିକାଂଶ ସମୟରେ ଲୋକ ମାଛ ମାର୍କେଟକୁ ଯାଇ କିଣୁଛନ୍ତି। ନ ହେଲେ ଅନ୍‌ଲାଇନରେ ମଧ୍ୟ କିଛି ମଗାଇବାକୁ ଆରମ୍ଭ କଲେଣି। ପୂର୍ବରୁ ସେ ବିଭିନ୍ନ କଲୋନୀ ବୁଲି ସାଇକଲରେ ବେପାର କରୁଥିଲେ। ହେଲେ ସେତେ ଭଲ ବେପାର ନହେବାରୁ ଛକ ମୁଣ୍ଡରେ ବସି ବିକୁଛନ୍ତି। ସେଇ ଜାଲ ପାଇଁ ତାଙ୍କ ସଂସାର ଚଳୁଛି ବୋଲି କୁହନ୍ତି।

ତାଙ୍କ ମତରେ ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏହି ବୃତ୍ତିକୁ ଅନ୍ୟ ଲୋକ ମଧ୍ୟ ଆପଣେଇବାକୁ ଲାଗିଲେଣି। ଫଳରେ ଆଗପରି ଆଉ ବେପାର ନାହିଁ। ଦିନକୁ ଦିନ ଏଥିରେ ପ୍ରତିଯୋଗିତା ବଢ଼ିଲାଣି, ସେଥିପାଇଁ ଗ୍ରାହକଙ୍କ ସଂଖ୍ୟା ମଧ୍ୟ କମୁଛି। ଛକ ଛକରେ ସେମାନଙ୍କ ବେପାର ବଢ଼ିବାରୁ ପ୍ରକୃତ କେଉଟ ପରିବାର ଜୀବିକା ହରାଇବାକୁ ବସିଲେଣି।

# ଅତିରିକ୍ତ ସଚିବଙ୍କ ଘରୁ ଚୋରି ଘଟଣା; ଆଉଜଣେ ଗିରଫ



ଭୁବନେଶ୍ୱର,୧୩।୭ (ସମିସ): ଅତିରିକ୍ତ ସଚିବ ପୁଷ୍ପଲତା ସାମଲଙ୍କ ଘରୁ ଚୋରି ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର ଦୀପକ ନାୟକ ଓରଫ୍ ଦିପୁନା (୨୭)। ପୁଲିସ ସୂଚନା ଅନୁସାରେ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ପୁଷ୍ପଲତା ସାମଲ ୟୁନିଟ୍ ୩ ଅଞ୍ଚଳର ସରକାରୀ କ୍ୱାଟରରେ ରୁହନ୍ତି। ଗତମାସ ୨୩ ତାରିଖ ସନ୍ଧ୍ୟାରେ ପୁଷ୍ପଲତା ଓ ତାଙ୍କ ପରିବାର ସଦସ୍ୟମାନେ ବାହାରେ ଥିଲେ। ସେହି ସମୟରେ ଦିପୁନା, ପସା ଓ ପପୁ ତାଙ୍କ କ୍ୱାଟର ତାଲା ଭାଙ୍ଗି ଗୋଟିଏ ଲାପଟପ୍ ଓ ଚାର୍ଜର ଚୋରି କରି ନେଇଥିଲେ। ଚୋରି ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ପୁଷ୍ପଲତାଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ୩ ଜଣଙ୍କ ସଂପୃକ୍ତି ସାମ୍ନାକୁ ଆସିଥିଲା। ଅଭିଯୁକ୍ତମାନେ କେଦାରପଲ୍ଲୀ ବସ୍ତିର ବୋଲି ଜଣାପଡ଼ିଥିଲା। ଗତ ୭ ତାରିଖ ଦିନ ପସାକୁ ଗିରଫ କରି ତା' ଠାରୁ ଲାପଟପ୍ ଓ ଚାର୍ଜର ଜବତ କରିଥିଲା। ଆଜି ରାଜମହଲ ଛକରୁ ଦିପୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ହୋମିଓପ୍ୟାଥିକ ଚିକିତ୍ସା ସଚେତନତା



ଭୁବନେଶ୍ୱର,୧୩।୭ (ସମିସ): କରୋନା, ଝାଡ଼ାବାନ୍ତି ଓ ଡେଙ୍ଗୁ ରୋଗ ଉପରେ ଏକ ସଚେତନତା ଶିବିର ସ୍ଥାନୀୟ ଧର୍ମବିହାର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନ ଏବଂ ଆଇଆଇଏଚ୍‌ପି ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଡା. ସନ୍ତୋଷ କୁମାର ଜେନା ଓ ଡା. କମଳ ସିଂଙ୍କ ଦ୍ୱାରା ତିନୋଟି ରୋଗର ପ୍ରମୁଖ କାରଣ, ଲକ୍ଷଣ, ନିରାକରଣ, ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବସ୍ତିର ୫ଶହ ଲୋକଙ୍କୁ ଔଷଧ ବଣ୍ଟନ କରାଯିବା ସହିତ ମାସ୍କ, ସାନିଟାଇଜର ଆଦି ବିତରଣ କରାଯାଇଥିଲା। କରୋନା, ଝାଡ଼ାବାନ୍ତି ଏବଂ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଏବଂ ନିକାକରଣ ବିଷୟରେ ସୂଚନା ଦିଆଯାଇଥିଲା। ରୋଗୀଙ୍କ ପ୍ରତିଷେଧକ କ୍ଷମତା ବଢ଼ାଇବା ଲାଗି ଆର୍‌ସେନିକ ଏଏଲ୍‌ବି ୩୦ ଔଷଧ ବିତରଣ କରାଯାଇଥିଲା। ଗହଳି ସ୍ଥାନରେ ବ୍ୟବହାର ଲାଗି ମାସ୍କ ପିନ୍ଧିବା, ହାତକୁ ପରିଷ୍କାର କରିବା ଲାଗି ସାବୁନ ଓ ସାନିଟାଇଜର ମଧ୍ୟ ବିତରଣ କରାଯାଇଥିଲା। ପାଣି ଫୁଟାଇ ଛାଣିକରି ପିଇବାକୁ ସଚେତନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଧର୍ମବିହାରସ୍ଥିତ ବାସୁଦେବ ସେଠୀ ଓ ତାଙ୍କ ସହକର୍ମୀ ସହଯୋଗ କରିଥିଲେ।

# ପ୍ରତାପ ଶାସନ କଲେଜ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବାଲିଅନ୍ତା,୧୩।୭ (ସମିସ): ବାଲିଅନ୍ତା ବ୍ଲକର ବାଳକାଟି ପ୍ରତାପ ଶାସନ ମହାବିଦ୍ୟାଳୟର ୧୯୯୯ ମସିହା ବ୍ୟାଚ୍ +୨ ପୂର୍ବତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୬ ବର୍ଷ ପରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକତ୍ର ହେବା ସମୟରେ ସମସ୍ତଙ୍କର ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କେଶୁରା ଛକ ନିକଟରେ ଅବସ୍ଥିତ ପ୍ରଶାନ୍ତ ନାୟକଙ୍କ ହାଲୋ ଗାର୍ଡେନ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅଭିନେତା ପ୍ରଶାନ୍ତ ନାୟକ, ସାମ୍ବାଦିକ ଜୟରାମ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# 'ଉଡ୍ଡୀୟାନ ଗୁରୁ ପଦ୍ମସମ୍ଭବ-ଦ୍ୱିତୀୟ ବୁଦ୍ଧ' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୧୩।୭ (ସମିସ): ଦିଲ୍ଲୀର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନରେ ସ୍ୱେସ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ସମାରୋହରେ ପ୍ରବୀର କୁମାର ପଟ୍ଟନାୟକଙ୍କ ପୁସ୍ତକ 'ଉଡ୍ଡୀୟାନ ଗୁରୁ ପଦ୍ମସମ୍ଭବ - ଦ୍ୱିତୀୟ ବୁଦ୍ଧ' ଉନ୍ମୋଚିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କୁମାର ପ୍ରଶାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ଅଫ କଲେଜେସ ପ୍ରଫେସର ବଳରାମ ପାଣି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରମୁଖ ବକ୍ତାମାନଙ୍କ ମଧ୍ୟରେ ମଙ୍ଗୋଲିଆର ସଂସ୍କୃତ ଏବଂ ବୌଦ୍ଧ ଅଧ୍ୟୟନର ପୂର୍ବତନ ଆଇସିସିଆର ପ୍ରଫେସର ମାନବେନ୍ଦ୍ର କିଶୋର ଦାସ, ଭାରତ ସରକାରଙ୍କ ଉତ୍ତର-ପୂର୍ବ ଅଞ୍ଚଳ ବିକାଶ ମନ୍ତ୍ରଣାଳୟ ର ଯୁଗ୍ମ ସଚିବ ନୀରଜ କୁମାର ଏବଂ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦର ନିର୍ଦ୍ଦେଶକ ସୁନୀଲ କୁମାର ସିଂହ ଉପସ୍ଥିତ ଥିଲେ। ସ୍ୱେସ୍ ଇଣ୍ଡିଆର ସଭାପତି ଡକ୍ଟର କୁଲଦୀପ ଅଗ୍ରୱାଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପରେ, ବୌଦ୍ଧ କଳା ଇତିହାସ ଏବଂ ସଂସ୍କୃତିରେ ଅବଦାନ ପାଇଁ ଡ଼କ୍ଟର ପ୍ରବୀଣ ପ୍ରକାଶ ଏବଂ ବିନୟ ବହଲଙ୍କୁ ସ୍ୱେସ୍ ଇଣ୍ଡିଆର "ପ୍ରଥମ ପଦ୍ମସମ୍ଭବ ପୁରସ୍କାର ୨୦୨୫' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ଡ. ଭବାନୀ ଶଙ୍କର ଦୀକ୍ଷିତ ପରିଚାଳନା କରିଥିଲେ।

# ଓଡ଼ିଶାରେ ଆରମ୍ଭ ହେଲା 'ଅରଫାନ୍ ସର୍ଭେ'

## 'ଆମରି ଶିଶୁ' ପୋର୍ଟାଲରେ ରହିବ ପ୍ରତ୍ୟେକ ଶିଶୁଙ୍କ ତଥ୍ୟ



ଭୁବନେଶ୍ୱର,୧୨।୭ (ସମିସ): ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ୍ ସର୍ଭେ-୨୦୨୫। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଚଳିତ ଜୁଲାଇ ମାସ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ଏଥିରେ ଉଭୟ ପିତାମାତାଙ୍କୁ ହରାଇ ଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବାର ଲକ୍ଷ୍ୟ ରହିଛି। ୨୦୨୫ ମସିହା ଜୁନ୍ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି ଅଭିଯାନରେ ଚିହ୍ନଟ କରାଯିବ। ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ।

ଯଶୋଦା ଯୋଜନାରେ ପ୍ରତି ୪ ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାମାନଙ୍କ ପାଇଁ ଅରଫାନ୍ ସର୍ଭେ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିପାଇଁ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହେବା ସହିତ ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ତାଲିମ ଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ତାଲିମଦାତାମାନେ ଅଙ୍ଗନବାଡି କର୍ମୀଙ୍କୁ ସର୍ଭେ ସମ୍ବନ୍ଧୀୟ ତାଲିମ ମଧ ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ 'ଆମରି ଶିଶୁ' ପୋର୍ଟାଲରେ ଦାଖଲ କରାଯିବ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ଥାନାରେ ତାଲା, ସିସିଟିଏନ୍‌ଏସ୍‌ରେ ମାମଲା

## ପରିସର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଭୁବନେଶ୍ୱର,୧୩।୭ (ସମିସ):

ପୂର୍ବରୁ ଯେଉଁଭଳି ଭାବେ ରାଜଧାନୀରେ ବିଦ୍ୟୁତ୍ ଚୋରି ହେଉଥିଲା ତାହା ବର୍ତ୍ତମାନ ଦେଖାଯାଉନାହିଁ। କାଁ ଭାଁ କେଉଁଠି ବିଦ୍ୟୁତ୍ ଚୋରି ହେଉଥିବାବେଳେ ସବୁ ଠିକ୍‌ଠାକ୍ ଚାଲିଛି। କାରଣ ବିଦ୍ୟୁତ୍ ଚୋରି ନେଇ କୌଣସି ମାମଲା ହେଉନାହିଁ। ଯେଉଁଥିପାଇଁ ଏବେ ବିଦ୍ୟୁତ ଥାନାରେ ତାଲା ପଡିଛି। କିନ୍ତୁ ପୁଲିସ ବିଭାଗର ସିସିଟିଏନ୍‌ଏସ୍‌ରେ ଗଡୁଛି ମାମଲା। ଯଦି ଥାନାକୁ ଅଫିସିଆଲ ଭାବେ ବନ୍ଦ କରାଯାଇଛି ତେବେ ସିସିଟିଏନଏସ୍‌ରୁ ମାମଲା ସମ୍ପୂର୍ଣ୍ଣ ଭାବେ ଉଠାଇ

### ସ୍ଥାନୀୟ ଥାନାରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ

ଦେବା କଥା। କିନ୍ତୁ ତାହା କରାଯାଇ ନାହିଁ। ପୁଲିସ ବିଭାଗ ଏହାକୁ ବିଧିବଦ୍ଧ ଭାବେ ବନ୍ଦ କରିଦେବା ଆବଶ୍ୟକ ବୋଲି କୁହାଯାଉଛି। ବିଦ୍ୟୁତ୍ ଥାନା ଏବେ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ। ସେଠାରେ ମଦୁଆ, ଗଞ୍ଜେଇ ଏବଂ ଡ୍ରଗ୍ସ ସେବନକାରୀ ଯୁବକ ବସି ଖଟି କରୁଛନ୍ତି। ତେଣୁ ପୁଲିସ ଏହି ବିଲ୍ଡିଂକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରୁ ନହେଲେ ପ୍ରଶାସନକୁ ଦେଇଦେଉ ବୋଲି କୁହାଯାଉଛି। ପାୱାରହାଉସ ଛକ ନିକଟରେ ଥିବା ବିଦ୍ୟୁତ ଥାନାରେ କିଛି ମାସ ହେବ 'ସହାୟ' ଚାଲୁ ଚାଲୁଥିଲା। କିନ୍ତୁ ଡିସିପି ଅଫିସ୍ ବିଲ୍ଡିଂ ହେବା ପରେ ସେଠାକୁ ଅଫିସ୍ ଉଠିଗଲା। କିନ୍ତୁ ଉକ୍ତ ଘର ଏବେ ଭୂତକୋଠି ପାଲଟିଛି। ୨୦୦୩ ଅକ୍ଟୋବର ୩ତାରିଖରେ ବିଦ୍ୟୁତ୍ ଥାନା ପ୍ରତିଷ୍ଠା କରାଯାଇଥିଲା। ଏହାପରେ ବିଦ୍ୟୁତ୍ ଚୋରି ନେଇ ଏକାଧିକ ମାମଲା ମଧ୍ୟ ରୁଜୁ କରାଯାଉଥିଲା। ଯେଉଁଠି ବୁଦ୍ୟୁତ୍ ଚୋରି ନେଇ ଅଭିଯୋଗ ଆସୁଥିଲା ସେଠାକୁ ତୁରନ୍ତ ଉକ୍ତ ଥାନାର ପୁଲିସ କର୍ମଚାରୀ ଚଢ଼ଉ କରି ମାମଲା ରୁଜୁ କରିବା ସହ ଜରିମାନା ଆଦାୟ କରୁଥିଲେ। ମିଳିଥିବା ତଥ୍ୟ ଅନୁସାରେ, ୨୦୧୫ ମସିହାରେ ସର୍ବାଧିକ ୧୦୪ ବିଦ୍ୟୁତ୍ ଚୋରି ନେଇ ମାମଲା ହୋଇଥିଲା। ୨୦୧୬ରେ ୭୫ ମାମଲା, ୨୦୧୭ରେ ୫୧ ମାମଲା, ୨୦୧୮ରେ ୧୫ଟି ମାମଲା ହୋଇଥିଲା। ସେହିଭଳି ୨୦୧୯ରେ ୩୦, ୨୦୨୦ରେ ୨୨ ଏବଂ ୨୦୨୧ରେ ୨ଟି ମାମଲା ହୋଇଥିବା ଜଣାପଡ଼ିଛି।




ବିଦ୍ୟୁତ୍ ଥାନା ସରକାରୀ ଭାବେ ବନ୍ଦ ହୋଇନଥିବା ବେଳେ ଏହାକୁ ବେସରକାରୀ ଭାବେ ବନ୍ଦ କରାଯାଇଛି। ତେଣୁ ଏହି ଥାନାରେ ଆଉ ମାମଲା ରୁଜୁ ହେବ ନାହିଁ। କାରଣ କମିସନରେଟ୍ ପୁଲିସ ପକ୍ଷରୁ ଯେ କୌଣସି ଥାନାରେ ବିଦ୍ୟୁତ୍ ଚୋରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ହୋଇଛି।

ତେଣୁ ବିଦ୍ୟୁତ୍ ଚୋରି ନେଇ ବିଦ୍ୟୁତ ବିଭାଗ ଯେ କୌଣସି ଥାନାରେ ଅଭିଯୋଗ କଲେ ପୁଲିସ ଚଢ଼ଉ କରି ମାମଲା ରୁଜୁ କରି ପାରିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ଯେଉଁଥି ପାଇଁ ବିଦ୍ୟୁତ୍ ଥାନାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

### ବିଦ୍ୟୁତ୍ ଚୋରି କରୁଛନ୍ତି ରାଜଧାନୀର ବିଲ୍ଡର

ବିଗତ ଦିନରେ ରାଜଧାନୀରେ ବିଦ୍ୟୁତ୍ ଚୋରି ନେଇ ଯେତିକି ଚଢ଼ଉ ହୋଇଛି ଅଧିକାଂଶ ବିଲ୍ଡରଙ୍କ ଘର ଉପରେ ଚଢ଼ଉ ହୋଇଛି। କାରଣ ସେମାନେ ବିଲ୍ଡିଂ ନିର୍ମାଣ କାର୍ଯ୍ୟରେ ବହୁଳ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ତେଣୁ ଏହାର ବିଲ୍ ମାସକୁ ଲକ୍ଷାଧିକ ଟଙ୍କା ହେଉଛି। ତେଣୁ ଫାଙ୍କିବା ପାଇଁ ବିଲ୍ଡରମାନେ ଚୋରା ରାସ୍ତା ବାଛିଛନ୍ତି। ସେମାନେ ବିଦ୍ୟୁତ୍ ଚୋରି କରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏବେ ମଧ୍ୟ ଏହି ବିଲ୍ଡରମାନେ ବିଦ୍ୟୁତ୍ ଚୋରି ଜାରି ରଖିଛନ୍ତି। ବିଦ୍ୟୁତ୍ ଥାନାର ଏଭଳି ଅବସ୍ଥା ହେବା ପରେ ସେମାନଙ୍କ ଉପରେ ଏବେ କିଏ ଚଢ଼ଉ କରିବ ବୋଲି ଚିନ୍ତାରେ ପଡ଼ିଛି ବିଦ୍ୟୁତ୍ ବିଭାଗ।

### ପୁଲିସ ୱେବ୍‌ସାଇଟ୍‌ରେ ଭୁଲ୍ ତଥ୍ୟ

ଉକ୍ତ ଥାନାରୁ ସବୁ କର୍ମଚାରୀ କାଢ଼ି ନିଆଯାଇଥିଲେ ମଧ୍ୟ କମିସନରେଟ ପୁଲିସର ୱେବ୍‌ସାଇଟ୍‌ରେ ଏହାକୁ ପରିବର୍ତ୍ତନ କରାଯାଇ ନାହିଁ। ଏବେବି ସେମାନଙ୍କ ସାଇଟ୍‌ରେ ଭୁଲ୍ ତଥ୍ୟ ଦିଆଯାଇଛି। ଏସିପି ଦାୟିତ୍ୱରେ ରଜତ ରାୟ ଥିବା ବେଳେ ଇନ୍ସପେକ୍ଟର ଦାୟିତ୍ୱରେ ସୁଦୀପ କୁମାର ମହାପାତ୍ର ଅଛନ୍ତି। ଏହି ଥାନାରେ ଏସ୍‌ଆଇ ୨ଜଣ, ଏଏସ୍‌ଆଇ ୨ଜଣ, ହେଡ୍ କନଷ୍ଟବଳ ୧, କନଷ୍ଟେବଳ ୧୨ ଜଣ ଏବଂ ହୋମଗାର୍ଡ ୬ଜଣ ଥିବା ଦର୍ଶାଯାଇଛି।





# ଓଡ଼ିଶା ଏଲ୍‌ପିଜି ବିତରକ ସଂଘ ସହ ରାଜ୍ୟ ପ୍ରଶାସନର ଆଲୋଚନା

**ଭୁବନେଶ୍ୱର, ୧୩।୭ (ସମିସ):** ଓଡ଼ିଶା ଏଲ୍‌ପିଜି ବିତରକ ସଂଘର ସଭାନେତ୍ରୀ ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ ପଦାଧିକାରୀମାନେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡି.ଜି. ଯୋଗେଶ ଖୁରାନିଆ, ପରିବହନ ସଚିବ ଉଷା ପାଢ଼ୀ ଓ ବରିଷ୍ଠ ଆଇପିଏସ୍ ଅଧିକାରୀ ଅମିତାଭ ଠାକୁରଙ୍କୁ ସଚିବାଳୟର ମୁଖ୍ୟ ଶାସନ ସଚିବଙ୍କ ପ୍ରକୋଷ୍ଠରେ ସାକ୍ଷାତ କରି ଓଡ଼ିଶାରେ ଚାଲିଥିବା ଡ୍ରାଇଭର ମହାସଂଘର ଆନ୍ଦୋଳନ ଏବଂ ଏହାଦ୍ୱାରା ସାରା ଓଡ଼ିଶାରେ ଏଲ୍‌ପିଜି ବିତରଣ କ୍ଷେତ୍ରରେ ଦୀର୍ଘ ୫ଦିନ ଧରି ଚାଲିଥିବା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନାରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବାର ନିର୍ଭର ପ୍ରତିଶ୍ରୁତି ମୁଖ୍ୟ ଶାସନ ସଚିବ ଦେଇଥିଲେ। ଏଲ୍‌ପିଜି, ପ୍ଲାଣ୍ଟଗୁଡ଼ିକରୁ ବିତରକଙ୍କ ନିକଟରେ ଗ୍ୟାସ୍ ବୋଝେଇ ଟ୍ରକ୍‌ଗୁଡ଼ିକ ପହଞ୍ଚିଥିବା ସମୟରେ ରାସ୍ତାରେ ଯେମିତି କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ନ ହୁଅନ୍ତି ସେଥିନିମନ୍ତେ ତୁରନ୍ତ ସହଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଦୀର୍ଘ ୫ ଦିନ ଧରି ଚାଲିଥିବା ସ୍ଥିତିରେ ଉପଭୋକ୍ତାମାନେ ଗ୍ୟାସ୍ ପାଇଁ ବୁକିଂ କରିଛନ୍ତି। ଯାହାକି ଆଜିକା ଦିନରେ ତିନୋଟି ଅଏଲ୍ କମ୍ପାନୀର ସମୁଦାୟ ୫ଲକ୍ଷ ରିଫିଲ୍ ବିତରଣ କରିବା ନିମନ୍ତେ ବକେୟା ରହିଛି। ଆଜିଠାରୁ ପରିବହନ ସ୍ଥିତି ସୁଧୁରିଲେ ଆଗାମୀ ଏକମାସ ଭିତରେ ସାରା ଓଡ଼ିଶାରେ ବିତରଣ ସ୍ଥିତି ସୁଧୁରିବ। ଏହା ହୃଦୟଙ୍ଗମ କରି ପ୍ରଶାସନ ସମସ୍ତ ସହଯୋଗ କରିବା ନେଇ ନିର୍ଭର ପ୍ରତିଶୃତି ଦେଇଥିଲେ। ଏହି ଆଲୋଚନାରେ ସଭାପତିଙ୍କ ସହିତ ବରିଷ୍ଠ ପଦାଧିକାରୀ ଅମରନାଥ ରଥ, ରଞ୍ଜନ କୁମାର ମହାପାତ୍ର, ଅଭିଷେକ ତ୍ରିପାଠୀ, ଅଭୟ ଗୋଚ୍ଛାୟତ, ଆଶିଷ ପ୍ରଧାନ, ସୁବ୍ରତ ମହାପାତ୍ର ଏବଂ ପ୍ରତିଟୀ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ବାଦପତ୍ର ଜରିଆରେ ସଭାନେତ୍ରୀ ଡଃ ବକ୍ସିପାତ୍ର ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କୁ ଏଲ୍‌ପିଜି ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଏବଂ ବିତରଣରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହାସହ ସାରା ଓଡ଼ିଶାର ଉପଭୋକ୍ତା ମାନଙ୍କୁ ଏଭଳି ଏକ ସ୍ଥିତିରେ ବିତରକ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଆଜି ଶ୍ରାବଣ ପ୍ରଥମ ସୋମବାର

# ବୋଲ୍‌ବମ୍ ଧ୍ୱନିରେ କମ୍ପିଲା ରାଜଧାନୀ ରାସ୍ତା

**ଭୁବନେଶ୍ୱର,୧୩।୭ (ସମିସ):**



ଆସନ୍ତାକାଲି ଶ୍ରାବଣ ପ୍ରଥମ ସୋମବାର। ଏଥିପାଇଁ ରବିବାର ଅପରାହ୍ଣରୁ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ରର ବିଭିନ୍ନ ଶୈବପୀଠକୁ କାଉଡ଼ିଆଙ୍କ ଆଗମନ ହୋଇଛି। ବୋଲ୍‌ବମ୍, ହରହର ବମ୍, ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇଛି ରାଜଧାନୀ ରାସ୍ତା। ବିଭିନ୍ନ ପବିତ୍ର ଜଳାଶୟରୁ ମାନସିକଧାରୀ ଭକ୍ତଙ୍କ ସମାଗମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ରାଜଧାନୀର ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମେତ ମେଘେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର, ଚିନ୍ତାମଣିଶ୍ୱର ଆଦି ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଛି।

ଏଥିପାଇଁ ମନ୍ଦିର ପ୍ରଶାସନ ଓ ଏଏସ୍‌ଆଇ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜଳଲାଗି ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଧାଡ଼ିରେ କାଉଡ଼ିଆମାନେ ଯାଇ କିଭଳି ଶୃଙ୍ଖଳିତ ଭାବରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। କାଉଡ଼ିଆ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଜଳ ଲାଗି କରିବାକୁ ଗଙ୍ଗାଯମୁନା ମନ୍ଦିର ରାସ୍ତା ଦେଇ ଲିଙ୍ଗରାଜ ପ୍ଲାଜା ଭିତରେ ପଶି ସିଂହଦ୍ୱାର ପାଖରୁ ଆଡ଼କାଠ ନିକଟକୁ ଯିବେ। ଗର୍ଭଗୃହ ମଧ୍ୟକୁ ପ୍ରବେଶ ନିଷେଧ ଥିବାବେଳେ ଆଡ଼କାଠ ନିକଟରେ ରହିଥିବା ଲୋଧାରେ ପାଣି ଢାଳିବେ। କାଉଡ଼ିଆମାନେ ଜଳଲାଗି କରିବା ପରେ ଲିଙ୍ଗରାଜଙ୍କ ଦର୍ଶନ କରିବେ। ଶାନ୍ତିଶୃଙ୍ଖଳା ନିମନ୍ତେ ମନ୍ଦିର ବାହାରେ ପୁଲିସ ଫୋର୍ସ ମୁତୟନ ହେବା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିବେ। ସେହିପରି ମନ୍ଦିର ଭିତରେ ପତ୍ର, ଫୁଲ, କଳସୀ ଆଦି ସଫା କରିବା ପାଇଁ ଏଏସ୍‌ଆଇ ପକ୍ଷରୁ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ମନ୍ଦିରକୁ ଛୁରି, ପଲିଥିନ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ବାରଣ କରାଯାଇଛି। ଜଳଲାଗି ପାଇଁ

### ଲିଙ୍ଗରାଜ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼

### ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା

ଗଲାବେଳେ ପାନ, ଗୁଟ୍‌ଖା, ମାଦକ ଦ୍ରବ୍ୟ ସେବନ କରି ଯିବା ଉପରେ କଟକଣା ରହିଛି। ଜଳଲାଗି ସରିବା ପରେ ଉତ୍ତରଦ୍ୱାର ଦେଇ କାଉଡ଼ିଆମାନେ ମନ୍ଦିର ବାହାରକୁ ପ୍ରସ୍ଥାନ କରିବେ। ତେବେ କାଉଡ଼ିଆଙ୍କ ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ରହଣୀସ୍ଥଳର ବ୍ୟବସ୍ଥା କରାଯାଇଛି। ସେହିପରି ମେଘେଶ୍ୱର, ବ୍ରହ୍ମେଶ୍ୱର ମନ୍ଦିରକୁ ମଧ୍ୟ ଭକ୍ତ ଦର୍ଶନ ପାଇଁ ଯାଇପାରିବେ। ଭକ୍ତମାନେ କଟକ ଗଡ଼ଗଡ଼ିଆ ଘାଟ, ଦୟା ନଦୀ, ମେଘେଶ୍ୱର ପୁଷ୍କରିଣୀ ଓ ବିନ୍ଦୁସାଗରରୁ ପାଣି ନେଇ ଜଳଲାଗି କରିଥାନ୍ତି। ରାଜଧାନୀର ଅନ୍ୟ ଶୈବ ପୀଠରେ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ ରବିବାର ରାଜଧାନୀର ପ୍ରମୁଖ ମାର୍କେଟ ଗୁଡ଼ିକରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ଆବଶ୍ୟକୀୟ ଜିନିଷ କିଣିବାକୁ ଭିଡ଼ ଜମିଥିଲା।

ସୂଚନାଯୋଗ୍ୟ, ଶିବ ପୁରାଣ ଅନୁସାରେ ଶ୍ରାବଣ ମାସକୁ ଅତ୍ୟନ୍ତ ଶୁଭ ମନେ କରାଯାଏ। ଏହି ମାସରେ ଭକ୍ତମାନେ କାଉଡ଼ିଆ ଭାବେ ମହାଦେବଙ୍କ ମଥାରେ ଜଳଲାଗି କଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଲକ୍ଷ ଲକ୍ଷ କାଉଡ଼ିଆ ବିଭିନ୍ନ ଜଳାଶୟରୁ ଜଳ ନେଇ ଶୈବପୀଠରେ ଜଳ ଲାଗି କରିବାକୁ ବାହାରିଥିବା ବେଳେ ଅନେକ ମାନସିକଧାରୀ ଦୂରଦୂରାନ୍ତରୁ ଆସି ଶ୍ରୀଲିଙ୍ଗରାଜଙ୍କ ଅଭିମୁଖେ ଆସିଥିବା ଜଣାପଡ଼ିଛି।

# ଜୁ' ଆମ୍ବାସାଡରଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ



**ନନ୍ଦନକାନନ, ୧୩।୭ (ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂତନ ଚିଡ଼ିଆଖାନା ରାଷ୍ଟ୍ରଦୂତଙ୍କ (ଜୁ ଆମ୍ବାସାଡୋର)ଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ୩୯ଟି ସ୍କୁଲରୁ ନୂତନ ଭାବରେ ମନୋନୀତ ଚିଡ଼ିଆଖାନା ରାଷ୍ଟ୍ରଦୂତଙ୍କ ପାଇଁ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ନନ୍ଦନକାନନ ତରଫରୁ ଆୟୋଜନ କରାଯାଇଥିଲା। ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଚିଡ଼ିଆଖାନା ରାଷ୍ଟ୍ରଦୂତ କାର୍ଯ୍ୟକ୍ରମର ଲକ୍ଷ୍ୟ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ବିଷୟରେ ଗଭୀର ବୁଝାମଣା ବୃଦ୍ଧି କରିବା। ୨୦୨୪ ଡିସେମ୍ବର ୧୨ରେ ଏକ ପ୍ରତିଯୋଗିତାମୂଳକ ପରୀକ୍ଷା ପରେ ୭୧ ଜଣ ରାଷ୍ଟ୍ରଦୂତଙ୍କୁ ମନୋନୀତ କରାଯାଇଥିଲା। ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ଓଡ଼ିଶା ସରକାର ପୂର୍ବରୁ ପାର୍କର ୬୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୨୦୨୫ ପାଇଁ ରାଷ୍ଟ୍ରଦୂତ ଘୋଷଣା କରିଥିଲେ। ଏହି ରାଷ୍ଟ୍ରଦୂତମାନେ ସଚେତନତା ପ୍ରସାର ଏବଂ ସଂରକ୍ଷଣ ପ୍ରୟାସରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟ କରିବେ। ନନ୍ଦନକାନନର ଶିକ୍ଷା ଅଧିକାରୀ ମିଳନ ପଣ୍ଡା ଓ ତାଙ୍କ ଶିକ୍ଷା ଦଳ ଦ୍ୱାରା ଏକ ଦିନିକିଆ ଓରିଏଣ୍ଟେସନ୍ ଶିବିରର କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଚିଡ଼ିଆଖାନା ରାଷ୍ଟ୍ରଦୂତ ଭାବରେ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ବିଷୟରେ ଏକ ବ୍ୟାପକ ସାରାଂଶ ପ୍ରଦାନ କରାଯାଇଥିଲା। ସେମାନଙ୍କ ବିଦ୍ୟାଳୟ ସମେତ ସେମାନଙ୍କ ଆଖପାଖରେ ବନ୍ୟପ୍ରାଣୀ ସଂରକ୍ଷଣ ବିଷୟରେ ସଚେତନତା ବୃଦ୍ଧି କରିବାରେ ସେମାନଙ୍କର କାର୍ଯ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଶିବିରଟି ଶିକ୍ଷାଗତ ତତ୍ତ୍ୱ ଏବଂ ବ୍ୟବହାରିକ ଅଧିବେଶନର ଏକ ମିଶ୍ରଣ ଥିଲା ଯାହା ଦ୍ୱାରା ରାଷ୍ଟ୍ରଦୂତମାନଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ଆଗ୍ରହ ବୃଦ୍ଧି ପାଇବାରେ ସହାୟକ ହେବ। ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ, ପକ୍ଷୀ, ଗଛ, ପରିବେଶ ବିଷୟରେ ପର୍ଯ୍ୟବେକ୍ଷଣ, ସ୍ଥାନୀୟ ଉଦ୍ଭିଦ ବିଷୟରେ ସେମାନଙ୍କର ଜ୍ଞାନ ବୃଦ୍ଧି କରିବା ପାଇଁ ବିହନ ଏବଂ ପତ୍ର ଚିହ୍ନଟ, ପୁନଃଚକ୍ରଣ ସାମଗ୍ରୀରେ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଓରିଗାମୀ, ଯୋଗାଯୋଗ ଦକ୍ଷତା ଏବଂ ସଚେତନତା ବୃଦ୍ଧି କରିବା ପାଇଁ ଇଣ୍ଟରାକ୍ଟିଭ୍ କୁଇଜ୍, ଚିଡିଆଖାନା ପରିଦର୍ଶନ କରି ଶିକ୍ଷା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ, ପ୍ରତ୍ୟେକ ଚିଡ଼ିଆଖାନା ରାଷ୍ଟ୍ରଦୂତଙ୍କୁ ଶିବିରକୁ ସଫଳତାର ସହିତ ସମାପ୍ତ କରିବା ଏବଂ ଏଥିରେ ଅଂଶଗ୍ରହଣର ସାର୍ଟିଫିକେଟ ଦିଆଯାଇଥିଲା। ଚିଡ଼ିଆଖାନା ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ୨୦ ଜୁଲାଇ, ୨୦୨୫ ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

# ଆଇଏଡିଭିଏଲ୍ ପକ୍ଷରୁ ଚର୍ମ ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର,୧୩।୭ (ସମିସ):** ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଡରମାଟୋଲୋଜିଷ୍ଟ, ଭେନେରିଓଲୋଜିଷ୍ଟସ୍ ଏବଂ ଲେପ୍ରୋଲୋଜିଷ୍ଟସ୍ (ଆଇଏଡିଭିଏଲ୍) ଓଡ଼ିଶା ଶାଖାର ବିଭିନ୍ନ ସଂଗଠନ ସହିତ ମିଳିତ ଉଦ୍ୟମରେ ସାରା ଓଡ଼ିଶାରେ ଚର୍ମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ରବିବାର "ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସ' ଅବସରରେ ସମାଜର ଅବହେଳିତ ଗରିବ, ଅନାଥ, ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକଙ୍କୁ ଚର୍ମରୋଗ ଚିକିତ୍ସା ପ୍ରଦାନ କରାଯାଉଛି। ସାରା ରାଜ୍ୟରେ କିଛି ପ୍ରମୁଖ ସ୍ଥାନରେ ୩୦ ରୁ ଅଧିକ ଶିବିର ସ୍ଥାପନ କରାଯିବ, ଯେଉଁଠି ଗୁଣାତ୍ମକ ଚର୍ମରୋଗ ପରାମର୍ଶ ଏବଂ ଚିକିତ୍ସା ଉପଲବ୍ଧ ରହିଛି। ଏଥିସହିତ ଅବହେଳିତ ବର୍ଗର ଲୋକଙ୍କ ନିକଟରେ ଚର୍ମରୋଗ ସେବାକୁ ପହଞ୍ଚାଇବା ସହ ଏହି ଶିବିରଗୁଡ଼ିକରେ ଚର୍ମରୋଗର ପ୍ରାରମ୍ଭିକ ଚିହ୍ନଟ କରାଯିବ, ଚର୍ମରୋଗ ଚିକିତ୍ସା ସହ ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରାଯିବ। ସାରା ଓଡ଼ିଶାର ପ୍ରତିଷ୍ଠିତ ଅନୁଷ୍ଠାନର ଚର୍ମରୋଗ ବିଶେଷଜ୍ଞମାନେ ସ୍ୱେଚ୍ଛାସେବୀ ଭାବରେ ମାଗଣା ପରାମର୍ଶ ଏବଂ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରୁଛନ୍ତି। ସମଗ୍ର ଓଡ଼ିଶାରେ ଦୃଷ୍ଟିହୀନ, ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର, ଅନାଥ, ବରିଷ୍ଠ ନାଗରିକ, ବସ୍ତି ବାସିନ୍ଦା, ମାନସିକ ଅନଗ୍ରସର ରୋଗୀ ଏବଂ ସମାଜର ସମସ୍ତ ଅବହେଳିତ ବର୍ଗଙ୍କ ପାଇଁ ଶିବିର ଆୟୋଜନ କରାଯାଉଛି। ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ବରଗଡ଼, ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ, କୋରାପୁଟ ଇତ୍ୟାଦି ଅଞ୍ଚଳରେ ଶିବିରମାନ ଅନୁଷ୍ଠିତ ହେଉଅଛି। ଲୋକଙ୍କ ନିକଟରେ ଚର୍ମରୋଗ ଚିକିତ୍ସା ପହଞ୍ଚାଇ ପାରିଥିବାରୁ ଆମେ ଆନନ୍ଦିତ ବୋଲି ଆଇଏଡିଭିଏଲ୍ ଓଡ଼ିଶାର ସେକ୍ରେଟାରୀ ଡକ୍ଟର କୁମାର ଅଭିଷେକ କହିଛନ୍ତି। ଏହିପରି ମଧ୍ୟ ଆଇଏଡିଭିଏଲ୍‌ର ସଭାପତି ବିନୋଦିନୀ ବେହେରା "ଚର୍ମ ସ୍ୱାସ୍ଥ୍ୟ ସାଧାରଣ ସ୍ୱାସ୍ଥ୍ୟର ଏକ ଅବିଚ୍ଛେଦ୍ୟ ଅଂଶ, ଏବଂ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଯତ୍ନ ପାଇବାକୁ ଯୋଗ୍ୟ। ଏହି ଶିବିରଗୁଡ଼ିକ ମାଧ୍ୟମରେ, ଆମେ ସଚେତନତା ସୃଷ୍ଟି କରିବା, ଚିକିତ୍ସା ପ୍ରଦାନ କରିବା ଏବଂ ଲୋକମାନଙ୍କୁ ସେମାନଙ୍କ ଚର୍ମ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସଶକ୍ତ କରିବା ଲକ୍ଷ୍ୟ ରଖିଛୁ ବୋଲି ମତ ଦେଇଥିଲେ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**କଟକ,୧୩।୭ (ସମିସ):** ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ମାଆ କମଳିନୀ ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି



ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୬ ଦିନ ହେବ ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଭୋର ୪ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଜଗତସିଂହପୁର ଜିଲ୍ଲା ଅଲଣାହାଟ ନୂଆପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଆତ୍ମୀୟସ୍ୱଜନଙ୍କ ସମେତ ଗ୍ରାମବାସୀ ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ୪ ପୁଅ ପ୍ରଦୀପ ସାହୁ, ସିପେଟ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ ସାହୁ ଓ ପ୍ରବୀଣ ସାହୁଙ୍କ ସମେତ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ।



ଲୋକସେବା ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ପାଇଁ ଓଡ଼ିଶାକୁ ମିଳିଥିବା ଶ୍ରେଷ୍ଠ ରାଜ୍ୟ ପୁରସ୍କାରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦର୍ଶନ କରୁଛନ୍ତି।

# ୩୨ କେଜି ଗଞ୍ଜେଇ ଜବତ; ୨ ମହିଳା ଗିରଫ

**ଖୋର୍ଦ୍ଧା,୧୩।୭ (ସମିସ):** ସ୍ଥାନୀୟ ଟିଏଲ୍‌ସି ରୋଡ୍‌ଠାରୁ ଅବକାରୀ ପୁଲିସ ଏକ ଯାତ୍ରୀବାହୀ ବସ୍‌ରୁ ୨ଜଣ ମହିଳା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଶିନିପଦରର କୌଶଲ୍ୟା ଦିଗଲ (୪୦) ଏବଂ ରୀନା ଦିଗଲ (୩୩)। ସେମାନଙ୍କଠାରୁ ଅବକାରୀ ପୁଲିସ ଦୁଇଟି ବସ୍ତାରେ ଥିବା ୩୨କେଜି ଗଞ୍ଜେଇକୁ ଜବତ କରିଛି। ସୂଚନା ଅନୁସାରେ, ଏକ ଯାତ୍ରୀବାହୀ ବସ୍‌ରେ କନ୍ଧମାଳରୁ ଗଞ୍ଜେଇ ଧରି ଦୁଇ ମହିଳା ଆସୁଥିବା ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଓଆଇସି ଖୋର୍ଦ୍ଧା ସୁଦର୍ଶନ ବିଶୋଇଙ୍କ ନେତୃତ୍ୱରେ ଟିଏଲ୍‌ସି ରୋଡ୍‌ଠାରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ କୌଶଲ୍ୟା ଓ ରୀନାଙ୍କଠାରୁ ଦୁଇବସ୍ତା ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଆମେରିକାରେ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ

**ଭୁବନେଶ୍ୱର,୧୩।୭ (ସମିସ):** ଦି ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ (ଓଏସ୍‌ଏ)ର ୫୬ତମ ବାର୍ଷିକ ସମ୍ମିଳନୀ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ୍ ରାଜ୍ୟର ଡଲାସ୍‌ସ୍ଥିତ ଫ୍ରିସ୍କୋ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ "ବ୍ଲାକ୍ ଇଗଲ୍ ବୁକ୍ସ' ପ୍ରକାଶନୀ ସଂସ୍ଥା ପକ୍ଷରୁ ଆମେରିକାର ଏପର୍ଯ୍ୟନ୍ତ ସବୁଠୁ ବୃହତ୍ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ ଭାବେ ନିଜର ସମସ୍ତ ପୁସ୍ତକକୁ ପ୍ରଦର୍ଶିତ କରିଥିଲେ। ଏହି ପୁସ୍ତକ ପ୍ରଦର୍ଶନୀରେ ଏତେଗୁଡ଼ିଏ ଓଡିଆ ପୁସ୍ତକକୁ ପ୍ରବାସୀ ଆମେରିକୀୟ ଦେଖି ଖୁସି ହୋଇଥିଲେ। ଜୁଲାଇ ୩ରୁ ୫ ମଧ୍ୟରେ ଅନୁଷ୍ଠିତ ଏହି ଓସା ସମ୍ମିଳନୀରେ ଆମେରିକା ଓ କାନାଡାର ବିଭିନ୍ନ ସହରରୁ ପ୍ରାୟ ୧୭୦୦ ଅଧିକ ଓଡ଼ିଆ ଯୋଗ ଦେଇଥିଲେ। ଏହି ସମ୍ମିଳନୀର ଥିମ୍ ଥିଲା- "ଏକତା ସଂସ୍କୃତି ଓ ସମୃଦ୍ଧି'। ଏହି ସମ୍ମିଳନୀରେ ନୃତ୍ୟ, ସଂଗୀତ, କଳା ପ୍ରଦର୍ଶନୀ, ଫେସନ ସୋ ସହ ପୁସ୍ତକ ପ୍ରଦର୍ଶନୀ ହୋଇଥିଲା। ଏଥିରେ "ଆମେରିକୀୟ ପ୍ରବାସୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ସ୍ମୃତିଲେଖ' ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀକୁ କନ୍‌ଭେନର ତପନ ପାଢ଼ୀ ପ୍ରମୁଖ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



# 'ମାନବତା ବଞ୍ଚାଅ ଅଭିଯାନ'ର ପ୍ରତିବାଦ ଶୋଭାଯାତ୍ରା ୧୬ରେ

**ଭୁବନେଶ୍ୱର,୧୩।୭ (ସମିସ):**



ମାନବତା ବଞ୍ଚାଅ ଅଭିଯାନ ପକ୍ଷରୁ ନାରୀ ନିର୍ଯାତନା ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହେବ। ଭୁବନେଶ୍ୱରସ୍ଥିତ ନେତାଜୀ ଭବନଠାରେ ରବିବାର ରାଜ୍ୟର ଅନେକ ସାମାଜିକ ଓ ରାଜନୈତିକ ସଂଗଠନର ନେତୃବୃନ୍ଦଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଧରାକୋଟରେ ଘଟିଥିବା ଅମାନୁଷିକ ନିର୍ଯାତନା ଘଟଣା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା, ଅନୁସୂଚିତ ଜାତି, ଜନଜାତି ଓ ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ବଢ଼ି ଚାଲିଥିବା ନିର୍ଯାତନା ଓ ହିଂସାତ୍ମକ ଆକ୍ରମଣ ଘଟଣା ସବୁର ପ୍ରତିବାଦରେ ରାଜ୍ୟରେ ମାନବତା ବଞ୍ଚାଅ ଅଭିଯାନ ନାମରେ ଏକ ଅନୌପଚାରିକ ମଞ୍ଚ ଗଠନ କରାଯାଇଛି। ଏହି ଅଭିଯାନ ପକ୍ଷରୁ ଆସନ୍ତା ୧୬ ତାରିଖ ଦିନ ଭୁବନେଶ୍ୱରଠାରେ ଏକ ପ୍ରତିବାଦ ଶୋଭାଯାତ୍ରା ଓ ସଭା ବିଧାନସଭା ସମ୍ମୁଖରେ ପିଏମ୍‌ଜିଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅଭିଯାନ ପକ୍ଷରୁ ରାଜ୍ୟପାଳକୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଅଭିଯାନ ପକ୍ଷରୁ ରାଜ୍ୟରେ ଅଳ୍ପସଂଖ୍ୟକ, ଅନୁସୂଚିତ ଜାତି, ଜନଜାତି ଓ ମହିଳାମାନଙ୍କ ବିରୋଧରେ ସଂଗଠିତ ଘୃଣା ହିଂସା ବଢ଼ୁଥିବାବେଳେ ସରକାର ଏଦିଗରେ ଆଶାଜନକ ପଦକ୍ଷେପ ନ ନେଉଥିବାରୁ ଏହାକୁ ଦୃଢ଼ଭାବେ ନିନ୍ଦା କରାଯାଇଛି। ଧରାକୋଟ ଘଟଣା ଓ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ଘଟିଥିବା ନିର୍ଯାତନା ଘଟଣାଗୁଡ଼ିକରେ ତ୍ୱରିତ ନ୍ୟାୟ ପ୍ରଦାନ, ହିଂସା କାଣ୍ଡ ଘଟାଉଥିବା ଆତ୍ମଘୋଷିତ ଗୋରକ୍ଷକଙ୍କୁ ବେଆଇନ ଘୋଷଣା କରିବା, ଆଦି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସାମାଜିକ ସଂଗଠନ ଓ ରାଜନୈତିକ ଦଳମାନଙ୍କ ପକ୍ଷରୁ ଉଜମନ ବେହେରା, ମାନସ ଜେନା, ସଂଗ୍ରାମ ମଲ୍ଲିକ, ଅଭିରାମ ମଲ୍ଲିକ, ବଦ୍ରିନାରାୟଣ ଦାଶ, ଜ୍ୟୋତିରଞ୍ଜନ ମହାପାତ୍ର, ପ୍ରମିଳା ଶିବରାମ, ଶରତ ନାୟକ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ପରିଡ଼ା, ଜୟନ୍ତ ଦାସ, ବାସନ୍ତୀ ଆଚାର୍ଯ୍ୟ, ଚିଦାନନ୍ଦ ଜେନା, ଅକ୍ଷୟ ମଲ୍ଲିକ, ଅବଦୁଲ କଲାମ ଅଜାଦ, ରାମ ନାୟକ, ଯୁଗଲ ରଣଜିତ ଏବଂ ଲକ୍ଷ୍ମୀ ଦୋରା ପ୍ରମୁଖ ନିବେଦନ କରିଛନ୍ତି।

ସକାଳ THE SAKALA



# ବିକାଶ ନକ୍ସାରେ ନାହିଁ ଝାପିଗୁଡା





**ଥୁଆମୂଳ ରାମପୁର, ୧୩।୭ (ସମିସ)**

କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ଏଭଳି ଅନେକ ଗ୍ରାମ ରହିଛି ଯେଉଁଠି ଗମନାଗମନ ପାଇଁ ରାସ୍ତା ନାହିଁ। ବର୍ଷା ଦିନେ ଏସବୁ ଗାଁଗୁଡ଼ିକରେ ସମସ୍ୟା ସଂଘାତିକ ହୋଇଥାଏ। ଗାଁକୁ ରୋଗୀ ଅବା ଗର୍ଭବତୀ ମହିଳାଙ୍କ ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଅପହଞ୍ଚ ହୋଇପଡ଼ିଥାଏ। ଜନ ପ୍ରତିନିଧିମାନଙ୍କ ବୈମାତୃକ ମନୋଭାବ ତଥା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଗାଁର ଉନ୍ନତି ହୋଇପାରୁନି। ଏଣୁ ଅବହେଳିତ ଅବସ୍ଥାରେ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ତଳଝାପି ପଞ୍ଚାୟତ ଅଧୀନ ଆଦିବାସୀ ବହୁଳ ଝାପିଗୁଡା ଗାଁ ଏଭଳି ଏକ ଉଦାହରଣ।

ଏହି ଗାଁରେ ପ୍ରାୟ ୪୦ ପରିବାର ବସବାସ କରନ୍ତି। ରାଜସ୍ୱ ଗାଁ ହୋଇଥିଲେ ମଧ୍ୟ ସରକାରଙ୍କ ବିକାଶର ନକ୍ସାରେ ଆଜି ଯାଏଁ ଏହା ସ୍ଥାନ ପାଇପାରିନି। ସେଇଥିପାଇଁ ବୋଧେ ଏଇ ଗାଁକୁ ବିକାଶର ପାଦ ପଡ଼ିନି। ରାସ୍ତା ନାହିଁ ବୋଲି ଅଧବାଟରୁ ଫେରୁଛି ବିକାଶ। ତଳଝାପିଠାରୁ



ଉପରଝାପି ଗାଁକୁ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି। ଅଥଚ ଏହି ରାସ୍ତା ଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଝାପିଗୁଡା ଗାଁକୁ ପକ୍କା ସଡକ ନିର୍ମାଣ ହେଇପାରିନି। ପିଡିଏସ୍ ଚାଉଳହେଉ ଅବା ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କ ପାଇଁ ମିଳୁଥିବା ମାସିକ ଭତ୍ତା ଆଣିବାକୁ ହେଲେ ଚାଷଜମିର ହିଡରେ ପାଦରେ ଚାଲି ଚାଲି ଯିବାକୁ ପଡ଼ିଥାଏ। ଗାଁକୁ ରାସ୍ତା ଖଣ୍ଡେ ଲାଗି ନେତାମନ୍ତ୍ରୀ, ସରପଞ୍ଚ, ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇଥିବା କହିଛନ୍ତି ଗ୍ରାମବାସୀ। ଆଜି ହେବ କାଲି ହେବ ଏଭଳି ପ୍ରତିଶ୍ରୁତିର ଜାଲରେ ଛନ୍ଦି ହୋଇଛନ୍ତି ଝାପିଗୁଡାବାସୀ।

ଗାଁରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଏଠାରେ ଏକ ପ୍ରାଥମିକ ବିଦ୍ୟାଳୟ ଚାଲୁଥିଲା। ଯାହା ଛାତ୍ରଛାତ୍ରୀ ସଂଖ୍ୟା କମିଥିବାରୁ ୨୦୧୯ ମସିହାରୁ ବନ୍ଦ ହୋଇ ପଡ଼ିରହିଛି। ବର୍ତ୍ତମାନ ବିଦ୍ୟାଳୟ କୋଠାଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଛାତ୍ରଛାତ୍ରୀ ଉପରଝାପି ଏବଂ ବିଷମଗିରି ବିଦ୍ୟାଳୟକୁ ଚାଲି ଚାଲି ଯାଇଥାନ୍ତି। ବର୍ଷା ଦିନେ ବିଦ୍ୟାଳୟ ଯିବା କଷ୍ଟକର ହୋଇଥାଏ। ସେହିଭଳି ଅଙ୍ଗନବାଡି କେନ୍ଦ୍ର ମଧ୍ୟ ଅବହେଳିତ ଅବସ୍ଥା ଦେଇ ଗତି କରୁଥିବା ଗ୍ରାମବାସୀ କହିଛନ୍ତି। ଏହି ଗାଁରେ ପାନୀୟଜଳ ବ୍ୟବସ୍ଥା ମଧ୍ୟ ଦୟନୀୟ। ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଏହି ଗାଁକୁ ଅଣଦେଖା କରାଯାଇଥିବା ବେଳେ ଚାଷଜମିର ଦୂଷିତ ଝରର ପାଣି ବ୍ୟବହାର କରୁଥିବା ଭଳି ଅଭିଯୋଗ ମଧ୍ୟ ଆଣିଛନ୍ତି ଗ୍ରାମବାସୀ। ବର୍ଷା ଦିନେ ପରିମଳ ବ୍ୟବସ୍ଥା ଠିକ୍ ନ ଥିବା

**ବାରମ୍ବାର ଅନୁରୋଧ ସତ୍ତ୍ୱେ ଗାଁକୁ ବିକାଶର ପାଦ ପଡୁନି**

**ରାସ୍ତା ନାହିଁ ବୋଲି ଅଧାବାଟରୁ ଫେରୁଛି ବିକାଶ**

**ଚାଷଜମି ହିଡ଼ରେ ଚାଲି ଚାଲି ଲୋକେ ଯିବା ଆସିବା କରୁଛନ୍ତି**

ଯୋଗୁଁ ଗାଁରେ ଏକପ୍ରକାର ଅସ୍ୱାସ୍ଥ୍ୟକର ତଥା ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଏହା ଫଳରେ ମେଲେରିଆ, ଡେଙ୍ଗୁ ଏବଂ ଡାଇରିଆ ଭଳି ରୋଗର ଆଶଙ୍କା ରହିଛି। ଏହି ଗାଁକୁ ପକ୍କା ସଡକ ଖଣ୍ଡେ ନିର୍ମାଣ ହୋଇପାରିଲେ ଗ୍ରାମବାସୀଙ୍କ ଦୁଃଖ ଦୂର ହେବା ସହିତ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ଜଣାଇଛନ୍ତ।

### ଯୋଗୀଭୋଗରା-ଓଲଣ୍ଡା ରାସ୍ତା ମରାମତିରେ ଡଞ୍ଚକତା

# ମାଟି ପକାଇଲେନି; କେବଳ ମୋରମ ଛିଞ୍ଚିଦେଲେ

**ବୌଦ୍ଧ, ୧୩।୭ (ସମିସ):** ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ ଥମିବାର ନାଁ ନେଉନି। ମେସିନରେ କାମ କରି ଶ୍ରମିକଙ୍କ ନାଁରେ ଟଙ୍କା ହଡପ କରିବାକୁ ଯୋଜନା କରାଯାଇଛି। ଖାଲି ଏତିକି ନୁହେଁ; ସୂଚନାଫଳକରେ ଅସମ୍ପୂର୍ଣ୍ଣ ସୂଚନା ଦେଇ ତଥ୍ୟ ଲୁଚାଇବାକୁ ପ୍ରୟାସ ଚାଲିଛି। ଶ୍ରମିକ ବଦଳରେ ଦିନ ରାତି ମେସିନ ଲଗାଇ ରାସ୍ତା କାମ ନିର୍ମାଣ ହୋଇଛି। ବାସ୍ତବରେ ମୁଲ ଲାଗି ଗୁଜୁରାଣ ମେଣ୍ଟାଇଥିବା ଶ୍ରମିକଙ୍କୁ କାମ ମିଳୁନି। ଜାଗଜପତ୍ରରେ କିଛି ଶ୍ରମିକଙ୍କୁ ଡାଲ କରାଯାଉଛି। କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଯୋଗୀଭୋଗରାଠାରୁ ଓଲଣ୍ଡା ରାସ୍ତାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ରେ ଏଭଳି ଦୁର୍ନୀତିର ଅଭିଯୋଗ ଆସିଛି। ଯୋଗୀଭୋଗରା-ଓଲଣ୍ଡା ରାସ୍ତା ମରାମତି ପାଇଁ ମନରେଗା ଯୋଜନାରୁ ୮ ଲକ୍ଷ ଟଙ୍କା ଆସିଛି। ଏହି ରାସ୍ତାରେ ପ୍ରଥମେ ମାଟି ଏବଂ ତା ପରେ ମୋରମ ପକାଇବା କଥା; କିନ୍ତୁ ମାଟି ନ ପକାଇ କେବଳ ମୋରମ ପକା ଯାଇଛି। ଏହା ବାଦରେ ୨ ଲକ୍ଷ ୯୦ ହଜାର ଟଙ୍କା ବିଲ୍ କରାଯାଇଛି। ପ୍ରାୟ ସପ୍ତାହେରୁ ଅଧିକ ଦିନ ଜେସିବି ଏବଂ ଟ୍ରାକ୍ଟର ଲଗାଇ କାମ ଚାଲିଛି। ଅନ୍ୟପଟେ ଏହି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବାହାରିଛି; ହେଲେ ଜଣେ ହେଲେ ଶ୍ରମିକଙ୍କ ନାଁରେ ମଷ୍ଟର୍ ରେଲ୍ ବାହାର କରା ଯାଇନି। ଯେଉଁମାନେ ଶ୍ରମିକ ଶ୍ରେଣୀର ନୁହନ୍ତି କିଭଳି ତାଙ୍କ ନାମ ଏଣ୍ଟ୍ରି କରାଯାଇଛି ତାକୁ ନେଇ ପ୍ରଶ୍ନ ଉଠୁଛି। ଶ୍ରମିକଙ୍କୁ ୨୦୦/୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାର ଶ୍ରମିକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ମନରେଗା ଯୋଜନା କାର୍ଯ୍ୟ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଏହି ଯୋଜନା ବାଟବଣା ହେଇଛି। ଏ ନେଇ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ ପଚାରିବାରୁ ଯଦି ମେସିନରେ କାମ ହୋଇଛି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



# ନାଁକୁ ମାତ୍ର ମରାମତି ହେଲା ଶିଶୁ ମନ୍ଦିର ରାସ୍ତା



**ବିନିକା, ୧୩।୭ (ସମିସ):** ବିନିକା ଶିଶୁ ମନ୍ଦିର ରାସ୍ତା ଉପରଠାଉରିଆ ଭାବେ ମରାମତି କରାଯାଇଛି। ସହର ମୁଖ୍ୟ ରାସ୍ତାକୁ ସଂଯୋଗ କରିଥିବା ଶିଶୁ ମନ୍ଦିର ରାସ୍ତାର ପ୍ରବେଶ ପଥରେ ଗାତ ଯୋଗୁଁ ବର୍ଷା ପାଣି ଭରି ରହିଥିଲା; ଯାହା ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଏହା ଦ୍ୱାରା ଲୋକଙ୍କୁ ପାଣି ଭିତର ଦେଇ ଦୈନନ୍ଦିନ ଯିବା ଆସିବାକୁ ପଡୁଥିଲା। ସେହି ପାଣି ଭର୍ତ୍ତି ଗାତ ଦେଇ ଯିବାରୁ ଅପେକ୍ଷା ମଧ୍ୟ କରିବାକୁ ପଡ଼ିଥିଲା। କାରଣ ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ସହ କାଦୁଅ ପାଣିରେ ପଡ଼ିବାର ଭୟ ରହୁଥିଲା। ପ୍ରାୟ ୨୦ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି କଂକ୍ରିଟ ରାସ୍ତାର ବିଭିନ୍ନ ସ୍ଥାନରେ ସିମେଣ୍ଟ ଫାଟି ଯାଇ ଛୋଟ ବଡ଼ ଗାତ ସୃଷ୍ଟି ହୋଇଛି। ସେହିପରି କେତେକ ସ୍ଥାନରେ ସିମେଣ୍ଟ ନ ଥିବାରୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହେଲାଣି। ପୁଣି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ଭରି ରହିଥିବାରୁ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇପଡ଼ିଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ, କଲେଜକୁ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଯାଉଥିବା ବେଳେ ୪/୫ଖଣ୍ଡ ଗ୍ରାମର ଲୋକେ ମଧ୍ୟ ଯିବା ଆସିବା କରୁଛନ୍ତି। ସେହିପରି କୃଷି, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ରହିଥିବାରୁ ବିଭିନ୍ନ କାମ ନେଇ ଲୋକେ ଯିବା ଆସିବା କରୁଛନ୍ତି। ମା' ସନ୍ତୋଷ ମନ୍ଦିରକୁ ଭକ୍ତ ଦର୍ଶନ ପାଇଁ ଯିବା ଆସିବା କରୁଛନ୍ତି। ଏହାକୁ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ସାମାଜିକ ଗଣାମାଧ୍ୟମରେ ଭାଇରାଲ ହୋଇଥିଲା। ରମେଶ ମେହେର ନାମକ ଜଣେ ସଚେତନ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ଥାନୀୟ ଏନଏସି ପ୍ରଶାସନ ସହ ସମ୍ପୃକ୍ତ ବିଭାଗକୁ 'ଏକ୍ସ'ରେ ପୋଷ୍ଟ କରିଥିଲେ। ଏହାପରେ ସ୍ଥାୟୀ ମରାମତି ବଦଳରେ ରାସ୍ତାର ପ୍ରବେଶ ପଥରେ ଭରି ରହିଥିବା ପାଣିକୁ ନିଷ୍କାସନ କରାଯିବା ସହ ଆବୁଡା ଖାବୁଡ଼ାକୁ ଯେସିବି ଦ୍ୱାରା ସମତଳ କରାଯାଇଛି।

# ବସ୍‌ଷ୍ଟାଣ୍ଡରୁ ଥାନା ଛକ ମଝିରେ ରାସ୍ତା ନାହିଁ

**ବିନିକା, ୧୩।୭ (ସମିସ):** ବିନିକା ସହର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ହେବାପରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲୁ ରହିଛି। କାର୍ଯ୍ୟ ବିଳମ୍ବରେ ହେଲେ ମଧ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ରାସ୍ତାର ନବକଳେବରକୁ ନେଇ ଅଞ୍ଚଳର ଜନସାଧାରଣରେ ଖୁସିର ଲହରୀ ଖେଳିଯାଇଛି। ରାସ୍ତା ଚଉଡା ହେବା ସହ ଦୁର୍ଘଟଣାରୁ ତ୍ରାହି ପାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ଦିଆଯାଉଛି। ଏହା ଯୋଗୁଁ ଯାନବାହାନ ହେଉ କି ବାଇକ, ସାଇକଲ କିମ୍ବା ସାଧାରଣ ଲୋକେ ନିଜ ପଟରେ ଯିବାର ସୁବିଧା ପାଇ ପାରିବେ; ହେଲେ ଅତ୍ୟନ୍ତ ପରିତାପର ବିଷୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଡିଭାଇଡର ଦେଇ ରାସ୍ତା ନ ଥିବାରୁ ଆର ପାରିକୁ ଯିବା ଲାଗି ଲୋକେ ଯନ୍ତ୍ରଣା ଭୋଗିବାର ଆଶଙ୍କା ରହିଛି। ବସଷ୍ଟାଣ୍ଡଠାରୁ ଥାନା ଛକର ଦୂରତା ପ୍ରାୟ ଅଧ କିମି ହେବ। ଏହି ଅଧ କିମି ରାସ୍ତାରେ ବସଷ୍ଟାଣ୍ଡ ପଟରୁ ବାମ ପଟରେ ବିଜୁ ମାର୍କେଟ କମ୍ପ୍ଲେକ୍ସ, ଟାଉନ ହଲ, ଦୁର୍ଗା ମନ୍ଦିର, ଆହାର କେନ୍ଦ୍ର, ଏନଏସି ଅଫିସ, ସହର ଭିତରକୁ ୨ଟି ରାସ୍ତା ରହିଛି; ହେଲେ ଯେଉଁମାନେ ଏସବୁ ଉପରେ ନିର୍ଭର ସେମାନଙ୍କୁ ବସଷ୍ଟାଣ୍ଡ କିମ୍ବା ଥାନା ଛକକୁ ଯାଇ ବୁଲିବାକୁ ପଡ଼ିବ; ଯାହା ଫଳରେ ସେମାନେ ହଇରାଣ ହରକତ ହେବେ। ବିଶେଷ କରି ଆହାର ଖାଇବାକୁ ଆସୁଥିବା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଏଡାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ନିର୍ମାଣ ସ୍ୱାଗତ ଯୋଗ୍ୟ ପଦକ୍ଷେପ; ହେଲେ ସାଧାରଣ ଲୋକେ ଯେପରି ଏ ପଟରୁ ସେପଟକୁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ଭୁଲି ଯାଇଛନ୍ତି।



## ନାରାୟଣନଗର-ଚଣ୍ଡୀତଳ ରାସ୍ତା ଅବସ୍ଥା ବେହାଲ



**ବୌଦ୍ଧ, ୧୩।୭ (ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଚଣ୍ଡିତଳ ଗ୍ରାମକୁ ନାରାୟଣ ନଗର ଗ୍ରାମରୁ ଯାଇଥିବା ରାସ୍ତାର ଅବସ୍ଥା ବେହାଲ ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷାରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଲୋକେ ପ୍ରତିକ୍ରିୟା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ୍, କଲେଜ, ଡାକ୍ତରଖାନା ଓ ବଜାର ଯିବାକୁ ଏହି ରାସ୍ତା ଯୋଗାଯୋଗର ମାଧ୍ୟମ ହୋଇଥିବା ବେଳେ ଲୋକେ ରାସ୍ତା ଅବସ୍ଥା ଖରାପ ଯୋଗୁଁ ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ସେହିପରି ଚଣ୍ଡିତଳ ଗ୍ରାମରେ ଥିବା ପ୍ରାଚୀନ ସପ୍ତ ମାତୃକା ପୀଠ ଓ ଶୈବ ପୀଠ ଗୁପ୍ତେଶ୍ୱରକୁ ଶ୍ରଦ୍ଧାଳୁଙ୍କ ଜାତାୟତାରେ ବାଧା ସୃଷ୍ଟି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଭଡ଼ା ଘରେ ଚାଲିଛି ଡାକ ସେବା

**ବୌଦ୍ଧ, ୧୩।୭ (ସମିସ):** ବୌଦ୍ଧ ଜିଲ୍ଲାରେ ଅନେକ ଡାକଘର ଆଜି ମଧ୍ୟ ଭଡ଼ାରେ ଚାଲିଛି। ଆଢ଼େଣିଗଡ଼, ଚାରିଛକ, ହରଭଙ୍ଗା, ପୁରୁଣାକଟକ, ତିଳେଶ୍ୱର ଡାକଘରର ନିଜସ୍ୱ ଘର ନାହିଁ। ଏ ସବୁ ଜାଗାରେ ଡାକଘରେ ଭଡ଼ାରେ ଚାଲିଛି।

## ଅର୍ଥ ଅଭାବରୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରୁନାହାନ୍ତି

**ଧର୍ମଗଡ଼, ୧୩।୭ (ସମିସ):** ଗରିବତାର ଆଉ ଏକ କାହାଣୀ ଏବେ ପଦାକୁ ଆସିଛି। ଅର୍ଥ ଅଭାବରୁ ଇଚ୍ଛା ଥାଇ ବି ପାଠ ପଢ଼ିବାରେ ଡୋରି ଲାଗିଛି। ଦଣ୍ଡପାଟ ଅଞ୍ଚଳ ଛିଲିପାମାଲ ଗ୍ରାମର ସୋନାଲି ଜାଲ (୧୫)ଙ୍କ ଭଳି ଜଣେ ଜଣେ ଗରିବ ଛାତ୍ରୀଙ୍କ କ୍ଷେତ୍ରରେ ଏହା ଦେଖା ଦେଇଛି। ଏଥର ସେ ମାଟ୍ରିକ ପରୀକ୍ଷାରେ ୪୧୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି; ହେଲେ ଅର୍ଥ ଅଭାବ କାରଣରୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରି ନାହାନ୍ତି। ତାଙ୍କ ବାପା ରାଜେନ୍ଦ୍ର ପ୍ରସାଦ ଜାଲ କୁଲିମଜୁରୀ କରି ବହୁ କଷ୍ଟରେ ଝିଅକୁ ମାଟ୍ରିକ ପର୍ଯ୍ୟନ୍ତ ନେଲେ। ଏବେ ଆଉ ଝିଅର ନାମ ଲେଖାଇବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି।



# ଉପାନ୍ତବାସୀଙ୍କୁ ଭରସା ଗୋଳିଆ ଚୁଆ ପାଣି

**ସିନାପାଲି, ୧୩।୭ (ସମିସ)**

ଗ୍ରାମାଞ୍ଚଳର ଜନସାଧାରଣ ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ପୂର୍ବ ସରକାର ବସୁଧା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି; ହେଲେ ପ୍ରଶାସନିକ ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଦୂରଦୃଷ୍ଟିର ଅଭାବ ଯୋଗୁଁ ୧ ବର୍ଷ ଧରି ପ୍ରକଳ୍ପ ବନ୍ଦ ରହିଛି। ଏଣୁ ଉପାନ୍ତ ଅଞ୍ଚଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଫଳରେ ଅଞ୍ଚଳର ଜନସାଧାରଣ ବାଧ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ଝରଣା ଓ ନାଳର ଗୋଳିଆ ପାଣି ସାଙ୍ଗକୁ ଫ୍ଲୋରାଇଡ଼ଯୁକ୍ତ ପାନୀୟ ଜଳ ବ୍ୟବହାର କରି ଜୀବନ ଧାରଣ କରୁଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ତଥା ଦୁର୍ଗମ ଘାଟମାଳ ପଞ୍ଚାୟତରେ ଏଭଳି ଅବ୍ୟବସ୍ଥା ଦେଖା ଦେଇଛି। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ସିନାପାଲି ସଦର ମହକୁମାଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ଏହି ପଞ୍ଚାୟତ ଅବସ୍ଥିତ। ତାଲାକୋଟ ରାଜସ୍ୱ ଗ୍ରାମ ଅଧୀନରେ ଥିବା ୧୪ଟି ପଡ଼ା ଗ୍ରାମ ଓ ସିନ୍ଦୂରଶିଳ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଜାମବାହାଲିସ୍ଥିତ ଉଦନ୍ତୀ ନଦୀରେ ପମ୍ପ ହାଉସ ବସିଛି। ୧ ଲକ୍ଷ ଗ୍ୟାଲେନ୍ କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରଯାଇଛି; କିନ୍ତୁ ଦୀର୍ଘ ୧ ବର୍ଷ ବିତି ଯାଇଥିଲେ ମଧ ଜଳ ଯୋଗାଣ ହେଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଏହି ପଞ୍ଚାୟତର ଆହୁରି ଅନେକ ଗ୍ରାମରେ ଏପରି ଅବ୍ୟବସ୍ଥା ଲାଗି ରହିଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରୁଥଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଅଞ୍ଚଳର ଲୋକେ ପ୍ରକାଶ କରିଛନ୍ତି। ଭିତ୍ତିଭୂମି ଠିକ୍ ଥାଇ ମଧ ଜଳ ଯୋଗାଣ ହେଉ ନ ଥିବାରୁ ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ କରିଛନ୍ତି; ହେଲେ ଅଞ୍ଚଳର ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଞ୍ଚଳ ଗୁଡିକରେ ଥିବା ନଳକୂପରେ ମାତ୍ରାଧିକ ଭାବେ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଛି। ସରକାର ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ ଯୋଜନା କାର୍ଯ୍ୟକାରୀ କରିଥିଲେ; ହେଲେ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ସାଙ୍ଗକୁ ଠିକାଦାର ପୋଷା ନୀତି ଯୋଗୁଁ ତ୍ରୁଟି ପରିଲକ୍ଷିତ ହେଉଛି। କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ହେଉଛି; ହେଲେ କୌଣସି କାମକୁ ଆସୁନି। କେଉଁଠି ପାଣି ପମ୍ପ ଅଚଳ ତ ଆଉ କେଉଁଠି ବିଦ୍ୟୁତ ସଂଯୋଗ ନାହିଁ। କେଉଁଠି ଟ୍ୟାପ୍ ଲାଗୁନି। ଏଭଳି ଅନେକ ସମସ୍ୟା ଦେଖାଦେଇଛି। ଅଞ୍ଚଳର ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି, ରାଜନୈତିକ ନେତାଠାରୁ ଆରମ୍ଭ କରି ଅନେକ ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଛନ୍ତି; ହେଲେ ସୁଫଳ ମିଳିନାହିଁ ବୋଲି ସମିତି ସଭ୍ୟ ତୁଳସୀରାମ ମାଝି ପ୍ରକାଶ କରିଛନ୍ତି।

ବର୍ତ୍ତମାନ ବର୍ଷା ଋତୁ ସମୟ। ନାଳ ଓ ଝରଣାରେ ବର୍ଷା ଜଳ ପ୍ରବାହିତ ହେଉଛି। ବର୍ଷା ଯୋଗୁଁ ଗୋଳିଆ ପାଣି ଆସୁଛି। ବାଲି ଚୁଆ ଖୋଳି ଲୋକେ ପାନୀୟ ଜଳ ସଂଗ୍ରହ କରୁଥିଲେ; କିନ୍ତୁ ଏବେ ବାଲି ଚୁଆରେ ମଧ୍ୟ ଗୋଳିଆ ପାଣି ଆସୁଛି। କୌଣସି ଉପାୟ ନ ଥିବାରୁ ଜଙ୍ଗଲର ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ମଶା, ମାଛି ଓ ଜଙ୍ଗଲର କୀଟ ପତଙ୍ଗ ଇତ୍ୟାଦି ପାଣିରେ ଭାସି ଆସୁଛନ୍ତି। ଏହି ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ରୋଗର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ। ଅନ୍ୟପକ୍ଷେ ଘାଟମାଳ ପଞ୍ଚାୟତ ସରପଞ୍ଚ ଟେକରାମ ମାଝିଙ୍କୁ ପଚାରିବାରୁ ଏ ସମସ୍ୟାକୁ ପ୍ରଶାସନିକସ୍ତରରେ ସେ ବାରମ୍ବାର ଜଣାଇଛନ୍ତି; ହେଲେ କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଶେଷରେ ସମାଧାନ ନ ହେଲେ ଧାରଣାରେ ବସିବା ପାଇଁ ବାଧ ହେବେ ବୋଲି କହିଛନ୍ତି।



**ବର୍ଷେ ହେଲା ବସୁଧା ପ୍ରକଳ୍ପରୁ ମିଳୁନି ବିଶୁଦ୍ଧ ପାନୀୟ ଜଳ**

**ଫ୍ଲୋରାଇଡ଼ କବଳିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା**

**ଅଭିଯୋଗ ଶୁଣୁନି ପ୍ରଶାସନ, ସରପଞ୍ଚଙ୍କ ଆନ୍ଦୋଳନ ଚେତାବନୀ**

## ୧୨୨ ଛାତ୍ରଛାତ୍ରୀଙ୍କୁ ୩ ଶିକ୍ଷକ

### ଜଣେ ଅବସର, ଆଉ ଜଣେ ପଦୋନ୍ନତି

**ଶଗଡ଼ା, ୧୩।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦରର ସର୍ବପୁରାତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ବିଦ୍ୟାଳୟରେ ୧୨୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ କିନ୍ତୁ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରିଛନ୍ତି। ପୂର୍ବରୁ ୫ ଜଣ ଶିକ୍ଷକ ଥିଲେ। ସେଥିମଧ୍ୟରୁ ଜଣେ ଶିକ୍ଷକ ଅବସର ନେଇଥିଲେ। ଆଉ ଜଣେ ଶିକ୍ଷୟିତ୍ରୀ ପଦୋନ୍ନତି ପାଇଛନ୍ତି। ବର୍ତ୍ତମାନ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨୨ ଜଣ ଛାତ୍ରଛାତ୍ରୀଙ୍କ ଲାଗି ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ଏଣୁ ପାଠପଢ଼ାରେ ସମସ୍ୟା ଦେଖା ଦେଉଛି। ଠିକ୍ ସମୟରେ କ୍ଲାସ୍ ହୋଇପାରୁନି। ଛାତ୍ରଛାତ୍ରୀଙ୍କୁ ସମ୍ଭାଳିବା ମଧ କଷ୍ଟକର ହୋଇ ପଡୁଛି। ଏହି ବିଦ୍ୟାଳୟ ୧୯୦୪ ମସିହାରେ ପ୍ରତିଷ୍ଠା ହୋଇଥିବା ବେଳେ ୨୧ବର୍ଷ ପୂର୍ବରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରି ସାରିଛି। ଆଜି ପର୍ଯ୍ୟନ୍ତ କିନ୍ତୁ ବିଦ୍ୟାଳୟର ସ୍ଥିତିରେ ସେଭଳି କୌଣସି ସୁଧାର ଆସିନାହିଁ। ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ୨ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଇବା ତ ଦୂରର କଥା ନିୟନ୍ତ୍ରଣ କରିବାରେ ସମୟ ଯାଉଛି। ବିଦ୍ୟାଳୟରେ ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛି।

**ଗୁଡଭେଲି ପଦର ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା**

## ନିଖୋଜ ଯୁବକଙ୍କ ମିଳୁନି ପତ୍ତା; ପୁଲିସ ନିରବ

**ଧର୍ମଗଡ଼, ୧୩।୭(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଁଏଲାଜୋର ଗ୍ରାମର ଜଣେ ଯୁବକ ଚେନ୍ନାଇକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ବିଜୟନଗରମଠାରେ ନିଖୋଜ ହୋଇ ଯାଇଛନ୍ତି । ଏ ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଛି । ନିଖୋଜ ଦାଦନ ଶ୍ରମିକ ଜଣକ ହେଲେ ହେତୁରାମ ଜୁଏଡ (୩୨) । ଜୁନ୍ ୧୩ରେ ସେ ବଡଘୁମର ଗ୍ରାମର ନିରଞ୍ଜନ ଗୋପାଳ ଓ ଥବୀର ଗୋପାଳଙ୍କ ସହ ମିଶି ଦାଦନ ଖଟିବାକୁ ଚେନ୍ନାଇ ଅଭିମୁଖେ ବାହାରିଥିଲେ । ରାତି ସାଢେ ଗୋଟାଏରେ କେସିଙ୍ଗା ଷ୍ଟେସନଠାରୁ ଟାଟା ଏଲପି ଧାନବାଦ ଏକ୍ସପ୍ରେସ ଯୋଗେ ଯାତ୍ରା କରିଥିଲେ । ସକାଳ ସାଢେ ୭ଟାରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଷ୍ଟେସନରେ ହେତୁରାମ୍‌ଙ୍କୁ ଟ୍ରେନରେ ନ ଦେଖି ନିଜ ଦୁଇ ସାଙ୍ଗ ଖୋଜା ଖୋଜି କରି ବାରମ୍ବାର ଫୋନ୍ କରିଥିଲେ; ହେଲେ କୌଣସି ଉତ୍ତର ମିଳି ନ ଥିଲା । ଏଣୁ ସମ୍ପୃକ୍ତ ଦୁଇ ଯୁବକ ନିଜ ଗାଁକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ । ଏ ନେଇ ଜୁନ୍ ୧୬ରେ ତାଙ୍କ ନିଖୋଜ ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଛି; ହେଲେ ପୁଲିସ ଚୁପ୍ ବସିଥିବା ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି ।

## ଓଲଟିଲା କୁକୁଡ଼ା ବୋଝେଇ ପିକ୍‌ଅପ୍, କପଡ଼ା ବୋଝେଇ ଟ୍ରକ୍

**ଧର୍ମଗଡ଼/ଗୋଲାମୁଣ୍ଡା, ୧୩।୭(ସମିସ):** ଗୋଲାମୁଣ୍ଡା ଥାନା ତୁମୁରା ବିଜୁ ଏକ୍ସପ୍ରେସ ୱେରେ ରବିବାର ଭୋର ୪ଟାରେ ଦୁର୍ଘଟଣା ଘଟିଛି । ଏକ ପିକ୍‌ଅପ୍ ଭ୍ୟାନ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି । ଛତିଶଗଡ଼ର ରାୟପୁରରୁ ଜୁନାଗଡ଼ ଯାଉଥିବା ଏକ କପଡ଼ା ବୋଝେଇ ଟ୍ରକ୍ (ସିଜି୦୪ କ୍ୟୁଏଫ୪୯୯୬) ଗୋଟିଏ କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ(ଓଡ଼ି୧୯ଟି୯୪୩୨)କୁ ପଛପଟୁ ଜୋରରେ ଧକ୍କା ଦେଇଥିଲା । ଏହା ଫଳରେ ଉଭୟ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିଥିଲା । କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ ନୂଆପଡ଼ାରୁ ନବରଙ୍ଗପୁର ଯାଉଥିଲା । ଏହି ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଗୋଲାମୁଣ୍ଡା ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି । କୁତୁଡ଼ା ବୋଝେଇ ଗାଡ଼ିଟି ରାସ୍ତା ତଳକୁ ଓଲଟି ପଡ଼ିବାରୁ ଗାଡ଼ିଥିବା ସବୁ କୁକୁଡ଼ା ମରିଯାଇଥିବା ଦେଖିବାକୁ ମିଳିଥିଲା । ତେବେ ଗାଡ଼ି ମାଲିକଙ୍କ ଅନୁମତିରେ ସ୍ଥାନୀୟ ଲୋକେ ମଲା କୁକୁଡ଼ାଗୁଡ଼ିକୁ ବୋହି ନେଇଥିଲେ ।

## ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ

**କୋମନା, ୧୩।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଭାଗୃହରେ ବୁଥସ୍ତରୀୟ ଅଧିକାରୀମାନଙ୍କ ପାଇଁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ କୋମନା ବ୍ଲକର ୧୩୫ ଜଣ ବିଏଲଓ ତିନୋଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିଛନ୍ତି । ତହସିଲଦାର ସର୍ବେଶ୍ୱର ଜାଲ, ଅତିରିକ୍ତ ତହସିଲଦାର ସୋନିଆଶ୍ରୀ ମଲ୍ଲିକ, ବିଡ଼ିଓ ବିନୟ ଭୋଇ, ଏବିଡ଼ିଓ ଭକ୍ତବନ୍ଧୁ ବୁଢ଼େକ, ଆରପି ଜମାଲ ଖାନ ପ୍ରମୁଖ ଯୋଗଦେଇ ବିଏଲଓମାନଙ୍କୁ ଭୋଟଦାନ, ନୂତନ ଭୋଟର କାର୍ଡ ତିଆରି ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ ।

# ଗୋଆରେ ଓଡ଼ିଆ ଯୁବକଙ୍କୁ ନିର୍ମମ ହତ୍ୟା

### ପୂର୍ବ ଶତ୍ରୁତାରୁ ହତ୍ୟା, ୨ ଅଭିଯୁକ୍ତ ବାପ-ପୁଅ ଗିରଫ

**ଧର୍ମଗଡ଼, ୧୩।୭(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଗଣ୍ଡାମେର ଗାଁର ଜଣେ ଯୁବକଙ୍କୁ ଗୋଆରେ ହତ୍ୟା କରାଯାଇଛି । ମୃତକ ହେଲେ ଗଣ୍ଡାମେର ଗାଁର ଦ୍ରୋପଦ ନାଏକ (୨୮) । କିଛି ଦିନ ତଳେ ସେ କାମ କରିବାକୁ ଗୋଆ ଯାଇଥିଲେ । ଗୋଆର ମାପୁସା ଥାନା ଅଞ୍ଚଳରେ ଘରୋଇ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ । ତାଙ୍କ ସାଙ୍ଗରେ ଓଡ଼ିଶାର ଅନ୍ୟ ଦୁଇ ଥବୀର ନବରଙ୍ଗପୁରିଆ ଓ ତାଙ୍କ ପୁଅ ସତ୍ୟ ନବରଙ୍ଗପୁରିଆ ମଧ୍ୟ ରହୁଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିନି ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ପ୍ରତିଶୋଧ ପରାୟଣ ହୋଇ ବାପ ପୁଅ ମିଶି ଏକ ଧାରୁଆ ଅସ୍ତ୍ରରେ ଦ୍ରୋପଦଙ୍କୁ ହତ୍ୟା କରିଥିଲେ । ଭଳିକି ତାଙ୍କ ଗୁପ୍ତାଙ୍ଗକୁ ମଧ୍ୟ କାଟି ଦେଇଥିଲେ । ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରିଥିଲା । ଦ୍ରୋପଦଙ୍କୁ ହତ୍ୟା କରିଥିବା ପୁଲିସ ସମ୍ମୁଖରେ ବାପପୁଅ ସ୍ୱୀକାର କରିଥିଲେ । ଅଭିଯୁକ୍ତ ବାପପୁଅଙ୍କୁ ଗୋଆ ପୁଲିସ ଗିରଫ କରିଛି । ତେବେ ଗୋଆରୁ ଗାଁକୁ ଶବ ଆଣିବା ପାଇଁ ଅର୍ଥର ଅଭାବ ଦେଖା ଦେଇଥିଲା । ଏଣୁ ୬ଦିନ ହେବ ଗୋଆର ଏକ ହସ୍ପିଟାଲରେ ଶବ ପଡ଼ିରହିଥିଲା । ଏହି ଖବର ପାଇ ପଣ୍ଡରା ମାଲି ଯୁବ ବାହିନୀ ସହାୟତା ହାତ ବଢ଼ାଇଛି । ସେଠାରୁ ଶବ ଆଣିବାକୁ ୮୦ହଜାର ଟଙ୍କା ଦରକାର ଥିଲା । ଗରିବ ପରିବାର ଏତେ ଅର୍ଥ ଯୋଗାଡ କରିବାରେ ଅସମର୍ଥ ହୋଇ ପଡ଼ିଥିଲେ । ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ୩୦ହଜାର ମିଳିଥିଲା । ସେହିଭଳି ଲେବର ୟୁନିୟନ ୨୦ହଜାର ଦେଇଥିଲା । ଆଉ ମାତ୍ର ୩୦ହଜାର ଟଙ୍କା ପଣ୍ଡରାମାଲି ଯୁବ ବାହିନୀ ବହନ କରିଛି । ସଭାପତି ଭାବନୀ ଶଙ୍କର ବଣିଆ, ଜିଲ୍ଲା ପଣ୍ଡରା ମାଲି ସମାଜ କୁଳପତି ଈଶ୍ୱର ପୁଝାରି, ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ ଏହି ସାହାଯ୍ୟର ହାତ ବଢ଼ାଇଥିଲେ । ଶେଷରେ ଗାଁରେ ଶବ ପହଞ୍ଚିବା ପରେ ସଂସ୍କାର କରାଯାଇଛି ।



## ଦୁଇ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମନମୁଣ୍ଡା, ୧୩।୭(ସମିସ):** ବୌଦ୍ଧ ଜିଲ୍ଲା ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ ତରଫରୁ ମନମୁଣ୍ଡା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ହୋତା ଏବଂ ବାଦିକଟା ଦଧିବାମନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ରଥଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏନେଇ ଗୁଡଭେଲିପଦର ରାଧାମୋହନ ମେହେର ଉଚ୍ଚ ବିଦ୍ୟାଳୟରେ ରୁଣ୍ଡିମହୁଲ ଉଚ୍ଚ ବିଦ୍ୟାଳୟର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ରାଙ୍ଗାପଡ଼ା ଆଦିବାସୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟୁତବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଗୁଦଭେଲିପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୧୩।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝରଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପରମେଶ୍ୱର ବୈଠାରୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଦାୟକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ କଶ୍ୟପ, ପୂର୍ବତନ ସହକାରୀ ଶିକ୍ଷକ ଅଶ୍ୱିନୀ ଯୋଷୀ, ଧବଳେଶ୍ୱର ମେହେର ପ୍ରମୁଖ ଯୋଗ ଦେଇଥିଲେ ।



## ଧର୍ମଗଡ଼ ଅଞ୍ଚଳରେ ଭଣ୍ଡବାବାଙ୍କ ଉତ୍ପାତ



**ଧର୍ମଗଡ଼, ୧୩।୭(ସମିସ):** କେତେକ ଭଣ୍ଡବାବା ଧର୍ମଗଡ଼ ଅଞ୍ଚଳରେ ଡେରା ପକାଇଛନ୍ତି ।, ମାନେ ଦେହରେ ବିଭୁତି ଓ ବେକରେ ମାଳା ପକାଇ ରାସ୍ତାରେ ଲୋକଙ୍କୁ ଠକୁଛନ୍ତି । ଉତ୍ତରପ୍ରଦେଶରୁ ଆସିଥିବା ଏହି ୬ ଭଣ୍ଡବାବାଙ୍କୁ ଧର୍ମଗଡ଼ ଥାନା ପୁଲିସ ଅଟକ ରଖି ପଚରା ଉଚୁରା କରିଥିଲା । ପରେ ଛାଡି ଦେଇଛି । ଏହି ଭଣ୍ଡବାବାମାନେ ହେଲେ ଉତ୍ତର ପ୍ରଦେଶର ମୁକେଶ କୁମାର, ସୀତାରାମ ଯୋଶୀ, ସୁରେଶ କୁମାର, କ୍ରିଷ୍ଣା ଗିରି, ଗଣେଶ ଗୋସ୍ୱାମୀ ଏବଂ ଗାଡି ଚାଳକ ସୁବାଷ ଯାଦବ । ପ୍ରଥମେ ସେମାନେ ଧର୍ମଗଡ଼ ବିଧାୟକଙ୍କ ଘର ଓ ରାଜ ହୋଟେଲରେ ପହଞ୍ଚିଥିଲେ । ସେଠାରେ ବିଫଳ ହେବା ପରେ ବିଭିନ୍ନ ଆଳ ଦେଖାଇ କନାଗାଁ ସରପଞ୍ଚ ଓ କାଙ୍କେରୀ ସରପଞ୍ଚଙ୍କଠାରୁ ୨୫ଶହ ଓ ୫ ହଜାର ଟଙ୍କା ଠକିଥିଲେ । ପରେ ସନ୍ଧିକୁଲିହାରୀସ୍ଥିତ ଏକ ଦୋକାନ ଘରୁ ପନିର ଓ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ ଚୋରି କରି ନେଉଥିବା ବେଳେ ଦୋକାନ ମାଲିକ ଧରି ଦେଭୋଗ ଥାନା ଜିମା ଦେଇଥିଲେ । ଦେଭୋଗ ପୁଲିସ ଏମାନଙ୍କୁ ଧର୍ମଗଡ଼ ଥାନା ଜିମା ଦେଇଥିଲା । ତେବେ ପୁଲିସ ଧରିବା ପରେ ଏମାନେ କନାଗାଁ ଓ କାଙ୍କେରୀ ସରପଞ୍ଚଙ୍କୁ ଟଙ୍କା ଫେରସ୍ତ କରିଛନ୍ତି । ଧର୍ମଗଡ଼ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ଲୋକେ ଛାନିଆ ହୋଇ ପଡ଼ିଛନ୍ତି ।

## ବୀରମହାରାଜପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



**ସୁବଳୟା, ୧୩।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଉତ୍ସବ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ ରଘୁନାଥ ଜଗଦଲା, ତରଭା ଏଇଏସ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଧାପକ ଶମ୍ଭୁ ଭୂଷଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ କଲେଜର ପୂର୍ବତନ ଅଧ୍ୟକ୍ଷ ମୁରଲିଧର ହୋତା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଇଂରାଜୀ ପ୍ରାଧାପିକ ଗୀତାଞ୍ଜଳି ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।। ଡ. ବନ୍ଦିତା ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରପଞ୍ଚ ସଂଘର ଜରୁରୀ ବୈଠକ



**ସୁବଳୟା, ୧୩।୭(ସମିସ):** ମୁର୍ଷୁଣ୍ଡୀ ପଞ୍ଚାୟତ ସଭାଗୃହରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାନେତ୍ରୀ ଶ୍ରୀୟା କର୍ମୀ ସମସ୍ତ ସରପଞ୍ଚଙ୍କୁ ସ୍ୱାଗତ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ଗଜବନ୍ଧ ପଞ୍ଚାୟତ ସରପଞ୍ଚ ବାସନ୍ତୀ କ୍ଷେତିଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତିଙ୍କୁ ବିଭତ୍ସ ଭାବେ ହତ୍ୟା ଘଟଣାର ନିନ୍ଦା କରାଯାଇଥିଲା । ମନୋଜ ସାହୁ, ପ୍ରମୋଦ ମହାପାତ୍ର, ଜୟଶ୍ରୀ ଦେହୁରୀ, ସୂର୍ଯ୍ୟ କୁମାର ନନ୍ଦ, ସସ୍ମିତା ଦୀପ, ଆକସ୍ମିତା ବଡ଼ିଆ, ନିରୁପମା ସେଠି, ଅଳକା କର୍ମୀ, ନିରୁପମା ବଗର୍ତ୍ତୀ, ବନିତା ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଘ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିନୋବା ନନ୍ଦ ପ୍ରଧାନ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଉପଦେଷ୍ଟା ମହେନ୍ଦ୍ର ଜଗଦଲା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ।

## ରାକ୍ସି ଆଞ୍ଚଳିକ ଯାଦବ କମିଟି ଗଠନ

**ଭବାନୀପାଟଣା, ୧୩।୭ (ସମିସ):** ନର୍ଲା ବ୍ଲକ ଯାଦବ ସମିତି ଅଧୀନରେ ନୂତନ ଭାବେ ରାକ୍ସି ଆଞ୍ଚଳିକ ଯାଦବ କମିଟି ଗଠିତ ହୋଇଛି । କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ ଏନେଇ ଆୟୋଜିତ ବୈଠକରେ ଅତିଥି ଭାବେ ଯୋଗ ଦେଇଥିଲେ । ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ । ସର୍ବସମ୍ମତିକ୍ରମେ ରାକ୍ସି ଆଞ୍ଚଳିକ ଯାଦବ ସମିତିର ନୂତନ ସଭାପତି ଭାବେ ଲକ୍ଷ୍ମଣ ଗୌଡ଼, ସାଧାରଣ ସମ୍ପାଦକ ଭାବେ ଶତ୍ରୁଘ୍ନ ଧଙ୍ଗଡ଼ାମାଝୀ, ଉପ ସଭାପତି ଭାବେ ଦିବାକର ଗୌଡ଼, ସହ ସମ୍ପାଦକ ଲିଙ୍ଗରାଜ ପୋଢ଼ ଓ କୋଷାଧ୍ୟକ୍ଷ ଭାବେ ପିତାମ୍ବର ଗୌଡ଼ ମନୋନୀତ ହୋଇଛନ୍ତି ।

## ସ୍କୁଲ୍ କ୍ୟାବିନେଟ ମନ୍ତ୍ରୀଙ୍କ ଶପଥ ପାଠ




**ମନମୁଣ୍ଡା, ୧୩।୭(ସମିସ):** ଖଟଖଟିଆ ଉପ୍ରା ବିଦ୍ୟାଳୟରେ ସ୍କୁଲ୍ କ୍ୟାବିନେଟ ମନ୍ତ୍ରୀଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସମୀର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ରଞ୍ଜୁ ଅମାତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଅଜିତ ନାଏକ ଶପଥ ନେଇଥିଲେ । ଉପମୁଖ୍ୟମନ୍ତ୍ରୀ ଭାବେ ଗାୟତ୍ରୀ ବାରିକ, ଶିକ୍ଷାମନ୍ତ୍ରୀ ଭାବେ ଶ୍ରେୟାରଣୀ ପାଢ଼ୀ, ଉପ ଶିକ୍ଷାମନ୍ତ୍ରୀ ଭାବେ ଚିନ୍ମୟୀ ରାଜହଂସ ଓ ଧରିତ୍ରୀ ବସ୍ତିଆ ଶପଥ ନେଇଛନ୍ତି । କ୍ରୀଡାମନ୍ତ୍ରୀ ଭାବେ ରିଦ୍ୱିକ ବସ୍ତିଆ ଓ ଉପ-କ୍ରୀଡ଼ାମନ୍ତ୍ରୀ ଭାବେ ଅଲିଭା ନାଗ ଶପଥ ଗ୍ରହଣ କରିଥିଲେ । ଖାଦ୍ୟମନ୍ତ୍ରୀ ଭାବେ ପ୍ରାଚୀ ଦେହୁରୀ, ଉପଖାଦ୍ୟ ମନ୍ତ୍ରୀ ଭାବେ ସ୍ୱସ୍ତିକା ଭୁରଭୁରି, ଶୁଭଲକ୍ଷ୍ମୀ ବଣ୍ଡକି, ପରିବେଶ ମନ୍ତ୍ରୀ ଭାବେ ସତ୍ୟବ୍ରତ ସେଠି, ଉପ ପରିବେଶ ମନ୍ତ୍ରୀ ଭାବେ ସ୍ୱାଗତ କର୍ଣ୍ଣ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଭାବେ ପୂର୍ଣ୍ଣିମା ମାଟାରୀ, ଉପସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ପଦ୍ମାଳୟା ବଗର୍ତ୍ତି, ପ୍ରଶାନ୍ତି ସାହୁ ଓ ମିନାମନ୍ତ୍ରୀ ଭାବେ ରୁବି ବସ୍ତିଆ ଶପଥ ନେଇଥିଲେ । ୟୁଥ୍ ଓ ଇକୋ କ୍ଲବ ମୁଖ୍ୟ ଭାବେ ଦୁର୍ବାଦଳ ଅମାତ ଶପଥ ନେଇଥିଲେ । ଶିକ୍ଷୟିତ୍ରୀ ସ୍ନେହାପ୍ରଭା ମହାପାତ୍ର, ଦୀପ୍ତିମୟୀ ବୈଠାରୁ, ନୃପମଣୀ ମହାଲିକ ସହଯୋଗ କରିଥିଲେ । ଶିକ୍ଷକ ସୁରେନ୍ଦ୍ର କମ୍ପ ମନ୍ତ୍ରୀ ମାନଙ୍କ ପରବର୍ତ୍ତୀ ଦାୟିତ୍ୱ କିପରି ତୁଲାଇବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

# ମରଣଯନ୍ତା ପାଲଟିଛି ଡଙ୍ଗାକଟାରୁ ବଡ ବାହାଲ ରାସ୍ତା

**ଶଗଡ଼ା, ୧୩।୭(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଡଙ୍ଗା କଟାରୁ ବଡ ବାହାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ

**୧୫ ବର୍ଷ ହେଲା ହୋଇନି ମରାମତି**

**ବର୍ଷା ଦିନେ ବଢୁଛି ଲୋକଙ୍କ ସମସ୍ୟା**

ଖାଲଖମାରେ ଭର୍ତ୍ତି ହୋଇଥିବା ଅନେକ ଲୋକ ଯାତାୟାତ ସମୟରେ ପଡ଼ିଯିବା ସହ ଆହତ ମଧ୍ୟ ହୋଇଥିବା ଅଞ୍ଚଳବାସୀ କହିଛନ୍ତି । ଏହି ରାସ୍ତାରେ ବଡବାହାଲ, ଡଙ୍ଗାକଟା, ବିରାମୁଣ୍ଡି, ମହିବିଲା, ଗଦଗୁଭା, କାକେନଜୁର, କୁନାସିଲା, ଖେମୁଡିଗଡ଼ ଓ ସିଲେଟପଡ଼ା ଆଦି ଅନେକ ଗ୍ରାମର ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି । ରାସ୍ତାରେ ଯିବା ସମୟରେ ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି । ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡେ । ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସି ପାରେନାହିଁ । ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି । ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ । ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି କି ଯିବା ମଧ୍ୟ ବହୁତ କଷ୍ଟକର ହୋଇ ପଡୁଛି । ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ଦୀର୍ଘ ୧୫ ବର୍ଷରୁ ଅଧିକ ହେଲା କୌଣସି କାମ ହୋଇ ନ ଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି ।



## ନିର୍ମାଣର ମାସେ ପରେ ଉଠିଗଲା ପିଚୁ

**ବୌଦ୍ଧ, ୧୩।୭(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ-ଖମାରିପଡ଼ା ରାସ୍ତା ଉପରେ ଆଖପାଖ ୬ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ଯାତାୟତ କରିଥାନ୍ତି । ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପୂର୍ବ ସରକାର ଏହି ରାସ୍ତାର ଉନ୍ନତିକରଣ କରିଥିଲେ । ରାସ୍ତା ନିର୍ମାଣ ସରିଲା; ହେଲେ କମିରା ଓ ଦାମୋଦରପୁର ମଝିରେ ଥିବା ଜାମୁନାଳ ପୋଲ କାମ ବିଳମ୍ବରେ ସରିଲା । ତେବେ ୨୦୨୩ ମସିହାରେ ଏହି ପୋଲ ଦେଇ ଯାତାୟତ ହୋଇଥିଲା; କିନ୍ତୁ ପୋଲର ସୁରକ୍ଷା ବାଡ ଓ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ହୋଇ ନ ଥିଲା । ଗତ ମେ ମାସରେ ଏହାର ନିର୍ମାଣ କାମ ସରିଛି । ତେବେ ନିମ୍ନମାନର କାମ ଯୋଗୁଁ ନିର୍ମାଣର ମାସେ ପରେ ପିଚୁ ଉଠି ଯାଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଦେଇ ପ୍ରତିଦିନ ଏକ ସରକାରୀ ଓ ବେସରକାରୀ ବସ ଚଳାଚଳ କରୁଛି । ପ୍ରତ୍ୟେହ ଏହି ରାସ୍ତା ଦେଇ ଲୋକମାନେ ବଘିଆପଡ଼ା, ମୁଣ୍ଡାପଡ଼ା, ଖଜୁରୀପଡ଼ା ସାପ୍ତାହିକ ହାଟକୁ ଯାଇଥାନ୍ତି । ଏହା ସହ ଛାତ୍ରଛାତ୍ରୀ ଜହ୍ନାପଙ୍କ କଲେଜକୁ ଯାଇଥାନ୍ତି । ଏନେଇ କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ ।



## ଗଞ୍ଜେଇ ପୋଡି ନଷ୍ଟ କରାଗଲା

**ବୌଦ୍ଧ, ୧୩।୭(ସମିସ):** ବୌଦ୍ଧ ଜିଲ୍ଲାରେ ୬୩ଟି ମାମଲାରେ ଜବତ ହୋଇଥିବା ୨୦୯ କ୍ୱିଣ୍ଟାଲ ୫ କେଜି ୩୭୦ ଗ୍ରାମ ଗଞ୍ଜେଇକୁ ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଅରଖ ପଡ଼ାଠାରେ ଥିବା ମେଡିଆଡ ମାର୍କେଟ ସର୍ଭିସେସ୍‌ଠାରେ ପୋଡି ନଷ୍ଟ କରାଯାଇଛି । ଗଞ୍ଜେଇ ପୋଡି ନଷ୍ଟ କରାଯିବା ସମୟରେ ବୌଦ୍ଧ ଏସ୍‌ପି ରାହୁଲ୍ ଗୋୟଲଙ୍କ ସମେତ ଉଚ୍ଚସ୍ତରୀୟ ଡ୍ରଗ୍ସ ଡିସପୋଜାଲ୍ କମିଟିର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ତରଭା ଜେଏନଭିରେ ପିଟିସି ଓ ସାଧାରଣ ପରିଷଦ ବୈଠକ

**ତରଭା, ୧୩।୭(ସମିସ):** ସ୍ଥାନୀୟ ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ଅଭିଭାବକ-ଶିକ୍ଷକ ସମିତି ଓ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ କେଶବ ସାମକୁଁଅର ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ବିଦ୍ୟାଳୟର ଶିକ୍ଷା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟପେୟ, ହଷ୍ଟେଲ ବ୍ୟବସ୍ଥା ତଥା ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧେ ବ୍ୟାପକ ଆଲୋଚନା ହୋଇଥିଲା । ଏହି ଅବସରରେ ଅଭିଭାବକ ଶିକ୍ଷକ ସମିତିର ନିର୍ବାଚନ କରାଯାଇଥିଲା । ବିଦ୍ୟାଳୟ ପରିବାରରୁ ୫ ଜଣ ଓ ଅଭିଭାବକଙ୍କ ମଧ୍ୟରୁ ୧୦ ଜଣଙ୍କୁ ନିର୍ବାଚିତ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ ଧନ୍ୟବାଦ ଦେଇଥିଲେ ।

## ବୌଦ୍ଧ ବ୍ଲକ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ

**ବୌଦ୍ଧ, ୧୩।୭(ସମିସ):** ବୌଦ୍ଧ ବ୍ଲକରେ କାର୍ଯ୍ୟରତ ଏକ୍ସ କ୍ୟାଡର ଶିକ୍ଷକ ସଂଘର ଏକ ସାଙ୍ଗଠନିକ ବୈଠକ ଜହ୍ନାପଙ୍କ ବିଦ୍ୟାସାଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସଭାପତି ବିରେନ ଦାସିଆ ଯୋଗ ଦେଇଥଲେ । ଜିଲ୍ଲା ଉପସଭାପତି ଜୟରାମ ମେହେର, କୋଷାଧ୍ୟକ୍ଷ ଲକ୍ଷୀଧର ଥପା ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ସଭାପତି ସୁଶାନ୍ତ ଅମାତ ଅଧକ୍ଷତା କରିଥିଲେ ।

## ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ

**ବିନିକା, ୧୩।୭(ସମିସ):** ବିନିକା ବ୍ଲକ ଅଶୁରଗଡ଼ରେ ପଶ୍ଚିମ ଓଡ଼ିଶା ଭାଷା, କଳା, ସଂସ୍କୃତିର ପ୍ରଚାରକ ତଥା ଶବ୍ଦନୃତ୍ୟର ପ୍ରଣେତା ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି । ଗୁରୁ ଭଗବାନ ସାହୁ ଶବ୍ଦ ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶାସ୍ତ୍ରୀୟ ଶବ୍ଦ ନୃତ୍ୟଗୁରୁ ଭାଗବତ ପଧାନ ଭାଗବତିଆ, କବି ହିମାଂଶୁ ଭୂଷଣ ପଣ୍ଡା, କବି ଟିକେଲାଲ୍ ରାଉତ, ସଂଖ୍ୟା ନାଇକ, ବସୁଦେବ ପଧାନ, ଶବ୍ଦ ନୃତ୍ୟ ଗୁରୁ ଗଦାଧର ବରିହା ଅତିଥି ଭାବେ ଯୋଗ ଦେଇଥିଲେ । ଆବାହକ କବି ଉଦ୍ଧବ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍ୟୋକ୍ତା ଶିକ୍ଷାବିତ୍ ନବୀନ ପାଢ଼ୀ ସ୍ୱାଗତ ଅଭିଭାଷଣ ଦେଇଥିଲେ । ବରିଷ୍ଠ କବି ସନ୍ତୋଷ ପ୍ରଧାନ ସଭାପତିତ୍ୱ କରିଥିଲେ । କବି ହୃଷୀକେଶ ଡାଙ୍ଗ ସଂଯୋଜନା କରିଥିଲେ । ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ଉପରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଶାଶ୍ୱତ ସମ୍ବିତ ନନ୍ଦନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଜୟଲାଲ ନାଇକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନୀଳମଣି କର୍ଣ୍ଣ, ବୈରାଗୀ କମ୍ପ ପ୍ରମୁଖ ସହଯୋଗ କରିଥିଲେ ।